# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୪/୨୦୨୪ (୧୮ ପୃଷ୍ଠା) Bhubaneswar, Tuesday, September 24/2024 Page 18 ₹ 7.00

୫୦ଶ ଭାଗ ୩୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 301 ମୂଲ୍ୟ ₹୭/-




## ଇଟାଲୀରେ 'ୱାର୍ ୨'ର ଶୁଟିଂ

୨୦୨୫ରେ ରିଲିଜ୍ ହେବାକୁ ଥିବା 'ୱାର୍ ୨' ଫିଲ୍ମର ଶୁଟିଂ ଇଟାଲୀରେ ହେଉଥିବା ନେଇ ଅଭିନେତା ହ୍ରିତିକ୍ ରୋଶନ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।

୧୪

୧୮

## ଶିଖର ଧାୱନଙ୍କ ଅର୍ଦ୍ଧଶତକ

ସର୍ଦ୍ଦର୍ନ ସୁପର ଷ୍ଟାର୍ସ ବିପକ୍ଷ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଗୁଜରାଟ ଗ୍ରେଟ୍ସର ଶିଖର ଧାୱନ।





ବିହାର ପାଟନାରେ ଗଙ୍ଗାନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଜଳବନ୍ଦୀ ଲୋକମାନଙ୍କୁ ବିପଦପୂର୍ଣ୍ଣ ଭାବେ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

# ଜଳପ୍ରପାତ ସୁଅରେ ଭାସି ୨ ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ

**ମାଲକାନଗିରି, ୨୩।୯ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତରେ ଥିବା ଏକ ଜଳପ୍ରପାତ ପାଣି ସୁଅରେ ୫ ଡାକ୍ତରୀ ଛାତ୍ର ଭାସିଯାଇଥିବାବେଳେ ୨ ଛାତ୍ରୀଙ୍କ ମୃତଦେହ ଜବତ ହୋଇଛି। ୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଜଣେ ଛାତ୍ରୀ ନିଖୋଜ ଥିବା ସୂଚନା ମିଳିଛି। ଉଦ୍ଧାର ଛାତ୍ରୀଛାତ୍ରଙ୍କୁ ରାଜମହେନ୍ଦ୍ରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ମାଲକାନଗିରି ଜିଲାର ମୋଟୁଠାରୁ ପ୍ରାୟ ୪୦ କି.ମି. ଦୂରରେ ଥିବା ଆନ୍ଧ୍ରପ୍ରଦେଶର ଆଲୁରି ଜିଲାର ଜଳତରଙ୍ଗିନୀ ଜଳପ୍ରପାତ ନିକଟକୁ ଏଲୁର ମେଡିକାଲ କଲେଜର ୧୩ ଛାତ୍ରୀଛାତ୍ର ରବିବାର ଅପରାହ୍ନରେ ବୁଲିବାକୁ ଯାଇଥିଲେ। ସମସ୍ତେ ଜଳପ୍ରପାତ ନିକଟରେ ବସିଥିବା ବେଳେ ହଠାତ୍ ପ୍ରଖର ଜଳ ସ୍ରୋତ

### ୨ ଉଦ୍ଧାର, ଜଣେ ନିଖୋଜ



ଜଳତରଙ୍ଗିନୀ ଜଳପ୍ରପାତ

ମାଡ଼ି ଆସିବାରୁ ୪ ଛାତ୍ରୀ ଓ ଜଣେ ଛାତ୍ର ପାଣିରେ ଭାସିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ଜଣେ ଡାକ୍ତରୀ ଛାତ୍ର ଓ ଛାତ୍ରୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ବହୁ ଖୋଜାଖୋଜି ପରେ ଅନ୍ୟ ୨ ଜଣ ଛାତ୍ରୀଙ୍କ ମୃତଦେହ ମିଳିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଜଣେ ଡାକ୍ତରୀ ଛାତ୍ରୀ ନିଖୋଜ ଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ଆଜିର ମନ୍ତବ୍ୟ

"ଭାରତୀୟ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଘରୋଇ ସେକ୍ଟରର ଭୂମିକା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏହା ଦେଶର ଆର୍ଥିକ ଅଭିବୃଦ୍ଧିର ଚାଳକ ଶକ୍ତିରେ ପରିଣତ ହୋଇଛି।

- ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ






# ପୋଲିସିଆ ଦାଦାଗିରି ଦେଖାଇ ଷ୍ଟାଫ୍ ନର୍ସଙ୍କୁ ବଳାତ୍କାର

### କନଷ୍ଟେବଲ୍ ଗିରଫ

**ଯାଜପୁର/ଝୁମ୍ପୁରି (ହର୍ଷବର୍ଦ୍ଧନ ବେହେରା/ ସରୋଜ ନାୟକ), ୨୩।୯**

ଭୁବନେଶ୍ୱର ଭରତପୁର ଥାନାରେ ଅଭିଯୋଗକାରୀଙ୍କୁ ପୋଲିସର ନିର୍ଯାତନାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଥିବାବେଳେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳରେ ରବିବାର ରାତିରେ ଜଣେ କନଷ୍ଟେବଲ୍ ପୋଲିସିଆ ଦାଦାଗିରି ଦେଖାଇ ଷ୍ଟାଫନର୍ସଙ୍କୁ ବଳାତ୍କାର କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ମଙ୍ଗଳପୁର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହିତ ୩୧୭/୨୦୨୪ ନମ୍ବରରେ ଏକ ବଳାତ୍କାର ମାମଲା ରୁଜୁ କରିଛି। ଅଭିଯୁକ୍ତ କନଷ୍ଟେବଲ୍ ଜିତେନ୍ଦ୍ର ବିଶ୍ୱାଳଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବାବେଳେ ପୀଡ଼ିତାଙ୍କ ଡାକ୍ତରୀମାଇନା କରିଛି। ଅଭିଯୁକ୍ତ ଜିତେନ୍ଦ୍ର ଯାଜପୁର ଜିଲା ☞ ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ବିଷାକ୍ତ ଔଷଧ**

# ସୋଡ଼ା, କେମିକାଲରେ କ୍ଷୀର, ଦହି

**ଦିନର ସବୁ ସମୟରେ ସହଜରେ ଉପଲବ୍ଧ ହେବା ଏବଂ ଖୋଲା କ୍ଷୀର ଅପେକ୍ଷା ଅଧିକ ବହଳିଆ ରହୁଥିବାରୁ ପ୍ୟାକେଟ୍ କ୍ଷୀରର ଚାହିଦା ବଢ଼ିବାରେ ଲାଗିଛି। ବିଭିନ୍ନ ବ୍ରାଣ୍ଡ ନାଁରେ ଏହା ବଜାରରେ ଉପଲବ୍ଧ ହେଉଥିବାବେଳେ ସେଗୁଡ଼ିକର ଶୁଦ୍ଧତା ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ସେଥିରୁ ଏକ ବ୍ରାଣ୍ଡ ନାଁରେ ବିକ୍ରି ହେଉଥିବା କ୍ଷୀର, ଦହି ପ୍ୟାକେଟ୍‌କୁ ନେଇ ଏବେ ଚିନ୍ତା ବଢ଼ିଛି। କାରଣ କଷ୍ଟିକ୍ ସୋଡ଼ା, ଲୁଣ, ମିଲ୍କ ପାଉଡର ଓ ଅନ୍ୟ ରାସାୟନିକ ପଦାର୍ଥରେ ଉକ୍ତ କ୍ଷୀର, ଦହି ଏବଂ ଲସି ପ୍ରସ୍ତୁତ ହେଉଥିବା ଅଭିଯୋଗ ଆସିଛି। ଏହାପରେ ପୋଲିସ ଉକ୍ତ କ୍ଷୀର କମ୍ପାନୀରେ ଚଢ଼ାଉ କରି ନମୁନା ସଂଗ୍ରହ ସହ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏଭଳି ଅପମିଶ୍ରିତ କ୍ଷୀର, ଦହି ଓ ଲସି ଦ୍ୱାରା ଲୋକଙ୍କ ଜୀବନ ସହ ଖେଳାଯାଇଥିବାବେଳେ ପୋଲିସ କମ୍ପାନୀକୁ ସିଲ୍ କରି ମାଲିକଙ୍କୁ ଗିରଫ କରିଛି।**

**ମଙ୍ଗୁଳି-ଜଗତପୁର, ୨୩।୯ (ମାନସ ସାମଲ)**

କିଛିଦିନ ତଳେ ଗୋରୁ ଚର୍ବି, ମାଛ ତେଲରେ ପ୍ରସ୍ତୁତ ଘିଅରେ ପ୍ରସିଦ୍ଧ ତିରୁପତି ମନ୍ଦିରର ଲଡ୍ଡୁ ତିଆରି ହେଉଥିବା ନେଇ ଏକ ଲାବରେଟୋରି ରିପୋର୍ଟ ଲୋକଲୋଚନକୁ ଆସିବା ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। ଏହା ଗୋଟିଏପଟେ ଧାର୍ମିକ ଆସ୍ଥା ପ୍ରତି କୁଠାରାଘାତ ଏବଂ ଅନ୍ୟପଟେ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏଭଳି ସମୟରେ ଏକ ନିର୍ଦ୍ଦିଷ୍ଟ ନାଁରେ ଉପକୂଳ ଓଡ଼ିଶାରେ ପ୍ୟାକେଟ୍‌ରେ ବିକ୍ରି ହେଉଥିବା କ୍ଷୀର ସୋଡ଼ା, କେମିକାଲ ଓ ଅନ୍ୟାନ୍ୟ ପଦାର୍ଥରେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଉକ୍ତ କ୍ଷୀର ପ୍ଲାଣ୍ଟ କଟକ ଜିଲାର ଜଗତପୁର ଥାନା ଅଧୀନ ଅଟୋଡ଼ା ଛକ ନିକଟ ଖରୀ ଜଙ୍ଗଲ ଭିତରେ ରହିଛି। ସୋମବାର କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଛି। ସେଠାରୁ ବିପୁଳ ପରିମାଣର କଷ୍ଟିକ ସୋଡ଼ା, ମିଲ୍କ ପାଉଡର, କେମିକାଲ(ହାଇଡ୍ରୋଜେନ ପେରୋକ୍ସାଇଡ୍) ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ବେଆଇନ କାରବାରରେ

### ଜୀବନ ସହ ଖେଳ

- **କମ୍ପାନୀ ସିଲ୍, ମାଲିକ ଗିରଫ**
- **ନମୁନା ଯାଞ୍ଚ ପାଇଁ ଲାବରେଟୋରି ପଠାଗଲା**

ସମ୍ପୃକ୍ତ କମ୍ପାନୀ ମାଲିକ ପ୍ରଦୀପ୍ତ କୁମାର ପରିଡ଼ାଙ୍କୁ ପୋଲିସ ଗିରଫ କରି ପଚରାଉଚରା ଚଳାଇଛି। ଏଥିସହ କମ୍ପାନୀକୁ ସିଲ୍ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୪୯୯/୨୪) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀ ପ୍ରାୟ ୩ ବର୍ଷ ହେବ ଚାଲୁଥିଲା। ସେଠାରେ ଖାଇବା ସୋଡ଼ା, ମିଲ୍କ ପାଉଡର, ହାଇଡ୍ରୋଜେନ ପେରୋକ୍ସାଇଡ୍ ଓ ଲୁଣ ମିଶାଯାଇ ଦୂଷିତ ଜଳରେ କ୍ଷୀର, ଲସି, ଦହି ପ୍ରସ୍ତୁତ କରାଯାଇ କେନ୍ଦ୍ରାପଡ଼ା, ପୁରୀ, କଟକ ଓ ଯାଜପୁର ଜିଲାର ବିଭିନ୍ନ ଦୋକାନକୁ ବିକ୍ରି ପାଇଁ ପଠାଯାଉଥିଲା। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଜାଣିବା ପରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। କଟକ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତିଙ୍କ ସହ ପୋଲିସ କର୍ମଚାରୀ ଓ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ସୋମବାର ସକାଳ ପ୍ରାୟ ୮ଟାରେ ପ୍ଲାଣ୍ଟରେ ଅଚାନକ ଚଢ଼ାଉ କରି ଯାଞ୍ଚ କରିଥିଲେ। ସେଠାରେ ଥିବା ଉପରୋକ୍ତ ସାମଗ୍ରୀ କ'ଣ ପାଇଁ ରଖାଯାଇଛି ବୋଲି ଉପସ୍ଥିତ କର୍ମଚାରୀଙ୍କୁ ପଚାରିଥିଲେ। ଦୂଷିତ ଜଳରେ ମିଲ୍କ ପାଉଡର ମିଶାଯାଇ କ୍ଷୀର ପ୍ରସ୍ତୁତ ହେଉଛି। ଏପରି କି କ୍ଷୀର ଅଧିକ ଦିନ ରହିବା ପାଇଁ କଷ୍ଟିକ ପାଉଡର ଓ ଲୁଣ ମିଶାଯାଉଥିବା କର୍ମଚାରୀମାନେ କହିଥିଲେ। ଏ ନେଇ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମହାପାତ୍ର କହିଛନ୍ତି, ଯେଉଁ ପାଣିରେ କ୍ଷୀର ପ୍ରସ୍ତୁତ ହେଉଥିଲା ତାହାର ଟେଷ୍ଟ ରିପୋର୍ଟ ନ ଥିଲା, ଯେଉଁ ନାଁରେ କ୍ଷୀର ପ୍ୟାକେଟ୍ କରାଯାଇ ବିକ୍ରି ପାଇଁ ବଜାରକୁ ଛଡ଼ା ଯାଉଥିଲା ତାହାର ପଞ୍ଜୀକରଣ ନମ୍ବର ନାହିଁ, ଲାବ୍ ନାହିଁ କି ଲାବରେଟୋରି ଟେକ୍ନିସିଆନ ନାହାନ୍ତି। ଏପରି କି ଅସ୍ୱାସ୍ଥ୍ୟକର ପରିବେଶ ଓ ଦୂଷିତ ଜଳରେ କ୍ଷୀର, ☞ ପୃଷ୍ଠା-୪

# ଶିଶୁଙ୍କ ଅଶ୍ଳୀଳ ଭିଡିଓ ଦେଖିବା, ରଖିବା ଅପରାଧ

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**ନୂଆଦିଲ୍ଲୀ, ୨୩।୯ (ପି.ଟି.)**

ଛୋଟ ପିଲାମାନଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଏବଂ ଏପରିକି ସେଗୁଡ଼ିକୁ ପାଖରେ ରଖିବା ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ଅପରାଧ ବୋଲି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ମାଡ୍ରାସ୍ ହାଇକୋର୍ଟଙ୍କ ଏକ ରାୟକୁ ଖାରଜ କରିଦେଇଛନ୍ତି। ଜଣେ ନିଜର ଇଲେକ୍ଟ୍ରୋନିକ୍ ଉପକରଣରେ ଶିଶୁ ପର୍ନୋଗ୍ରାଫିକୁ ଡାଉନ୍‌ଲୋଡ୍ କରିବା କିମ୍ବା ତାହାକୁ ଦେଖିବା ପୋକ୍‌ସୋ ଏବଂ ସୂଚନା ପ୍ରଯୁକ୍ତି (ଆଇଟି) ଆଇନରେ ଅପରାଧ ନୁହେଁ ବୋଲି ମାଡ୍ରାସ ହାଇକୋର୍ଟ କହିଥିଲେ। ହାଇକୋର୍ଟ ରାୟ ପ୍ରଦାନରେ ତ୍ରୁଟି କରିଥିବାରୁ ଏହାକୁ ଖାରଜ କରାଗଲା ବୋଲି ଖଣ୍ଡପୀଠ କହିଛନ୍ତି।

ଶିଶୁ ଯୌନ ଶୋଷଣକାରୀ ସାମଗ୍ରୀ ନାବାଳକମାନଙ୍କ ମର୍ଯ୍ୟାଦା ପ୍ରତି ଅତ୍ୟନ୍ତ ଅପମାନଜନକ। ଏହା ସେମାନଙ୍କୁ ଯୌନ ସନ୍ତୁଷ୍ଟି ବସ୍ତୁରେ ପରିଣତ କରିଦିଏ ଏବଂ ସେମାନଙ୍କଠାରୁ ମାନବୀୟତାକୁ କାଢ଼ିନିଆଯାଇଥାଏ। ଏହା ସେମାନଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପିଲାମାନେ ଏଭଳି ଏକ ପରିବେଶରେ ବଢ଼ିବା ହକ୍‌ଦାର, ଯାହା ସେମାନଙ୍କ ମର୍ଯ୍ୟାଦାକୁ ସମ୍ମାନ ଦେଉଥିବ ଏବଂ ସେମାନଙ୍କୁ ଯେକୌଣସି ପ୍ରକାର କ୍ଷତିରୁ ସୁରକ୍ଷା ଦେଉଥିବ। ଶିଶୁ ଯୌନ ଶୋଷଣକାରୀ ଏବଂ ଦୁରୁପଯୋଗ ସାମଗ୍ରୀ (ସିଏସ୍‌ଇଏଏମ୍) ଉକ୍ତ ଅଧିକାରକୁ ଅତ୍ୟନ୍ତ ଗମ୍ଭୀର ଭାବେ ଉଲ୍ଲଂଘନ କରିଥାଏ। ସିଏସ୍‌ଇଏଏମ୍‌ଗୁଡ଼ିକୁ ରଖିବା ଓ ପ୍ରସାରଣ କରିବା କେବଳ ଏଥିରେ ପ୍ରଦର୍ଶିତ ହୋଇଥିବା ପିଲା ପାଇଁ ଅପମାନଜନକ ତାହା ନୁହେଁ, ସବୁ ପିଲାଙ୍କ ମର୍ଯ୍ୟାଦା ହାନି କରିଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ☞ ପୃଷ୍ଠା-୪

# ସାର୍ବଜନୀନ ହେବନି ମେଜର, ବାନ୍ଧବୀଙ୍କ ନାମ

### ଭରତପୁର ଥାନା ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଆଦେଶ

**କଟକ, ୨୩।୯ (କାର୍ତ୍ତିକ ସାହୁ)**

ଭରତପୁର ଥାନାରେ ଘଟିଥିବା ନିର୍ଯାତନା ଘଟଣାରେ ହାଇକୋର୍ଟ ସୋମବାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଭାରତୀୟ ସେନାର ମେଜର, ତାଙ୍କ ବାନ୍ଧବୀ ଓ ଅଭିଯୁକ୍ତ ୭ ଯୁବକଙ୍କ ପରିଚୟ ସାର୍ବଜନୀନ ନ କରିବାକୁ ହାଇକୋର୍ଟ ତାଗିଦ କରିଛନ୍ତି। ଏପରିକି ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ନାମ ପ୍ରକାଶ ଉପରେ ରୋକ୍ ଲଗାଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟର ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଇବାକୁ ଏଡିଜି (ଆଧୁନିକୀକରଣ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମାମଲାର ଅନୁଧ୍ୟାନ କରିବାକୁ ହାଇକୋର୍ଟ ମନା କରିଛନ୍ତି। ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ତଦନ୍ତ ଅନୁଧ୍ୟାନର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଶୁଣାଣିବେଳେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ, କ୍ରାଇମବ୍ରାଞ୍ଚକୁ ୩ଟି ଅଭିଯୋଗର ତଦନ୍ତ ଦାୟିତ୍ୱ ଓ ପୋଲିସ ନିଲମ୍ବନ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆସନ୍ତା ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ହାଇକୋର୍ଟଙ୍କ ପକ୍ଷରୁ ରେଜିଷ୍ଟ୍ରାର ଜୁଡିସିଆଲ ଏହି ମାମଲା ରୁଜୁ କରିଛନ୍ତି। ମାମଲାର ଶୁଣାଣି ସମୟରେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ରାଜ୍ୟ ସରକାର ଏହି ଘଟଣାକୁ ନେଇ ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି। ମହିଳା ଏବଂ ନାଗରିକଙ୍କ ସୁରକ୍ଷା ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଯାହା ପଦକ୍ଷେପ ନେବା କଥା ନିଆଯାଉଛି। ବିଭିନ୍ନ ଅଭିଯୋଗକାରୀଙ୍କ ଆବେଦନକୁ ଆଧାର କରି ୩ଟି ସ୍ୱତନ୍ତ୍ର ମାମଲା ରୁଜୁ ହୋଇଛି। ସେଗୁଡ଼ିକର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ☞ ପୃଷ୍ଠା-୪

# 'ଓସ୍କାର ୨୦୨୫' ପାଇଁ 'ଲାପତା ଲେଡିଜ୍' ମନୋନୀତ

**ମୁମ୍ବାଇ, ୨୩।୯**

୨୦୨୫ ମାର୍ଚ୍ଚ ୨ରେ ଆମେରିକାର ଲସ୍ ଏଞ୍ଜେଲସ୍‌ରେ ଅନୁଷ୍ଠିତ ହେବାକୁ ଥିବା ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଷ୍ଠିତ ପୁରସ୍କାର 'ଓସ୍କାର'ର ୯୭ତମ ସମାରୋହରେ ଫିଲ୍ମ ନିର୍ମାତା ତଥା ସ୍କ୍ରିନ୍ ରାଇଟର କିରନ୍ ରାଓଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଲାପତା ଲେଡିଜ୍' ଭାରତର ପ୍ରତିନିଧିତ୍ୱ କରିବ। ଫିଲ୍ମ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ସୋମବାର ଏହି ଘୋଷଣା କରାଯାଇଛି। ରଣବୀର କପୁରଙ୍କ 'ଆନିମଲ', ମାଲୟାଲମ ଫିଲ୍ମ 'ଆଟ୍ଟମ' ଏବଂ କାନ୍ସ ବିଜେତା ପାୟଲ କପାଡ଼ିଆଙ୍କ 'ଅଲ୍ ୱି ଇମାଜିନ ଆଣ୍ଡ ଲାଇଟ୍' ପରି ୨୮ଟି ଫିଲ୍ମକୁ ପଛରେ ପକାଇ 'ଲାପତା ଲେଡିଜ୍'କୁ ଏହି ସଫଳତା ମିଳିଛି। ଅସମୀୟା ନିର୍ଦ୍ଦେଶକ ଜହ୍ନୁ ବୋରୁଆଙ୍କ ଅଧ୍ୟକ୍ଷତାରେ ଗଠିତ ଫିଲ୍ମ ଫେଡେରେଶନ୍




ଅଫ୍ ଇଣ୍ଡିଆର ୧୩ ସଦସ୍ୟ ବିଶିଷ୍ଟ ଚୟନ କମିଟି ସର୍ବସମ୍ମତିରେ ୨୯ ଭାରତୀୟ ଫିଲ୍ମ ତାଲିକାରୁ ଅଭିନେତା ଆମୀର ଖାନ୍ ଏବଂ ତାଙ୍କ ପୂର୍ବତନ ସ୍ତ୍ରୀ କିରନଙ୍କ ନିର୍ମିତ 'ଲାପତା ଲେଡିଜ୍'କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ବର୍ଗରେ 'ଓସ୍କାର ୨୦୨୫' ପାଇଁ ମନୋନୀତ କରିଛି। 'ଲାପତା ଲେଡିଜ୍' ବ୍ୟତୀତ ବଲିଉଡ୍ ଫିଲ୍ମ 'ଶ୍ରୀକାନ୍ତ', ତାମିଲ ଫିଲ୍ମ 'ବାଜ୍‌ହାଇ' ଏବଂ 'ଥଙ୍ଗାଲାନ୍', ମାଲୟାଲମ ଫିଲ୍ମ 'ଉଲ୍ଲୋଝୁକ୍କୁ' ଏହି ୨୯ ଫିଲ୍ମ ତାଲିକାର ଶ୍ରେଷ୍ଠ ୫ ଫିଲ୍ମ ଭାବରେ ସ୍ଥାନ ପାଇଛନ୍ତି।

ରିଲିଜ୍ ହେବା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୮ରେ ଟରୋଣ୍ଟୋ ଫିଲ୍ମ ଫେଷ୍ଟିଭାଲ୍‌ରେ 'ଲାପତା ଲେଡିଜ୍'କୁ ପ୍ରଦର୍ଶିତ କରାଯାଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୧ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ଅଭିନେତ୍ରୀ ନିତାଂଶୀ ଗୋୟଲ, ପ୍ରତିଭା ରାଣ୍ଟା, ଛାୟା କଦମ ଏବଂ ଅଭିନେତା ସ୍ପର୍ଶ ଶ୍ରୀବାସ୍ତବ, ରବି କିଶନ, ଅଭୟ ଦୁବେଙ୍କ ପରି କଳାକାର ଅଭିନୟ କରିଥିଲେ। ଫିଲ୍ମରେ ଅଭିନେତା ରବି କିଶନ ପୋଲିସ ଭୂମିକାରେ ନଜରକୁ ଆସିଛନ୍ତି। ଚଳଚ୍ଚିତ୍ରର କାହାଣୀ ୨ ଭାରତୀୟ ନବବିବାହିତା କନ୍ୟାଙ୍କ ଉପରେ ଆଧାରିତ। ଉଭୟ ବିବାହର ବିଦାୟୀ ☞ ପୃଷ୍ଠା-୪

**ବଜ୍ରପାତରେ ୮ ମୃତ**

ଛତିଶଗଡ଼ର ରାଜନନ୍ଦଗାଓଁ ଜିଲା ଜୋରାତରାଇ ଗ୍ରାମରେ ସୋମବାର ବଜ୍ରପାତ ଘଟି ୮ ଜଣଙ୍କର ମୃତ୍ୟୁ ଘଟିଛି। ଗ୍ରାମ ନିକଟ ଅସ୍ଥାୟୀ ପ୍ରତିକ୍ଷାଳୟରେ ୯ ଜଣ ଆଶ୍ରୟ ନେଇଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଲେବାନନ୍‌ରେ ଇସ୍ରାଏଲ୍‌ର ଜୋର୍‌ଦାର ଆକ୍ରମଣ

## ୨୭୪ ନିହତ, ୪୦୦ରୁ ଊର୍ଦ୍ଧ୍ୱ ଆହତ

### ଦକ୍ଷିଣ ଲେବାନନ୍‌ରୁ ଲୋକଙ୍କ ଗଣପଳାୟନ



ମାର୍ଜାୟୁନ୍, ୨୩।୯

ଇସ୍ରାଏଲୀ ସେନା ଲେବାନନ୍ ଉପରେ ଆକ୍ରମଣକୁ ଜୋର୍‌ଦାର କରିଛି। ସୋମବାର ଏହାର ସବୁଠୁ ଘାତକ ଆକ୍ରମଣରେ ୨୭୪ ଜଣ ନିହତ ହେବା ସହ ୪୦୦ରୁ ଅଧିକ ଆହତ ହୋଇଛନ୍ତି। ଆଗକୁ ହେଜ୍‌ବୋଲ୍ଲା ବିରୋଧରେ ଆହୁରି ଘାତକ ଏୟାରଷ୍ଟ୍ରାଇକ୍ ହେବାକୁ ଥିବାରୁ ଲେବାନନ୍‌ର ଦକ୍ଷିଣ ଏବଂ ପୂର୍ବାଞ୍ଚଳରୁ ଲୋକମାନଙ୍କୁ ଘରଦ୍ୱାର ଛାଡ଼ି ପଳାଇଯିବା ପାଇଁ ଇସ୍ରାଏଲ୍ ସେନା ସତର୍କ କରିଦେଇଛି। ଦକ୍ଷିଣ ଭାଗରୁ ଅନେକ ହଜାର ଲେବାନିଜ୍ ପଳାୟନ କରୁଥିବାରୁ ବେରୁଟ୍ ଆଡ଼କୁ ଯାଇଥିବା ମୁଖ୍ୟ ରାଜପଥରେ ଗାଡ଼ି ଜାମ୍ ଦେଖିବାକୁ ମିଳିଛି। ୨୦୦୬ର ଇସ୍ରାଏଲ୍-ହେଜ୍‌ବୋଲ୍ଲା ଯୁଦ୍ଧ ପରେ ଏହା ସବୁଠୁ ବଡ଼ ଗଣପଳାୟନ।

ଇସ୍ରାଏଲ୍ ସେନା ସୋମବାର ୩୦୦ଟି ସ୍ଥାନକୁ ଟାର୍ଗେଟ କରି ଆକ୍ରମଣ କରିଥିବା ଘୋଷଣା କରିଛି। ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ଆତଙ୍କବାଦୀ ସଂଗଠନର ଅସ୍ତ୍ରାଗାରଗୁଡ଼ିକୁ ଟାର୍ଗେଟ କରାଯାଉଛି। ଦକ୍ଷିଣ ଏବଂ ପୂର୍ବ ବେକା ଭ୍ୟାଲିରେ ଥିବା ଟାଉନ୍‌ଗୁଡ଼ିକର କେତେକ ଆବାସିକ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ବେରୁଟ୍ ସୀମାରୁ ୮୦ ମାଇଲ ଦୂର କେନ୍ଦ୍ରୀୟ ଲେବାନନ୍‌ର ଏକ ଜଙ୍ଗଲ ଅଞ୍ଚଳରେ ମଧ ବୋମାମାଡ଼ କରାଯାଇଛି। ହେଜ୍‌ବୋଲ୍ଲା ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ଠୁଳ କରିଥିବା ଅଞ୍ଚଳରୁ ସାଧାରଣ ଲୋକେ ତୁରନ୍ତ ପଳାଇଯିବାକୁ ଇସ୍ରାଏଲୀ ସେନା ମୁଖପାତ୍ର ଡାନିଏଲ୍ ହଗାରି କହିଛନ୍ତି।

ଅନ୍ୟପକ୍ଷରେ ହେଜ୍‌ବୋଲ୍ଲା ଗାଲିଲିସ୍ଥିତ ଇସ୍ରାଏଲୀ ସାମରିକ ଘାଟି ଉପରେ ବହୁସଂଖ୍ୟାରେ ରକେଟ ମାଡ଼ କରିଥିବା ଏକ ବିବୃତିରେ କହିଛି। ଏହା ବ୍ୟତୀତ ହାଇଫାରେ ରହିଥିବା ରାଫେଲ୍ ପ୍ରତିରକ୍ଷା କାରଖାନାକୁ ଦ୍ୱିତୀୟ ଦିନ ପାଇଁ ହେଜ୍‌ବୋଲ୍ଲା ଟାର୍ଗେଟ କରିଥିଲା। ହେଜ୍‌ବୋଲ୍ଲାର ଶୀର୍ଷ କମାଣ୍ଡରଙ୍କ ସମେତ ଅନେକ ଲଢୁଆ ନିହତ ହେବା ପରେ ଏହାର ଜବାବ ଦେବାକୁ ଯାଇ ଉକ୍ତ ଆତଙ୍କବାଦୀ ସଂଗଠନ ଉତ୍ତର ଇସ୍ରାଏଲ୍‌ରେ ୧୫୦ରୁ ଅଧିକ ରକେଟ, ମିଶାଇଲ ଏବଂ ଡ୍ରୋନ୍ ମାଡ଼ କରିଥିଲା। ଘରଦ୍ୱାର ଛାଡ଼ି ପଳାଇଯିବା ପାଇଁ ଇସ୍ରାଏଲ୍‌ର ଚେତାବନୀ ସତ୍ତ୍ୱେ ଅନେକ ଲୋକ ଏହାର ଟାର୍ଗେଟ ସ୍ଥାନ ନିକଟରେ ରହିଥିବା ଦେଖାଯାଇଛି। ଆକ୍ରମଣ ଓ ପ୍ରତିଆକ୍ରମଣକୁ ନେଇ ଲେବାନନ୍‌ରେ ଯୁଦ୍ଧ ଭୟ ସୃଷ୍ଟି ହୋଇଛି। ସେପଟେ ପାଖାପାଖି ବର୍ଷେ ହେଲା ଇସ୍ରାଏଲୀ ସେନା ଗାଜାରେ ହମାସ୍ ବିରୋଧରେ ଯୁଦ୍ଧ ଚଳାଇଛି। ପାଲେଷ୍ଟାଇନ୍ ଏବଂ ହମାସ୍‌କୁ ସମର୍ଥନ ଜଣାଇ ହେଜ୍‌ବୋଲ୍ଲା ଏହାର ଆକ୍ରମଣ ଜାରି ରଖିବା ବୋଲି ପ୍ରତିଜ୍ଞା କରିଛି।

ଗତ ମଙ୍ଗଳବାର ଏବଂ ବୁଧବାର ହେଜ୍‌ବୋଲ୍ଲା ଯୋଦ୍ଧାମାନଙ୍କୁ ଟାର୍ଗେଟ କରି ହଜାର ହଜାର ପେଜର ଏବଂ ୱାକିଟକି ବିସ୍ଫୋରଣ କରାଯାଇଥିଲା। ଏଥିରେ ୨ ପିଲାଙ୍କ ସମେତ ୩୭ ଜଣଙ୍କ ମୃତ୍ୟୁ ଘଟିବା ସହ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଶୁକ୍ରବାର ବେରୁଟ୍‌ରେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ ବୈଠକରେ ଯୋଗଦେଇଥିବା ହେଜ୍‌ବୋଲ୍ଲାର କେତେଜଣ ବରିଷ୍ଠ ସଦସ୍ୟ ନିହତ ହୋଇଥିଲେ। ଆଗକୁ ଖରାପ ଦିନ ଆସୁଛି ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୋମବାର ଦେଶବାସୀଙ୍କୁ ସତର୍କ କରାଇବା ସହ ଏକତା ବଜାୟ ରଖିବାକୁ କହିଛନ୍ତି।

**ସଂକ୍ଷେପରେ**

## ଲଡୁ ବିବାଦ ପରେ ତିରୁପତି ମନ୍ଦିରର ଶୁଦ୍ଧୀକରଣ

ହାଇଦ୍ରାବାଦ, ୨୩।୯

ଆନ୍ଧ୍ରପ୍ରଦେଶର ତିରୁପତି ଭେଙ୍କଟେଶ୍ୱର ମନ୍ଦିରରେ ପ୍ରସାଦମ୍ ଭାବେ ଲାଗି ହେଉଥିବା ଲଡୁ ପ୍ରାଣୀ ଚର୍ବି ଓ ମାଛ ତେଲରେ ତିଆରି ହେଉଥିବା ଲାବୋରେଟୋରି ରିପୋର୍ଟକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ସୋମବାର ମନ୍ଦିରର ଶୁଦ୍ଧୀକରଣ କରାଯାଇଛି। ବହୁସଂଖ୍ୟାରେ ପୂଜକ ମନ୍ଦିରରେ ମହାଶନି ହୋମ କରିଥିଲେ। ଅପମିଶ୍ରଣଜନିତ ଦୁଷ୍ପ୍ରଭାବ ଦୂର କରିବା ଏବଂ ପ୍ରସାଦମ୍ ଭାବେ ବ୍ୟବହୃତ ଲଡୁର ପବିତ୍ରତା ଫେରାଇ ଆଣିବା ପାଇଁ ମନ୍ଦିରକୁ ଶୁଦ୍ଧପୂତ କରାଯାଉଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ଅନ୍ୟପକ୍ଷରେ ଲାବୋରେଟୋରି ରିପୋର୍ଟ କେତେଦୂର ସତ, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଟିଟିଡିର ପୂର୍ବତନ ଅଧକ୍ଷ ୱାଇ.ଭି. ସୁବା ରେଡ୍ଡୀ କହିଛନ୍ତି। ଏଥିପାଇଁ ଏକ ନିରପେକ୍ଷ ତଦନ୍ତ କମିଟି ଗଠନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ତଦନ୍ତ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ତିରୁପତି ଲଡୁରେ ପ୍ରାଣୀ ଚର୍ବି ବ୍ୟବହାର କରାଯାଉଥିବା ଅଭିଯୋଗର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଇବା ପାଇଁ ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଲଡୁରେ ବ୍ୟବହୃତ ଘିଅର ଉତ୍ସ ଏବଂ ନମୁନା ଉପରେ ସବିଶେଷ ରିପୋର୍ଟ ଦାଖଲ ଲାଗି ଆନ୍ଧ୍ରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସୁବ୍ରମଣ୍ୟମ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

## ପୋଲିସ ଗୁଳିରେ ବଳାତ୍କାର ଅଭିଯୁକ୍ତଙ୍କ ମୃତ୍ୟୁ



ଅକ୍ଷୟ ସିନ୍ଦେ

ମୁମ୍ବାଇ, ୨୩।୯

ମହାରାଷ୍ଟ୍ରର ବଦଲାପୁରର ଏକ ନର୍ସରୀ ସ୍କୁଲରେ ଦୁଇ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ସୋମବାର ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଅଭିଯୁକ୍ତ ଅକ୍ଷୟ ସିନ୍ଦେଙ୍କୁ ତାଲୋଜା ଜେଲରୁ ତଦନ୍ତ ପାଇଁ ବଦଲାପୁରକୁ ଏକ ପୋଲିସ ଗାଡ଼ିରେ ନିଆଯାଉଥିବାବେଳେ ସେ ଜଣେ ପୋଲିସ ଅଧିକାରୀଙ୍କଠାରୁ ବନ୍ଧୁକ ଛଡ଼ାଇନେଇ ଗୁଳି ଚଳାଇଥିଲେ। ଏଥିରେ ୨ ଜଣ ପୋଲିସ ଆହତ ହୋଇଥିଲେ। ପୋଲିସ୍‌ର ପାଲଟା ଗୁଳିରେ ଅକ୍ଷୟ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ୨୩ ବର୍ଷୀୟ ଅକ୍ଷୟଙ୍କୁ ଗତ ଅଗଷ୍ଟ ମାସରେ ଏକ ନର୍ସରୀ ସ୍କୁଲର ସଫେଇ କର୍ମଚାରୀ ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ସେହି ମାସରେ ସେ ସ୍କୁଲ୍ ୱାଶରୁମ୍‌ରେ ୩ ବର୍ଷ ଓ ୪ ବର୍ଷ ବୟସର ଦୁଇ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଅଗଷ୍ଟ ୧୭ରେ ଗିରଫ ହୋଇଥିଲେ। ବମ୍ବେ ହାଇକୋର୍ଟ ଏହି ମାମଲାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରି ତଦନ୍ତରେ ବିଳମ୍ବ ପାଇଁ ପୋଲିସକୁ ଭର୍ତ୍ସନା କରିଥିଲେ।

# ଭାରତରେ ନିବେଶ ପାଇଁ ଆମେରିକୀୟ ସିଇଓଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ




ଲୋଟ୍ଟେ ନ୍ୟୁୟର୍କ ପ୍ୟାଲେସ୍ ହୋଟେଲରେ ରାଉଣ୍ଡ ଟେବୁଲ୍ ବୈଠକ ଅବସରରେ ଆମେରିକାର ବୃହତ୍ ପ୍ରଯୁକ୍ତି ଶିଳ୍ପସଂସ୍ଥାଗୁଡ଼ିକର ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନ୍ୟୁୟର୍କ, ୨୩।୯ (ପି.ଟି.)

ଆମେରିକାର ବୃହତ୍ ପ୍ରଯୁକ୍ତି ସଂସ୍ଥାଗୁଡ଼ିକର ସିଇଓମାନଙ୍କୁ ଭାରତରେ ଶିଳ୍ପ ପ୍ରତିଷ୍ଠା ଓ ପୁଞ୍ଜିନିବେଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମନ୍ତ୍ରଣ କରିଛନ୍ତି। ରବିବାର ଆମେରିକାର ବୃହତ୍ ପ୍ରଯୁକ୍ତି ଶିଳ୍ପର ସିଇଓମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଆମେରିକା, ଚାଇନା, ଜର୍ମାନୀ ଏବଂ ଜାପାନ ପରେ ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା। ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ୩.୯ ଟ୍ରିଲିୟନ ଡଲାର। ଏହା ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। କ୍ରମାଗତ ୩ ବର୍ଷ ହେଲା ଭାରତର ଜିଡିପି ଅଭିବୃଦ୍ଧି ୭ ପ୍ରତିଶତରୁ ଅଧିକ ରହିଛି। ତାଙ୍କ ତୃତୀୟ ପାଳି ସରକାରର କାର୍ଯ୍ୟକାଳ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବା ପାଇଁ ସମସ୍ତ ପ୍ରୟାସ ଚଳାଇଛି। ତେଣୁ ଭାରତର ଦ୍ରୁତ ଅଭିବୃଦ୍ଧିର ଫାଇଦା ଉଠାଇବା ପାଇଁ ମୋଦି ସିଇଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଅଭିବୃଦ୍ଧିର ଫାଇଦା ନେଇ ଆମେରିକୀୟ ପ୍ରଯୁକ୍ତି କମ୍ପାନୀଗୁଡ଼ିକ ବିଶ୍ୱ ପାଇଁ ଭାରତ ସହ ମିଳିତ ଭାବେ ବିଭିନ୍ନ ସାମଗ୍ରୀର ବିକାଶ, ଡିଜାଇନ୍ ଓ ଉତ୍ପାଦନ କରିପାରିବେ। ସେମାନଙ୍କ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ଏବଂ ପ୍ରଯୁକ୍ତି ଇନୋଭେଶନକୁ ବଢ଼ାଇବା ପାଇଁ ଭାରତ ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ବିଜ୍‌ନେସ୍ ଲିଡରମାନଙ୍କୁ କହିଥିଲେ। ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ଉତ୍ପାଦନ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯଥେଷ୍ଟ ପରିବର୍ତ୍ତନ ଆଣିଛି। ଭାରତକୁ ସେମିକଣ୍ଡକ୍ଟର ଉତ୍ପାଦନର ବୈଶ୍ୱିକ କେନ୍ଦ୍ର ଭାବେ ଗଢ଼ିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଥିଲେ। ଲୋଟ୍ଟେ ନ୍ୟୁୟର୍କ ପ୍ୟାଲେସ୍ ହୋଟେଲରେ ହୋଇଥିବା ଏହି ବୈଠକରେ ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଓ ସେମିକଣ୍ଡକ୍ଟର ସମେତ ଅତ୍ୟାଧୁନିକ ପ୍ରଯୁକ୍ତିର ୧୫ ବୃହତ୍ ଆମେରିକୀୟ ସଂସ୍ଥାର ସିଇଓମାନେ ଭାଗ ନେଇଥିଲେ। ଏହି ରାଉଣ୍ଡ ଟେବୁଲ ବୈଠକ ଫଳପ୍ରଦ ହୋଇଥିବା ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି।

## ଭାରତରେ ୪ ଦଶନ୍ଧିରେ ୩ ଗୁଣା ବଢ଼ିଛି ଏକଶିଙ୍ଗା ଗଣ୍ଡା ସଂଖ୍ୟା

ନୂଆଦିଲ୍ଲୀ, ୨୩।୯

ଭାରତରେ ଗତ ୪ ଦଶନ୍ଧି ମଧ୍ୟରେ ଏସୀୟ ଏକସିଙ୍ଗା ଗଣ୍ଡା ସଂଖ୍ୟାରେ ୩ ଗୁଣା ବୃଦ୍ଧି ଘଟିଛି। ରବିବାର ବିଶ୍ୱ ଗଣ୍ଡା ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ୪ ଦଶନ୍ଧୀ ତଳେ ଦେଶରେ ଏକସିଙ୍ଗା ଗଣ୍ଡାଙ୍କ ସଂଖ୍ୟା ୧,୫୦୦ ଥିବାବେଳେ ଏବେ ୪ ହଜାରରେ ପହଞ୍ଚିଛି। ୧୯୬୦ ମସିହା ବେଳକୁ ଭାରତରେ ମାତ୍ର ୬୦୦ ଗଣ୍ଡା ଥିଲେ। କେନ୍ଦ୍ର ସରକାରଙ୍କ ସହ ମିଳିତ ଭାବେ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ଏବଂ ସ୍ଥାନୀୟ ସମ୍ପ୍ରଦାୟର ନିରନ୍ତର ଉଦ୍ୟମ ଯୋଗୁ ଗଣ୍ଡା ସଂରକ୍ଷଣରେ ଭାରତକୁ ସଫଳତା ମିଳିଛି। କେବଳ ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନରେ ବିଶ୍ୱର ୮୦% ଏକଶିଙ୍ଗା ଗଣ୍ଡା ବସବାସ କରୁଛନ୍ତି। ଏକ ବୟସ୍କ ଭାରତୀୟ ଗଣ୍ଡାର ଓଜନ ୨,୮୦୦ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥିବାବେଳେ ସେମାନଙ୍କର ଆୟୁଷ ୫୦ ବର୍ଷ। ତେବେ ଭାରତରେ ଗଣ୍ଡା ସଂରକ୍ଷଣକୁ ସଫଳତା ମିଳିବା ସତ୍ତ୍ୱେ ମଧ ଗଣ୍ଡାମାନଙ୍କୁ ନେଇ ବିପଦ ଟଳିନାହିଁ। ସାଧାରଣତଃ ଏସୀୟ ଗଣ୍ଡାଙ୍କ ଶିଙ୍ଗ ପାରମ୍ପରିକ ଔଷଧରେ ବ୍ୟବହୃତ ହୋଇଥାଏ, ଯାହାର ଚାହିଦା ଚାଇନା ଏବଂ ଭିଏତ୍‌ନାମରେ ସର୍ବାଧିକ ଥାଏ। ତେଣୁ ଭାରତରେ ଗଣ୍ଡାମାନେ ଶିକାରୀଙ୍କ ଟାର୍ଗେଟରେ ଥିବା ଉକ୍ତ ରିପୋର୍ଟ କହିଛି।

# ଆଣ୍ଟିବାୟୋଟିକ୍‌ରେ ଭଲ ହେଉନି ଟାଇଫଏଡ୍, ନିମୋନିଆ

### ଆଇସିଏମ୍‌ଆର୍ ରିପୋର୍ଟ

ନୂଆଦିଲ୍ଲୀ, ୨୩।୯

ମୂତ୍ରନଳୀରେ ସଂକ୍ରମଣ, ରକ୍ତ ସଂକ୍ରମଣ, ନିମୋନିଆ, ଟାଇଫଏଡ୍ ଭଳି କେତେକ ରୋଗ ସାଧାରଣ ଆଣ୍ଟିବାୟୋଟିକ୍‌ରେ ଆଉ ଭଲ ହେଉନାହିଁ। ଏହି ରୋଗ ସୃଷ୍ଟି କରାଉଥିବା ବ୍ୟାକ୍ଟେରିଆଗୁଡ଼ିକ ଉପରେ ସାଧାରଣ ଆଣ୍ଟିବାୟୋଟିକ୍‌ଗୁଡ଼ିକ କୌଣସି ପ୍ରତିକ୍ରିୟା ପକାଉ ନ ଥିବା ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) କହିଛି। ସାରା ଦେଶରେ ଆଣ୍ଟିବାୟୋଟିକ୍ ପ୍ରତିରୋଧ ସମସ୍ୟା ବଢ଼ିବାରେ ଲାଗିଛି। ୨୦୨୩ ଜାନୁଆରୀରୁ ଡିସେମ୍ବର ୩୧ ମଧ୍ୟରେ ସାରା ଦେଶର ହସ୍ପିଟାଲ ଓ କ୍ଲିନିକ୍‌ଗୁଡ଼ିକରୁ ସଂଗୃହୀତ ତଥ୍ୟ ଆଧାରରେ ଆଇସିଏମ୍‌ଆର୍ ରିପୋର୍ଟ ପ୍ରସ୍ତୁତ କରିଛି। ବିଭିନ୍ନ ବ୍ୟାକ୍ଟେରିଆ ବିରୋଧରେ ଆଣ୍ଟିବାୟୋଟିକ୍‌ଗୁଡ଼ିକର ପରୀକ୍ଷାରୁ ଜଣାପଡ଼ିଥିଲା ୟୁଟିଆଇ, ରକ୍ତ ସଂକ୍ରମଣ, ନିମୋନିଆ ଓ ଟାଇଫଏଡ୍ ସାଧାରଣ ଆଣ୍ଟିବାୟୋଟିକ୍‌ରେ ଭଲ କରିବା କଷ୍ଟକର ହୋଇପଡ଼ିଛି। କେତେକ ରୋଗରେ ସାଧାରଣ ଆଣ୍ଟିବାୟୋଟିକ୍ ଆଦୌ କାମ କରୁ ନ ଥିବା ଜଣାପଡ଼ିଥିଲା।

# ୧୬ ଔଷଧକୁ ବିଷାକ୍ତ ଘୋଷଣା କଲା ଡିସିଜିଆଇ

ନୂଆଦିଲ୍ଲୀ, ୨୩।୯

ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ୧୬ଟି ସାଧାରଣ ବ୍ୟବହୃତ ଔଷଧକୁ ବିଷାକ୍ତ ଘୋଷଣା କରିଛନ୍ତି। ଏହି ଔଷଧଗୁଡ଼ିକ ନିୟାମକର ମାନ ଏବଂ ନିରାପତ୍ତା ପରୀକ୍ଷାରେ ବିଫଳ ହୋଇଛି। ବିଷାକ୍ତ ଘୋଷିତ ଔଷଧ ମଧ୍ୟରେ ରହିଛି ରକ୍ତଚାପ ନିୟନ୍ତ୍ରଣ ପାଇଁ ବହୁଳ ବ୍ୟବହୃତ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲର ଟେଲ୍‌ମା ଏଚ୍, ପିତ୍ତାଶୟ ପଥୁରୀ ଚିକିତ୍ସା ପାଇଁ ବ୍ୟବହୃତ ସନ୍ ଫାର୍ମାସ୍ୟୁଟିକାଲର ଓସ୍ରୋକଲ୍-୩୦୦, ଫୁସ୍‌ଫୁସୀୟ ଧମନୀ ଉଚ୍ଚ ରକ୍ତଚାପ ଚିକିତ୍ସାରେ ଲାଗୁଥିବା ପୁଲମୋସିଲ୍ ଇଞ୍ଜେକ୍ସନ ଏବଂ ଗ୍ୟାଷ୍ଟ୍ରିକ୍ ଚିକିତ୍ସା ପାଇଁ ପାଣ୍ଟୋସିଡ୍। ବିଦେଶରେ କେତେକ ଭାରତୀୟ ଔଷଧ ମାନକ ପରୀକ୍ଷାରେ ଫେଲ୍ ମାରିବା ପରେ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ) ଏବଂ ରାଜ୍ୟ ଔଷଧ ନିୟନ୍ତ୍ରକଗୁଡ଼ିକ ଗତ ବର୍ଷକ ମଧ୍ୟରେ ୪୦୦ରୁ ଊର୍ଦ୍ଧ୍ୱ ଔଷଧ କମ୍ପାନୀ ପରିସରରେ ଅନୁଧ୍ୟାନ କରିଥିଲେ। କେତେକ ଔଷଧର ଉତ୍ପାଦନ ଅର୍ଡର ବନ୍ଦ କିମ୍ବା ସ୍ଥଗିତ ରଖାଯିବା ସହ ଲାଇସେନ୍ସ ବାତିଲ କରାଯାଇଥିଲା। ପାଜିଭା-୪୦, ପାଣ୍ଟୋମେଡ୍-୪୦, ସେଫିକ୍ସାଇମ୍ ଓରାଲ ସସ୍ପେନ୍‌ଶନ ଆଇପି, ମକ୍ସିମେଡ୍ ସିଭି, ଫୁସ୍‌ମାଇଡ୍ ଇଞ୍ଜେକ୍‌ଶନ ଆଇପି ୨୦ ଏମ୍‌ଜି, ନୋଡୋସିସ୍ ଟାବ୍‌ଲେଟ୍, ପାଣ୍ଟୋପ୍ରାଜୋଲ ଇଞ୍ଜେକ୍‌ଶନ, ବିଭି୪୦ ଏମ୍‌ଜି ଉପଯୁକ୍ତ ମାନର ନୁହେଁ ବୋଲି ଦର୍ଶାଯାଇଥିଲା। ରଦ୍ଦ ହୋଇଥିବା ନିର୍ଦ୍ଦିଷ୍ଟ ବ୍ୟାଚ୍‌ର ଔଷଧକୁ ସନ୍ ଫାର୍ମାସ୍ୟୁଟିକାଲ୍ସ ଏବଂ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ ଉତ୍ପାଦନ କରି ନ ଥିବା ଜଣାଇଛନ୍ତି।

### ଔଷଧର ବିକଳ୍ପ ରହିଛି



ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଯେଉଁ ଔଷଧଗୁଡିକୁ କ୍ଷତିକାରକ ଘୋଷଣା କରିଛି ତାହା ଗ୍ରହଣୀୟ ହେବା ଉଚିତ। କାରଣ ଡିସିଜିଆଇ ସେହି ଔଷଧର ମାନ ଯାଞ୍ଚ କରିବା ପରେ ହିଁ ଏପରି ଘୋଷଣା କରିଛି। କ୍ଷତିକାରକ ଘୋଷଣା ହୋଇଥିବାରୁ ଏହାକୁ ସେବନ ପାଇଁ ଡାକ୍ତର ପରାମର୍ଶ ଦେବା ଅନୁଚିତ। ଏହିସବୁ ଔଷଧର ବିକଳ୍ପ ମଧ ଉପଲବ୍ଧ ରହିଛି। ଅନ୍ୟ ଔଷଧଗୁଡିକ ଡାକ୍ତରଙ୍କ ପରାମର୍ଶରେ ସେବନ କରିବା ଆବଶ୍ୟକ।

–ପ୍ରଫେସର ଡା. ଅଜୟ ମିଶ୍ର,
ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ

### ସାଧାରଣ ଲୋକ ଏଥିପ୍ରତି ସତର୍କ ହେବା ଜରୁରୀ



କୋଭିଡ୍ ସମୟରେ ପାରାସିଟାମଲ ଓ ଆଜିଥ୍ରୋମାଇସିନ ଭଳି ଔଷଧ କ୍ଷତିକାରକ ବୋଲି କୁହାଯାଇଥିଲା। ବଜାରକୁ ନକଲି ଔଷଧ ଆସୁଛି। ଡିସିଜିଆଇ ମାନ ଯାଞ୍ଚ କରିବା ପରେ ଏପରି ଘୋଷଣା କରିଥାଇପାରେ। ସାଧାରଣ ଲୋକ ଡିସିଜିଆଇର ଘୋଷଣା ମାନିବା ଆବଶ୍ୟକ। କୌଣସି ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କରିବା ଅନୁଚିତ। ଏବେ ଏହିସବୁ ଔଷଧକୁ ବାରଣ କରିବା ଏବଂ ଅନ୍ୟ ଔଷଧ ଡାକ୍ତରଙ୍କ ପରାମର୍ଶରେ ସେବନ କରିବା ଜରୁରୀ।

**–ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ମେଡିସିନ ବିଭାଗ, ଏସ୍‌ସିବି ମେଡିକାଲ**

# ମିସ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ ଜିତିଲେ ରିୟା ସିଂଘା




ଜୟପୁର, ୨୩।୯

ଗୁଜରାଟୀ ମଡେଲ ରିୟା ସିଂଘା(୧୯) 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪' ଟାଇଟଲ ହାସଲ କରିଛନ୍ତି। ରବିବାର ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪'ର ଗ୍ରାଣ୍ଡ ଫିନାଲେରେ ସେ ୫୧ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ପୂର୍ବତନ ମିସ୍ ୟୁନିଭର୍ସ ଇଣ୍ଡିଆ ତଥା ଅଭିନେତ୍ରୀ ଉର୍ବଶୀ ରୌତେଲା ରିୟାଙ୍କୁ ବିଜୟ ମୁକୁଟ ପିନ୍ଧାଇଛନ୍ତି। ଆସନ୍ତା ନଭେମ୍ବର ୧୬ରେ ମେକ୍ସିକୋ ରାଜଧାନୀ ମେକ୍ସିକୋ ସିଟିରେ ଆୟୋଜିତ ହେବାକୁ ଥିବା ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ରିୟା ଭାରତର ପ୍ରତିନିଧିତ୍ୱ କରିବେ। ରିୟା କହିଛନ୍ତି, 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪' ଟାଇଟଲ ହାସଲ କରି ସେ ଗର୍ବ ଅନୁଭବ କରୁଛନ୍ତି। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ପୂର୍ବ ବିଜେତାମାନଙ୍କଠାରୁ ସେ ଅନୁପ୍ରାଣିତ ହୋଇଥିଲେ ବୋଲି ରିୟା କହିଛନ୍ତି। ସଫଳତା ପାଇଁ ରିୟାଙ୍କୁ ସୋସିଆଲ ମିଡିଆରେ ବହୁ ସେଲିବ୍ରିଟି ଅଭିନନ୍ଦନ ଜଣାଇବା ସହ 'ମିସ୍ ୟୁନିଭର୍ସ ୨୦୨୪' ପ୍ରତିଯୋଗିତା ପାଇଁ ଶୁଭକାମନା ମଧ ଜଣାଇଛନ୍ତି।

# ଦୁର୍ନୀତିଗ୍ରସ୍ତ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି

### ସିଭିସି ରିପୋର୍ଟ

ନୂଆଦିଲ୍ଲୀ, ୨୩।୯ (ପି.ଟି.)

ସରକାରୀ ବିଭାଗଗୁଡ଼ିକ ୩୪ଟି ବଡ଼ ମାମଲାରେ ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶନାମାର ଅନୁପାଳନ କରି ନ ଥିବା କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ଦର୍ଶାଇଛନ୍ତି। କେତେକ ମାମଲାରେ ଉକ୍ତ ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କୁ ଦୋଷମୁକ୍ତ କରିଦିଆଯାଇଛି କିମ୍ବା ସେମାନଙ୍କ ବିରୋଧରେ ସମ୍ପୃକ୍ତ ବିଭାଗ ଦଣ୍ଡ କୋହଳ କରିଦେଇଛି। ସିଭିସିର ୨୦୨୩ ବାର୍ଷିକ ରିପୋର୍ଟରୁ ଏହା ଜଣାପଡ଼ିଛି।

କୋଇଲା ମନ୍ତ୍ରଣାଳୟ ସହ ସମ୍ପୃକ୍ତ ଏଭଳି ସର୍ବାଧିକ ୭ଟି ମାମଲା ରହିଥିବାବେଳେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ରେ ୫ଟି, ଆଇଡିବିଆଇରେ ୪, ଇସ୍ପାତ ମନ୍ତ୍ରଣାଳୟରେ ୩, ଶକ୍ତି ମନ୍ତ୍ରଣାଳୟ ଏବଂ ଏନ୍‌ବିସିସି(ଇଣ୍ଡିଆ) ଲିଃରେ ୨ଟି ଲେଖାଏ ମାମଲା ରହିଛି। ଦିଲ୍ଲୀ ଜଳ ବୋର୍ଡ, ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ (ଜିଏନ୍‌ସିଟିଡି), ରେଳ ମନ୍ତ୍ରଣାଳୟ, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବିଭାଗ (ସିବିଆଇସି) ଏବଂ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍)ରେ ଗୋଟିଏ ଲେଖାଏ ମାମଲା ରହିଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ସିକ୍ୟୁରିଟି ପ୍ରିଣ୍ଟିଂ ଆଣ୍ଡ ମିଣ୍ଟିଂ କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ, ଇଲେକ୍ଟ୍ରୋନିକ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ (ଇସିଆଇଏଲ୍), ନ୍ୟାଶନାଲ ଫର୍ଟିଲାଇଜର ଲିଃ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିଃ ସିଭିସିଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରି ନାହାନ୍ତି। କମିଶନଙ୍କ ପରାମର୍ଶକୁ ଗ୍ରହଣ ନ କରିବା ଭିଜିଲାନ୍ସ ପ୍ରକ୍ରିୟାକୁ ନଷ୍ଟ କରିବା ସହ ଭିଜିଲାନ୍ସ ପ୍ରଶାସନର ନିରପେକ୍ଷତାକୁ ଦୁର୍ବଳ କରିଦେଉଛି ବୋଲି ରିପୋର୍ଟରେ କୁହାଯାଇଛି। କୋଇଲା ମନ୍ତ୍ରଣାଳୟରେ ଜଣେ ପ୍ରୋଜେକ୍ଟ ଅଫିସର, ଜଣେ ମୁଖ୍ୟ ମ୍ୟାନେଜର, ୩ ମ୍ୟାନେଜର ଏବଂ ଭାରତ କୋକିଂ କୋଲ ଲିଃ (ବିସିସିଏଲ୍)ର ଜଣେ ନିର୍ଦ୍ଦେଶକଙ୍କୁ ଠିକା ପ୍ରଦାନ, ପୁନଃ ଟେଣ୍ଡର କରିବାରେ ଅନିୟମିତତା ମାମଲା ପାଇଁ ଦାୟୀ କରାଯାଇଥିବାବେଳେ ସିଭିସିଙ୍କ ପରାମର୍ଶକୁ ବିଭାଗ କାର୍ଯ୍ୟକାରୀ କରିନାହିଁ। ସେହିପରି ଏସ୍‌ବିଆଇ ମାମଲାରେ ବ୍ୟାଙ୍କ୍‌ର ରିଜିଓନାଲ ବିଜ୍‌ନେସ ଅଫିସ୍ ରିନୋଭେଶନ ଏବଂ ମରାମତି କାର୍ଯ୍ୟ, ବିଭିନ୍ନ ସାମଗ୍ରୀ କିଣାରେ ପର୍ଯ୍ୟାପ୍ତ ବ୍ୟୟ କରିଥିବା ଜଣାପଡ଼ିଥିଲା। ବିଭାଗୀୟ ତଦନ୍ତ ପରେ ଜଣେ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଓ ଜଣେ ଚିଫ୍ ମ୍ୟାନେଜରଙ୍କ ବିରୋଧରେ ବଡ଼ ଧରଣର ଜରିମାନା ଲଗାଇବା ପାଇଁ କମିଶନ ପରାମର୍ଶ ଦେଇଥିଲେ। ରିଭ୍ୟୁ କମିଟି ଅନିୟମିତତାକୁ ଦେଖିବା ସତ୍ତ୍ୱେ ଜରିମାନା ବଦଳରେ ପ୍ରଶାସନିକ ତାଗିଦ୍ ପାଇଁ ୨୦୨୨ ସେପ୍ଟେମ୍ବରରେ ନିର୍ଦ୍ଦେଶ ଜାରି କରିଥିଲା। ଏହିପରି ବିଭିନ୍ନ ବିଭାଗ ସିଭିସିଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରି ନ ଥିବା ରିପୋର୍ଟରେ କୁହାଯାଇଛି।




# ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ପୋତିହୋଇ ରହିଛି ମୂର୍ତ୍ତି

**ଜିପିଆର୍ ସର୍ଭେରୁ ଜଣାପଡ଼ିଲା**

କୋଣାର୍କ,୨୩।୯ (ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ବାଲି ତଳେ ବହୁ ପୁରାତନ ମୂର୍ତ୍ତି ପୋତି ହୋଇପଡ଼ିଛି। ସୋମବାର ଜାତୀୟ ଭୂ-ଭୌତିକ ଗବେଷଣା ସଂସ୍ଥା (ଏନ୍‌ଜିଆର୍‌ଆଇ) ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ମିଳିତ ଭାବେ ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର (ଜିପିଆର୍) ସର୍ଭେରୁ ଜଣାପଡ଼ିଛି। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ସମ୍ମୁଖସ୍ଥ ଶହେ ଫୁଟ ମାଟି ତଳେ ଜିପିଆର ସର୍ଭେ କରାଯାଇଛି। ପ୍ରାୟ ୫ଘଣ୍ଟାରୁ ଅଧିକ ସମୟ ଧରି ୧୫ ମିଟର ଭୂତଳକୁ ସ୍କାନିଂ କରାଯାଇଥିଲା। ଏହି ସମୟରେ ଦୁଇଟି ଜାଗାରେ ବାଲି ତଳେ ମୂର୍ତ୍ତି ରହିଥିବା ଜଣାପଡ଼ିଛି। ସେହି ସ୍ଥାନକୁ ସଫା କରାଯାଉଛି। ଏହା ଦୁଇଦିନ ଧରି ଚାଲିବ। ଏହାପରେ ମାଟି ଖୋଳାଯାଇ ମୂର୍ତ୍ତି ବାହାର କରାଯିବ ବୋଲି ସୂଚନା ମିଳିଛି। ବାଲି ତଳେ କେତେ ପୁରାତନ କାରୁକାର୍ଯ୍ୟ ଓ ମୂର୍ତ୍ତି ସବୁ ରହିଛି ତାହା



ଏହି ଜିପିଆର୍ ସର୍ଭେରେ ଜଣାପଡ଼ିବ। ଏବେ ଦୁଇଟି ଜାଗାରେ ମୂର୍ତ୍ତି ରହିଥିବା ଚିହ୍ନଟ ହୋଇଛି। ଖୁବଶୀଘ୍ର ମାଟି ଖୋଳାଯାଇ ତାହାକୁ କଢାଯିବ ବୋଲି ଗଡ଼ନାୟକ କହିଛନ୍ତି। ଏହି ସର୍ଭେ ସମୟରେ ଭୂତତ୍ତ୍ୱବିତ୍ ମାନସ ରଞ୍ଜନ ସ୍ୱାଇଁ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ, ଏନ୍‌ଜିଆର୍‌ଆଇର ଏ.କେ. ପାଣ୍ଡେ ଏବଂ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ବିଚାରବିଭାଗୀୟ ତଦନ୍ତ ନେଇ ବିଜ୍ଞପ୍ତି

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମେଜର, ପୀଡ଼ିତା, ତାଙ୍କ ବାପା
- ତଦନ୍ତର ଅଗ୍ରଗତି ନେଇ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କଲେ ଡିଜିପି
- ନିର୍ଦ୍ଧାରିତ ସମୟରେ ନ୍ୟାୟ ଦେବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

ଭରତପୁର ଥାନାରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବିଳମ୍ବିତ ରାତିରେ ବିଚାରବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ବିଚାରବିଭାଗୀୟ ତଦନ୍ତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ମୁଖ୍ୟତଃ ୩ଟି ଦିଗ ଉପରେ ତଦନ୍ତ ଆଗେଇବା ନେଇ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା। ସମ୍ପୂର୍ଣ୍ଣ ଘଟଣାକ୍ରମ କ'ଣ ଥିଲା। କେଉଁ ପରିସ୍ଥିତିରେ ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ଓ ମାଡ଼ମରା ଭଳି ଘଟଣା ଘଟିଲା। ଏହିସବୁ ଘଟଣାର ତଦନ୍ତ କରାଯିବ। ସେହିପରି ଚନ୍ଦକା ଥାନା ଅଞ୍ଚଳରେ ଘଟିଥିବା ରୋଡ୍ ରୋମିଓଙ୍କ ଅସଦାଚରଣ ଘଟଣାର ବି ତଦନ୍ତ ହେବ। ଏହି ଘଟଣାରେ କାହାର ଭୂମିକା କ'ଣ ଥିଲା ଏବଂ ଏଥିଲାଗି କିଏ ଉତ୍ତରଦାୟୀ ସେଥିଲାଗି ସମ୍ପୃକ୍ତ ବ୍ୟକ୍ତି, ଗୋଷ୍ଠୀ ଏବଂ କର୍ତ୍ତୃପକ୍ଷଙ୍କୁ ତଦନ୍ତ ପରିସରଭୁକ୍ତକୁ ନିଆଯିବ। ଅନ୍ୟ କିଛି ଘଟଣା ସହ ଏହାର ଲିଙ୍କ୍ ରହିଛି କି ନାହିଁ ତା'ର ତଦନ୍ତ ହେବ। ଯଦି ଆଉ କିଛି ଘଟଣା ସହିତ ଆଉ କିଛି ଜଡ଼ିତ ଥାଏ, ତେବେ କମିଶନ ଏହାର ତଦନ୍ତ କରିପାରିବେ। ଏଭଳି ଘଟଣାର ଯେପରି ଭବିଷ୍ୟତରେ ପୁନରାବୃତ୍ତି ନ ହେବ ସେନେଇ ପରାମର୍ଶ ଦିଆଯାଇଛି। ବିଜ୍ଞପ୍ତିରେ ମହିଳାଙ୍କ ନିରାପତ୍ତା ଓ ସୁରକ୍ଷା ନେଇ ମଧ୍ୟ ପରାମର୍ଶ ଦିଆଯାଇଛି। କମିଶନଙ୍କ ମୁଖ୍ୟାଳୟ ଭୁବନେଶ୍ୱରରେ ରହିବ। କମିଶନ ଯଦି ଆବଶ୍ୟକ କରନ୍ତି ତେବେ ଅନ୍ୟ ସ୍ଥାନକୁ ଯାଇ ତଦନ୍ତ କରିପାରିବେ। ବିଜ୍ଞପ୍ତି ପ୍ରକାଶର ୬୦ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଏହିସବୁ ଘଟଣା ଭିତରେ ମେଜର ଓ ତାଙ୍କ ବାନ୍ଧବୀ ଏବଂ ବାନ୍ଧବୀଙ୍କ ବାପା ସୋମବାର ଲୋକସେବା ଭବନ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ସମୟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ପ୍ରତିନିଧି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ପୀଡ଼ିତା ଖୁସି ବ୍ୟକ୍ତ କରିବା ସହିତ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଅନୁରୋଧ କରାଯାଇଥିଲା ତାକୁ ସରକାର ରଖିଛନ୍ତି। ତେଣୁ ମୋହନ ମାଝୀ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ପ୍ରମାଣିତ କରିଛନ୍ତି। ଏଥିଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ପୀଡ଼ିତାଙ୍କ ବାପା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ଆମ ଅନୁରୋଧ ରକ୍ଷାକରି ସାକ୍ଷାତ କରିବାକୁ ସମୟ ଦେଇଥିବାରୁ ଧନ୍ୟବାଦ। ଦୁଇ ଦିନ ତଳେ ପୋଲିସ ଅଧିକାରୀମାନେ ୟୁନିଫର୍ମ ପିନ୍ଧି ପ୍ରତିବାଦ ଜଣାଇଥିବାରୁ ଏହି ତଦନ୍ତ ନିରପେକ୍ଷ ହେବ କି ନାହିଁ ମନରେ ସନ୍ଦେହ ଥିଲା। ତେଣୁ ବିଚାରବିଭାଗୀୟ ତଦନ୍ତ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଆମର ଏହି ଦାବିକୁ ମାନି ନେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ତଦନ୍ତ ରିପୋର୍ଟରେ ସତ ଉନ୍ମୋଚନ ହେବ ବୋଲି ବିଶ୍ୱାସ ଥିବା ସେ କହିଛନ୍ତି। ଏହାସହ ଯେଉଁମାନେ ଝିଅର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି,ପୀଡ଼ିତା ଓ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପୀଡ଼ିତା ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ନ୍ୟାୟ ପାଇବେ ତାହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ସମଗ୍ର ଦେଶରେ ଏହା ଏକ ଏପରି ମାମଲା, ଯେଉଁଥିରେ ଦୁଇଟି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ପଟେ ମାମଲାରେ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ମଧ୍ୟ କରାଯାଉଛି। ଯେଉଁ ଥାନାରେ ସିସିଟିଭି ନାହିଁ ସେଠାରେ ତୁରନ୍ତ ସିସିଟିଭି ଲଗାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ଡିଜି ୱାଇ.ବି. ଖୁରାନିଆ ଏବଂ ଏଡିଜି ଅରୁଣ ବୋଥ୍ରା ସୋମବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଭେଟି ତଦନ୍ତର ଅଗ୍ରଗତି ନେଇ ଅବଗତ କରାଇଛନ୍ତି।

## ସତ୍ୟ ବାହାର କରିବାକୁ ଚେଷ୍ଟା କରିବୁ: ଜଷ୍ଟିସ ଦାଶ

କଟକ,୨୩।୯ (କାର୍ତ୍ତିକ ସାହୁ)



ଜଷ୍ଟିସ ଚିତ୍ତରଞ୍ଜନ ଦାଶ

ଭରତପୁର ଥାନା ମାମଲାରେ ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ପୂର୍ବତନ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ। ଏପର୍ଯ୍ୟନ୍ତ ଚିତ୍ତରଞ୍ଜନଙ୍କ ନିକଟକୁ ସରକାରଙ୍କ ଚିଠି ଆସିନାହିଁ। ଏପରି ସ୍ଥିତିରେ ଚିତ୍ତରଞ୍ଜନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଭରତପୁର ଥାନା ମାମଲାରେ ସତ ବାହାର କରିବାକୁ ଚେଷ୍ଟା କରିବୁ। ଏହା ଆମର ପ୍ରାଥମିକତା ରହିବ। ଅଭିଜ୍ଞତାରୁ ଦେଖିଛୁ ଯେଉଁ ଫାଇଲ୍ ଯେତେ ବଡ଼ ଥାଏ, ତାହା ଛୋଟ ଆର୍ଗୁମେଣ୍ଟରେ ସରେ। କୌଣସି ଘଟଣାକୁ ବଡ଼ ଛୋଟ କରିବା ଲୋକଙ୍କ ମାନସିକତା ଉପରେ ନିର୍ଭର କରେ। ଆମେ ରାଜନୀତିକୁ ଯିବାର ନାହିଁ। ସରକାର ଯେଉଁ ନୀତି ନିର୍ଦ୍ଧାରଣ କରିବେ ସେହି ଅନୁସାରେ କାର୍ଯ୍ୟ କରିବା। ଜରୁରୀ ମାମଲା କ୍ଷେତ୍ରରେ ୬୦ ଦିନର ସମୟ ଧାର୍ଯ୍ୟ କରାଯାଏ। ମାତ୍ର ୬୦ ଦିନରେ ତଦନ୍ତ ସରିପାରେନାହିଁ। ତଦନ୍ତ ପାଇଁ ଏହା କମ୍ ସମୟ। ତଦନ୍ତ ଯାହା ହେଉଛି, ତାହା ଉପରେ କେହି ସନ୍ଦେହ କରିବା ଉଚିତ୍ ନୁହେଁ। ହାଇକୋର୍ଟଙ୍କ ଜଣେ ନ୍ୟାୟାଧୀଶଙ୍କ ଦ୍ୱାରା ତଦନ୍ତର ସିଧାସଳଖ ତଦାରଖ ହେଉଛି। କ୍ରାଇମବ୍ରାଞ୍ଚ ତଦନ୍ତ ଠିକ୍ ବାଟରେ ଯିବ। ତଦନ୍ତ ବେଳେ ଦେଖିବୁ ଯେ ଘଟଣାର ଉତ୍ପତ୍ତି କେଉଁଠୁ ହେଲା, କାହିଁକି ହେଲା, କାହାର ସେଥିରେ ଭୁଲ୍ ରହିଲା। ସେହି ଅନୁସାରେ ସରକାରଙ୍କୁ ପରାମର୍ଶ ଦେବୁ। ସରକାରଙ୍କ ଚିଠି ପାଇବା ପରେ ସମୟ ଅବଧି ଓ ସର୍ତ୍ତାବଳୀ ଦେଖି ଯାହା ନିଷ୍ପତ୍ତି ନିଆଯିବ। ଏଭଳି ଘଟଣା ଯେପରି ପୁନରାବୃତ୍ତି ନ ହେବ ତାହା ଦେଖିବୁ। ବିଶେଷକରି ଗୋଟେ ଛୋଟ ଜିନିଷରୁ ଅନ୍ୟ କେହି ଯେପରି ଫାଇଦା ନିଅନ୍ତୁ କିମ୍ବା କାହା ପ୍ରତି ଅନ୍ୟାୟ ନ ହେଉ ତାହା ଦେଖିବୁ। ମିଡିଆ ହାଉସ୍‌ର କାମ ହେଲା କୌଣସି ଘଟଣାର ରିପୋର୍ଟ କରିବା। ଗଣମାଧ୍ୟମ ଟ୍ରାଏଲ କରିବାର ଅଧିକାର ନାହିଁ। ଅନେକ ସମୟରେ କୋର୍ଟକୁ ଚାପ ପକାଏ। ଅଭିଜ୍ଞ ବିଚାରପତିମାନେ ବିଚଳିତ ହୁଅନ୍ତି ନାହିଁ। ନୂଆ ବିଚାରପତିମାନେ ଏଥିରେ ବିଚଳିତ ହେବା ସ୍ୱାଭାବିକ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ଆମକୁ କେହି ଦେଲେ ସେଗୁଡ଼ିକୁ ଆମେ ଇଲେକ୍ଟ୍ରୋନିକ୍ସ ପ୍ରମାଣ ଭାବେ ଦେଖିବୁ ବୋଲି ପୂର୍ବତନ ବିଚାରପତି ଦାଶ କହିଛନ୍ତି।

# ଫେରିବା ଆରମ୍ଭ କଲା ମୌସୁମୀ, ରାଜ୍ୟରେ ବର୍ଷା ଜାରି

ଭୁବନେଶ୍ୱର,୨୩।୯ (ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସୋମବାର ପଶ୍ଚିମ ରାଜସ୍ଥାନ ଏବଂ ଗୁଜରାଟ କଚ୍ଛର କିଛି ଅଞ୍ଚଳରୁ ବିଦାୟ ନେଇଛି। ଗତ ୧୭ ତାରିଖ ସୁଦ୍ଧା ମୌସୁମୀ ଫେରିବା ଆରମ୍ଭ କରିବ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଥିବାବେଳେ ଏଥିରେ ୬ଦିନ ବିଳମ୍ବ ହୋଇଛି। ତେବେ ବିଦାୟୀ ମୌସୁମୀ ରେଖା ଅନୁପଗଡ଼, ବିକାନେର୍, ଯୋଧପୁର, ଭୁଜ, ଦ୍ୱାରକା ଦେଇ ଗତି କରୁଛି। ଅନ୍ୟପଟେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏଥିଯୋଗୁ ସୋମବାର କଟକ-ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବାବେଳେ ଆସନ୍ତା ୪ଦିନ ବର୍ଷା ଲାଗି ରହିବ। ମଙ୍ଗଳବାର ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ନେଇ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।




# ଶିଡ଼ିଘରେ ବହୁ ସିସିଟିଭିକୁ ନେଇ ସନ୍ଦେହ



ଥାନା ଶିଡ଼ିଘରରେ ରହିଥିବା ସିସିଟିଭି ସରଞ୍ଜାମ।

ଭୁବନେଶ୍ୱର,୨୩।୯(ସତ୍ୟଜିତ୍ ରାଉତ)

ଆର୍ମି କ୍ୟାପଟେନ ଓ ବାନ୍ଧବୀଙ୍କୁ ଭରତପୁର ଥାନାରେ ଦୁର୍ବ୍ୟବହାର, ମାଡ଼ ସହ ନାନା ନର୍ଯାତନା ଦିଆଯିବା ଘଟଣାରେ କମିଶନରେଟ୍ ପୋଲିସ ବିବାଦ ଘେରକୁ ଆସିଛି। ଏପରିକି ଥାନାରେ ସିସିଟିଭି ନ ଥିବାରୁ ଘଟଣା ଯେତିକି ରହସ୍ୟ ଘେରକୁ ଆସୁଛି, ତତ୍କାଳୀନ ଥାନାଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ମଧ୍ୟ ସେତିକି ଚର୍ଚ୍ଚା ଲାଗି ରହିଛି। ସବୁ ଥାନାରେ ସିସିଟିଭି ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭରତପୁର ଥାନାର ନୂଆ କୋଠା ନିର୍ମାଣ କରାଯିବା ସହ ସିସିଟିଭି ଲଗାଯାଇଥିଲା ବୋଲି ସୂଚନା ଦିଆଯାଇଥିଲା। ହେଲେ ୧୪ ତାରିଖ ଶନିବାର ବିଳମ୍ବିତ ରାତିର ଏହି ଘଟଣା ପରେ ଥାନାରେ ସିସିଟିଭି କ୍ୟାମେରା ନ ଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା। ଏଭଳିସ୍ଥିତିରେ ସୋମବାର ଥାନା କୋଠାର ଶିଡିଘରେ ବହୁ ସିସିଟିଭି କ୍ୟାମେରା ସହ କେବୁଲ୍ ଓ ମନିଟର ଆଦି ପଡିରହିଥିବା ଦେଖିବାକୁ ମିଳିଛି। ପୂଜାପାଠ ଚାଲିଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଥାନାକୁ ଯାଇଥିବାବେଳେ ଏହା ଉପରେ ନଜର ପଡିଥିଲା। ତେବେ ଘଟଣା ପୂର୍ବରୁ ସିସିଟିଭି ଥିଲା ନା ଘଟଣା ପରେ କାଢି ଦିଆଯାଇଥିଲା, ତାହାକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଏହି ଘଟଣାକୁ ନେଇ ସାଧାରଣରେ ମଧ୍ୟ ଚର୍ଚ୍ଚା ସୃଷ୍ଟି ହୋଇଛି। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା, କମ୍ପ୍ୟୁଟର ସିଷ୍ଟମ୍ ଓ କେବୁଲ ଆଦି ଅବ୍ୟବହୃତ ଅବସ୍ଥାରେ ପଡି ରହିଥିବା ପ୍ରସଙ୍ଗରେ ଥାନାଧିକାରୀ ଦୀପକ କୁମାର ଖଣ୍ଡାୟତରାୟ କହିଛନ୍ତି, ଭରତପୁରର ପୁରୁଣା ଥାନାରୁ ସିସିଟିଭିଗୁଡ଼ିକୁ ଅଣାଯାଇଛି। ସେଗୁଡ଼ିକୁ ନୂତନ ଥାନାରେ ଲଗାଯିବାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଥାନାରେ ନୂତନ କେବୁଲ ବିଛାଯିବା ସହ ସିସିଟିଭି ଲଗାଯିବାର ମଧ୍ୟ ବ୍ୟବସ୍ଥା କରାଯାଉଥିବା ଦେଖିବାକୁ ମିଳିଛି।

# ଚର୍ଚ୍ଚିତ ଭରତପୁର ଥାନାରେ ପୂଜାପାଠ



ଭୁବନେଶ୍ୱର,୨୩।୯ (ସତ୍ୟଜିତ୍ ରାଉତ)

ଆର୍ମି କ୍ୟାପଟେନ୍ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ବିବାଦ ଘେରକୁ ଆସିଥିବା ଭରତପୁର ଥାନାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଲାଗିରହିଛି। ଇନ୍ସପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କୁ ନିଲମ୍ବନ କରାଯିବା ପରେ ନୂଆ ଥାନାଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କୁ ଭରତପୁର ଥାନା ଦାୟିତ୍ୱ ଦିଆଯାଇଛି। ତେବେ ଦୀପକ ଥାନା ପ୍ରବେଶ କରିବା ପୂର୍ବରୁ ସୋମବାର ପୂଜାପାଠ କରିଛନ୍ତି। ବ୍ରାହ୍ମଣ ଥାନାରେ ପହଞ୍ଚି ମନ୍ତ୍ରପାଠ କରିଥିବାବେଳେ ଆଇଆଇସି ଓ ଥାନା କର୍ମଚାରୀମାନେ ପୂଜାରେ ସାମିଲ ହୋଇଥିଲେ। ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହି ପୂଜା କରାଯାଇଥିଲା। ଏଥିସହ ଥାନା ସମ୍ମୁଖରେ ବ୍ରାହ୍ମଣ ଲେମ୍ବୁ ଓ ଲଙ୍କା ଝୁଲାଇଥିଲେ। ତେବେ ବ୍ୟକ୍ତିଗତ ଦୃଷ୍ଟିରୁ ମାନସିକ ଶାନ୍ତି ପାଇଁ ଏହି ପୂଜା କରାଯାଇଥିଲା ବୋଲି ଥାନାଧିକାରୀ ଖଣ୍ଡାୟତରାୟ କହିଛନ୍ତି।

# ପୋଲିସ ମେଳି ପ୍ରସଙ୍ଗ, ସବୁ ଆଇଆଇସିଙ୍କୁ ଚିଠି



ଭୁବନେଶ୍ୱର,୨୩।୯ (ସତ୍ୟଜିତ୍ ରାଉତ)

ଭରତପୁର ଥାନା ନିର୍ଯାତନା ଘଟଣାରେ ଏକପାଖିଆ ନିଷ୍ପତ୍ତି ନିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅଭିଯୋଗ ଉଠାଇ ଏହା ପ୍ରତିବାଦରେ ଗତ ୨୧ ତାରିଖ ଅପରାହ୍ନରେ ଭୁବନେଶ୍ୱର ରିଜର୍ଭ ପୋଲିସ ପଡିଆରେ ଶତାଧିକ ପୋଲିସ ମେଳି ବାନ୍ଧିଥିଲେ। କନ୍‌ଷ୍ଟେବଲଠୁ ଆରମ୍ଭ କରି, ଇନ୍ସପେକ୍ଟର ଓ ଏସିପିମାନେ ପଡିଆରେ ଏକାଠି ହୋଇ ନୀରବ ପ୍ରତିବାଦ କରିଥିଲେ। ତେବେ ଡ୍ୟୁଟି ସମୟରେ ମେଳି ବାନ୍ଧିଥିବା ଏହି ଅଫିସରମାନେ ଅଡୁଆରେ ପଡିଛନ୍ତି। ଏନେଇ ଭୁବନେଶ୍ୱର ରିଜର୍ଭ ଇନ୍‌ସ୍ପେକ୍ଟର ଭୁବନେଶ୍ୱରର ସମସ୍ତ ଥାନା ଆଇଆଇସିଙ୍କୁ ଚିଠି ଲେଖିଛନ୍ତି। ୨୧ ତାରିଖ ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ଥାନାରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କ ତାଲିକା ମଗାଯାଇଛି। ଏଥିସହ ସେହି ସମୟରେ ଥାନାର ଡିସିଓ, ଏମ୍‌ରଜେନ୍ସି, ସେଣ୍ଟ୍ରିମାନଙ୍କ ତାଲିକା ଦେବାକୁ କୁହାଯାଇଛି। ସୋମବାର ଦିନ ୨ଟା ସୁଦ୍ଧା କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଚିଠିର ଉତ୍ତର ଦେବାକୁ ନିର୍ଦ୍ଦେଶ ହୋଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା 'ମଲ୍ଲାର ଉତ୍ସବ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୮ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଚୌଦ୍ୱାର କପାଳେଶ୍ୱରସ୍ଥିତ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମ, ସମୟ: ସକାଳ ୭ଟା ୩୦।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ସିବି ମେଡିକାଲ କଲେଜ ୟୁଜି ଛାତ୍ରୀଛାତ୍ର ସଂଘ ପକ୍ଷରୁ ଇଣ୍ଟର-ମେଡିକାଲ କଲେଜ ଫେଷ୍ଟ 'ସିନାପ୍ସ', ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ମେଡିକାଲ ପରିସର, ସମୟ: ଅପରାହ୍ନ ୩ଟା।
- ମା'କଳାପାଟଙ୍କ ଷୋଡଶ ପୂଜା ଉପଚାର ଆରମ୍ଭ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ମା'କଳାପାଟଙ୍କ ପୀଠସ୍ଥଳୀ, ନୂଆପାଟଣା, ଟିଗିରିଆ,ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଜିଲାସ୍ତରୀୟ ପୋଷଣମାହ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ଅରାଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- 'କଳାକାର' ପକ୍ଷରୁ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାହାନଗା ବ୍ଲକସ୍ତରୀୟ 'ରା' ପ୍ରତିଯୋଗିତା, ସ୍ଥାନ: ଆରୁହାବାଡ଼ ଉଚ୍ଚ ବିଦ୍ୟାଳୟ, ବାହାନଗା, ସମୟ: ପୂର୍ବାହ୍ନ ୧୧ଟା।
- ଲୋକକଳା ଓ ସରକାରୀ ଯୋଜନା ବିଷୟବସ୍ତୁ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ରିଜର୍ଭ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ବଡ଼ ସରକାର ବାବାଙ୍କ ୧୦ମ ବାର୍ଷିକ ଫାତେହା ଉତ୍ସବ, ସ୍ଥାନ: ସରକାରନଗର, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ଉର୍ସ ଇ-କାଦରିୟା, ସ୍ଥାନ: ସରକାରନଗର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମା' ମଙ୍ଗଳାଙ୍କ ମନ୍ଦିରରେ ମଙ୍ଗଳା ମେଳା, ପୂଜା, ସ୍ଥାନ: ଶାଳକଣିଆଁ, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମା' ମଙ୍ଗଳାଙ୍କ ନିଶା ମଙ୍ଗଳବାର ଓଷା ଏବଂ ପୂଜା, ସ୍ଥାନ: ତରଭା, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ବିଭିନ୍ନ ଗ୍ରାମରେ ମାନସିକଧାରୀଙ୍କ ଦିତୀୟା ଓଷା ପାଳନ, ସ୍ଥାନ: ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମା' ତାରିଣୀଙ୍କ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦୀ, ମରୈଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମା' ଭୂଆସୁଣୀଙ୍କ ମନ୍ଦିରରେ ସାପ୍ତାହିକ ଭଜନ ସମାରୋହ, ସ୍ଥାନ: ମଠ କପୁଣ୍ଡି, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ ସାହାଣି କପ୍ ଫୁଟବଲ ଟୁର୍ନାମେଣ୍ଟ ପରିଚାଳନା କମିଟିର ଖବରଦାତା ସମ୍ମିଳନୀ,ସ୍ଥାନ: ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- କୃପାମୟ ଅନଙ୍ଗଭୀମ ଦେବଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ:ଉତ୍କଳ ଆଶ୍ରମ,ସମୟ: ସନ୍ଧ୍ୟା ୭ଟା।
- ଏନ୍‌ଏସ୍‌ଏସ୍ ପୁରସ୍କାର ପ୍ରଦାନ ସମାରୋହ,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା୩୦।

## ଗଞ୍ଜାମ
- ବିପଦର ବନ୍ଧୁ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜନଗର ଜେଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ଗଜପତି
- ଜିଲାସ୍ତରୀୟ ରକ୍ତଦାନ ଶିବିର, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।

## ଢେଙ୍କାନାଳ
- ଲକ୍ଷ୍ମୀପୂଜା ପାଳନ ସମ୍ପର୍କିତ ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ, ସମୟ: ଅପରାହ୍ନ ସାଢେ ୩ଟା।
- ବିସିଜି ଅଭିଯାନ, ସ୍ଥାନ: ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ଅପରାହ୍ନ ୩ଟା ୪୫।

## କେନ୍ଦ୍ରାପଡ଼ା
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିକାଶ ମେଳା ଓ ସାଂସ୍କୃତିକ ମହୋତ୍ସବ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ସ୍ୱାମୀ ଚିଦାନନ୍ଦଜୀ ମହାରାଜଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ଼ ଚିଦାନନ୍ଦ ଆଶ୍ରମ, ସମୟ: ପୂର୍ବାହ୍ନ ସାଢେ ୯ଟା।
- ବିରଜା କ୍ଷେତ୍ର ବିକାଶ ପରିଷଦର ୩୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ମିଶନ ଶକ୍ତି ସଭା ଗୃହ, ସମୟ: ଅପରାହ୍ନ ୪ଟା।
- ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଙ୍ଗଳ ବିକାଶ ଓ ଶିକ୍ଷାଧିକାର ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର, ସ୍ଥାନ: ରସୁଲପୁର ବ୍ଲକ ବ୍ରହ୍ମବରଦା ହାଜରହିଁମିଆଁ ଉଚ୍ଚ ବିଦ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶୋଡ଼ଷ ପୂଜା ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସ୍ଥାନ: ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ହନୁମାନଙ୍କ କାଠି ପୂଜା ପର୍ବ, ସ୍ଥାନ: ଖଣ୍ଡପଡ଼ା ରାଜବାଟି, ସମୟ: ସକାଳ ୭ଟା।
- ଶୋଡ଼ଷ ପୂଜା ଆରମ୍ଭ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଦୂତି ବାହନ ଓଷା, ସ୍ଥାନ: ଫକୀର ଅତବୁଦ୍ଧିପାଟଣା କଣ୍ଟିଲୋ ଖଣ୍ଡପଡ଼ା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ଉପଜିଲାପାଳଙ୍କ ଏମ୍‌ଜିଏନ୍‌ଆଇଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ, ସ୍ଥାନ: ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ୧୧ ଟା।

## ସମ୍ବଲପୁର
- ସମଲେଶ୍ୱରୀ ପୀଠରେ ଷୋଡ଼ଶ ପୂଜାରମ୍ଭ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୭ଟା।
- ରଣେଶ୍ୱର ରାମଚଣ୍ଡି ମନ୍ଦିରରେ ଷୋଡ଼ଶ ପୂଜାରମ୍ଭ, ସ୍ଥାନ : ଦାନୀପାଲି, ସମୟ: ସକାଳ ୮ଟା।
- ସାଥି ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କ କର୍କଟ ରୋଗ ନିରୂପଣ ଶିବିର, ସ୍ଥାନ: ସମ୍ବଲପୁର ମହାନିଗର ନିଗମ ନିକଟସ୍ଥ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନିଲଡୁଙ୍ଗୁରୀ ବିକାଶ ନେଇ ବୈଠକ, ସ୍ଥାନ: କବରାପାଲି ରାମ ମନ୍ଦିର ପ୍ରାଙ୍ଗଣ, ସମୟ : ଅପରାହ୍ନ ୪ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ବଲାଙ୍ଗୀର ରିଜର୍ଭ ପୋଲିସ ଦଳ ବାନା କଣ୍ଟାବାଞ୍ଜି କେଏଫ୍‌ସି ଦଳ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜିଲାସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ଝାରବନ୍ଧ ହାଇସ୍କୁଲ ପଡିଆ, ଝାରବନ୍ଧ, ସମୟ: ସକାଳ ୯ଟା।

## ରାଉରକେଲା
- ଭାରତୀୟ ମଜଦୁର ସଂଘ ଅଧୀନ ଆର୍‌ଆଇକେକେଏସ୍ ପକ୍ଷରୁ ବୋନସ୍ ଦାବିରେ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ଓଡିଆ ଭାଷା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ନୋବେଲ ଆସୋସିଏଶନ, ସମୟ: ସନ୍ଧ୍ୟା ୭ଟା।
- ଡେଙ୍ଗୁ ସଚେତନତା ଶିବିର, ସ୍ଥାନ: ଶୀତଳପଡା, ଉଦିତନଗର, ସମୟ: ପୂର୍ବାହ୍ନ ୯ଟା ୩୦।

## ଦେବଗଡ଼
- ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଭାଗବତ ପ୍ରସାଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା, ସ୍ଥାନ: ସେଣ୍ଟର ଫର କଲଚର୍, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ଯୁକ୍ତ ୩ ଇତିହାସ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ, ସ୍ଥାନ: ଦେବଗଡ଼ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଗସ୍ତ, ଭାଜପା କାର୍ଯ୍ୟାଳୟରେ ସଭା, ସ୍ଥାନ: ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଆର୍‌ଜି ସଦସ୍ୟଙ୍କ ପାଇଁ ଅଭିମୁଖିକରଣ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିମନ୍ତେ ମୋଡ୍ୟୁଲ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା ଏବଂ ଜଗନ୍ନାଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରଭାସୁଣି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ୭ମ ରାଷ୍ଟ୍ରୀୟ ପୋଷଣ ମାହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ପୁରୁଣାଗଡ ମଞ୍ଜମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ, ସ୍ଥାନ: ଜୁନାଗଡ଼ ମା' ଲଙ୍କେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମା' ଲଙ୍କେଶ୍ୱରୀ ଖଣ୍ଡାବସା ଫୁଟ୍‌ବଲ କପ ଉଦ୍‌ଯାପିତ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା ୩୦।
- ଜିଲାସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ରଜ ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ବିକାଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବନ ଆଇନ ଉପରେ କର୍ମଶାଳା, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ,ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଘଣ୍ଟାପଡ଼ା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିର, କନ୍ଧମାଳ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚତୁର୍ଥାଧିପ ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସଙ୍ଗେ ସହମତିରେ କାର୍ଯ୍ୟକରିବା ଭଲ। ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି।

**ବୃଷ** ଧନ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ଭାଇ, ବନ୍ଧୁ ତଥା ଆତ୍ମୀୟସ୍ୱଜନଙ୍କ ମାଧ୍ୟମରେ କାର୍ଯ୍ୟ ସମ୍ପନ୍ନ କରାଇବ। ବନ୍ଧଙ୍କ ପରୋକ୍ଷ କାର୍ଯ୍ୟାବଳୀ ଅସ୍ଥିରତାର କାରଣ ହୋଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ।

**ମିଥୁନ** ଧନାଧିପତି ରାଶିରେ ଅବସ୍ଥାନକରି ମହତ କାମରେ ବ୍ୟୟ ବରାଦ କରାଇବେ। ବନ୍ଧୁଙ୍କ ସାହାଯ୍ୟ ଲାଭକରି ନୂତନ କାମ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ ସାଙ୍ଗମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧା ହାସଲକରି କାର୍ଯ୍ୟ ସାଧନ କରିବେ। ଲାଭଭାବସ୍ଥ ଗୁରୁ କୃପାରୁ ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପଡ଼ୋଶୀଙ୍କ ଅବଦାନ ରହିବ। ନିଜର ଜିଦ୍‌କୁ ପ୍ରାଧାନ୍ୟ ଦେଇ ପରିବାରରେ ଅଯଥା କଳହଜନିତ ବିତର୍କ ଲାଗିପାରେ।

**ସିଂହ** ଯେତେ ସୁବିଧା ସୁଯୋଗ ସୃଷ୍ଟିକଲେ ମଧ ଅନ୍ୟମାନଙ୍କ ଭୁଲ୍ ଧାରଣା ହଠାତ୍ ବଦଳି ନ ପାରେ। ଯାତ୍ରା କାଳରେ ସତର୍କରେ ନ ଚଳିଲେ ବିବାଦରେ ପଡ଼ିପାରନ୍ତି। ସଭାସମିତିରେ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଅତୀତରେ ସ୍ଥାନାନ୍ତରିତ ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଏକାନ୍ତତା ହ୍ରାସ ପାଇବ।

**କନ୍ୟା** ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପଡ଼ୋଶୀଙ୍କ ସହ ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଅଂଶୀଦାରଙ୍କ ସାହଚର୍ଯ୍ୟରେ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ହେବେ।

**ତୁଳା** ଆଜିର ଚନ୍ଦ୍ରଙ୍କ ସ୍ଥିତିଜନିତ ଅବସାଦଗ୍ରସ୍ତ ହୋଇପାରନ୍ତି। ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ହେଲେ ସମସ୍ୟା ଭୋଗିପାରନ୍ତି। ପରିବାରରେ ସୁଖ ଶାନ୍ତି ରାଜୁତିକରିବ, କିନ୍ତୁ ଏଥିପାଇଁ କିଛିଟା ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ। ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଶାଳୀନତାପୂର୍ଣ୍ଣ ବ୍ୟବହାରରେ ବନ୍ଧୁଙ୍କୁ ଆପଣେଇ ନେବେ। ଆଜିର ଯାତ୍ରା ସମୟରେ, ବନ୍ଧୁମିଳନରେ, ଆଲୋଚନା ଅଥବା ସଭା ସମିତିରେ ଆଗ୍ରହୀ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ। ଦୀର୍ଘଦିନରୁ ଚାଲିଥିବା ମାଲିମକଦ୍ଦମାର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ।

**ଧନୁ** ବିରକ୍ତିବୋଧଜନିତ ଆପଣଙ୍କ ରୁକ୍ଷ ଭାଷାର କଠୋରତା ଓ ଜିଦ୍ ସମସ୍ୟା ସୃଷ୍ଟି କରିପାରେ। କୌଶଳପୂର୍ଣ୍ଣ କଥା ମାଧ୍ୟମରେ ବନ୍ଧୁଙ୍କୁ ମନାଇ କାମ ହାସଲ କରିବେ। ଆଜି ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବା ସମ୍ଭାବନା ରହିଛି। ଅର୍ଥସଙ୍କଟ ଲାଗି ରହିବା ହେତୁ ପରିବାରର ଖର୍ଚ୍ଚକାଟର ବ୍ୟବସ୍ଥା କରିପାରନ୍ତି।

**ମକର** ଯେତେ ସହି ସମ୍ଭାଳି କାମ କଲେ ମଧ ଅନ୍ୟମାନଙ୍କ ବେଖାତିର ଓ ତ୍ରୁଟିକଟୁ ବ୍ୟବହାରରୁ ଅସନ୍ତୁଷ୍ଟ ରହିବେ। ଈର୍ଷାପରାୟଣ ହୋଇ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ। ଯାତ୍ରାକାଳୀନ ଯାନବାହନରେ ସତର୍କ ରହିବା ଭଲ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ** ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ।

**ମୀନ** ସାମାଜିକ ସ୍ତରରେ ନିଜ ଲୋକମାନଙ୍କ ଚାଲି ଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରି ପାରନ୍ତି। ଦୀର୍ଘଦିନରୁ ପାଉ ନ ଥିବା ଅର୍ଥକୁ କୌଶଳ ପ୍ରୟୋଗକରି ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ଋଣ ପରିଶୋଧ କରିପାରିବେ ନାହିଁ।

ଆଜି ସେପ୍ଟେମ୍ବର ୨୪ ତାରିଖ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଜୟନ୍ତୀ, ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀ ମଙ୍ଗଳବାର, ଦେବୀ ଉତ୍‌ଥାପନ, ସହସ୍ର କୁମ୍ଭାଭିଷେକ, ଦ୍ୱିତୀବାହନ ଓଷା, ପୁଅଜିଉନ୍ତିଆ, ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜା ଆରମ୍ଭ। ରାଶିନକ୍ଷତ୍ର-ମୃଗଶିରା/ବୃଷ, ଘ.୦୯।୩୬ ଗତେ ମିଥୁନ ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ। ସକାଳ ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୭ ଗତେ, ଘ.୦୪।୦୭ ମଧ୍ୟେ ରାହୁକାଳ।

# ସାପ କାମୁଡ଼ା ପରେ ଝଡ଼ାଫୁଙ୍କା

## ଅଙ୍ଗନୱାଡି କର୍ମୀଙ୍କ ଜୀବନ ଗଲା

ମୋହନା,୨୩।୯(ମନ୍ମଥ ମିଶ୍ର)

ସାପ କାମୁଡ଼ା ପରେ ପରିବାର ଲୋକେ ଡାକ୍ତରଖାନା ନ ନେଇ ଝଡ଼ାଫୁଙ୍କା କରିବାରୁ ଜଣେ ଅଙ୍ଗନୱାଡି କର୍ମୀଙ୍କ ଜୀବନ ଯାଇଛି। ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଦମାଦୁଆ ପଞ୍ଚାୟତ ଘୋଡ଼ାପଙ୍କା ଗାଁରେ ଏହି ଅନ୍ଧବିଶ୍ୱାସର କୁପରିଣତି ଦେଖିବାକୁ ମିଳିଛି। ମୃତା ଅଙ୍ଗନୱାଡି କର୍ମୀ ଜଣକ ହେଲେ ଘୋଡ଼ାପଙ୍କାର ବିପିନ କୁମାର ପାଟମାଝୀଙ୍କ ସ୍ତ୍ରୀ ସରସ୍ୱତୀ ମଲ୍ଲିକ। ସରସ୍ୱତୀ ରବିବାର ରାତିରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ମେଡ଼ିକାଲ ନ ନେଇ ପ୍ରଥମେ ରାଣ୍ଡିପଙ୍କା ଗାଁକୁ ଝଡାଫୁଙ୍କା କରିବା ପାଇଁ ନେଇଥିଲେ। ସେଠାରେ ସରସ୍ୱତୀ ଅଧିକ ଅସୁସ୍ଥ ହୋଇପଡିବାରୁ ଗୁଣିଗାରେଡ଼ି କରୁଥିବା ଆଉ ଜଣେ ଲୋକ ପାଖକୁ ନେବାବେଳ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଆଜିଠୁ ଶ୍ରୀମନ୍ଦିରରେ ଷୋଡ଼ଶ ଦିନାତ୍ମକ ପୂଜା

**ସହସ୍ର କୁମ୍ଭାଭିଷେକ ନୀତି, ଶ୍ରୀନଅରରେ ବ୍ରାହ୍ମଣ ବରଣ**

ପୁରୀ,୨୩।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷା ମଙ୍ଗଳବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏହି ପରିପେକ୍ଷୀରେ ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ମଧ ମଙ୍ଗଳବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିସହ ଶ୍ରୀମନ୍ଦିର ଭିତରେ ବେଢାପରିସରସ୍ଥ ମା' ଭୁବନେଶ୍ୱରୀ, ମା' ବାଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହେବ। ତେବେ ପୂଜା ଆରମ୍ଭ ହେବା ପୂର୍ବରୁ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀନଅରରେ ୨୧ ଜଣ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯିବ। ବରଣ ପରେ ଶୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିବେ। ଷୋଳପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିବ ଶ୍ରୀକ୍ଷେତ୍ର। ମଙ୍ଗଳବାର ମହାରାଜା ବିଦ୍ୟସିଂହ ଦେବଙ୍କ ପଇତା ଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବା ପରେ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିବେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିବେ। ସେହିପରି ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍‌ଥାପନ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସକାଳଧୂପ ସମ୍ପନ୍ନ ହେବା ପରେ ଏହି ନୀତି ଅନୁଷ୍ଠିତ ହେବ।

**ପ୍ରଥମ ପୃଷ୍ଠାରୁ...**

## ପୋଲିସିଆ ଦାଦାଗିରି...

ଦଶରଥପୁର ବ୍ଲକ୍‌ର ରାମବାଗ ପୋଲିସ ଫାଣ୍ଡିରେ କନଷ୍ଟେବଲ୍ ଭାବେ କାର୍ଯ୍ୟ କରୁଥିଲେ। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ର ସ୍ଥାନୀୟ ଅଞ୍ଚଳର ଉପସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଷ୍ଟାଫ୍ ନର୍ସଙ୍କୁ ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ହେଲେ ସେ ରବିବାର ରାତିରେ ଷ୍ଟାଫ୍ ନର୍ସ ରହୁଥିବା ଭଡ଼ାଘରେ ପଶି ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ଏଥିରେ ପୀଡ଼ିତା କ୍ଷତାକ୍ତ ହୋଇ ପୋଲିସକୁ ଫୋନ କରି ସହାୟତା ଲୋଡ଼ିଥିଲେ। ମଙ୍ଗଳପୁର ଥାନା ଠାରୁ ପ୍ରାୟ ୫୦୦ ମିଟର ଦୂରରେ ଏହି ଘଟଣା ଘଟିଥିଲା। ମଙ୍ଗଳପୁର ଥାନା ପୋଲିସ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ କନଷ୍ଟେବଲ୍ ଜିତେନ୍ଦ୍ରଙ୍କୁ ଅଟକ ରଖିଥିଲା। ମଙ୍ଗଳପୁର ଥାନା ଆଇଆଇସି ଚିନ୍ମୟୀ ସାହୁ ଘଟଣାର ଅଧିକ ତଦନ୍ତ କରାଯାଉଥିବା ସୂଚନା ଦେଇଛନ୍ତି।

## ଶିଶୁଙ୍କ ଅଶ୍ଳୀଳ...

ଶିଶୁ ଯୌନ ଶୋଷଣ ସାମଗ୍ରୀଗୁଡ଼ିକୁ ସର୍ବୋଚ୍ଚ ଅଦାଲତ ଅତି ଗମ୍ଭୀର ଭାବେ ଗ୍ରହଣ କରିବା ସହ ଏହାର ଦୁଷ୍ପରିଣାମକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଗୁଡ଼ିକର ନିର୍ମାଣ, ବଣ୍ଟନ ଏବଂ ବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏକ ସ୍ପଷ୍ଟ ଆଇନଗତ ଏବଂ ନୈତିକ ଆବଶ୍ୟକତା ରହିଛି। ସିଏସ୍‌ଇଏଏମ୍‌ରେ ସମ୍ପୃକ୍ତ ଲୋକଙ୍କୁ କେବଳ ଅପରାଧୀ ଭାବେ ଦଣ୍ଡବିଧାନ କରାଗଲେ ସମସ୍ୟାର ସମାଧାନ ହେବ ନାହିଁ। ଏଥିସହିତ ପ୍ରତିକାରମୂଳକ ପଦକ୍ଷେପ ଯଥା ଶିକ୍ଷା ଏବଂ ସଚେତନତା ଅଭିଯାନର ଆବଶ୍ୟକତା ରହିଛି।

ପୋକ୍‌ସୋ ଆଇନ, ୨୦୧୨ ଅନୁଯାୟୀ ଶିଶୁଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଡାଉନ୍‌ଲୋଡ୍ କରିବା ଓ ଦେଖିବା ଅପରାଧ। ଖଣ୍ଡପୀଠ ପାଇଁ ୨୦୦ ପୃଷ୍ଠାର ରାୟ ଲେଖିଥିବା ଜଷ୍ଟିସ ପରଡ଼ିୱାଲା କହିଛନ୍ତି, ଅପରାଧୀଙ୍କୁ ଆଇନର କାଠଗଡ଼ାକୁ ଆଣିବାକୁ ଏବଂ ପିଲାମାନଙ୍କୁ ସୁରକ୍ଷିତ କରିବାକୁ ହେଲେ ଆଇନକୁ ଅଧିକ ସୁଦୃଢ଼ କରାଯିବା ସହ ଏହାକୁ କଡ଼ାକଡ଼ି ଲାଗୁ କରାଯିବା ଆବଶ୍ୟକ। ସିଏସ୍‌ଇଏଏମ୍‌ଗୁଡ଼ିକ ଏଥିରେ ଶୋଷଣର ଶିକାର ହୋଇଥିବା ପିଲାମାନଙ୍କ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥାଏ। ତାହା ସେମାନଙ୍କ ମାନସିକ, ଆବେଗିକ ଏବଂ ସାମାଜିକ ସ୍ୱାଚ୍ଛନ୍ଦ୍ୟକୁ ପ୍ରଭାବିତ କରିଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ଶୋଷଣର ଶିକାର ହୋଇଥିବା ଶିଶୁମାନେ ସାମାଜିକ କଳଙ୍କ ଏବଂ ଏକଲାପଣର ସମ୍ମୁଖୀନ ହୋଇଥାନ୍ତି। ବିଶ୍ୱାସ ହରାଇବା ଏବଂ ଆଘାତଜନିତ ଚ୍ୟାଲେଞ୍ଜ କାରଣରୁ ଅନ୍ୟମାନଙ୍କ ସହ ସୁସ୍ଥ ସମ୍ପର୍କ ରଖିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଥାଏ ବୋଲି ଖଣ୍ଡପୀଠ କହିଛନ୍ତି।



ଜଗତ୍‌ପୁର ଅଞ୍ଚଳରେ ଥିବା କ୍ଷୀର ପ୍ଲାଣ୍ଟରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

## ସୋଡ଼ା, କେମିକାଲରେ...

ଦହି, ଲସି ପ୍ରସ୍ତୁତ କରାଯାଉଥିଲା। ଦହି ପ୍ରସ୍ତୁତ ପାଣିରେ ଜନ୍ଦା ଭାସିବା ସହ ଦୁର୍ଗନ୍ଧ ବାହାରୁଥିବା ଦେଖିବାକୁ ମିଳିଥିଲା। ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଛି ବୋଲି ମହାପାତ୍ର କହିଛନ୍ତି। ଅତିରିକ୍ତ ଡିସିପି ମିଶ୍ର କହିଛନ୍ତି, ଫୁଡ୍ ଲାଇସେନ୍ସ ପାଇଁ ଥିବା ନିୟମକୁ କମ୍ପାନୀ ମାଲିକ ମାନିନାହାନ୍ତି। ଅଧିକ ତଦନ୍ତ ଜାରି ରହିଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ଜଗତ୍‌ପୁର ଶିଳ୍ପାଞ୍ଚଳର କେତେକ ସ୍ଥାନରେ ଚାଲିଥିବା ନକଲି ଚା', ମସଲା, ସିମେଣ୍ଟ, ଗୁଟ୍‌ଖା, ମୃଦୁ ପାନୀୟ କାରଖାନାରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ସାମଗ୍ରୀ ଜବତ ସହ କାରଖାନା ମାଲିକଙ୍କୁ ଗିରଫ କରିଥିଲା।

## ସାର୍ବଜନୀନ ହେବନି...

କ୍ରାଇମ୍‌ବ୍ରାଞ୍ଚର ଜଣେ ଏଡିଜି ପାହ୍ୟାର ଅଧିକାରୀ ତଦନ୍ତ କରୁଛନ୍ତି। ଏହି ଘଟଣାରେ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଆଡ୍‌ଭୋକେଟ୍ ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ ଭରତପୁର ଥାନା ମାମଲାରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ହାଇକୋର୍ଟ ପ୍ରଶଂସା କରିଛନ୍ତି। ଏଥିସହ ମାମଲାର ଆମିକସ୍‌କ୍ୟୁରୀ ଭାବେ ଗୌତମ ମିଶ୍ରଙ୍କୁ ହାଇକୋର୍ଟ ନିଯୁକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଲେଫ୍ଟନାଣ୍ଟ ଜେନେରାଲ ପି.ଏସ୍ ଶେଖାୱତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏକ ଚିଠି ଲେଖିଥିଲେ। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ନେଇ ହସ୍ତକ୍ଷେପ କରିବାକୁ ଶେଖାୱତ ଅନୁରୋଧ କରିଥିଲେ।

## ଥାନାରେ ସିସିଟିଭି କ୍ୟାମେରା ସ୍ଥିତି ଜଣାଅ

ରାଜ୍ୟର ବିଭିନ୍ନ ଥାନାରେ ସିସିଟିଭି କ୍ୟାମେରାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି। କେଉଁ ଥାନାରେ ସିସିଟିଭି କ୍ୟାମେରା ଲାଗିଛି, କେଉଁଠି ଲାଗିନାହିଁ ସେନେଇ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ପୋଲିସ ଏଡିଜି (ଆଧୁନିକୀକରଣ)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୯ ତାରିଖରେ ପ୍ରାରମ୍ଭିକ ରିପୋର୍ଟ ଦେବା ନିମନ୍ତେ ଏଡିଜି(ଆଧୁନିକୀକରଣ)ଙ୍କୁ ହାଇକୋର୍ଟଙ୍କ ଆଦେଶ ରହିଛି।

## 'ଓସ୍କାର ୨୦୨୫' ପାଇଁ...

ଉତ୍ସବ ପରେ ଟ୍ରେନ୍‌ରେ ଶ୍ୱଶୁର ଘରକୁ ଯିବା ସମୟରେ ପରସ୍ପର ସହ ଅଦଳବଦଳ ହୋଇଯାଇଥିଲେ। ଫିଲ୍ମର କାହାଣୀ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥିଲା। ରିପୋର୍ଟ ଅନୁଯାୟୀ, ୫ କୋଟିରୁ କମ୍ ବଜେଟରେ ନିର୍ମିତ ହୋଇଥିବା ଏହି ଫିଲ୍ମ ବିଶ୍ୱବ୍ୟାପୀ ୨୫ କୋଟିରୁ ଅଧିକ ବ୍ୟବସାୟ କରିଥିଲା। ମହିଳାଙ୍କୁ ନେଇ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଏହିପରି ଉତ୍କୃଷ୍ଟ ଚଳଚ୍ଚିତ୍ର ନିର୍ମାଣ କରିଥିବାରୁ ନିର୍ଦ୍ଦେଶକ କିରନ୍ ରାଓଙ୍କୁ ଚାରିଆଡୁ ଖୁବ୍ ପ୍ରଶଂସା କରାଯାଇଥିଲା।

୯୭ତମ ଓସ୍କାର ଆୱାର୍ଡ ସମାରୋହରେ 'ଲାପତା ଲେଡିଜ୍' ଭାରତକୁ ପ୍ରତିନିଧିତ୍ୱ କରିବା ନେଇ ଘୋଷଣା ହେବା ପରେ ନିଜକୁ ସମ୍ମାନିତ ଓ ଆନନ୍ଦିତ ଅନୁଭବ କରୁଛନ୍ତି ବୋଲି ଏହି ଅବସରରେ କିରନ୍ କହିଛନ୍ତି। ଫିଲ୍ମଟିକୁ ମନୋନୀତ କରିଥିବାରୁ ସେ ଫିଲ୍ମ ଫେଡେରେଶନ୍ ଅଫ୍ ଇଣ୍ଡିଆର ଚୟନ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ତାଙ୍କ ଟିମ୍‌ର କଠିନ ପରିଶ୍ରମ ଏବଂ ନିଷ୍ଠାକୁ ପ୍ରମାଣିତ କରିଛି ବୋଲି ସେ କହିଛନ୍ତି। ମହିଳା ସଶକ୍ତୀକରଣକୁ ନେଇ ସମାଜକୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରାଯାଇଥିଲା ବୋଲି କିରନ୍ କହିଛନ୍ତି। ତେବେ 'ଲାପତା ଲେଡିଜ୍'ଓସ୍କାରକୁ ମନୋନୀତ ହେବା ପରେ ଏହାର ଅନ୍ୟତମ ଷ୍ଟାର୍ କଳାକାର ରବି କିଶନ୍ ମଧ ଖୁସି ଜାହିର କରିଛନ୍ତି। ଭାରତର ସଂସ୍କୃତିକୁ ପ୍ରତିଫଳିତ କରୁଥିବା ଏହି ଫିଲ୍ମ ମହିଳା ସଶକ୍ତୀକରଣକୁ ଅତି ସୁନ୍ଦର ଢଙ୍ଗରେ ଦର୍ଶାଇଥିବା ସେ କହିଛନ୍ତି।

# କାର୍ଯ୍ୟକାରୀ ହେଲା ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା

**ଲୋକଙ୍କ ସମସ୍ୟା ଶୁଣିଲେ, ସମାଧାନର ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ**

**୧୦୦୦ ଜଣ ଅଭିଯୋଗକାରୀ ପଞ୍ଜୀକରଣ କରିଥିଲେ**

ଭୁବନେଶ୍ୱର,୨୩।୯(ଅନିଲ ଦାସ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ ହୋଇଥିବା ୧ ହଜାର ଅଭିଯୋଗକାରୀଙ୍କଠାରୁ ସେମାନଙ୍କ ସମସ୍ୟା ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ପୂର୍ବରୁ ସାଧାରଣ ଲୋକଟିଏ ପକ୍ଷରେ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ବ୍ୟାପାର ଥିଲା। ଏବେ କିନ୍ତୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଲୋକଙ୍କୁ ପାଖରେ ବସାଇ ସେମାନଙ୍କ ଦୁଃଖ ଶୁଣୁଛନ୍ତି। ସମାଧାନର ବ୍ୟବସ୍ଥା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥାରେ ସେମାନେ ଆଶ୍ୱସ୍ତ ହେଉଥିବା ଦେଖିବାକୁ ମିଳିଛି। ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରି ଉପସ୍ଥିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କିପରି ହେବ ସେଥିପାଇଁ ନିର୍ଦ୍ଦେଶ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରୁ ନିର୍ଦ୍ଦେଶ ପାଇ ଅଧିକାରୀମାନେ ମଧ୍ୟ ତତ୍ପରତାର ସହ ଲୋକଙ୍କ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ ପ୍ରେରଣ କରୁଛନ୍ତି।

ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଚତୁର୍ଥ ଦିବସରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଜାରି ରଖିଥିଲେ। ସମୁଦାୟ ୧୦୦୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। ବିଭିନ୍ନ ଅଭିଯୋଗକାରୀଙ୍କ ମଧ୍ୟରୁ ଅନୁଗୋଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶଙ୍କର ଦାସ ଚାକିରି କାଳରେ ତାଙ୍କ ପ୍ରତି ବହୁ ଅନ୍ୟାୟ ଓ ଅବହେଳା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖଭରା ଅଭିଯୋଗ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଉକ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣି ତାଙ୍କୁ ନ୍ୟାୟ ଦେବା ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଭଦ୍ରକ ଜିଲାର ୨୨ ବର୍ଷର ଭିନ୍ନକ୍ଷମ ଯୁବକ ନିରାକାର ନାୟକ। ଜାପାନୀ ଜ୍ୱରରେ ପୀଡ଼ିତ ହୋଇ ଯୁବକ ଜଣକ ଭିନ୍ନକ୍ଷମ ହୋଇଯାଇଛନ୍ତି। ଚିକିତ୍ସା ପାଇଁ ବହୁ ଖର୍ଚ୍ଚାନ୍ତ ହେଲେଣି। ଚିକିତ୍ସା ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ଚିକିତ୍ସା ବାବଦରେ ଆଶ୍ୱାସନାଭରା ପ୍ରତିଶ୍ରୁତି ଶୁଣି ସେ ଖୁସି ମନରେ ଫେରିଥିଲେ। କୋରାପୁଟ ଜିଲାର ଅଭିଯୋଗକାରୀ ରମେଶ ଧଳ। ଗାଁରେ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିଷୟ ନେଇ ସପତ୍ନିକ ଆସିଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣି ଜିଲା ଏସ୍‌.ପି.ଙ୍କୁ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ସରୋଜିନୀ ଦାସ। ସେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ଆଜି ସୁଦ୍ଧା ପୋଲିସ ଧରୁନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ତୁରନ୍ତ ଜିଲା ଏସ୍‌.ପି.ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ମହିଳା କହିଛନ୍ତି, ମୁଖ୍ୟମନ୍ତ୍ରୀ ତାଙ୍କ ମନରେ ଭରସା ସୃଷ୍ଟି କରିଛନ୍ତି ଓ ସେ ନିଶ୍ଚିତ ରୂପେ ନ୍ୟାୟ ପାଇବେ। ଏହିଭଳି ପ୍ରତ୍ୟେକଙ୍କ ଅଭିଯୋଗକୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣ ଶୁଣିଥିଲେ। ସମସ୍ତେ ଆତ୍ମସନ୍ତୋଷର ସହ ଫେରିଥିଲେ।

## ଚାଷୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା ଜିଲା ରାଜକନିକାରୁ ୧୭ଜଣ ଚାଷୀ ତାଙ୍କ ଅଞ୍ଚଳର ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ଆର୍ଥିକ ହେରଫେର ବିଷୟରେ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ପଦଯାତ୍ରାରେ ଆସିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ ସମିତିର ୨ ଜଣ ଅଧିକାରୀ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଆର୍ଥିକ ସହାୟତାକୁ ଚଞ୍ଚକତା କରି ନେଇଯାଇଛନ୍ତି। ସେମାନଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କୃଷକମାନେ ସେମାନଙ୍କ ଉଚିତ ସରକାରୀ ପ୍ରାପ୍ୟ ପାଇବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଅଭିଯୋଗ ନେଇ ଆସିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ସେମାନଙ୍କ ପାଖକୁ ଆସି ସେମାନଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏ ସରକାର ହେଉଛି ଚାଷୀଙ୍କ ସରକାର। ଚାଷୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ କେବେ ହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଯଥାଶୀଘ୍ର ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଏହି ଆଶ୍ୱାସନା ଶୁଣି ଖୁସି ମନରେ ସମସ୍ତେ 'ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ' ଧ୍ୱନି ଦେଇ ଫେରିଥିଲେ।

# ନ୍ୟାୟ ଦାବିରେ ମହିଳା, ଯୁବକଙ୍କ ଆତ୍ମାହୁତି ଉଦ୍ୟମ

**ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ପୋଲିସ ଉପରେ କ୍ଷୁବ୍ଧ**

ରଘୁନାଥପୁର,୨୩।୯
(ରାଜେନ୍ଦ୍ର ନାରାୟଣ ସିଂ)



ଆତ୍ମାହୁତି ଉଦ୍ୟମ କରୁଥିବା ଯୁବକଙ୍କୁ ପୋଲିସ କାବୁ କରୁଛି।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଘଟଣ ଘଟିଛି। ସଭାକକ୍ଷରେ ଜନଶୁଣାଣି ଚାଲିଥିବାବେଳେ ବାହାରେ ଜଣେ ମହିଳା ଓ ପୁରୁଷ ପୃଥକ୍ ଭାବେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ପୋଲିସ ସେମାନଙ୍କୁ ଉଦ୍ଧାର କରିଛି।

ପୂର୍ବାହ୍ନ ୧୧ଟା ସମୟରେ ଜିଲାପାଳ ଜେ.ସୋନାଲ ଲୋକଙ୍କ ଅଭିଯୋଗ ଶୁଣୁଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ପୋଲିସ ନ୍ୟାୟ ପ୍ରଦାନ କରୁ ନ ଥିବା ଅଭିଯୋଗ କରି ସାଙ୍ଗରେ ଆଣିଥିବା ବୋତଲରୁ ପେଟ୍ରୋଲ ଦେହରେ ଢାଳି ଆତ୍ମାହୁତି କରିବାକୁ ଚେଷ୍ଟା କରିଥିଲେ।

ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ନାବାଳିକା କନ୍ୟାଙ୍କୁ ରଘୁନାଥପୁର ଥାନା ଅଞ୍ଚଳର ବିକାଶ ପୋଥାଳ ଉଠାଇ ନେଇଥିବା ନେଇ ସେ ୨୧ ଜୁନ୍ ୨୦୨୩ରେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପ୍ରଥମେ ମାମଲା (ନଂ. ୧୭୫/୨୩) ରୁଜୁ କରିଥିଲା। ଏହାପରେ ନାବାଳିକା କନ୍ୟାକୁ ଖୋଜି ପରିବାର ଲୋକଙ୍କ ଜିମା ଦିଆଯାଇଥିଲା। ଏନେଇ କୋର୍ଟରେ କେସ୍ ଚାଲିଥିବାବେଳେ ବିକାଶ ନାବାଳିକାଙ୍କୁ ଉଠାଇ ନେଇ ବଳାତ୍କାର କରିଥିବା ନେଇ ୭ ଅଗଷ୍ଟ ୨୦୨୩ରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ. ୨୨୩/୨୩) ରୁଜୁ କରି ବିକାଶଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ଏଥିସହ ପୁନର୍ବାର ନାବାଳିକାଙ୍କୁ ପରିବାର ଜିମା ଦେଇଥିଲା। ବିକାଶ ଜାମିନ ପାଇ ଫେରିବା ପରେ ପୁନର୍ବାର ୨ ମାର୍ଚ୍ଚ ୨୦୨୪ରେ ନାବାଳିକାଙ୍କୁ ଉଠାଇ ନେଇ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଥାନାରେ ଅନ୍ୟ ଏକ ମାମଲା (ନଂ.୫୪/୨୪) ରୁଜୁ କରିଛି। ମାତ୍ର ଏପର୍ଯ୍ୟନ୍ତ ଉଭୟଙ୍କର କୌଣସି ପତ୍ତା ମିଳିନାହିଁ। ଏହି ଘଟଣାରେ କ୍ଷୁବ୍ଧ ହୋଇ ନାବାଳିକାଙ୍କ ମା' ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ପୋଲିସ ପେଟ୍ରୋଲ ଭର୍ତ୍ତି ବୋତଲକୁ ଛଡ଼ାଇ ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି।

ସେହିପରି ରଘୁନାଥପୁର ଥାନା ଅଞ୍ଚଳର ଅନ୍ୟ ଜଣେ ଯୁବକ ସ୍ତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜନଶୁଣାଣି ସ୍ଥଳରେ ପହଞ୍ଚି ପୋଲିସକୁ ଗାଳିଗୁଲଜ କରିବା ସହ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ଥିବା ଏସ୍‌ଆଇ ଯୋଗେଶ୍ୱର ବେହେରା ଓ ଆଇଆଇସି ସେଠୀ ଯୁବକଙ୍କୁ କାବୁକରି ତାଙ୍କ ହାତରୁ ପେଟ୍ରୋଲ ଭର୍ତ୍ତି ବୋତଲ ଛଡ଼ାଇ ଆଣିଥିଲେ। ସମ୍ପୃକ୍ତ ଯୁବକଙ୍କ ଅଭିଯୋଗ ଅନୁଯାୟୀ ସ୍ତ୍ରୀ ରଘୁନାଥପୁର ବଜାର ଅଞ୍ଚଳର ଏକ ପ୍ରତିଷ୍ଠିତ ଦୋକାନରେ କାମ କରୁଥିଲେ। ଉକ୍ତ ଦୋକାନର ମାଲିକ ୧୮ ଜାନୁଆରୀରେ ଯୁବକଙ୍କ ସ୍ତ୍ରୀଙ୍କ ସହ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ମାମଲା (ନଂ. ୧୮/୨୪)ରୁଜୁ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ ବୋଲି ଯୁବକ ଜଣକ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କୌଣସି ସତ୍ୟତା ନ ଥିବା ଆଇଆଇସି ସେଠୀ ପ୍ରକାଶ କରିଛନ୍ତି। ଉଭୟ ଘଟଣାକୁ ନେଇ ଜନଶୁଣାଣି ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡା ଓ ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଅପରପକ୍ଷେ ଏହି ଜନଶୁଣାଣିରେ ମୋଟ ୧୧୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୫ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଭତ୍ତା, ରାଶନ କାର୍ଡ, ପକ୍କାଗୃହ ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜିଲା ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଉପଜିଲାପାଳ ବିଭୂଦତ୍ତ ଗଡନାୟକ, ବିଡିଓ ନମିତା ବାରିକ, ତହସିଲଦାର ଅଭୀପ୍ସା ପଟ୍ଟନାୟକ, ଏବିଡିଓ ଜ୍ଞାନଦା ନାୟକଙ୍କ ସହ ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




# ନାଟ୍ୟକାର ହରିହର ମିଶ୍ରଙ୍କ ପରଲୋକ

ପୁରୀ,(ଅଜିତ୍ ମହାନ୍ତି)/
ଭୁବନେଶ୍ୱର, ୨୩।୯(ବନ୍ଦନା ସେଠୀ)



ନାଟ୍ୟକାର, ଶିକ୍ଷାବିତ୍, ସାହିତ୍ୟିକ, ଗୀତିକାର, ଅଭିନେତା, ନିର୍ଦ୍ଦେଶକ ତଥା ବେତାରଶିଳ୍ପୀ ହରିହର ମିଶ୍ରଙ୍କର ସୋମବାର ସକାଳେ ପୁରୀ ମାର୍କଣ୍ଡେଶ୍ୱର ସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏକମାତ୍ର ପୁତ୍ର ତଥା ସଙ୍ଗୀତ ନିର୍ଦ୍ଦେଶକ ରୂପକଳ୍ପ ମିଶ୍ର ମୁଖାଗ୍ନି ଦେଇଥିଲେ।

ସ୍ୱର୍ଗତ ମିଶ୍ର ୧୯୪୦ ନଭେମ୍ବର ୧୯ରେ ପୁରୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତାଙ୍କ ନାମ ସେବତୀ ଦେବୀ ଓ ପିତା ନାଁ ମଣିରାମ ମିଶ୍ର। ନୟାଗଡ଼ ମହାବିଦ୍ୟାଳୟରେ ସେ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରି ଭୁବନେଶ୍ୱର ନହରକଣ୍ଟାସ୍ଥିତ ଜୟଦେବ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ୨୦୧୬ ମେ ୬ରୁ ୨୦୨୧ ମେ' ୨୦ ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିଲେ। ତାଙ୍କ ରଚିତ ୨୨ଟି ନାଟକ ମଧ୍ୟରେ କାଗଜ ଡଙ୍ଗା (୧୯୬୦), ମଧୁଲିତା (୧୯୬୮), ହଂସଧ୍ୱନି (୧୯୭୨), ରାତ୍ରିର ଦୁଇଟି ଡେଣା (୧୯୭୩), ହେ ନିଷାଦ ନିବୃତ୍ତ ହୁଅ (୧୯୭୫), ନିନ୍ଦିତ ଗଜପତି (୧୯୭୭) ଓ ଅଦୃଶ୍ୟ ନଟ (୧୯୮୦) ଅନ୍ୟତମ। ସେହିପରି ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ବୃଷଭର ଏକପାଦ (୧୯୭୧), ମୂକ ଡାହୁକ (୧୯୭୫), ଇଚ୍ଛାର ସାମ୍ରାଜ୍ୟ (୧୯୯୦), ବନ ବିହଙ୍ଗୀ(୧୯୬୧), ନୀଳ ହ୍ରଦର ରକ୍ତକମଳ (୨୦୦୧) ଏବଂ ଯୋଗୀ ଗୋବିନ୍ଦଚନ୍ଦ୍ର (୨୦୦୨) ଆଦି ବେଶ୍ ଲୋକପ୍ରିୟ। ଏଥିସହ ତାଙ୍କର ୩୨ଟି କାବ୍ୟ ସଙ୍କଳନ ଓଡ଼ିଆ କାବ୍ୟ ଭଣ୍ଡାରକୁ ବେଶ୍ ସମୃଦ୍ଧ କରିଛି। 'ଚିଲିକା ତୀରେ' ଚଳଚ୍ଚିତ୍ରର ସହ ନିର୍ଦ୍ଦେଶକ, ଚଳଚ୍ଚିତ୍ର 'ତପସ୍ୟା' ଓ 'ଢାଳି ଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା' ଭଳି ସଙ୍ଗୀତ ପାଇଁ ସେ ଚର୍ଚ୍ଚିତ ଥିଲେ। ନାଟକ 'ରାତ୍ରିର ଦୁଇଟି ଡେଣା' ପାଇଁ ୧୯୭୭ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ସେହିଭଳି 'ଶୟନ ପ୍ରତିମା' ଓ 'ଦିବ୍ୟ ଅସନ୍ତୋଷ' ପାଇଁ ୨୦୧୧ରେ ସେ ଶାରଳା ପୁରସ୍କାର ପାଇଥିଲେ। ଏଥିସହ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ସମେତ ୫ଶହରୁ ଊର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାର ପାଇଥିଲେ ହରିହର।

ତାଙ୍କ ବିୟୋଗରେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ ଯୁଗ୍ମ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ସୁବୋଧ ଆଚାର୍ଯ୍ୟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସମ୍ପାଦକ ବିଜୟାନନ୍ଦ ସିଂହ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କ ସହ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଡିଏଫ୍‌ଓଙ୍କ ନାଁରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ଫରେଷ୍ଟରଙ୍କ ଆତ୍ମହତ୍ୟା ଘଟଣା**

ଭବାନୀପାଟଣା,୨୩।୯
(ଉତ୍ତମ କୁମାର ଦାଶ)



ସଞ୍ଜୟ ନାୟକ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ସିଲଭି କଲଚର ଅଧୀନ ହାଇଟେକ ନର୍ସରି ଫରେଷ୍ଟର ସଞ୍ଜୟ ନାୟକ (୩୩) ଆତ୍ମହତ୍ୟା ଘଟଣାରେ ସ୍ଥାନୀୟ ଡିଏଫ୍‌ଓଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ କରିଛି ବନ ବିଭାଗ। ମାମଲାର ତଦନ୍ତ ଦାୟିତ୍ୱ ଜଣେ ସିସିଏଫ୍ ର୍‍ୟାଙ୍କ ଅଧିକାରୀଙ୍କୁ ଦିଆଯାଇଛି। ଏ ନେଇ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ପିସିସିଏଫ୍ ବିଶ୍ୱାଳ କହିଛନ୍ତି, ଫରେଷ୍ଟରଙ୍କ ସୁଇସାଇଡ୍ ନୋଟ୍‌ରେ ରାୟଗଡ଼ା ଡିଏଫ୍‌ଓ ଦେବେନ୍ଦ୍ର ବେହେରାଙ୍କ ସମ୍ପର୍କରେ ଉଲ୍ଲେଖ ଥିବା ପୋଲିସ ସୂଚନା ଦେବା ପରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶୀଘ୍ର ତଦନ୍ତ ସାରି ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। ତଦନ୍ତରେ ଦୋଷୀ ଥିବା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଭବାନୀପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ଗତ ୧୮ ତାରିଖ ସକାଳେ ଫରେଷ୍ଟର ସଞ୍ଜୟଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଉଦ୍ଧାର କଲା ବେଳେ ଏକ ସୁଇସାଇଡ୍ ନୋଟ ଜବତ କରିଥିଲା। ଏସ୍‌ପିଙ୍କ ଆଗରେ ଉକ୍ତ ସୁଇସାଇଡ ନୋଟ ପଢିଥିଲେ ଟାଉନ ଥାନା ଆଇଆଇସି। ସେତେବେଳେ ସଞ୍ଜୟଙ୍କ ଭାଇ ରବିନାରାୟଣ ନାୟକଙ୍କ ସହ ପରିବାର ଲୋକ ଉପସ୍ଥିତ ଥିଲେ। ସୁଇସାଇଡ୍ ନୋଟ୍‌ରେ ସଞ୍ଜୟ ଦର୍ଶାଇଥିଲେ, ଡିଏଫ୍‌ଓ ବାରମ୍ବାର ପିସି ମାଗୁଥିଲେ। ଗତବର୍ଷ ୭ ଲକ୍ଷ ଓ ଗଣେଶ ପୂଜା ବେଳେ ସାଢେ ୩ ଲକ୍ଷ ଦେଇଥିଲେ। ଡିଏଫ୍‌ଓଙ୍କ ଘରେ ଏସି ଲଗାଇବା ସହ ଟ୍ୟୁବ୍‌ୱେଲ ଖୋଳାଇଛନ୍ତି। ଗୋଟିଏ ମନ୍ଦିର ପାଇଁ ୪୦ ହଜାର ଟଙ୍କା ଡୋନେଶନ ଦେଇଥିଲେ। ପ୍ରମୋଶନ ରୋକିବା ଓ ଟ୍ରାନ୍ସଫର ଧମକ ଦେଇ ଡିଏଫ୍‌ଓ ପିସି ମାଗୁଥିବା ସୁଇସାଇଡ୍ ନୋଟରେ ସଞ୍ଜୟ ଉଲ୍ଲେଖ କରିଥିଲେ। ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ସଞ୍ଜୟଙ୍କ ସ୍ତ୍ରୀ ପ୍ରିୟଙ୍କା ମଧ୍ୟ ସମାନ ଅଭିଯୋଗ ଆଣି ଡିଏଫ୍‌ଓଙ୍କୁ କାଠଗଡାକୁ ଟାଣିଥିଲେ। ସଞ୍ଜୟଙ୍କ ଘର ରାୟଗଡ଼ା ଶୁଣ୍ଡିସାହିରେ। ଭାଇ ରବିନାରାୟଣ ଏହା ଆତ୍ମହତ୍ୟା ନୁହେଁ ଏକ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଡିଏଫ୍‌ଓ ବେହେରା ୧୦ ମାସ ହେବ ନିର୍ଯାତନା ଦେଉଥିବା ଭାଇ ପକେଟରୁ ମିଳିଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ ରହିଛି। ସମାଜରେ ତାଙ୍କର ଭାବମୂର୍ତ୍ତି ଯୋଗୁ ସେ ଏହି ମାମଲା କାହା ସହ ଶେୟାର କରି ନ ଥିଲେ। ଶେଷରେ ସେ ମୃତ୍ୟୁର ପଥ ବାଛି ନେଇଥିଲେ। ଭାଇ ମୃତ୍ୟୁର ନ୍ୟାୟ ମାଗୁଛି ବୋଲି ରବି ନାରାୟଣ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ନିବେଦନ କରିଥିଲେ। ସେହିପରି ଗତ ଶୁକ୍ରବାର ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାୟଗଡ଼ା ଗସ୍ତରେ ଯାଇଥିବା ବେଳେ ମୃତ ସଞ୍ଜୟଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ମୃତ ସଞ୍ଜୟଙ୍କ ସ୍ତ୍ରୀ ପ୍ରିୟଙ୍କା ତାଙ୍କର ଥଇଥାନ ଓ ସ୍ୱାମୀଙ୍କ କାମର ବକେୟା ଟଙ୍କା, ଅନ୍ୟ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।



ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ - ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। - ଶ୍ରୀମା

-ଦେବ୍ୟୁତ୍‌ଥାପନ, ମୂଳାଷ୍ଟମୀ, ସହସ୍ର କୁମ୍ଭାଭିଷେକ, ଦ୍ୱିତୀବାହନ ଓଷା ଓ ଷୋଡ଼ଶଦିନାତ୍ମକ ପୂଜାରମ୍ଭ



# ବିଷାକ୍ତ ଔଷଧ

ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବା ଭାରତର ଔଷଧ ମହାନିରୀକ୍ଷକ ନିକଟରେ ୧୬ଟି ଔଷଧକୁ ବିଷାକ୍ତ ଘୋଷଣା କରିଛନ୍ତି। ସେହିସବୁ ଔଷଧ ନିୟାମକର ଗୁଣବତ୍ତା ଏବଂ ସୁରକ୍ଷା ମାନକ ପରୀକ୍ଷାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ବିଷାକ୍ତ ଘୋଷିତ ୧୬ଟି ଔଷଧ ମଧ୍ୟରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ଗ୍ଲେନମାର୍କର ଟେଲମା ଏଚ୍ ଓ ପିତ୍ତକୋଷ ପଥର ଚିକିତ୍ସାରେ ବ୍ୟବହୃତ ସନ୍‌ଫାର୍ମାର ଉର୍ସୋକୋଲ ୩୦୦ ରହିଛି। ଅନ୍ୟ ଔଷଧଗୁଡ଼ିକ ମଧ୍ୟରେ ଅଛନ୍ତି ପୁଲମୋସିନ ଇଞ୍ଜେକ୍‌ସନ, ପାଣ୍ଟୋସିଡ୍, ପାଜିଭା ୪୦, ପାଣ୍ଟୋମେଡ୍-୪୦, ନାଡୋସିସ୍ ଟାବ୍‌ଲେଟ ଇତ୍ୟାଦି। ଉଲ୍ଲେଖନୀୟ ଯେ, ୧୯୮୩ରେ ପ୍ରତିଷ୍ଠିତ ମୁମ୍ବାଇସ୍ଥିତ ସନ୍ ଫାର୍ମାସ୍ୟୁଟିକାଲ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଭାରତର ସର୍ବବୃହତ୍ ଔଷଧ କମ୍ପାନୀ। ଏହା ମଧ୍ୟ ବିଶ୍ୱର ଚତୁର୍ଥ ଜେନେରିକ ଫାର୍ମାସ୍ୟୁଟିକାଲ କମ୍ପାନୀ। ୧୦୦ରୁ ଅଧିକ ଦେଶରେ ଏହାର ବ୍ୟବସାୟ ଜାରି ରହିଛି। ଏହାବ୍ୟତୀତ ୧୯୭୭ରେ ପ୍ରତିଷ୍ଠିତ ମୁମ୍ବାଇସ୍ଥିତ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ ଲିମିଟେଡ୍ ଦେଶ ଓ ବିଦେଶରେ ଏହାର ଉତ୍ପାଦ ବିକ୍ରି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଔଷଧ ପ୍ରସ୍ତୁତି କ୍ଷେତ୍ରରେ ପ୍ରାୟ ୪ ଦଶନ୍ଧିର ଅଭିଜ୍ଞତା ଥିବା ଦୁଇଟି ବୃହତ୍ ଭାରତୀୟ କମ୍ପାନୀର ଔଷଧ ନିୟାମକର ଗୁଣବତ୍ତା ଓ ସୁରକ୍ଷା ମାନକ ପୂରଣ କରିପାରି ନାହାନ୍ତି। ଏହି କମ୍ପାନୀଗୁଡ଼ିକର ଔଷଧ ପ୍ରସାର ଓ ବିକ୍ରି ଭାରତରେ ବହୁ ଆଗରେ ଅଛି। ଡିସିଜିଆଇର ଏବକାର ଘୋଷଣା ପରେ ଲୋକଙ୍କ ମଧ୍ୟରେ ଔଷଧର ଗୁଣବତ୍ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ନିକଟ ଅତୀତକୁ ଫେରିଗଲେ ସେପ୍ଟେମ୍ବର ୨୦୨୩ରେ ଭାରତର ଶୀର୍ଷ ରେଗୁଲେଟର କୁହାଯାଉଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ ଦ୍ୱାରା ଦେଶରେ ବିକ୍ରି ହେଉଥିବା ନକଲି କ୍ୟାନ୍‌ସର ଓ ଲିଭର ମେଡିସିନ ଉପରେ ସତର୍କତା ଜାରି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲା। ଭାରତରେ ନକଲି ବା ବିଷାକ୍ତ ଔଷଧର ଇତିହାସକୁ ଲକ୍ଷ୍ୟ କଲେ ଏହାର ସ୍ଥାୟୀ ପ୍ରତିକାର ସରକାର କରି ପାରୁ ନାହାନ୍ତି ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି।

ବିଭିନ୍ନ ସାନବଡ଼ ଔଷଧ ଉତ୍ପାଦନକାରୀ କମ୍ପାନୀରେ ଜେନେରିକ ଔଷଧ ପ୍ରସ୍ତୁତ କରାଯାଉଛି ଏବଂ ସେଗୁଡ଼ିକର ମାନର ମାପକାଠି କ'ଣ ରହୁଛି, ତାହାକୁ କିଏ ପରୀକ୍ଷା କରୁଛି ସେ ବିଷୟରେ ଜନସାଧାରଣ ଜାଣିବାର କୌଣସି ବାଟ ନାହିଁ। ଏପରି ସ୍ଥଳେ କେବଳ ବଡ଼ କମ୍ପାନୀ ନୁହେଁ, ଭାରତରେ ପ୍ରସ୍ତୁତ କରାଯାଉଥିବା ସବୁ ଔଷଧ କଠୋର ଯାଞ୍ଚ ମଧ୍ୟରେ ଆସିବା ଦରକାର।

ଦେଶରେ ଉତ୍ପାଦିତ ଔଷଧଗୁଡ଼ିକୁ ସ୍ୱୀକୃତି ଦେବାରେ ନିୟାମକ ସଂସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦେଖାଯାଏ, ନିୟାମକ ସଂସ୍ଥାଗୁଡ଼ିକ ଥରେ ଔଷଧର ମାନ ପରୀକ୍ଷା କରି ବିକ୍ରି ପାଇଁ ଅନୁମତି ଦେବା ପରେ ପରବର୍ତ୍ତୀ ସମୟରେ ସେହିସବୁ ଔଷଧର ଗୁଣବତ୍ତା କ'ଣ ରହୁଛି ତାହା ଯାଞ୍ଚ କରନ୍ତି ନାହିଁ। ପ୍ରକୃତରେ ନିୟମିତ ବ୍ୟବଧାନରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଔଷଧର ମାନ ପରୀକ୍ଷା କରାଗଲେ ହୁଏତ ଏଭଳି ସ୍ଥିତି ଉପୁଜନ୍ତା ନାହିଁ। ଅବଶ୍ୟ ବଡ଼ ଫାର୍ମାର ପଇସା ଆଗରେ କିଛି ଅଧିକାରୀଙ୍କ ମୁଣ୍ଡ ବିକ୍ରି ହୋଇଯିବା କାରଣରୁ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଯଦି ସରକାରଙ୍କ ନିୟାମକ ସଂସ୍ଥାସବୁ ସଚ୍ଚୋଟ ଭାବେ ସେମାନଙ୍କ କାର୍ଯ୍ୟ କରନ୍ତେ, ତେବେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ଲାଭ ଉପରେ ଧ୍ୟାନଦେବା ସହ ଗୁଣବତ୍ତା ରକ୍ଷା ଦିଗରେ ଦୃଷ୍ଟି ଦିଅନ୍ତେ। ଏଥିସହ ଅନ୍ତର୍ଜାତୀୟ ଫାର୍ମା କମ୍ପାନୀଗୁଡ଼ିକ ମଧ୍ୟ ଉଚ୍ଚମାନର ଔଷଧ ଭାରତକୁ ପଠାଇବାକୁ ବାଧ୍ୟ ହୁଅନ୍ତେ ଏବଂ ଭାରତୀୟ କମ୍ପାନୀଗୁଡ଼ିକ ଔଷଧର ଗୁଣବତ୍ତା ଉପରେ ଧ୍ୟାନ ରଖନ୍ତେ। ଏ ଦିଗରେ ଆହୁରି ଏକ ବଡ଼ ସମସ୍ୟା ହେଉଛି, ଜେନେରିକ ଔଷଧର ଉତ୍ପାଦନ। ଏବେ ସରକାର ଜନଔଷଧିର ଆଖ୍ୟା ଦେଇ ଏହାର ଉତ୍ପାଦନ, ପ୍ରଚାର ଓ ପ୍ରସାରକୁ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପଟେ ଏହାର ସୁରକ୍ଷା ମାନକ ଉପରେ କଡ଼ା ନଜର ରଖାଯାଉନାହିଁ। ବିଭିନ୍ନ ସାନବଡ଼ ଔଷଧ ଉତ୍ପାଦନକାରୀ କମ୍ପାନୀରେ ଜେନେରିକ ଔଷଧ ପ୍ରସ୍ତୁତ କରାଯାଉଛି ଏବଂ ସେଗୁଡ଼ିକର ମାନର ମାପକାଠି କ'ଣ ରହୁଛି, ତାହାକୁ କିଏ ପରୀକ୍ଷା କରୁଛି ସେ ବିଷୟରେ ଜନସାଧାରଣ ଜାଣିବାର କୌଣସି ବାଟ ନାହିଁ। ଏପରି ସ୍ଥଳେ କେବଳ ବଡ଼ କମ୍ପାନୀ ନୁହେଁ, ଭାରତରେ ପ୍ରସ୍ତୁତ କରାଯାଉଥିବା ସବୁ ଔଷଧ କଠୋର ଯାଞ୍ଚ ମଧ୍ୟରେ ଆସିବା ଦରକାର। କାରଣ ଔଷଧ ଜୀବନ ବଞ୍ଚାଇପାରେ, ଆଉ ବିଷାକ୍ତ ଔଷଧ ବି ଜୀବନ ନେଇପାରେ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 7 | | | | 2 | | | 5 | |
| | | | | | | | | |
| | 4 | | 1 | 8 | 5 | | | |
| | | 2 | | | | | 6 | |
| | | 6 | | 3 | | 7 | | |
| 8 | | | | 1 | | | | 3 |
| 5 | | | 9 | | 2 | | | |
| 6 | 7 | | 4 | | | | | |
| | | | 3 | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 5 | 1 | 2 | 4 | 7 | 8 | 3 |
| 3 | 1 | 4 | 7 | 9 | 8 | 5 | 2 | 6 |
| 8 | 7 | 2 | 6 | 3 | 5 | 1 | 4 | 9 |
| 4 | 2 | 3 | 9 | 8 | 1 | 6 | 5 | 7 |
| 9 | 5 | 1 | 4 | 7 | 6 | 8 | 3 | 2 |
| 7 | 8 | 6 | 3 | 5 | 2 | 4 | 9 | 1 |
| 5 | 6 | 7 | 2 | 4 | 3 | 9 | 1 | 8 |
| 2 | 4 | 9 | 8 | 1 | 7 | 3 | 6 | 5 |
| 1 | 3 | 8 | 5 | 6 | 9 | 2 | 7 | 4 |

ଗତକାଲିର ଉତ୍ତର

# ସାମ୍ନାରେ ସମସ୍ୟା ଅନେକ



ଡ. ସନ୍ତୋଷ କୁମାର ମହାପାତ୍ର

ସମସ୍ତେ କ୍ଷମତାକୁ ଭଲ ପାଆନ୍ତି ଏବଂ କ୍ଷମତା ବଜାୟ ରଖିବାକୁ ଚାହାନ୍ତି। ଦଳମତ ନିର୍ବିଶେଷରେ ସବୁ ରାଜନୈତିକ ଦଳ ପ୍ରଚାରରେ ଲିପ୍ତ ରୁହନ୍ତି। କିନ୍ତୁ ବର୍ତ୍ତମାନ ସରକାର ଏପରି ପ୍ରଚାରରେ ଲିପ୍ତ ରହୁଛନ୍ତି ଯେ, କେବେ ଏପରି ଆଗରୁ ଦେଖିବାକୁ ମିଳି ନ ଥିଲା। ପ୍ରଚାର ଯୋଗୁ ବିଭିନ୍ନ ସମସ୍ୟା ସବୁ ଆଉ ଆଲୋଚନା ହେଉନି, ସମାଧାନ ତ ଦୂରର କଥା। ଦାରିଦ୍ର୍ୟ, ବେକାରି, ବୈଷମ୍ୟ ଓ ମୁଦ୍ରାସ୍ଫୀତି ଅତ୍ୟନ୍ତ ଭୟଙ୍କର।

ଭାରତର ଆର୍ଥିକ ଅଭିବୃଦ୍ଧି ସମତୁଲ, ସମାନୁପାତିକ ହେବା ସହିତ ନିଯୁକ୍ତି ବୃଦ୍ଧି ପାଇବା ଆବଶ୍ୟକ। କିନ୍ତୁ ଏବେ ଅଭିବୃଦ୍ଧିର ସୁଫଳ ଗରିବଙ୍କ ନିକଟରେ ପହଞ୍ଚୁନାହିଁ। ଚିନ୍ତାର ବିଷୟ ହେଉଛି ଯେଉଁ ଅନୁସାରେ ଜିଡିପି ବୃଦ୍ଧି ପାଉଛି, ସେହି ଅନୁସାରେ ନିଯୁକ୍ତି ବୃଦ୍ଧି ପାଉନି। ନିଯୁକ୍ତି ବିହୀନ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ ୨୦୦୦ ରୁ ୨୦୧୨ ମଧ୍ୟରେ ଅର୍ଥନୀତି ବାର୍ଷିକ ୬.୨% ହାରରେ ବୃଦ୍ଧି ପାଉଥିଲା ବେଳେ ନିଯୁକ୍ତି ମାତ୍ର ୧.୬% ହାରରେ ବୃଦ୍ଧି ପାଉଛି। ପରିସ୍ଥିତି ଆହୁରି ପୁନଶ୍ଚ ଖରାପ ହୋଇଛି। ୨୦୧୨ ରୁ ୨୦୧୯ ମଧ୍ୟରେ ଅଭିବୃଦ୍ଧି ହାର ୬.୭% ହୋଇଥିଲା ବେଳେ ନିଯୁକ୍ତି ବୃଦ୍ଧି ହାର ମାତ୍ର ୧.୭%।

ଜେନିଭା ସ୍ଥିତ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍‌ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଇଣ୍ଡିଆ ଏମ୍ପ୍ଲୟମେଣ୍ଟ ରିପୋର୍ଟ' ବା 'ଭାରତ ନିଯୁକ୍ତି ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ଉଦ୍‌ବେଗଜନକ ତଥ୍ୟ ପ୍ରକାଶ ପାଇଛି। ଯୁବ ପିଢ଼ିଙ୍କ ମଧ୍ୟରେ ବେକାରି ସର୍ବାଧିକ, ଏପରିକି ଭୟଙ୍କର। ଅଧିକ ଚିନ୍ତାଜନକ ହେଉଛି ଅଧିକାଂଶ ଶିକ୍ଷିତ ବେକାରି। ୩୪ରୁ କମ୍ ବୟସର ଲୋକଙ୍କ ମଧ୍ୟରୁ ୮୩% ବେକାର। ବେକାରି ହାର୍ ମେ ମାସରେ ୭% ଥିଲାବେଳେ, ଜୁନ୍‌ରେ ୯.୨% କୁ ବୃଦ୍ଧି ପାଇଛି। ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ ଯେଉଁସବୁ ଦେଶଗୁଡ଼ିକ କମ୍ ସେଥିମଧ୍ୟରେ ଭାରତ ରହିଛି। ୨୦୨୨ରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୭୭.୨% ହୋଇଥିଲାବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ୩୨.୮% ବା ପ୍ରାୟ ୨.୩ ଗୁଣ କମ୍। ବିଶ୍ୱରେ ମହିଳାମାନଙ୍କ କ୍ଷେତ୍ରରେ ଏହା ୪୭.୩%।

ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧି ପାଇଛି। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୨ ଅନୁଯାୟୀ, ପ୍ରତ୍ୟେକ ଦିନ ଭାରତରେ ୪୬୮ ଜଣ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟା ହାର ଯାହା ୨୦୧୮ରେ ୧ ଲକ୍ଷରେ ୧୦.୨ ଥିଲା, ତାହା ୨୦୨୨ରେ ୧୨.୪କୁ ବୃଦ୍ଧି ପାଇଛି। ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୩୪,୫୧୬ ଥିଲାବେଳେ ୨୦୨୧ରେ



୧,୬୫, ୦୩୩, ୨୦୨୨ରେ ୧,୭୧,୦୦୦କୁ ବୃଦ୍ଧି ପାଇଛି। ଅର୍ଥାତ୍ ୨୦୨୨ରେ ଆତ୍ମହତ୍ୟା ହାର ୨୦୨୧ ତୁଳନାରେ ୪.୩% ଏବଂ ୨୦୧୮ ତୁଳନାରେ ୨୭% ଅଧିକ। କେବଳ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରୁ ଦିନ ମଜୁରିଆ ୨୬%। ୨୦୨୨ରେ ୧୫୦ଟି ପରିବାର ସମ୍ପୂର୍ଣ୍ଣ ଭାବେ ଆତ୍ମହତ୍ୟା କରିଥିଲେ। ୨୦୧୩ ରୁ ୨୦୨୨ ମଧ୍ୟରେ ଅତ୍ୟଧିକ ଥଣ୍ଡା ଯୋଗୁ କେବଳ ୮୦୦ ଲୋକ ପ୍ରାଣ ହରାଇଛନ୍ତି। ଚିନ୍ତାର ବିଷୟ ହେଉଛି ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି , ତାହାଠାରୁ ଅଧିକ ହାରରେ ଛାତ୍ର ଆତ୍ମହତ୍ୟା ବୃଦ୍ଧି ପାଇଛି।

୨୦୨୪ ମସିହା ମାର୍ଚ୍ଚ ୧୮ରେ ପ୍ରକାଶିତ ୱାର୍ଲଡ ଇନ୍‌ଇକ୍ୱାଲିଟି ଲ୍ୟାବ। 'ଭାରତରେ ଆୟ ଏବଂ ସମ୍ପଦ ଅସମାନତା ୧୯୨୨-୨୦୨୩: ବିଲିୟନେୟାର ରାଜ୍‌ର ବୃଦ୍ଧି' ଶୀର୍ଷକ ଏକ ୱାର୍କିଂ ପେପର ବା ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ଭାରତରେ ୨୦୧୪-୧୫ରୁ ୨୦୨୨-୨୩ ମଧ୍ୟରେ ଆୟ ଅସମାନତା ସବୁଠୁ ଅଧିକ ବଢ଼ିଥିଲା। ଭାରତର ଆଧୁନିକ ପୁଞ୍ଜିପତି ବର୍ଗଙ୍କ 'ବିଲିୟନେୟାର ରାଜ୍' ଉପନିବେଶବାଦୀଙ୍କ 'ବ୍ରିଟିଶ ରାଜ୍'କୁ ବଳିଯାଇଛି। ଧନୀ ଶ୍ରେଣୀର ଲୋକଙ୍କ ପାଖରେ ବିପୁଳ ସମ୍ପଦ ଥିବାବେଳେ ଗରିବ ଲୋକମାନେ ଠିକ୍ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳି ନ ଥିଲା। ୨୦୦୦ରେ ଭାରତର ୧% ଧନୀଙ୍କ ପାଖରେ ଜାତୀୟ ଆୟର ୧୫.୧% ଥିଲାବେଳେ ୨୦୨୨-୨୩ରେ ଏହା ୨୨.୬%କୁ ବୃଦ୍ଧି ପାଇଛି, ଯାହା ୧୯୨୨ ପରେ ସର୍ବାଧିକ। ସମ୍ପଦ ଦୃଷ୍ଟିରୁ ୨୦୦୨ରେ ଭାରତର ୧% ଧନୀଙ୍କ ପାଖରେ ଜାତୀୟ ସମ୍ପଦର ୨୫.୪% ଥିଲାବେଳେ ୨୦୨୨-୨୩ରେ ଏହା ୪୦.୧% କୁ ବୃଦ୍ଧି ପାଇଛି। ଏହି ବୈଷମ୍ୟ ୧୯୬୧ ପରଠାରୁ ସର୍ବାଧିକ। କେବଳ ଦକ୍ଷିଣ ଆଫ୍ରିକାର ୫୪.୯% , ବ୍ରାଜିଲ ୪୮.୭% ରେ ସମବା ଜନିତ ବୈଷମ୍ୟ ଅଧିକ।

ବିଶ୍ୱ ଅସମାନତା ଗବେଷଣାଗାର ଦ୍ୱାରା ନିକଟରେ ପ୍ରକାଶିତ ଟିକସ ନ୍ୟାୟ ଓ ସମ୍ପଦ ବଣ୍ଟନ ଶୀର୍ଷକ ରିପୋର୍ଟରେ ଦେଶରେ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ଭୟଙ୍କର ଭାବେ ବୃଦ୍ଧି ପାଇଥିବା କୁହାଯାଇଛି। ଦେଶର ମୋଟ ସମ୍ପତ୍ତିର ୮୫% ସମାଜର ଉଚ୍ଚ ଜାତି ବା ଅସଂରକ୍ଷିତ ବର୍ଗର ଲୋକଙ୍କ ପାଖରେ ରହିଛି ବୋଲି ଏଥିରେ କୁହାଯାଇଛି। ଦେଶର ଅନୁସୂଚିତ ଜାତିର ଲୋକଙ୍କ ପାଖରେ ମାତ୍ର ୨.୬% ସମ୍ପତ୍ତି ହିଁ ରହିଥିବା ଜଣାପଡିଛି। ଜାତୀୟ ନମୁନା ସର୍ଭେରେ କୁହାଯାଇଛି ଯେ, ଦେଶରେ ପଛୁଆ ବର୍ଗ ଜନସଂଖ୍ୟାର ୪୦.୯୪% ହୋଇଥିବା ବେଳେ ଅନୁସୂଚିତ ଜାତିର ସଂଖ୍ୟା ୧୯.୫୯%, ଆଦିବାସୀ ବା ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୮.୬୩% ଓ ଅନ୍ୟ ବର୍ଗର ଲୋକଙ୍କ ସଂଖ୍ୟା ୩୦.୮%। ଅଥଚ ସେମାନଙ୍କ ସମ୍ପତ୍ତିର ମାଲିକାନାକୁ ଦେଖିଲେ ପଛୁଆ ବର୍ଗର ଲୋକଙ୍କ ପାଖରେ ମାତ୍ର ୯%, ଦଳିତ ବା ଅନୁସୂଚିତ ଜାତିର ଲୋକଙ୍କ ପାଖରେ ୨.୬% ହିଁ ସମ୍ପତ୍ତି ରହିଛି। ୨୦୧୩ ପରଠାରୁ ଦେଶରେ ସମ୍ପତ୍ତିର ଏହି ଅସମାନତାରେ ବୃଦ୍ଧି ଦେଖିବାକୁ ମିଳିଛି।

ଅତ୍ୟାବଶ୍ୟକ ସାମଗ୍ରୀ ଦର ନିୟନ୍ତ୍ରଣ ବାହାରେ। ଖୁଚୁରା ମୂଲ୍ୟ ମୁଦ୍ରାସ୍ଫୀତି ଗତ ୨୪ ମାସରେ ଆର୍‌ବିଆଇର ସର୍ବୋଚ୍ଚ ସହନଶୀଳତା ସୀମାକୁ ୬% ଅତିକ୍ରମ କରିଥିବାବେଳେ ଗତ ୨୮ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୬% ରୁ ଅଧିକ ହୋଇଛି। ଜୁନ୍‌ରେ ଖାଦ୍ୟ ମୁଦ୍ରାସ୍ଫୀତି ୯.୪%, ଖୁଚୁରା ମୁଦ୍ରାସ୍ଫୀତି ୫.୦୮% ଓ ପାଇକାରୀ ମୁଦ୍ରାସ୍ଫୀତି ହାର ୧୫ ମାସର ସର୍ବାଧିକ ୩.୩୬% ରହିଛି, ଯାହା ଚିନ୍ତାଜନକ। ଗତ ବର୍ଷରେ ଖାଦ୍ୟ ପଦାର୍ଥ ମୂଲ୍ୟ ଯଥା, ପିଆଜ (୯୩.୩୫%), ଆଳୁ (୬୬.୩୭%), ପନିପରିବା (୩୮.୭୬%),ଖାଦ୍ୟ ଶସ୍ୟ ( ୯.୨୭%), ଫଳ (୧୦.୨୪%) , ଗହମ (୬.୨୫%) ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇପାରେ ବା ହ୍ରାସ ପାଇପାରେ, କିନ୍ତୁ ଅତ୍ୟାବଶ୍ୟକ ସାମଗ୍ରୀ, ପନିପରିବା ଦର ଅହେତୁକ ବୃଦ୍ଧି ପାଇଛି, ଯାହା କମିବାର ସମ୍ଭାବନା ନାହିଁ।

ଭାରତର ଲୋକଙ୍କ ଆର୍ଥିକ ସ୍ଥିତିରେ କିପରି ଅବନତି ଘଟିଛି ତାହା ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟରୁ ଜଣାପଡ଼ିଛି। ପାରିବାରିକ ସଞ୍ଚୟ ଉଭୟ ଭୌତିକ ସଞ୍ଚୟ ଓ ବିତ୍ତୀୟ ବା ଆର୍ଥିକ ବା ଫାଇନାନ୍ସିଆଲ ସଞ୍ଚୟର ସମ୍ମିଶ୍ରଣ। ଭୌତିକ ସଞ୍ଚୟ ସୁନା, ରିୟଲ ଇଷ୍ଟେଟ ଇତ୍ୟାଦି ଏବଂ ଆର୍ଥିକ ସଞ୍ଚୟ ମୁଦ୍ରା, ବ୍ୟାଙ୍କ ସଞ୍ଚୟ, ମ୍ୟୁଚୁଆଲ ଫଣ୍ଡ, ସରକାରଙ୍କ ଉପରେ ନେଟ ଦାବି, ବୀମା ପାଣ୍ଠି, ପେନସନ ପାଣ୍ଠି, ଭବିଷ୍ୟନିଧି ପାଣ୍ଠି, ଡାକଘରର କ୍ଷୁଦ୍ର ସଞ୍ଚୟ ଆଦିକୁ ନେଇ ଗଠିତ। କିନ୍ତୁ ମୋଟ ଆର୍ଥିକ ସଞ୍ଚୟରୁ ଏକ ପାରିବାରିକ ଆର୍ଥିକ ଦେୟ ବା ଋଣକୁ ବିଯୁକ୍ତ କରି ନିଟ୍ ବିତ୍ତୀୟ ସଞ୍ଚୟ ଆକଳନ କରାଯାଏ। ନିଟ୍ ବିତ୍ତୀୟ ସଞ୍ଚୟ ଅତୀତରେ ହାରାହାରି ଜିଡିପି ୭.୩% ଥିଲା। କିନ୍ତୁ ୨୦୨୨-୨୩ରେ ଏହା ୫.୩%କୁ ହ୍ରାସ ପାଇଲା, ଯାହା ଗତ ୪ ଦଶନ୍ଧିରେ ସର୍ବନିମ୍ନ। ଅପରପକ୍ଷରେ ପାରିବାରିକ ଋଣ ଜିଡିପିର ୪୦% ରେ ପହଞ୍ଚିଛି, ଯାହା ଚିନ୍ତାର ବିଷୟ। ଆର୍ଥିକ ସଞ୍ଚୟ ହ୍ରାସ ପାଇବାରୁ ବ୍ୟାଙ୍କମାନେ ଋଣ ଦେବାକୁ ଅର୍ଥ ପାଉନାହାନ୍ତି। ସରକାର ସଞ୍ଚୟର ସୁଧ, ପରିପକ୍ୱ ରାଶି ଓ ବୀମା ପ୍ରିମିୟମ ଉପରେ ଟିକସ ଆଦାୟ କରିବାରୁ ଏବଂ ସଞ୍ଚୟ ଜନିତ ଟିକସ ରିହାତି ନ ଦେବା ଯୋଗୁ ଆର୍ଥିକ ସଞ୍ଚୟ ମଧ୍ୟ ହ୍ରାସ ପାଉଛି। ଏହି ହ୍ରାସ ଦର୍ଶାଉଛି ଲୋକମାନଙ୍କ ଋଣ ବୃଦ୍ଧି ପାଇବା ସହିତ ଜୀବନର ମାନଦଣ୍ଡ ହ୍ରାସ ପାଇଛି।

ମୋ:୯୪୩୭୨୦୮୭୬୨

# ଅନ୍ଧଭକ୍ତି ନୁହେଁ ଈଶ୍ୱର ଭକ୍ତି



ଶ୍ରୁତକୀର୍ତ୍ତି ତ୍ରିପାଠୀ

କିଛି ମାସ ତଳେ ଉତ୍ତରପ୍ରଦେଶର ହାଥ୍‌ରାସରେ ଏକ ସତ୍‌ସଙ୍ଗରେ ଦଳାଚକଟା ଘଟି ୧୨୧ ଜଣ ମୃତ ଏବଂ ୨୮ ଜଣ ଆହତ ହୋଇଥିଲେ ; ଯେଉଁଥିରେ ମହିଳା ଓ ଶିଶୁଙ୍କ ସଂଖ୍ୟା ଅଧିକ ଥିଲା। ଉକ୍ତ ଦୁର୍ଘଟଣାରେ ମୃତ ଭକ୍ତଗଣଙ୍କୁ ସେହି ସମୟରେ ନା ଭଗବାନ୍ ସହାୟକ ହେଲେ ନା ସେ ଭଗବାନ୍‌ରୂପୀ ବାବା, ଯାହାଙ୍କ ପାଦଧୂଳି ନେବା ପାଇଁ ଭକ୍ତଙ୍କ ଭିତରେ ଦଳାଚକଟା ହୋଇଥିଲା। ତଥ୍ୟ କହୁଛି, ଭାରତରେ ଦୁର୍ଘଟଣା ଏବଂ ଯୁଦ୍ଧରେ ଯେତେ ଲୋକ ମୃତ୍ୟୁବରଣ କରନ୍ତି, ଅନ୍ଧଭକ୍ତି ଓ ଅନ୍ଧବିଶ୍ୱାସ ବଶବର୍ତ୍ତୀ ହୋଇ ସେତିକି ଲୋକ ଜୀବନ ହରେଇଥା'ନ୍ତି।

ଭାରତରେ ମନ୍ଦିର ଓ ଆଶ୍ରମ ଦର୍ଶନ ସମୟରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବାରେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ୨୦୦୫ରେ ମନ୍ଧାରଦେବୀ ମନ୍ଦିରରେ ୨୯୧ ଜଣ, ୨୦୦୮ରେ ନୈନାଦେବୀ ମନ୍ଦିରରେ ୧୪୬ ଜଣ, ୨୦୧୦ କୁମ୍ଭମେଳାରେ ୭ ଜଣ ଏବଂ କୃପାଳୁ ମହାରାଜଙ୍କ ଆଶ୍ରମରେ ୬୩ ଜଣ, ୨୦୧୧ରେ ସରୀମାଲାରେ ୧୦୨ ଜଣ, ୨୦୧୩ କୁମ୍ଭମେଳାରେ ୩୬ ଜଣ, ୨୦୧୩ ରତ୍ନଗିରି ମନ୍ଦିରରେ ୧୧୫ ଜଣ ଓ ୨୦୧୬ ରେ ପୁଟ୍ଟୀଙ୍ଗଲ ଦେବୀ ମନ୍ଦିରରେ ୧୦୬ ଜଣ ଦଳାଚକଟାରେ ପ୍ରାଣ ହରାଇଥିବାର ଉଦାହରଣ ରହିଛି।

ଓଡ଼ିଶା କଥା ଦେଖାଗଲେ ପ୍ରତିବର୍ଷ କେବଳ ପୁରୀ ଶ୍ରୀମନ୍ଦିରରେ ବିଶେଷ ଦିନଗୁଡ଼ିକରେ କିମ୍ବା ପର୍ବପର୍ବାଣିରେ ଭକ୍ତଙ୍କ ଗହଳି ଯୋଗୁ ଦଳାଚକଟାଜନିତ ମୃତାହତ ହେବା ଅନେକ ଘଟଣା ନଜରକୁ ଆସିଛି। ଏହି ଦୁର୍ଘଟଣାଗୁଡ଼ିକ କ'ଣ ଭଗବାନ୍‌ଙ୍କୁ ଦର୍ଶନ ପାଇଁ ଇଚ୍ଛା କରୁଥିବା ସେହି ଭକ୍ତଗଣଙ୍କ ଭକ୍ତି ବା ବିଶ୍ୱାସରେ ଅଭାବର ପରିଣାମ ? ଏ ପ୍ରଶ୍ନ ଏବେ ମଧ୍ୟ ତର୍କ, ଆଲୋଚନା ଓ ଯୁକ୍ତିର ପ୍ରସଙ୍ଗ ଅନ୍ତର୍ଗତ ! ନା ଏହି ମୃତ୍ୟୁଗୁଡ଼ିକର କାରଣ ଭକ୍ତଗଣଙ୍କ ସେହି ଗେରୁଆ ଓ ଶୁଭ୍ର ବସ୍ତ୍ର ପରିଧାନକାରୀ ବାବାଙ୍କ ଉପରେ ଅନ୍ଧବିଶ୍ୱାସ ନା ନିଜର ନୈରାଶ୍ୟଭାବ ? ଭକ୍ତମାନେ ଭଗବାନ୍ ଦର୍ଶନ କରିବାକୁ ଯାଇ ମନ୍ଦିର ପ୍ରାଙ୍ଗଣରେ, ମନ୍ଦିର ବେଢ଼ାରେ, ଭଗବାନ୍‌ଙ୍କ ପାଦ ତଳେ ମରଣ ଲାଭ କରନ୍ତି, ଏବଂ ଦୁଃଖର କଥା ଭଗବାନ୍ ମଧ୍ୟ ସେମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିପାରନ୍ତି ନାହିଁ। ସେମାନଙ୍କ ଆଶା, ଆଶାରେ ହିଁ ରହିଯାଏ। ଯେଉଁ ଉଦ୍ଦେଶ୍ୟ, କାମନା, ଇଚ୍ଛାପୂର୍ତ୍ତି ପାଇଁ ସେମାନେ ଯାଇଥାନ୍ତି ; ତାହା ପୂରଣ ହୁଏ ନାହିଁ, ବରଂ ସେଇଠି ନିଜର ଜୀବନ ଓ ପରିବାର ହରେଇବା ଅତ୍ୟନ୍ତ ହୃଦୟବିଦାରକ।

ନିଜକୁ ଅଲୌକିକ ଶକ୍ତିର ଅଧିକାରୀ ଭାବୁଥିବା, ଭଗବାନ୍‌ଙ୍କ ଅନୁଗାମୀ ଏହି ବାବାମାନଙ୍କୁ ଅନ୍ଧ ଭାବରେ ଅନୁସରଣ କରି ତାଙ୍କ ଦର୍ଶନ ପାଇଁ, ପ୍ରବଚନ ଶୁଣିବା ପାଇଁ, ପାଦଧୂଳି ନେବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲଗେଇବା ଭକ୍ତି ନୁହେଁ, ବରଂ ଅନ୍ଧଭକ୍ତି ବା ଅନ୍ଧବିଶ୍ୱାସ କହିଲେ ଭୁଲ ହେବ ନାହିଁ। ଏବେ ଆମ ସମାଜରେ ଏହି ଅନ୍ଧ ଭକ୍ତଙ୍କ ଭିତରେ ଭଗବାନ୍‌ଙ୍କ



ସାନ୍ନିଧ୍ୟ ଏବଂ ଆଶୀର୍ବାଦ ଲାଭ କରିବା ପାଇଁ ତୀବ୍ର ଉତ୍କଣ୍ଠା ଦେଖାଦେଇଛି। ଏହି ପ୍ରତିଯୋଗିତାରେ ପ୍ରଥମେ ନ ପହଞ୍ଚିଲେ କବାଟ ବନ୍ଦ ହୋଇଯିବ, ରାଶନ ଦୋକାନରେ ରାଶନ ସରିଯିବ, ବସ୍/ଟ୍ରେନ ଛାଡ଼ି ଚାଲିଯିବ ଭଳି ଈଶ୍ୱରଙ୍କ କୃପା ପ୍ରାପ୍ତିର ତତ୍ପରତାର ଏକ ଅଦ୍ଭୁତ ବିବର୍ତ୍ତନ ଲକ୍ଷ୍ୟ କରାଯାଉଛି।

ଉପରୋକ୍ତ କାର୍ଯ୍ୟକଳାପ, ଅଲୌକିକ ଘଟଣା ଉପରେ ଆମର ସ୍ଥାୟୀ ବିଶ୍ୱାସ ଏବଂ ଭଗବାନ୍ ଓ ନିଜକୁ ଭଗବାନ୍‌ଙ୍କ ଅନୁଗାମୀ କହୁଥିବା ବାବାଙ୍କ ପ୍ରତି ଆମର ଆବେଶ ବା ମୋହ ବିଷୟରେ ବର୍ଣ୍ଣନା କରୁଛି। ବାବାମାନଙ୍କ ଦ୍ୱାରା ପ୍ରଦର୍ଶନ ହେଉଥିବା ନକଲି ଦେଶପ୍ରେମ ଓ ସଂଖ୍ୟାଗରିଷ୍ଠତା ଏହାର ଚରମ ଉଦାହରଣ। ସ୍ୱଭାବତଃ ଲୋକମାନେ ଚମତ୍କାରିତା ଉପରେ ବିଶ୍ୱାସ ରଖନ୍ତି ; ସେହି ବିଶ୍ୱାସରେ ମନ୍ଦିର, ଆଶ୍ରମ, ସତ୍‌ସଙ୍ଗଗୁଡ଼ିକରେ ଗହଳି ଜମାନ୍ତି, ପରିଣାମ ବିଶୃଙ୍ଖଳା ଓ ଅବ୍ୟବସ୍ଥାଜନିତ ଦୁର୍ଘଟଣା ଘଟେ ଏବଂ ଲୋକ ପ୍ରାଣ ହରାନ୍ତି। ଦୁଃଖର ବିଷୟ, ବ୍ୟବସ୍ଥା ଓ ପ୍ରଶାସନର ଉପସ୍ଥିତିରେ ଏସବୁ ଘଟିଚାଲିଛି। ସଭା, ପ୍ରବଚନ କରିବା ଆଗରୁ କ'ଣ ପ୍ରଶାସନଠାରୁ ଅନୁମତି ନିଆଯାଉ ନାହିଁ, କେତେ ପରିମାଣର ଜାଗାରେ କେତେ ସଂଖ୍ୟକ ଲୋକ ସୁବିଧାରେ ଦର୍ଶନ କରିପାରିବେ, ତା'ର କ'ଣ କିଛି ମାନଦଣ୍ଡ ନାହିଁ ? ବା ଥିଲେ ବି ତାକୁ ଅଣଦେଖା କରାଯାଉଛି ! ଲୋକଙ୍କ ସୁଗମ ଯିବାଆସିବା ଏବଂ ବସିବା ପାଇଁ ଆୟୋଜକ କାହିଁକି ଯତ୍ନଶୀଳ ହେଉନାହାନ୍ତି ? କେବଳ ହଜାର ହଜାର ଲୋକଙ୍କୁ ଡାକିଦେଇ କିଛି ବ୍ୟବସ୍ଥା ନ କରିବା ଦିଗରେ ପ୍ରଶାସନ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହି ଘଟଣାଗୁଡ଼ିକ ପାଇଁ ବାସ୍ତବରେ କିଏ ଦାୟୀ ? ଯେଉଁଠି ଶାସନ ନୀତି ଯେତେ ଅପାରଗ, ସେଇଠି ଦଳାଚକଟା ସେତେ ଅଧିକ ! ସତ ହେଉଛି, ହାଥରସରେ ସେଠି ଯେଉଁମାନେ ଦୁର୍ଘଟଣାରେ ମୃତ୍ୟୁବରଣ କଲେ ; ସେମାନେ ନିଜ ସ୍ୱାମୀ ଓ ପିଲାଙ୍କ ପାଇଁ ମରଣ ପରବର୍ତ୍ତୀ କୌଣସି ସ୍ୱର୍ଗର ପରିକଳ୍ପନା କରିବାକୁ ଯାଇ ନ ଥିଲେ ! ସେମାନେ ପ୍ରାର୍ଥନା କରିବାକୁ ଯାଇଥିଲେ ସୁଖୀ ଜୀବନ ବଞ୍ଚିବାର ଆଶା ନେଇ। ଅନ୍ଧବିଶ୍ୱାସ ଓ ଚମତ୍କାରର ଆକର୍ଷଣ ଆମ ଭାରତୀୟଙ୍କ ଜୀବନଶୈଳୀକୁ ଗେରୁଆ ଓ ଧଳାବସ୍ତ୍ରପିନ୍ଧା ବାବା ଓ ଗୁରୁଙ୍କ ଆଡ଼କୁ ଟାଣିନେଉଛି। ସେମାନେ ଦେଉଥିବା ଦିଗ୍‌ଦର୍ଶନ ଭକ୍ତମାନଙ୍କ ପାଇଁ ନାମକୁମାତ୍ର ଉପଯୋଗୀ, ତଥାପି ସେମାନଙ୍କ ଅନୁସରଣକାରୀଙ୍କ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ମଣିଷ ଯେବେ ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅସଫଳ ହୁଏ, ସେ ଧର୍ମ, ଉପାସନାର ମାର୍ଗକୁ ବାଛିନିଏ। ନିଜର ଆବଶ୍ୟକତା ପୂରଣ ନ ହେଲେ ପୂଜା, ମାନସିକ ଭଳି ପଦ୍ଧତି ପ୍ରତି ଆକର୍ଷିତ ହୁଏ। ଏହା ଦ୍ୱାରା ତାକୁ ସୁରକ୍ଷା, ସମର୍ଥନ ଏବଂ ଆର୍ଥିକ ସୁବିଧା ମିଳିବ ବୋଲି ଧାରଣା ରହିଥାଏ। ଉଦାହରଣ ରହିଛି ସମାଜରେ ଦେଖାଯାଉଥିବା ଆର୍ଥିକ ସଂକଟ, ରାଜନୈତିକ ଅସ୍ଥିରତା, ସାମାଜିକ ଅସମାନତା, ସାଂସ୍କୃତିକ ବିକୃତି ଏବଂ ପାରମ୍ପରିକ ମୂଲ୍ୟର ଅଧୋଗତି ଭଳି ସମସ୍ୟାରୁ ମୁକ୍ତି ପାଇଁ ଜନସାଧାରଣ ଧର୍ମ ଉପାସନାର ମାର୍ଗକୁ ବାଛି ନିଅନ୍ତି, ଯାହା ଅନ୍ଧବିଶ୍ୱାସ ଓ ଅନ୍ଧଭକ୍ତିକୁ ପ୍ରୋତ୍ସାହନ ଦିଏ। ନାଗରିକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ସମାଜକୁ ଦୃଢ଼ ଓ ସଂଗଠିତ ହେବା ଉଚିତ। ତା' ପରେ ହିଁ ଅନ୍ଧବିଶ୍ୱାସ ଓ ଅନ୍ଧଭକ୍ତିର ଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସମ୍ଭବ ହେବ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ବିବିଧତାର ଦେଶ ଭାରତ। ଏଠାରେ ଧର୍ମର ବିବିଧତା ଥିବା ବେଳେ ପର୍ବପର୍ବାଣିରେ ମଧ୍ୟ ଏହା ଲକ୍ଷ୍ୟ କରାଯାଏ। ସେଥିମଧ୍ୟରେ ଉତ୍ତରାଖଣ୍ଡରେ ପାଳନ ହେଉଥିବା ବଟର ଫେଷ୍ଟିଭାଲ ଅନ୍ୟତମ। ଏହା ଏକ ପ୍ରକାର ହୋଲି ପର୍ବ। ହେଲେ ଏହି ପର୍ବ ମାର୍ଚ୍ଚରେ ନୁହେଁ, ବରଂ ଅଗଷ୍ଟ ମାସରେ ପଳନ କରାଯାଇଥାଏ।। ବଟର ଫେଷ୍ଟିଭାଲ ରଙ୍ଗ କିମ୍ବା ଅବିରରେ ପାଳନ ନ ହୋଇ କ୍ଷୀର, ଦହି, ଲହୁଣିରେ ଖେଳାଯାଇଥାଏ। ଉତ୍ତରକାଶୀ ଜିଲାର ଦୟାରା ଗୁଗ୍ୟାଲ ଓ ତାହାର ଆଖପାଖ କେତେଖଣ୍ଡ ଗାଁରେ ପାଳନ ହୁଏ ଏଭଳି ନିଆରା ପର୍ବ। ପର୍ବର ନିୟମ ଅନୁସାରେ ଲୋକେ ପ୍ରଥମେ ସେମାନଙ୍କର ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ପରେ ସେମାନେ ପରସ୍ପର ଉପରେ କ୍ଷୀର, ଦହି ଓ ଲହୁଣି ଆଦି ପକାଇ ହୋଲି ଖେଳନ୍ତି ଓ ଢେର ମଜା ନିଅନ୍ତି। ଏଥିପାଇଁ ସମସ୍ତେ ବିଭିନ୍ନ ପ୍ରକାର ପାତ୍ରରେ ଏସବୁ ଦୁଗ୍ଧଜାତ ଦ୍ରବ୍ୟକୁ ସାଙ୍ଗରେ ନେଇ ଖେଳିବାକୁ ଆସିଥାନ୍ତି। ତେବେ ଏଭଳି ଏକ ଉତ୍ସବକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଦେଶ ବିଦେଶରୁ ଆସିଥାନ୍ତି। ପ୍ରକୃତି ଓ ପଶୁଧନକୁ ସମ୍ମାନ ଜଣାଇ ଏକ ଧାର୍ମିକ ମାନ୍ୟତା ଅନୁସାରେ ଲୋକେ ଏଭଳି ଏକ ପର୍ବ ପାଳନ କରି ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୭୫

- କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ଦେଶର ଲୁଗାକଳଗୁଡ଼ିକ ପାଇଁ ଏକ ୧୪ ଜଣିଆ ଜାତୀୟ ଶିଳ୍ପ କମିଟି ଗଠନ କରାଯାଇଛି।
- ଆନ୍ଧ୍ର ପ୍ରଦେଶର ୱାରଙ୍ଗଲ ଜିଲା ପାରକଲ ତାଲୁକର ଗୋରଲାଭେଡଠାରେ ୧୬୦ ଖ୍ରୀଷ୍ଟାବ୍ଦର ଏକ ରୋମୀୟ ସ୍ୱର୍ଣ୍ଣ ମୁଦ୍ରା ମିଳିଛି।
- ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲାରେ ପ୍ରତିଷ୍ଠା କରାଯାଇଥିବା ଭାରତର ପ୍ରଥମ ସୀସା କାରଖାନାରେ ଉତ୍ପାଦନ ଆରମ୍ଭ ହୋଇଛି।

## ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା-ପବନ-ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲୁଟେରାଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେଉ

ମହାଶୟ,

ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ପରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣଗୁଡ଼ିକ ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, ବାଟମାରଣା, ଖଣିଜ ଓ ଅନ୍ୟାନ୍ୟ ସମସ୍ତ ପ୍ରକାରର ପ୍ରାକୃତିକ ସମ୍ପଦର ନିରନ୍ତର ଲୁଣ୍ଠନ ଇତ୍ୟାଦି। ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ଦେଶର ଦୁର୍ନୀତିଖୋର ନେତାଙ୍କ ପର୍ଯ୍ୟନ୍ତ ରାଜନୈତିକ ଓ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର ଧନସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ। ଏମାନଙ୍କ ବ୍ୟତୀତ ଦୁର୍ନୀତିଖୋର ଅମଲାଗଣ ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି କଳାଧନ ସଂଗ୍ରହରେ ଲିପ୍ତ। ଦେଶ ଓ ରାଜ୍ୟସମୂହର ଖଣିମାଫିଆ, କଣ୍ଟ୍ରାକ୍ଟର, କମ୍ପାନୀମାଲିକ ପ୍ରମୁଖ ମଧ୍ୟ ମ୍ନମାନର କାର୍ଯ୍ୟ କରି ଟଙ୍କା ଆତ୍ମସାତ କରୁଛନ୍ତି। ବିଗତ ୫୦ ବର୍ଷ ମଧ୍ୟରେ ୩୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାଧନ ଦୁର୍ନୀତିଖୋର ନେତା, ଅମଲା, ଖଣିମାଫିଆ, କଣ୍ଟ୍ରାକ୍ଟର ଓ କମ୍ପାନୀମାଲିକ ପ୍ରମୁଖଙ୍କ ଦ୍ୱାରା ଲୁଣ୍ଠନ କରାଯାଇଛି। ଏସବୁକୁ ବ୍ୟାଜାପ୍ତ କରାଯାଇ ସରକାରଙ୍କ ରାଜକୋଷରେ ଜମା କରାଗଲେ ଦେଶର ବିକାଶ ସାଧିତ ହେବା ସହିତ ଦାରିଦ୍ର୍ୟ ଦୂରକରାଯାଇ ପାରିବ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସମ୍ବିତ୍



@ ସୁନନ୍ଦା



@ ଚନ୍ଦନ



@ ଚିନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ ଦିନର ପଦଯାତ୍ରା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଚାଷୀ

**ବରୁଣା ପାକ୍ସରେ ଟଙ୍କା ହଡ଼ପ ପ୍ରସଙ୍ଗ**

- ଆମରଣ ଅନଶନ ୧୪ ଦିନରେ ପହଞ୍ଚିଲା
- ଆଳି ନିର୍ବାଚନମଣ୍ଡଳୀର ୩୫ଟି ପାକ୍ସର ସିଏଜି ତଦନ୍ତ ଦାବି
- ବରୁଣା ପାକ୍ସ ସମ୍ପାଦକଙ୍କ ନିଲମ୍ବନ ଦାବି ତେଜିଲା



ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାଜକନିକା,୨୩।୯(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା କୃଷି ସମବାୟ ସମିତି (ପାକ୍ସ) ଚାଷୀଙ୍କ ଋଣ ଓ ସହାୟତା ଟଙ୍କା ହଡ଼ପ ନେଇ ଆମରଣ ଅନଶନ ସୋମବାର ୧୪ ଦିନରେ ପହଞ୍ଚିଛି। ରାଜକନିକାରୁ ଚାଷୀମାନେ ପଦଯାତ୍ରାରେ ୧୫୦ କିମି ଦୂରତାକୁ ୬ ଦିନରେ ଅତିକ୍ରମ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋମବାର ଭେଟି ଏ ସମ୍ପର୍କରେ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ବରୁଣା ପାକ୍ସର ସମ୍ପାଦକ ଓ ପୂର୍ବତନ ଶାଖା ପରିଚାଳକ ମିଳିତ ଭାବେ ୧୩ ଜଣ ଚାଷୀଙ୍କ ଟଙ୍କା ହଡ଼ପ କରିଥିବା ରାଜକନିକା ଥାନାରେ ଏତଲା ହୋଇଥିଲା। ହେଲେ ଚାଷୀଙ୍କୁ ନ୍ୟାୟ ନ ମିଳିବାରୁ ଏହାର ପ୍ରତିବାଦରେ ସମ୍ପାଦକଙ୍କ ନିଲମ୍ବନ ଦାବିରେ ପେଗରପଡ଼ା ସମିତିସଭ୍ୟ ପ୍ରବେଶନ ମଲିକ ୧୪ଦିନ ହେବ ଆମରଣ ଅନଶନରେ ଅହୋରାତ୍ର ବସିଛନ୍ତି। ଅନଶନରୁ ଉଠାଇବାକୁ ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ନେତୃତ୍ୱ ମଧ୍ୟ ବହୁ କଳ ବଳ କୌଶଳ ପ୍ରୟୋଗ କରି ନିରାଶ ହୋଇଥିବା ଜଣାପଡ଼ିଛି। ଅନଶନର ପ୍ରଥମଦିନରୁ ତଦନ୍ତ ଆଳରେ ଦିନ ଗଡ଼ାଇ ଚାଲିବା ମଝିରେ ତଦନ୍ତକାରୀ ଅଧିକାରୀ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସିଇଓ ଆସି ଆମେ ସମ୍ପୃକ୍ତ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଦେବୁ କହି ବିଫଳ ହୋଇଛନ୍ତି। ସମବାୟ ବିଭାଗର ଏତେ ବଡ଼ ଦୁର୍ନୀତି ଘୋଡାଇବାକୁ ପୂରା ବ୍ୟବସ୍ଥା ତତ୍ପର ହୋଇଉଠିଛି। ନିଷ୍ପତ୍ତି ଓ ନିର୍ଦ୍ଦେଶକୁ ଫୁ କରି ସମବାୟ ବିଭାଗର ଜିଲାସ୍ତରର ଅଧିକାରୀ ପାକ୍ସ ସମ୍ପାଦକଙ୍କୁ ସୁରକ୍ଷା ଦେବାକୁ ସବୁମତେ ଉଦ୍ୟମ କରିବାରୁ ଶୋଷଣର ଶିକାର ଚାଷୀ ଏଠାରୁ ନ୍ୟାୟ ପାଇବାର ଆଶା ହରାଇଥିଲେ। ଫଳରେ ପ୍ରକୃତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ କାନ୍ଧରେ ଲଙ୍ଗଳ କାନ୍ଧେଇ ୬ ଦିନ ହେବ ପାଦରେ ଚାଲି ଚାଲି ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନିଜ ଜମିରେ ଚାଷ କରିବାକୁ ସରକାର ଭରସା ଦେଇ ଚାଷୀ ନାଁରେ ଋଣ ଯୋଗାଇଥିବା ବେଳେ, ପାକ୍ସର ସମ୍ପାଦକ ଏହି ଅର୍ଥକୁ ଠକି ହଡ଼ପ କରିବାର ଧାରାରେ ଏତେ ବଡ଼ ଚାଷୀ ଆନ୍ଦୋଳନ ସାରା ରାଜ୍ୟରେ ସମବାୟ ବ୍ୟବସ୍ଥାର ଭିତିରିକଥାକୁ ପଦାରେ ପକାଇଛି। ସମବାୟ ଦୁର୍ନୀତି ବିରୋଧୀ ଏହି ଅଭିଯାନକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାବା ପରେ ସାରା କନିକାରେ ଏଭଳି ନିଆରା ଉଦ୍ୟମ ପାଇଁ ଉଭୟ ଅନଶନକାରୀ ଓ ପଦଯାତ୍ରୀଙ୍କୁ ଚାଷୀମାନେ ସାଧୁବାଦ ଜଣାଇଛନ୍ତି।

# ଜାତୀୟସ୍ତରରେ ୫ ସ୍ଥାନରେ ରହିଲେ ଓଡ଼ିଶାର ସୌମ୍ୟ ରଞ୍ଜନ

ଜଗତ୍‌ସିଂହପୁର,୨୩।୯ (ପ୍ରମୋଦ କୁମାର ନାୟକ)




ଅତିଥିମାନେ ସୌମ୍ୟ ରଞ୍ଜନ ସାହୁଙ୍କୁ ପୁରସ୍କୃତ କରୁଛନ୍ତି।

- ଇନ୍‌ସ୍ପାୟାର ଆୱାର୍ଡ ମାନକ-ର ଜାତୀୟସ୍ତର ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା
- ଛାତ୍ରୀଛାତ୍ରଙ୍କ ପାଇଁ ଏକ୍ସରସାଇଜ୍ ଡେସ୍କ ପ୍ରସ୍ତୁତ କରିଥିଲେ

ଜାତୀୟସ୍ତର ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା 'ଇନ୍‌ସ୍ପାୟାର ଆୱାର୍ଡ ମାନକ-ର' ରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ମଝିକୋରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ସୌମ୍ୟ ରଞ୍ଜନ ସାହୁ ଦେଶର ୩୦ ଜଣ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ୫ମ ସ୍ଥାନରେ ରହିଛନ୍ତି। ପାଠପଢ଼ା ଭିତରେ କିପରି ଛାତ୍ରୀଛାତ୍ରମାନେ ନିଜ ସ୍ୱାସ୍ଥ୍ୟ ରକ୍ଷା କରିପାରିବେ ତା'ଉପରେ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରସ୍ତୁତ କରି ସେ ଏହି ସଫଳତା ହାସଲ କରିଛନ୍ତି। ଏଥିଯୋଗୁ ସେ କେବଳ ଜଗତ୍‌ସିଂହପୁର ନୁହେଁ, ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ବିଜ୍ଞାନ ପରିଦର୍ଶକ (ଡିଏସ୍‌ଏସ୍) ଜୀବନ କୁମାର ସାହୁ କହିଛନ୍ତି, ସେପ୍ଟେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ପ୍ରଦର୍ଶନୀ ଓ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ମୋଟ ୨୫ ଜଣଙ୍କ ସମେତ ଅନ୍ୟ ରାଜ୍ୟରୁ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। କିନ୍ତୁ ସୌଭାଗ୍ୟର କଥା ହେଲା ଓଡ଼ିଶାରୁ କେବଳ ସୌମ୍ୟ ରଞ୍ଜନଙ୍କ ପ୍ରକଳ୍ପ ଜାତୀୟସ୍ତରରେ ଚୟନ ହୋଇଥିଲା। ସୌମ୍ୟ ରଞ୍ଜନଙ୍କ ପ୍ରକଳ୍ପର ନାଁ ଥିଲା ଏକ୍ସରସାଇଜ ଡେସ୍କ ଫର ସ୍କୁଲ ଚିଲ୍ଡ୍ରେନ୍। ଛାତ୍ରୀଛାତ୍ରମାନେ ନିଜ ଚେୟାରରେ ବସି ଏହି ଏକ୍ସରସାଇଜ୍ (ବ୍ୟାୟାମ) କରି ତାର ଫାଇଦା ପାଇପାରିବେ। ଚେୟାର ପଛ ପଟରେ ଏକ ଷ୍ଟାଣ୍ଡ ମୁଣ୍ଡ ଉପର ପର୍ଯ୍ୟନ୍ତ ଲମ୍ବିଥିବ। ଧରିବା ପାଇଁ ୨ଟି ମୁଠା ଥିବ ଏବଂ ଏଥିରେ ସ୍ପ୍ରିଙ୍ଗ ଲାଗିଥିବ। ଯେତେବେଳେ ଅଣ୍ଟା, ପିଠି ଘୋଳିହେବ କିମ୍ବା ମାନ୍ଦା ଲାଗିବ ସେତେବେଳେ ଚେୟାରରେ ବସି ଦୁଇ ହାତରେ ମୁଠାକୁ ଧରି ଷ୍ଟ୍ରେଚ୍ କଲେ ବ୍ୟାୟାମ ହୋଇଯିବ। ସେହିପରି ଗୋଡ଼ ତଳେ ପ୍ୟାଡେଲିଂ ସୁବିଧା ଥିବ। ଯେତେବେଳେ ଇଚ୍ଛା ହେବ ସେତେବେଳେ ପ୍ୟାଡଲିଂ କରି ନିଜ ମାନ୍ଦାପଣ କିମ୍ବା କ୍ଳାନ୍ତ ଦୂର କରିହେବ। ସୌମ୍ୟ ରଞ୍ଜନଙ୍କ ଏହି ପ୍ରକଳ୍ପ ସାମ୍ପ୍ରତିକ ସମୟରେ ବହୁତ ଉପାଦେୟ ହୋଇଥିବାରୁ ଜୁରୀ ମେମ୍ବରମାନଙ୍କୁ ଆକର୍ଷିତ କରିଥିଲା। ଏହାପରେ ତାଙ୍କୁ ଚୟନ କରାଯାଇଥିଲା। ଶେଷରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ ମନ୍ତ୍ରୀ (ସ୍ୱାଧୀନ) ଡ. ଜିତେନ୍ଦ୍ର ସିଂହ ସୌମ୍ୟ ରଞ୍ଜନଙ୍କ ସମେତ ଅନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ଛାତ୍ରୀଛାତ୍ରମାନଙ୍କ ପ୍ରକଳ୍ପଗୁଡିକ ପାଟେଣ୍ଟ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହାଛଡ଼ା କୃତୀ ପିଲାମାନଙ୍କୁ ୧୬ ବର୍ଷ ହେଲାପରେ ସେମାନଙ୍କୁ ଜାପାନ ଏକ୍ସପୋଜର ଭିଜିଟ୍ ପାଇଁ ସୁଯୋଗ ଥିବା କୁହାଯାଇଥିଲା। ତେବେ ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ ପ୍ରାଥମିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନାୟକ। ଅନ୍ୟ ଜିଲାର ଏକାଧିକ ଶିକ୍ଷକ ମଧ୍ୟ ପିଲାମାନଙ୍କ ସହ ଦିଲ୍ଲୀ ଯାଇଥିଲେ। ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ଜ୍ଞାନ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଇନୋଭେସନ ଫାଉଣ୍ଡେଶନ୍ (ଏନ୍‌ଆଇଏଫ୍) ପକ୍ଷରୁ ଓଡ଼ିଶାର ବିଭିନ୍ନ ଜିଲାର ୨୫ଟି ପ୍ରକଳ୍ପ ଚୟନ କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକ ଇନ୍‌ସ୍ପାୟାର ଆୱାର୍ଡ ମାନକ-ର ଜାତୀୟସ୍ତର ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତାରେ ସ୍ଥାନ ପାଇଥିଲା।

## ବଜ୍ରପାତରେ ଛାତ ଫାଟିଲା, ନଡିଆ ଗଛ ପୋଡିଗଲା

ଧର୍ମଶାଳା,୨୩।୯(ବଟକୃଷ୍ଣ ପରିଡା)

ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତ୍ତରଶାସନ (ଖ) ଗ୍ରାମରେ ବଜ୍ରପାତ ଯୋଗୁ ଏକ କୋଠାଘର ଛାତ ଫାଟିଯିବା ସହ ଏ ନଡିଆ ଗଛ ପୋଡି ଯାଇଛି । ସୋମବାର ଅପରାହ୍ନ ୨ଟା ସମୟରେ ଧର୍ମଶାଳା ଅଞ୍ଚଳରେ ବଜ୍ରପାତ ସହ ବର୍ଷା ହୋଇଥିଲା । ତେବେ ବଜ୍ରପାତ ଘଟି ଉତ୍ତରଶାସନ (ଖ) ଗ୍ରାମର ରାଜମିସ୍ତ୍ରୀ ଅଶୋକ ବେହେରାଙ୍କ ଘର ଝରକା ଭାଙ୍ଗିଯିବା ସହ ଛାତ ଫାଟିଯାଇଛି। ଏଥିସହ ତାଙ୍କ ଘରର ବିଦ୍ୟୁତ ତାର ସମେତ ବିଦ୍ୟୁତ୍ ଚାଳିତ ସାମଗ୍ରୀ ପୋଡ଼ିଯାଇଛି । ସୌଭାଗ୍ୟକୁ ସେହି ସମୟରେ ଘରେ କେହି ନ ଥିବା ଯୋଗୁ କାହାର କିଛି କ୍ଷତି ଘଟିନାହିଁ । ସେହିପରି ଏହିଗ୍ରାମର ଜାନକୀବଲ୍ଲଭ ବେହେରାଙ୍କ ବାଡିରେ ଥିବା ନଡିଆ ଗଛରେ ବଜ୍ରପାତ ହେବା ଯୋଗୁ ଗଛଟି ପୋଡିଯାଇଛି ।


**Tender Notice**

**BAIF Institute for Sustainable Livelihoods and Development**
Invites sealed quotations from reputed vendors for supply, installation & testing of "Fertilizers, Pesticide, Insecticide and Fungicide" in Korba Block, Korba district, Chhattisgarh. Refer www.baif.org.in & www.baifodisha.org for details.
**Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530**


# ମଦ ବାର୍ ବନ୍ଦ ଦାବିରେ ମହିଳାଙ୍କ ଘେରାଉ



ମହିଳାମାନେ ମଦ ବାର୍‌କୁ ଘେରାଉ କରିଛନ୍ତି।

ଯାଜପୁର,୨୩।୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ସୟଦପୁର ଏବଂ ମଇଁଦା ମଝି ରାସ୍ତାରେ ଅବସ୍ଥିତ ମଦ ବାର କର୍ମଚାରୀମାନେ ଯୁବକଙ୍କୁ ମାଡ ମରିବା ପ୍ରତିବାଦରେ ସୋମବାର ମହିଳାମାନେ ଘେରାଉ କରି ହୋହାଲ୍ଲା କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ ଜଣେ ଯୁବକଙ୍କୁ ବାର କର୍ମଚାରୀମାନେ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ସେହିଦିନ ଗାଁର ମହିଳାମାନେ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିଥିଲା। ହେଲେ ଘଟଣାର ୨ ଦିନ ପରେ ବି କୌଣସି ସମାଧାନ ନ ହେବାରୁ ମହିଳାମାନେ ପୁଣି ମଦବାର ଘେରାଓ କରିଥିଲେ। ବିଞ୍ଝାରପୁର ଥାନା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ବି ହୋହାଲ୍ଲା କମି ନ ଥିଲା । ମହିଳାମାନଙ୍କ କହିବା କଥା ହେଲା ଆମ ଗାଁ ଯୁବକକୁ ମଦ ବାର କର୍ମଚାରୀ ମାଡ ମାରି ଫିଙ୍ଗି ଦେଇଥିଲେ। ଯୁବକ ସୁସ୍ଥ ହୋଇ ନାହାନ୍ତି କି ଘଟଣାର ସମାଧାନ ହୋଇନାହିଁ। କିପରି ପୁଣି ଆଜି ମଦବାର ଖୋଲା ଗଲା। ଅନ୍ୟପକ୍ଷରେ ମହିଳାମାନେ ଥାନା ଅଧିକାରୀଙ୍କୁ ଅଭିଯୋଗ ଆଣିଛନ୍ତି ଯେ, ସବୁ ଦିନ ପାଇଁ ଏହି ମଦ ବାର ବନ୍ଦ କରାଯାଉ। ପ୍ରତି ଉତ୍ତରରେ ଥାନା ଅଧିକାରୀ ବାମଦେବ ନନ୍ଦ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି କହି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ମହିଳାମାନେ ଘଟଣାସ୍ଥଳରୁ ଘରକୁ ଫେରିଥିଲେ। ତେବେ ମହିଳାମାନଙ୍କ ଅଭିଯୋଗ ଅନୁସାରେ ମଦ ବାର ଥିବା ଏହି ରାସ୍ତା ଦେଇ ୨ଟି କଲେଜକୁ ଛାତ୍ରୀଛାତ୍ରମାନେ ଯାତାୟତ କରୁଛି । ମଦ ବାର ଠାରୁ କଲେଜର ଦୂରତା ବହୁତ କମ ରହିଛି । ଝିଅପିଲାମାନେ କଲେଜ ଗଲା ବେଳେ ମଦ୍ୟପ ଯୁବକମାନେ ତାଙ୍କୁ ରାସ୍ତାରେ ଚଲାଇ ଦେଉନାହାନ୍ତି । ମଦ ବାର ମାଲିକ ନିର୍ମାଣ କରିଥିବା ବାଉଣ୍ଡରି ୱାଲ ମଧ୍ୟ ଦୁର୍ଘଟଣାର କାରଣ ସାଜୁଛି । ଗାଁଠାରୁ କମ ଦୂରରେ ମଦ ଦୋକାନ ଖୋଲିବା ହେତୁ ପୁରୁଷମାନେ ଯାହା ଖଟିକି ଆଣୁଛନ୍ତି ମଦ ବାରରେ ମଦ ପିଇ ଘରକୁ ଯାଇ ମହିଳାମାନଙ୍କୁ ମାଡ ମାରୁଛନ୍ତି। ଏଣୁ ଏହି ମଦ ବାର ଯଦି ସମ୍ପୂର୍ଣ୍ଣ ବନ୍ଦ କରା ନ ଯାଏ ଆଗକୁ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି କଏଁଣା ଓ ରଘୁନାଥପୁର ଗ୍ରାମବାସୀଙ୍କ ପକ୍ଷରୁ ମଦ ଦୋକାନ ଉଚ୍ଛେଦ ପାଇଁ ମଧ୍ୟ ନିବେଦନ କରାଯାଇଛି।


**Government of Odisha "e" Procurement Notice**
**WORKS DEPARTMENT**
**Bid Identification No. CCEKC - 15/2024-25**
NO.B-328
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. : 4378 dt. : 20.09.2024

| | | | |
|---|---|---|---|
| 1 | No. of the work | : | 3 number Road & Bridge Works |
| 2 | Estimated cost | : | Rs. 259.99 Lakhs to Rs. 614.43 Lakhs |
| 3 | Class of Contractor | : | "B", "A" & "Special" Class |
| 4 | Period of completion | : | 06 (Six) Calendar Months to 10 (Ten) Calendar Months |
| 5 | Date and Time of availability of Bid document in the portal | : | From 11.30 hours of 30.09.2024 to 16.00 hours of 14.10.2024 |
| 6 | Last date / Time for receipt of bids in the portal | : | 16.00 hours of 14.10.2024 |
| 7 | Date of opening of Bid from Portal | : | 11.30 hours on 15.10.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0030/2425



**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ନୋଟିସ ନଂ. ଏସ୍‌ଇଆର୍-ସିଓଏନ୍-ଡିଓ୍ୱାଇ-ସିଇ-ସି-ଜେଏସ୍‌ଜି-୦୨-୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍), ଦ.ପୂ. ରେଳପଥ, ଝାରସୁଗୁଡ଼ା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ନିମ୍ନଲିଖିତ ଟେଣ୍ଡର ଓ୍ୱେବ୍‌ସାଇଟ୍ **www.ireps.gov.in** ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଣ୍ଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ଡେପୁଟି ସିଇ/ସିଓଏନ/ଜେଏସ୍‌ଜିଙ୍କ କ୍ଷେତ୍ରାଧିକାର ଅଧୀନରେ କାଳୁଙ୍ଗା-ରାଉରକେଲା ସେକ୍ସନ ମଧ୍ୟରେ ଆର୍‌ଓବି ନଂ. ୨୦୯ (ସ୍ପାନ୍-୧x୧୮.୦ ମି. ସିଜି.) ଏବଂ ଆର୍‌ଓବି ନଂ. ୨୧୪ (ସ୍ପାନ୍- ୨x୧୮ ମି (ସିଜି) ଏବଂ ୧x୩୬ ମି ସିଜି) ନିମନ୍ତେ କମ୍ପୋଜିଟ୍ ଗିର୍ଡରଗୁଡ଼ିକର ଯୋଗାଣ, ଫାବ୍ରିକେଶନ୍, ଆସେମ୍ବ୍ଲିଂ ଏବଂ ଲଞ୍ଚିଂ, ପିଓଟି-ପିଟିଏଫ୍‌ଇ ବିୟରିଂଗୁଡ଼ିକର ଯୋଗାଣ ଏବଂ ଫିକ୍ସିଂ, ଗିର୍ଡର କମ୍ପୋନେଣ୍ଟଗୁଡ଼ିକର ମେଟାଲାଇଜିଂ, ପେଣ୍ଟିଂ, ଡେକ୍ ସ୍ଲାବ୍‌ଗୁଡ଼ିକର ନିର୍ମାଣ, ବିଆର୍‌ସି ସୁରକ୍ଷା ସ୍କ୍ରିନ୍‌ର ଯୋଗାଣ ଓ ଫିକ୍ସିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ସମେତ ଅବଶିଷ୍ଟ ସୁପରଷ୍ଟ୍ରକ୍ଚର୍ କାର୍ଯ୍ୟର ନିର୍ବାହ କରିବା। **ଆନୁମାନିକ ମୂଲ୍ୟ:** ₹୯,୪୯,୨୫,୭୩୫.୬୮, **ବିଡ୍ ଅମାନତ:** ₹୬,୨୪,୬୦୦/-। **ସମାପ୍ତି ଅବଧି:** ୧୨ ମାସ। **ବନ୍ଦ ହେବା ତାରିଖ:** ୧୫।୧୦।୨୦୨୪। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍‌ଗୁଡ଼ିକୁ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ଓ୍ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।"
(PR-635)



**GOVERNMENT OF ODISHA** No.A-319
**e-Procurement Notice Online Tender**
**Bid Identification No. SEMIDBNJ-03/2024-25**

| | | |
|---|---|---|
| Name of work | : | Civil Construction Works |
| No. of work | : | 3 Nos. |
| Estimated cost | : | Rs. 75.55 Lakh to 96.80 Lakh |
| Period of Completion | : | 11 (Eleven) Calendar Months |
| Date & Time of availability of Bid Documents in the portal | : | From : 30.09.2024 to 09.10.2024 up to 17.30 hours |
| Date for opening of Technical Bid | : | 14.10.2024 at 11.00 A.M. |
| Name & Address of the OIT | : | Superintending Engineer, Minor Irrigation Division, Bhanjanagar |

Further Details & Corrigendum if any can be seen from the website : www.tendersodisha.gov.in

Sd./- Superintending Engineer
M.I. Division, Bhanjanagar
OIPR-32287/11/0005/2425



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, पाकुड़**

**ई– अति अल्पकालीन पुनर्निविदा आमंत्रण सूचना**

ई0–अतिअल्पकालीन पुनर्निविदा संख्या :– 05/RI/ 2024-25/RWD/EE/ PAKUR दिनांक–23.09.2024
कार्य का विवरण– मुख्यमंत्री ग्राम सड़क योजना अन्तर्गत
कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| कसं | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि / अवधि | टेंडर कॉल |
|---|---|---|---|---|---|---|
| 1 | RWD/ PAKUR/ 19/ 2024-25 | आसनबनी से बड़ा खम्भी चुरूका पहाड़ होते हुए तालझारी तक पथ निर्माण कार्य (लं0–3.150 कि0मी0, प्रखंड–लिट्टीपाड़ा) | 3,24,51,200.00 | तीन करोड चौबीस लाख एकावन हजार दो सौ मात्र | 15 माह | द्वितीय |

1. बेवसाईट में निविदा प्रकाशन की तिथि : 27.09.2024
2. ई– निविदा प्राप्ति की अंतिम तिथि एवं समय :– 05.10.2024 अपराहन् 5:00 बजे।
3. निविदा खोलने की तिथि एवं समय: 07.10.2024 अपराहन् 3:30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़।

**विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।**

कार्यपालक अभियंता
ग्रामीण कार्य विभाग, कार्य प्रमंडल,
पाकुड
PR 336639 (Rural Work Department) 24-25 (D)



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 86 of 2024**

**UCO Bank, Bhanjanagar Branch, At: Khalasi Street, High Court Square, Old LIC Building, Bhanjanagar, Dist.: Ganjam, Represented by its Chief Manager ...Applicant**
**-And-**
**M/s. HMH Products & another ...Defendants**
**To**
1. **M/s. HMH Products,** At: R.C. Road, Bhanjanagar, Dist.: Ganjam-761126, **Represented through its Proprietress Mrs. Minati Kumari Bisoyi.**
2. **Mrs. Minati Kumari Bisoyi,** W/o.: Late Hiten Swain, At: Bankasala, 1st Lane, Bhejiput, P.S.: Bhanjanagar, Dist.: Ganjam-761126.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 86 of 2024** in the Court of Debts Recovery Tribunal, Orissa, at Cuttack for recovery of **Rs.27,68,438.13** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Oct 2024** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **23rd day of Aug 2024.**

**Sd/- Registrar**
**Debts Recovery Tribunal**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମ୍ବିତ୍



@ ସୁନନ୍ଦା



@ ଚନ୍ଦନ



@ ଚିନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୋ ଜଙ୍ଗଲ ଜମି ଯୋଜନାର ରହୁନି ସ୍ୱଚ୍ଛତା

- ଗ୍ରାମସଭା, ଜଙ୍ଗଲ ଅଧିକାର କମିଟିର କ୍ଷମତା ସଙ୍କୁଚିତ
- ଜଙ୍ଗଲ ଅଧିକାର କମିଟିର ଗଠନ ଓ ପୁନର୍ଗଠନ ଠିକ୍‌ରେ କରାଯାଉନି
- ଜଙ୍ଗଲ ଅଧିକାର ଆଇନ ତ୍ରୁଟି ସୁଧାରିବାକୁ ନିବେଦନ

ନୟାଗଡ଼,୨୩।୯(ଲୋକନାଥ ମିଶ୍ର)

ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ କରିବାରେ ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ଜଙ୍ଗଲ ଅଧିକାରୀ ଓ ରାଜସ୍ୱ ଅଧିକାରୀଙ୍କ ଅଣଦେଖା ଯୋଗୁ ନୟାଗଡ଼ ଜିଲାରେ ମୋ ଜଙ୍ଗଲ ଜମି ଯୋଜନା ବାଟବଣା ହୋଇ ଚାଲିଥିବା ଅଭିଯୋଗ ହୋଇ ଆସୁଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧନ ନିୟମାବଳୀ ୨୦୧୨କାର୍ଯ୍ୟକାରୀ ହେଉଥିଲେ ହେଁ ନୟାଗଡ଼ ଜିଲାର ବନବାସୀ ଗ୍ରାମସଭାରେ ସେମାନଙ୍କର ଜଙ୍ଗଲ ପାଇଁ ଥିବା ସୁବିଧା ଅସୁବିଧାକୁ ଉପସ୍ଥାପନ କରି ପାରୁନାହାନ୍ତି। ମୋ ଜଙ୍ଗଲ ଜମି ଯୋଜନାକୁ କାର୍ଯ୍ୟକାରୀ କରିବାବେଳେ ଠିକ୍ ଭାବରେ ଗ୍ରାମସଭାର ଆୟୋଜନ ହେଉନାହିଁ। ଗ୍ରାମସଭାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଥିବାରୁ ଜଙ୍ଗଲ ଅଧିକାର କମିଟିଗୁଡ଼ିକର ଗଠନ ବା ପୁନର୍ଗଠନ ଠିକ୍ ଭାବେ କରାଯାଉନାହିଁ। ଗ୍ରାମର କେତେଜଣ ହାତଗଣତି ଲୋକଙ୍କ ଉପସ୍ଥିତିରେ କମିଟି ଗଠନ କରାଯାଉଥିବାରୁ ଅନେକ ଜଙ୍ଗଲ ଅଧିକାର ଆଇନ ନେଇ ଅନଭିଜ୍ଞ ରହୁଛନ୍ତି। ଏଣୁ ସରକାରୀ ଯୋଜନା ବନବାସୀଙ୍କ ପାଇଁ ସାତସପନ ହୋଇ ଚାଲିଛି।

ସେହିଭଳି ଜଙ୍ଗଲ ଜମି ପଟ୍ଟା ମିଳିବାରେ ବିଳମ୍ବ, ଯୁଗ୍ମ ତଦନ୍ତରେ ବନ ବିଭାଗର ଅସହଯୋଗ, ଉପଖଣ୍ଡସ୍ତରୀୟ କମିଟିରେ ଫାଇଲ ପଡ଼ି ରହିବା, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପଟ୍ଟା ମିଳିଥିଲେ ମଧ୍ୟ ଜମି ଚିହ୍ନଟରେ ଅଣଦେଖା, ଜିଲାସ୍ତରୀୟ କମିଟିରେ ମଞ୍ଜୁର ପରେ ବି ଜଙ୍ଗଲ ଜମି ପଟ୍ଟା ହିତାଧିକାରୀ ପାଉ ନ ଥିବା ଅନୁରୂପ ଅଭିଯୋଗ ହୋଇ ଆସୁଛି। ଏ ନେଇ ସାମାଜିକ କର୍ମୀ ବିଶ୍ୱନାଥ ମହାପାତ୍ର କହିଛନ୍ତି, ବନବାସୀଙ୍କର ଦାବି, ଆହ୍ୱାନ, ଗୋଷ୍ଠୀ ଜଙ୍ଗଲ ସମ୍ବଳର ଆକଳନ, ଯୁଗ୍ମ ବୈଠକ, ସୀମା ଚିହ୍ନଟ, ମାନଚିତ୍ର/ ନକ୍ସା ପ୍ରସ୍ତୁତି, ଫର୍ମ ପୂରଣ, ମିଳିତ ସରଜମିନ ତଦନ୍ତ ସମୟରେ ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟିକୁ ସମ୍ପୃକ୍ତ କରାଯାଉନାହିଁ। ଅନେକ ସମୟରେ ଜଙ୍ଗଲ ଅଧିକାର କମିଟିକୁ ଭୁଲ୍ ପରାମର୍ଶ ଦିଆଯାଉଛି । ସେହିଭଳି ମୋ ଜଙ୍ଗଲ ଜମି ଯୋଜନା ଦ୍ୱାରା ନିୟୋଜିତ ଗୋଷ୍ଠୀ ସ୍ୱେଚ୍ଛାସେବୀ, ସଂଯୋଜକ, ବେସରକାରୀ ସଂସ୍ଥା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟକୁ ସମ୍ପାଦନ କରାଯାଉଛି, ଯାହା ଜଙ୍ଗଲ ଅଧିକାର ଆଇନର ଉଲ୍ଲଂଘନ କରୁଥିଲେ ମଧ୍ୟ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ। ଜଙ୍ଗଲ ଅଧିକାର ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ ନ କରି ମୋ ଜଙ୍ଗଲ ଜମି ଯୋଜନା ନାମରେ ଆଇନ ପ୍ରାବଧାନକୁ କଦର୍ଯ୍ୟ କରାଯାଉଛି। ଏହା ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କୁ କ୍ଷତି ପହଞ୍ଚାଉଛି। ବଙ୍କତଳା ଜଙ୍ଗଲ ଅଧିକାର କମିଟି ସଭାପତି ଲକ୍ଷ୍ମୀଧର ମୁଦୁଲି, ଟାକେରା ଜଙ୍ଗଲ ଅଧିକାର କମିଟି ସଭାପତି ସୁବାସ ଜାନି, ତିଳାବାଡ଼ି ଜଙ୍ଗଲ ଅଧିକାର କମିଟି ସଭାପତି ଶରତ ମାଝି କୁହନ୍ତି, ଜଙ୍ଗଲ ଅଧିକାର ଆଇନ ଏକ ଐତିହାସିକ ପଦକ୍ଷେପ। ବନବାସୀଙ୍କର ବହୁଦିନର ଦାବି ପୂରଣ ହୋଇଛି। ତେବେ ଆଇନର ଫାଙ୍କ ଯୋଗୁ ବନବାସୀ ସୁଫଳ ପାଉନାହାନ୍ତି। ଏଣୁ ଜଙ୍ଗଲ ଅଧିକାର ଆଇନର ମୌଳିକତାକୁ ଅକ୍ଷୁଣ୍ଣ ରଖି ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ। ପାରମ୍ପରିକ ଜଙ୍ଗଲବାସୀଙ୍କ ଭୋଗ ଦଖଲରେ ଥିବା ଜଙ୍ଗଲ ଜମି ଉପରେ ଆଇନ ଅନୁସାରେ ବ୍ୟକ୍ତିଗତ ଅଧିକାର ପ୍ରଦାନ କରାଯାଉ। ସରକାରୀ ଜମିରୁ ଉଚ୍ଛେଦ ଆଦେଶ ପ୍ରତ୍ୟାହାର କରାଯାଉ। ଭୂ ବନ୍ଦୋବସ୍ତ ଆଇନ ଅନୁସାରେ ଭୂମିହୀନ ପରିବାରକୁ ବାସ ଓ ଚାଷ ପାଇଁ ଜମି ପ୍ରଦାନ କରାଯାଉ। ଭୂମିହୀନ ପରିବାରକୁ ଘର କରିବା ପାଇଁ ଦିଆଯାଉଥିବା ୪ ଡିସିମିଲ ଜମି ପରିବର୍ତ୍ତେ ୧୦ ଡିସିମିଲ ଜମି ଓ ଚାଷ କରିବା ପାଇଁ ୨.୫ ଏକର ଜମି ପ୍ରଦାନ କରାଯାଉ। ସେହିଭଳି ସ୍ୱାଧୀନତାର ୭୭ ବର୍ଷ ପରେ ବନବାସୀମାନେ ସର୍ବନିମ୍ନ ସୁବିଧା ପାଇପାରୁନାହାନ୍ତି। ବନବାସୀଙ୍କୁ ଜୀବନଜୀବିକା, ସୁରକ୍ଷା, ମୌଳିକ ସେବା ତୁରନ୍ତ ଯୋଗାଇଦେବାର ବ୍ୟବସ୍ଥା କରାଯାଉ ବୋଲି ସେମାନେ କହିଛନ୍ତି।




ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

- ଜଙ୍ଗଲ ଅଧିକାର ଆଇନ ଉଲ୍ଲଂଘନକୁ ରୋକିବାକୁ ନିବେଦନ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲେ ବନବାସୀ

ନୟାଗଡ଼,୨୩।୯(ଲୋକନାଥ ମିଶ୍ର)

ଜଙ୍ଗଲ ଅଧିକାର ଆଇନର ଉଲ୍ଲଂଘନକୁ ରୋକିବା ଓ ଠିକ୍ ଭାବେ କାର୍ଯ୍ୟକାରୀ ପାଇଁ ପାରମ୍ପରିକ ଭାବେ ଭୋଗ ଦଖଲ କରି ଆସୁଥିବା ଅନୁସୂଚିତ ଜାତି, ପାରମ୍ପରିକ ବନବାସୀମାନେ ସୋମବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏପରିକି ନୟାଗଡ଼ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବନବାସୀଙ୍କ ଅଭିଯୋଗ ଅନୁସାରେ, ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧନ ନିୟମାବଳୀ ୨୦୧୨ କାର୍ଯ୍ୟକାରୀ ହେଉଥିଲେ ହେଁ ଜଙ୍ଗଲ ଅଧିକାର ଆଇନ ମୂଳ ଲକ୍ଷ୍ୟରୁ ଦୂରେଇ ଚାଲିଛି। ବନବାସୀଙ୍କ ସମସ୍ୟା, ଦାବି ଗ୍ରାମସଭାରେ ସ୍ଥାନିତ ହୋଇପାରୁନି। ଜଙ୍ଗଲ ଅଧିକାର ଆଇନର ସୁଫଳ ବନବାସୀ ନେଇ ପାରୁନାହାନ୍ତି। ଏଭଳିସ୍ଥଳେ ୧୧ଦଫା ଦାବି ନେଇ ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ, ଦଶପଲ୍ଲା କନ୍ଧ କୁଇ ସମାଜ, ମୂଳ ନିବାସୀ ହିତାଧିକାରୀ ସଙ୍ଗଠନ କନ୍ଦଡି, ଆଦିମ ଅଧିବାସୀ ମୁକ୍ତି ମଞ୍ଚ ଗୋଛାବାରୀ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ବନବାସୀ ନେତା ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରଫୁଲ ମିଶ୍ର, ପ୍ରଫୁଲ ନାୟକ, କର୍ଣ୍ଣ ଜାନି ଓ ସମାଜିକ କର୍ମୀ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ବନବାସୀଙ୍କ ସମସ୍ୟା ଉପସ୍ଥାପନ କରିଥିଲେ।

# ଦରମା ମାଗିବାରୁ ଆକ୍ରମଣ: ୪ ଆହତ, ୨ ଅଟକ

ନୟାଗଡ,୨୩।୯(ଲୋକନାଥ ମିଶ୍ର)

ଶରଣକୁଳ ଥାନାର ସୋଲପଟା ଗାଁରେ ଛେନାପୋଡ଼ ବ୍ୟବସାୟକୁ ନେଇ ସୋମବାର ସୃଷ୍ଟ ବିବାଦରେ ଦରମା ମାଗିବାକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ହୋଇଛି। ମାଛିପଡ଼ା ଗୋପାଳସାହିର ହରି ବେହେରା, ୨ପୁଅ ଧନୁ ଓ କାହ୍ନୁଙ୍କ ଛୁରି ଏବଂ ବ୍ଲେଡ ଆକ୍ରମଣରେ ସୋଲପଟା ଗାଁର ଗଗନ ବେହେରା, ଟୁଙ୍ଗୁ ବେହେରା, ସୁବାସ ଚନ୍ଦ୍ର ବେହେରା ଓ ରବୀନ୍ଦ୍ର ବେହେରା ଆହତ ହୋଇଛନ୍ତି। ଆହତ ୪ ଜଣଙ୍କ ମଧ୍ୟରୁ ରବୀନ୍ଦ୍ର ବେହେରା ସୁସ୍ଥ ହୋଇଥିବାବେଳେ ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ଏ ଘଟଣାକୁ ନେଇ ଶରଣକୁଳ ଥାନାର ସୋଲପଟା ଓ ନୟାଗଡ଼ ସଦର ଥାନାର ମାଛିପଡ଼ା ଗାଁରେ ଉତ୍ତେଜନା ଦେଖାଦେଇଛି। ତେବେ ହର ଓ କାହ୍ନୁ ବେହେରାଙ୍କୁ ନୟାଗଡ଼ ସଦର ଥାନା ପୋଲିସ ଅଟକ ରଖି ତଦନ୍ତ କରୁଛି। ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଖବରପାଇ ଶରଣକୁଳ ପୋଲିସ ଘଟଣାର ତଦନ୍ତ କରୁଛି।

**ଛେନାପୋଡ଼ ବ୍ୟବସାୟରୁ ବିବାଦ**

ମାଛିପଡ଼ା ଗୋପାଳସାହିର ଧନୁ ବେହେରା ଛେନା ପୋଡ଼ ବ୍ୟବସାୟ କରନ୍ତି। ଧନୁ ପ୍ରତ୍ୟେହ ଛେନାପୋଡ଼କୁ ଭୁବନେଶ୍ୱର ପଠାଇବା ପରେ ସୋଲପଟାର ସନାତନ ବେହେରା ଏହାକୁ ବିଭିନ୍ନ ସ୍ଥାନକୁ ପଠାନ୍ତି। ଏଥିପାଇଁ ସନାତନ ଧନୁଙ୍କଠାରୁ ଦରମା ପାଇଥାନ୍ତି। ୨ଦିନ ତଳେ ମା'ଙ୍କ ମୃତ୍ୟୁ ହୋଇଥିବାରୁ ସନାତନ ସୋଲପଟା ଆସିଥିଲେ। ଶୁଦ୍ଧିକ୍ରିୟା ପାଇଁ ବକେୟା ଦରମା ଦେବାକୁ ସନାତନ ଧନୁକୁ କହିଥିଲେ। ହେଲେ ଧନୁ ବକେୟା ନ ଦେଇ ଓଲଟା ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଧନୁ ଓ ସନାତନଙ୍କ ମଧ୍ୟରେ ହୋହଲ୍ଲା ହୋଇଥିଲା। ଧନୁ ଓ ସନାତନଙ୍କ ବିବାଦକୁ ସୋଲପଟା ଗାଁର ଗଗନ ବେହେରା, ଟୁଙ୍ଗୁ ବେହେରା, ସୁବାସ ଚନ୍ଦ୍ର ବେହେରା ଓ ରବୀନ୍ଦ୍ର ବେହେରା ସମାଧାନ କରିଥିଲେ। କିଛି ସମୟ ପରେ ମାଛିପଡ଼ା ଗୋପାଳସାହିର ହରି ବେହେରା, ୨ପୁଅ ଧନୁ ଓ କାହ୍ନୁ ସନାତନଙ୍କୁ ଆକ୍ରମଣ କରିଥିଲେ। ନିକଟରେ ଥିବା ସନାତନଙ୍କ ସମ୍ପର୍କୀୟ ସୋଲପଟା ଗାଁର ଗଗନ, ଟୁଙ୍ଗୁ, ସୁବାସ ଓ ରବୀନ୍ଦ୍ରଙ୍କୁ ମଧ୍ୟ ଛୁରି ଓ ବ୍ଲେଡରେ ଆକ୍ରମଣ କରିବାରୁ ସେମାନେ ଆହତ ହୋଇଥିଲେ। ଏ ନେଇ ଶରରକୁଳ ଥାନା ଆଇଆଇସି ଜ୍ୟୋତି ସ୍ୱାଇଁଙ୍କୁ ପଚାରିବାରେ ସୋଲପଟା ଘଟଣାର ତଦନ୍ତ ଜାରି ରହିଛି। ନୟାଗଡ଼ ସଦର ପୋଲିସ ୨ଜଣଙ୍କୁ ମାଛିପଡାରୁ ଉଠାଇ ନେଇ ଅଟକ ରଖିଛି। ଅଭିଯୋଗ ପରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

# ବଜ୍ରପାତରେ ଚାଷୀ ମୃତ

ଗଣିଆ,୨୩।୯

(ସନ୍ତୋଷ କୁମାର ପ୍ରଧାନ)

ବଜ୍ରପାତରେ ସୋମବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଣିଆ ଥାନା ପୂର୍ଣ୍ଣଚନ୍ଦ୍ରପୁର ଗାଁର ସୁରେଶ ଚନ୍ଦ୍ର ପ୍ରଧାନ (୫୨)। ବିଲକାମ ସାରି ଫେରୁଥିବା ବେଳେ ବଜ୍ରପାତରେ ତଳେ ପଡିଯାଇଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବା ବୋଲି ଆଇଆଇସି ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି। ଶ୍ରୀଧରଙ୍କ ବିୟୋଗରେ ଗାଁରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଗରିବ ଚାଷୀ ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for supply, installation & testing of "Fertilizers, Pesticide, Insecticide and Fungicide" in Korba Block, Korba district, Chhattisgarh. Refer www.baif.org.in & www.baifodisha.org for details.

**Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530**

# କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ନୟାଗଡ଼ରେ କଳାଦିବସ ପାଳନ

- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ ପ୍ରକ୍ରିୟାକୁ ଘୋର ବିରୋଧ

ନୟାଗଡ଼,୨୩।୯

(ଲୋକନାଥ ମିଶ୍ର)

ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଗୁଡ଼ିକ ସର୍ବଭାରତୀୟ ଆହ୍ୱାନକ୍ରମେ ସୋମବାର ନୟାଗଡ଼ରେ କଳାଦିବସ ପାଳନ କରାଯାଇ କେନ୍ଦ୍ର ସରକାରର ଶ୍ରମିକ ବିରୋଧୀ କାର୍ଯ୍ୟକଳାପର ତୀବ୍ର ବିରୋଧ କରାଯାଇଛି। ଏଆଇଟିୟୁସି, ଆଇଏନ୍‌ଟିୟୁସି ଓ ସିଆଇଟିୟୁର ଶତାଧିକ ସତ୍ୟାଗ୍ରହୀ ପୂର୍ତ୍ତ ଡାକବଙ୍ଗଳାଠାରୁ ପଦୁଆରରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରିଥିଲେ। ସିଆଇଟିୟୁର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶ୍ରମିକ ସଙ୍ଗଠନଗୁଡ଼ିକର ପ୍ରମୁଖ ନେତା ଅମିୟ ପଟ୍ଟନାୟକ, ସୁରେଶ ସ୍ୱାଇଁ, ଆଲୋକ ପ୍ରଧାନ, କମଳ କୁମାର ଦାସ, ପବିତ୍ର ଇନ୍ଦ୍ରଜିତ, ଭୁବନ ହାତୀ, ସଞ୍ଜୁକ୍ତା ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବକ୍ତାମାନେ ଦର୍ଶାଇଥିଲେ, କେନ୍ଦ୍ର ସରକାର ତୁରନ୍ତ ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲକରି ପୁରୁଣା ଶ୍ରମ ଆଇନକୁ ବଳବତ୍ତର ରଖିବା, ଶ୍ରମିକମାନଙ୍କୁ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପାରିଶ୍ରମିକ ଦେବା, ଠିକା ବଦଳରେ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା, ସ୍କିଲ ଶ୍ରମିକମାନଙ୍କୁ ନିଯୁକ୍ତିର ଗ୍ୟାରେଣ୍ଟି ସହ ସରକାରୀ କର୍ମଚାରୀର ମାନ୍ୟତା ଦେବା, ସର୍ବନିମ୍ନ ପେନ୍‌ସନ ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଦେବା, ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମ୍ପ୍ରସାରଣ କରିବା ଦାବି ଉପରେ ଆଲୋକପାତ କରିଥିଲେ। ପ୍ରତିବାଦ ବିକ୍ଷୋଭରେ ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ ପ୍ରକ୍ରିୟାକୁ ଘୋର ବିରୋଧ କରାଯାଇଛି। ନେତୃସ୍ଥାନୀୟ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।




କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**Government of Odisha "e" Procurement Notice**

**WORKS DEPARTMENT**

**Bid Identification No. CCEKC - 15/2024-25** NO.B-328

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. : 4378 dt. : 20.09.2024

| | | | |
|---|---|---|---|
| 1 | No. of the work | : | 3 number Road & Bridge Works |
| 2 | Estimated cost | : | Rs. 259.99 Lakhs to Rs. 614.43 Lakhs |
| 3 | Class of Contractor | : | "B", "A" & "Special" Class |
| 4 | Period of completion | : | 06 (Six) Calendar Months to 10 (Ten) Calendar Months |
| 5 | Date and Time of availability of Bid document in the portal | : | From 11.30 hours of 30.09.2024 to 16.00 hours of 14.10.2024 |
| 6 | Last date / Time for receipt of bids in the portal | : | 16.00 hours of 14.10.2024 |
| 7 | Date of opening of Bid from Portal | : | 11.30 hours on 15.10.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "http://tendersodisha.gov.in"

**Sd./- Chief Construction Engineer**
**Keonjhar (R&B) Circle, Keonjhar**

**OIPR-34033/11/0030/2425**

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ନୋଟିସ ନଂ. ଏସ୍‌ଇଆର୍-ସିଓଏନ୍-ଡିଓ୍ୱାଇ-ସିଇ-ସି-ଜେଏସ୍‌ଜି-୦୨-୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍), ଦ.ପୂ. ରେଳପଥ, ଝାରସୁଗୁଡ଼ା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ନିମ୍ନଲିଖିତ ଟେଣ୍ଡର ଓ୍ୱେବ୍‌ସାଇଟ୍ **www.ireps.gov.in** ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ଡେପୁଟି ସିଇ/ସିଓଏନ୍/ଜେଏସ୍‌ଜିଙ୍କ କ୍ଷେତ୍ରାଧିକାର ଅଧୀନରେ କାଲୁଙ୍ଗା-ରାଉରକେଲା ସେକ୍ସନ ମଧ୍ୟରେ ଆର୍‌ଓବି ନଂ. ୨୦୯ (ସ୍ପାନ୍-୧x୧୮.୦ ମି. ସିଜି.) ଏବଂ ଆର୍‌ଓବି ନଂ. ୨୧୪ (ସ୍ପାନ୍- ୨x୧୮ ମି (ସିଜି) ଏବଂ ୧x୩୬ ମି ସିଜି) ନିମନ୍ତେ କମ୍ପୋଜିଟ୍ ଗିର୍ଡରଗୁଡ଼ିକର ଯୋଗାଣ, ଫାବ୍ରିକେଶନ୍, ଆସେମ୍ବ୍ଲିଂ ଏବଂ ଲଞ୍ଚିଂ, ପିଓଟି-ପିଟିଏଫ୍‌ଇ ବିୟରିଂଗୁଡ଼ିକର ଯୋଗାଣ ଏବଂ ଫିକ୍ସିଂ, ଗିର୍ଡର କମ୍ପୋନେଣ୍ଟଗୁଡ଼ିକର ମେଟାଲାଇଜିଂ, ପେଣ୍ଟିଂ, ଡେକ୍ ସ୍ଲାବଗୁଡ଼ିକର ନିର୍ମାଣ, ବିଆର୍‌ସି ସୁରକ୍ଷା ସ୍କ୍ରିନ୍‌ର ଯୋଗାଣ ଓ ଫିକ୍ସିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ସମେତ ଅବଶିଷ୍ଟ ସୁପରଷ୍ଟ୍ରକ୍ଚର୍ କାର୍ଯ୍ୟର ନିର୍ବାହ କରିବା। **ଆନୁମାନିକ ମୂଲ୍ୟ:** ₹୯,୪୯,୨୪,୭୩୫.୬୮, **ବିଡ୍ ଅମାନତ:** ₹୬,୨୪,୬୦୦/-। **ସମାପ୍ତି ଅବଧି:** ୧୨ ମାସ। **ବନ୍ଦ ହେବା ତାରିଖ:** ୧୫।୧୦।୨୦୨୪। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍‌ଗୁଡ଼ିକୁ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ଓ୍ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।" **(PR-635)**

**GOVERNMENT OF ODISHA** No.A-319

**e-Procurement Notice Online Tender**

**Bid Identification No. SEMIDBNJ-03/2024-25**

| | | |
|---|---|---|
| Name of work | : | Civil Construction Works |
| No. of work | : | 3 Nos. |
| Estimated cost | : | Rs. 75.55 Lakh to 96.80 Lakh |
| Period of Completion | : | 11 (Eleven) Calendar Months |
| Date & Time of availability of Bid Documents in the portal | : | From : 30.09.2024 to 09.10.2024 up to 17.30 hours |
| Date for opening of Technical Bid | : | 14.10.2024 at 11.00 A.M. |
| Name & Address of the OIT | : | Superintending Engineer, Minor Irrigation Division, Bhanjanagar |

Further Details & Corrigendum if any can be seen from the website : www.tendersodisha.gov.in

**Sd./- Superintending Engineer**
**M.I. Division, Bhanjanagar**

**OIPR-32287/11/0005/2425**

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, पाकुड़**

**ई– अति अल्पकालीन पुनर्निविदा आमंत्रण सूचना**

ई0–अतिअल्पकालीन पुनर्निविदा संख्या :– 05/RI/ 2024-25/RWD/EE/ PAKUR दिनांक–23.09.2024
कार्य का विवरण– मुख्यमंत्री ग्राम सड़क योजना अन्तर्गत

कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| कसं | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि / अवधि | टेंडर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/ PAKUR/ 19/ 2024-25 | आसनबनी से बड़ा खम्भी चुरूका पहाड़ होते हुए तालझारी तक पथ निर्माण कार्य (लं0–3.150 कि0मी0, प्रखंड–लिट्टीपाड़ा) | 3,24,51,200.00 | तीन करोड चौबीस लाख एकावन हजार दो सौ मात्र | 15 माह | द्वितीय |

1. बेवसाईट में निविदा प्रकाशन की तिथि : 27.09.2024
2. ई– निविदा प्राप्ति की अंतिम तिथि एवं समय :– 05.10.2024 अपराह्न 5:00 बजे।
3. निविदा खोलने की तिथि एवं समय: 07.10.2024 अपराह्न 3:30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़।

**विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।**

**कार्यपालक अभियंता**
**ग्रामीण कार्य विभाग, कार्य प्रमंडल, पाकुड**

PR 336639 (Rural Work Department) 24-25 (D)

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 86 of 2024**

**UCO Bank, Bhanjanagar Branch, At: Khalasi Street, High Court Square, Old LIC Building, Bhanjanagar, Dist.: Ganjam, Represented by its Chief Manager ...Applicant**

**-And-**

**M/s. HMH Products & another ...Defendants**

**To**

1. **M/s. HMH Products,** At: R.C. Road, Bhanjanagar, Dist.: Ganjam-761126, **Represented through its Proprietress Mrs. Minati Kumari Bisoyi.**
2. **Mrs. Minati Kumari Bisoyi,** W/o.: Late Hiten Swain, At: Bankasala, 1st Lane, Bhejiput, P.S.: Bhanjanagar, Dist.: Ganjam-761126.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 86 of 2024** in the Court of Debts Recovery Tribunal, Orissa, at Cuttack for recovery of **Rs.27,68,438.13** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Oct 2024** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **23rd day of Aug 2024.**

**Sd/- Registrar**
**Debts Recovery Tribunal**

# ମା’ ଲଙ୍କେଶ୍ୱରୀଙ୍କ ବିଜୟର ପର୍ବ ଖଣ୍ଡାବସା



**ଆସୁଛି ପାର୍ବଣ। କାଶତଣ୍ଡୀର ସମ୍ଭାରରେ ହସୁଛି ଧରା। ମା’ ଦୁର୍ଗାଙ୍କ ଆବାହନ ପାଇଁ ସଜେଇହେଉଛି ପୂଜାମଣ୍ଡପ। ଶକ୍ତିପୀଠରେ ବି ଜମିଆସୁଛି ଶ୍ରଦ୍ଧାଳୁଙ୍କ ଭିଡ଼। ମହିଷମର୍ଦ୍ଦିନୀ ମା’ ଦୁର୍ଗାଙ୍କ ପୂଜାର ଅବ୍ୟବହିତ ପୂର୍ବରୁ କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ କେଉଁ ଆବହମାନ କାଳରୁ ପାଳିତ ହୋଇଆସୁଅଛି ମା’ ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ। କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଭାବେ ଜୁନାଗଡ଼ ସହର ପରିଚିତ। ଜିଲାର ମନ୍ଦିରମାଳିନୀ ସହର ଭାବରେ ମଧ ଜୁନାଗଡ଼ ଖ୍ୟାତି ଅର୍ଜନ କରିଛି। ଛଅକୋଡ଼ି ବନ୍ଧ ଓ ନଅକୋଡ଼ି ତୋଟା ପରିବେଷ୍ଟିତ ଏହି ଐତିହାସିକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା’ ଲଙ୍କେଶ୍ୱରୀ। ମା’ଙ୍କର ବାରମାସରେ ତେରପର୍ବ ପାଳନ ହୁଏ। ସେଥିମଧରୁ ଖଣ୍ଡାବସା ପର୍ବ ପ୍ରସିଦ୍ଧି ଲାଭ କରିଛି। ମା’ଙ୍କ ବିଜୟ ଓ ହର୍ଷୋଲ୍ଲାସର ପର୍ବ ଖଣ୍ଡାବସା।**

**ଖଣ୍ଡାବସାର ନାମକରଣ:** ଜୁନାଗଡ଼ ସହର ବଙ୍ଗଳା ଛକ ନିକଟରେ ଦୀର୍ଘ ଦଶନ୍ଧି ଧରି କୁଳଦେବୀ ଭାବରେ ମା’ ଲଙ୍କେଶ୍ୱରୀ ପୂଜା ପାଇଆସୁଛନ୍ତି। ପୂର୍ବକାଳରେ ନାଗବଂଶୀୟ ରାଜାମାନେ ପ୍ରତ୍ୟେକ ବର୍ଷ ମା’ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ପର୍ବକୁ ମହାସମାରୋହରେ ପାଳନ କରିଆସୁଥିଲେ ବୋଲି କୁହାଯାଏ। ସେବେଠାରୁ ଏହି ପରମ୍ପରା ନିରବଚ୍ଛିନ୍ନ ଭାବରେ ଉତ୍ସାହର ସହ ଚାଲିଆସୁଛି। ଅଭୟ ବରଦା, ଚତୁର୍ଭୁଜା, ପଦ୍ମାସୀନା, ମା’ ଲଙ୍କେଶ୍ୱରୀ ଶକ୍ତିପୀଠାଧୀଶ୍ୱରୀ ଭାବରେ ପୂଜା ପାଇଆସୁଛନ୍ତି। ଆଶ୍ୱିନ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାବସା ପର୍ବ ଅନୁଷ୍ଠିତ ହୁଏ। କେଉଁ ଆବହମାନ କାଳରୁ ଆମ ଦେଶରେ ଶକ୍ତି ଉପାସନାର ପରମ୍ପରା ପ୍ରଚଳିତ ହୋଇଆସୁଛି। ସେଥିପାଇଁ ଶାସ୍ତ୍ର ଓ ପୁରାଣରେ ଅନେକ ବିଧିବିଧାନ ମଧ୍ୟ ରହିଛି। ଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଅସ୍ତ୍ରଶସ୍ତ୍ର ପୂଜା କରିବାର ମଧ୍ୟ ଶାସ୍ତ୍ରୀୟ ନିୟମ ରହିଛି। ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ସୌର୍ଯ୍ୟର ପ୍ରତୀକ। ସେଥିପାଇଁ ପୂର୍ବରୁ ରାଜାମାନେ ଦେବୀ ଉପାସନା ସହ ଖଣ୍ଡାକୁ ପୂଜା କରିଆସୁଛନ୍ତି। ଏହି ପର୍ବ ପୂର୍ବରୁ ଖଣ୍ଡାକୁ ବାହାରକରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ (ଅରୁଆ ଚାଉଳ) ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ। ତା’ ପରେ ଏହାକୁ ମା’ଙ୍କ ସିଂହାସନ ପାଖରେ ରଖାଯାଇଥାଏ।

**ଉତ୍ସବର ପୁରୋଧା:** କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା। ପର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ଼ ଆସି ଡାକବଙ୍ଗଳାରେ ସପରିବାର ଉପସ୍ଥିତ ରହନ୍ତି। ତାଙ୍କ ଆଗମନକୁ ସ୍ୱାଗତ ଜଣାଇବା ପାଇଁ ବାଜି ଉଠେ ବୀରବାଦ୍ୟ ଘୁମୁରା। ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣନ୍ତି ଡାକବଙ୍ଗଳାକୁ। ପୂର୍ବରୁ କଳାହାଣ୍ଡି ମହାରାଜ ଜୁନାଗଡ଼କୁ ଆସିଲେ ଏହି ପୁରାତନ ଡାକବଙ୍ଗଳାରେ ଅବସ୍ଥାନ କରୁଥିଲେ। ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢ଼ାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡ଼ିଆକୁ ପୂଜକ ଆଣିବେ। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିବେ। ମାର୍ଜନା ପରେ ବିବିଧ ବାଦ୍ୟ ବାଦିତ ହୋଇ ଏକ ଶୋଭାଯାତ୍ରାରେ ପୂଜାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରେଇବା ପରେ ରାଜା ମନ୍ଦିରକୁ ଆସନ୍ତି। ସେଠାରେ ଦେବୀଙ୍କର ଖଣ୍ଡାବସା ପୂଜା ନିମିତ୍ତ ଷୋଡ଼ଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥାଯୋଗ୍ୟ ବରଣକରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୁଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତିପୂଜା ଓ ତନ୍ତ୍ରପୂଜା ମାଧମରେ ପୂଜାପାଠ କରନ୍ତି। ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରନ୍ତି। ଲୋହିତ ପାଟବସ୍ତ୍ର ସୁଶୋଭିତା, ମନ୍ଦାରମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି। ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡ଼ରା ନାମକ ପଶୁ (ମେଷ) ଓ ମହାପଶୁ (ପୋଢ଼) ମା’ଙ୍କ ଉଦ୍ଦେଶ୍ୟରେ ବଳି ଦିଅନ୍ତି। ଏହାପରେ ଜନସାଧାରଣ ଆଳିତ ଦର୍ଶନ କରନ୍ତି, ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢ଼ାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢ଼ାରଜାଙ୍କ ମନ୍ଦିରକୁ ବିଜେ କରନ୍ତି। ବୁଢ଼ାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ। ଏଥିପାଇଁ ପୂଜକ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ଘଣ୍ଟୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରିଆସୁଛନ୍ତି।

**ଉତ୍ସବର ମାହୋଲ:** ଖଣ୍ଡାବସା ରାତିରେ ହସିଉଠେ ଜୁନାଗଡ଼ ସହର। ଜିଲାର ବିଭିନ୍ନ ଅଞ୍ଚଳ ସମେତ ଜିଲା ବାହାରୁ ଏପରି କି ରାଜ୍ୟ ବାହାରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଅତୀତରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଲୋକଙ୍କର ମଧ ଏହା ପ୍ରିୟ ଉତ୍ସବ ଥିଲା। ପାର୍ବଣ ସମୟରେ ସେଠାରୁ ଅନେକ ବ୍ୟବସାୟୀ ଏଠାକୁ ଆସନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡ଼ାନାଚ, ଫୁଟ୍‌ବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ। ମଙ୍ଗଳବାର ମା’ଙ୍କର ଖଣ୍ଡାବସା ପର୍ବ ପାଳନ ହେଉଥିବାରୁ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇଉଠିଛି।

– ରିପୋର୍ଟ: ଉତ୍ତମ କୁମାର ଦାଶ, କଳାହାଣ୍ଡି














































## ସଂକ୍ଷେପରେ

### ଭରତପୁର ଥାନା ନିର୍ଯାତନା ମାମଲା
## ଅଭିଯୁକ୍ତଙ୍କୁ ଲାଗୁ ହେଉ ହତ୍ୟା ଦଫା : ସିପିଏମ୍

ଜଳେଶ୍ୱର, ୨୩।୯ (ରବିନାରାୟଣପାତ୍ର)

ଭରତପୁର ଥାନା ପରିସରରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦେଇଥିବା ପୋଲିସ୍ ଅଧିକାରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଧାରା ଲାଗୁ କରାଯାଇ ତୁରନ୍ତ ଗିରଫ କରିବାକୁ ସିପିଏମ୍ ପକ୍ଷରୁ ଜଳେଶ୍ୱର ଷ୍ଟେଶନ ଛକଠାରେ ଆୟୋଜିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ଦାବି କରାଯାଇଛି। ସେହିପରି କିଛିଦିନ ତଳେ ରାଜ୍ୟପାଳଙ୍କ ପୁଅ ରାଜଭବନରେ ଜଣେ ପୋଲିସ୍ କର୍ମଚାରୀଙ୍କୁ ମାଡମାରି ଲହୁଲୁହାଣ କରିଥିବା ବେଳେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବାରୁ ଏବେ ଅନ୍ୟ ଏକ ଅବସ୍ଥା ଦେଖାଦେଇଛି। ସମ୍ପାଦକ ଦିଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଶିଶିର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଦିଲୀପ ପରିଡା, ଜିତାଂଶୁ ନନ୍ଦୀ, ଜୀବନ ପରିଡା, ଗଣେଶ ପାତ୍ର, ପ୍ରକାଶ ଦେ, ଅବଦୁଲ ସାଦିକ୍, ସେକ୍ ଜମିରୁଦ୍ଦିନ, ସବିତା ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖି ଏପରି ଘଟଣାରେ ପୋଲିସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି କହିଥିଲେ।

## ପଡ଼ୋଶୀଙ୍କ ଆକ୍ରମଣରେ ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

ଭୋଗରାଇ, ୨୩।୯ (ପ୍ରଦୀପ ଦାସ)

ପଡ଼ୋଶୀଙ୍କ ସଂଘବଦ୍ଧ ମରଣାନ୍ତକ ଆକ୍ରମଣର ଶିକାର ହୋଇ ଚିକିତ୍ସାଧୀନ ଥିବା ଜଣେ ବିବାହିତା ମହିଳା ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ହେଲେ ମାହେଶ୍ୱରୀ ଜେନା ଓ ତାଙ୍କ ଘର ଚକ ଫୁଲବଣୀ ଗ୍ରାମରେ। ଭୋଗରାଇ ପୋଲିସ ଏକ ମାମଲା (ନଂ.୪୪୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ମୃତଦେହକୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରୁ ଅଣାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚକଫୁଲବଣୀ ଗ୍ରାମର ମାହେଶ୍ୱରୀ ଜେନାଙ୍କ ତା୯।୮।୨୪ ରିଖରେ ଏକ ଆବାସ ଯୋଜନାରେ ଘର ଛାତ ପଡୁଥିଲା। ଏହି ସମୟରେ ପଡୋଶୀଙ୍କ ଯିବାଆସିବା ରାସ୍ତାରେ ଏକ କଂକ୍ରିଟ ମେଶିନ ଚାଲୁଥିବା ବେଳେ ପଡ଼ୋଶୀ ଝାଡ଼େଶ୍ୱର ଜେନା, ମୃଣାଳ ଜେନା ଓ ରିତା ଜେନା ସଂଘବଦ୍ଧ ହୋଇ ମାହେଶ୍ୱରୀ, ତାଙ୍କ ସ୍ୱାମୀ ରୁଦ୍ର ଜେନା ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ରିତା ପ୍ରତିପକ୍ଷ ମାହେଶ୍ୱରୀଙ୍କ ମୁଣ୍ଡକୁ ଏକ ଇଟାରେ ବାଡ଼େଇ ଦେବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଚେତା ହରାଇଥିଲେ। ପ୍ରଥମେ ତାଙ୍କୁ ଭୋଗରାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ସେଠାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଡାକ୍ତରୀ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୋଗରାଇ ପୋଲିସ ସୂଚନା ଦେଇଛି।

# ୪୨ ଅଭିଯୋଗର ତତ୍କାଳ ସମାଧାନ

### ଦଶରଥପୁରରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ଝୁମ୍ପୁରୀ, ୨୩।୯ (ସରୋଜ ନାୟକ)

ଦଶରଥପୁର ବ୍ଲକ୍‌ରେ ସୋମବାର ଯାଜପୁର ନୂଆ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲୋକମାନଙ୍କ ଅଭିଯୋଗକୁ ଗୁରୁତର ସହକାରେ ଗ୍ରହଣ କରି ତତ୍କାଳ ସମାଧାନ କରିଥିଲେ। ଏହି ଜନଶୁଣାଣି ଶିବିରରେ ପ୍ରବଳ ଜନସମାଗମ ହୋଇଥିଲା। ବିଶେଷ କରି ଆବାସ ଯୋଜନା, ଚିକିତ୍ସା ସହାୟତା, ଜଳ ଯୋଗାଣ ପ୍ରସଙ୍ଗ, ସୁଭଦ୍ରା ଯୋଜନା ଅର୍ଥ ନ ମିଳିବା ଆଦି ଅଭିଯୋଗ ଆସିଥିଲା। କୁଆଖିଆ-ମଙ୍ଗଳପୁର ଜାତୀୟ ରାଜପଥ ନିର୍ମାଣ କରୁଥିବା ଏଆରଏସ୍‌ଏସ୍. କମ୍ପାନୀ ବିରୋଧରେ ବହୁ ଅଭିଯୋଗ ହୋଇଥିଲା। ଏହି କମ୍ପାନୀ ମନମୁଖୀଭାବେ ନିମ୍ନମାନର



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଶିବିରରେ ମୋଟ ୧୨୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ବ୍ୟକ୍ତିଗତ ଭାବେ ୬୧, ସମୂହ ୧୪ ଓ ତତ୍କାଳ ୪୨ଟି ଅଭିଯୋଗର ଜିଲାପାଳ ସମାଧାନ କରିଥିଲେ। ଏଥିସହ ଗୁରୁତର ରୋଗରେ ପୀଡ଼ିତ ୧୩ ଜଣଙ୍କୁ ଜିଲାପାଳ ରେଡ୍‌କ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଦିଆଯାଇଥିବାବେଳେ ଆଉ ୨୭ ଜଣଙ୍କ ଅଭିଯୋଗକୁ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଯାଇଛି। ଶିବିରରେ ଜିଲାପାଳଙ୍କ ସହ ଏସ୍‌ପି ଭିନିଥ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ, ବିଡ଼ିଓ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କେଶରୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଜ୍ଞାନରଞ୍ଜନ ନାୟକ, ସିଡ଼ିଏମ୍‌ଓ ଡା. ଶୁଭାଶିଷ ମହାରଣାଙ୍କ ସହ ଜିଲାସ୍ତରୀୟ ସବୁ ବିଭାଗର ଅଧିକାରୀଙ୍କ ସହ ବ୍ଲକ୍‌ର ଅଧିକାରୀମାନେ ଯୋଗଦେଇଥିଲେ।

## ପୂଜ୍ୟପାଦ ଗୋସ୍ୱାମୀଙ୍କ ତିଥି ମହୋତ୍ସବ



ତିଥି ମହୋତ୍ସବରେ ଯୋଗଦେଇଥିବା ସାଧୁସନ୍ଥ।

ବିଞ୍ଝାରପୁର, ୨୩।୯ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ କଏଣା-ରଘୁନାଥପୁର ପଞ୍ଚାୟତସ୍ଥିତ ଭକ୍ତି ନିକେତନ ନରୁଆ ମଠ ସେବାଧ୍ୟକ୍ଷ ପ୍ରଭୁପାଦ ଗୋସ୍ୱାମୀ ଗୋପାଳ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ପୂଜ୍ୟପାଦ ଗୋସ୍ୱାମୀ ସୁବଳ ଚରଣ ଦାଶଙ୍କ ୩୪ ତମ ତିଥି ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଷ୍ଣବ ସାଧୁ ସମ୍ମିଳନୀରେ ଇସ୍କନ ଯାଜପୁର ରୋଡ଼ରୁ ସମିୟନ ଦାସ ସ୍ୱାମୀଜୀ ଜୀବନର ପରମ ଲକ୍ଷ୍ୟ ତଥା ଗୁରୁଙ୍କର ଜୀବନରେ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଅଧିକାରୀ ନବକିଶୋର ଦାସ, ଶ୍ରୀ ମୁରାରୀ ଚୈତନ୍ୟ ଦାସ, ଶ୍ରୀ ସୁନ୍ଦର ଗୋପାଳ ଦାସ ପ୍ରମୁଖ ସୁବଳ ଗୋସ୍ୱାମୀଙ୍କ ଜୀବନ ଚରିତ ତଥା ଆଦର୍ଶ ବିଷୟରେ ବର୍ଣ୍ଣନା କରିଥିଲେ। ହରିପୁର, ମୁଗୁଡି ସଂକୀର୍ତ୍ତନ ମଣ୍ଡଳୀଦ୍ୱାରା ନାମ କୀର୍ତ୍ତନ କରାଯାଇଥିଲା। ଏହି ଅବସରରେ ଦିବ୍ୟ କଥାମୃତ ସମ୍ବଳିତ ଭକ୍ତିବାଣୀ ଶତକ ପୁସ୍ତିକା ଗୁରୁଦେବଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଭକ୍ତିପ୍ରଭା ପତ୍ରିକାର ସମ୍ପାଦକ ଭକ୍ତିରତ୍ନ ଅଭୟ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀବିରଜା ସେବା ସମିତିର ରଥଯାତ୍ରା ପ୍ରସ୍ତୁତି ବୈଠକ


ରଥଯାତ୍ରା ପ୍ରସ୍ତୁତି ବୈଠକରେ ବିରଜା ସେବା ସମିତିର କର୍ମକର୍ତ୍ତା ଓ ସଦସ୍ୟ।

ଯାଜପୁର, ୨୩।୯ (ହର୍ଷବର୍ଦ୍ଧନ ବେହେରା)

ଶ୍ରୀବିରଜା ସେବା ସମିତିର ଏକ ବିଶେଷ ବୈଠକ ସୋମବାର ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ସମିତିର ପ୍ରତିଷ୍ଠାତା ଭୁବନାନନ୍ଦ ମିଶ୍ରଙ୍କ ଅମର ଆତ୍ମା ନିକଟରେ ପ୍ରଣତି ଅର୍ପଣ କରାଯାଇଥିଲା। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିବା ସହ କେତେକ ନୂତନ ସଭ୍ୟଙ୍କ ତାଲିକା ପାଠ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ନୂତନ ସଭ୍ୟାସଭ୍ୟ ଅଜୟ କୁମାର ରାଉତ, ଆଲ୍‌ଫା ରାଉତ, ସାଇ ପ୍ରସନ୍ନଜିତ୍ ରାଉତ ପ୍ରମୁଖଙ୍କୁ ସ୍ୱାଗତ ଜଣାଇବା ସହ ମା'ଙ୍କ ରଥଯାତ୍ରା ସମୟରେ ସେବା ସମିତି କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ବ୍ରହ୍ମକୁଣ୍ଡ ନିକଟରେ ପୂର୍ବବର୍ଷ ଭଳି ଏକ ମଞ୍ଚ ପ୍ରସ୍ତୁତ କରାଯାଇ ଭକ୍ତମାନଙ୍କ ଦ୍ୱାରା ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ସହ ମା'ଙ୍କର ଭଜନସମାରୋହ ମଧ ଏହି ମଞ୍ଚରେ କରାଯିବ ବୋଲି କହିଥିଲେ। ମହାଷ୍ଟମୀରେ ମନ୍ଦିର ପରିସରରେ ସମିତି ତରଫରୁ କାନିକା ପ୍ରସାଦ ବଣ୍ଟନ କରାହେବ। ସଭାରେ ସହସମ୍ପାଦକ ବୃନ୍ଦାବନ ମିଶ, ମଧୁସୂଦନ ମହାନ୍ତି, ମହେନ୍ଦ୍ର କୁମାର ଦାସ, ବନବିହାରୀ ମହାପାତ୍ର, ବିଷ୍ଣୁ ଚରଣ ଲେଙ୍କା, ବିରଜାପ୍ରସାଦ କର, ବ୍ରହ୍ମାନନ୍ଦ ସ୍ୱାଇଁ, ହରିହର ବେହେରା, ରମେଶ ଚନ୍ଦ୍ର ରାଉତ, ନିଶିଥ୍ କୁମାର ଦାସ, ବୃନ୍ଦାବନ ସ୍ୱାଇଁ, ମିହିର ରଞ୍ଜନ ନାୟକ, ଧିରେନ୍ଦ୍ର କୁମାର ପରିଡ଼ା, ଚିତ୍ତରଞ୍ଜନ ନାୟକ, ଆନନ୍ଦିନୀ ମହାପାତ୍ର, ବ୍ରଜକିଶୋର ମହାନ୍ତି, ଲକ୍ଷ୍ମୀନାରାୟଣ ପତି, ଆନନ୍ଦ ଚନ୍ଦ୍ର ସାହୁ, ସତ୍ୟରଞ୍ଜନ ବିଶ୍ୱାଳ, ଶ୍ରୀନାଥ ମହାନ୍ତି, ନୃସିଂହ ଚରଣ ଜେନା, ଜଗତ୍ ନାୟକ, ପ୍ରବୋଧ କୁମାର ନାୟକ, ସୁବାସ ଚନ୍ଦ୍ର ମହାପାତ୍ର, କହ୍ନାଇ ଚରଣ ମହାନ୍ତି, ସୂର୍ଯ୍ୟନାରାୟଣ ଦାସ, ରାମକୃଷ୍ଣ ବେହୁରିଆ, ଗୋପୀନାଥ ସେଠୀ, ସମର ବିଜୟ ଶରଣ, ଦେବୀପସାଦ ପାଣି, ବିରଜା ପ୍ରସାଦ ପାଣି, ମଳୟ କୁମାର ପଣ୍ଡା, ସୁଧାରଂଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିଏ ରାତିରେ ୩ ସ୍ଥାନରୁ ଚୋରି

### ଅଭିଯୁକ୍ତଙ୍କୁ କାବୁ କଲେ ଗ୍ରାମବାସୀ

ଯାଜପୁର ସଦର, ୨୩।୯ (ସମର ବିଜୟ ଶରଣ)

ସଦର ଥାନା ଅଞ୍ଚଳରେ ଛୋଟ ବଡ଼ ଚୋରି ଘଟଣା ବଢ଼ିଛି। ରବିବାର ରାତିରେ ଜମଧର ପଞ୍ଚାୟତର ପଞ୍ଚାୟତ ହାଇସ୍କୁଲ ନିକଟରେ ଥିବା ରୁଲୁ ବେହେରାଙ୍କ ଦୋକାନରୁ ବିଭିନ୍ନ ସାମଗ୍ରୀ ସହ ନଗଦ ୧୨ହଜାର ୫ଶହ ଟଙ୍କା ଚୋରି ଉଦ୍ୟମ ହୋଇଥିଲା। ତାଙ୍କ ପାଟି ଶୁଣି ପଡ଼ିଶା ଲୋକେ ଉଠି ଚୋରମାନଙ୍କୁ ଗୋଡ଼ାଇ ଥିଲେ। ୩ ଜଣ ଖସି ଯିବାକୁ ସକ୍ଷମ ହୋଇଥିଲେ ମଧ୍ୟ ଜଣଙ୍କୁ ଲୋକେ ଧରିବାକୁ ସକ୍ଷମ ହୋଇଛନ୍ତି। ଚୋରମାନେ ବ୍ୟବହାର କରୁଥିବା ଏକ ବାଇକ୍‌କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଅଞ୍ଚଳର ସାଗର ଓରଫ ବବୁଲ ମଳିକ। ସାଗର ଅନ୍ୟ ସାଙ୍ଗମାନଙ୍କ ସହଯୋଗରେ ଅନ୍ୟ ଏକ ଦୋକାନରୁ ବ୍ୟାଟେରୀ ଓ ଅନ୍ୟାନ୍ୟ ସମାଗ୍ରୀ ଚୋରି କରିଥିଲେ। ପୁରୁଷୋତ୍ତମପୁର ଗ୍ରାମର ବସନ୍ତ ନାୟକଙ୍କ ଦୋକାନରୁ ବି ସେମାନେ ଇଣ୍ଡକ୍ସନ ଚୁଲା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ସଦର ଥାନା ପୋଲିସ ଚୋରି ହୋଇଥିବା ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବ୍ୟାଙ୍କ ସମ୍ମୁଖ ରାସ୍ତାରେ ବେଆଇନ ପାର୍କିଂ



ବ୍ୟାଙ୍କ ସମ୍ମୁଖ ରାସ୍ତାରେ ରଖାଯାଇଥିବା ଗାଡ଼ି।

ବିଞ୍ଝାରପୁର, ୨୩।୯ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବଜାର ଉପକଣ୍ଠରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଓ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ଯାଜପୁର-ସିଂହପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ବାମପାର୍ଶ୍ୱରେ ବେଆଇନ ଗାଡ଼ି ପାର୍କିଂ ଯୋଗୁ ପଥଚାରୀମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଉଭୟ ବ୍ୟାଙ୍କର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଗ୍ରାହକମାନେ ବାଧହୋଇ ନିଜ ଗାଡ଼ିଗୁଡ଼ିକୁ ମୁଖ୍ୟରାସ୍ତା ପାର୍ଶ୍ୱରେ ପାର୍କିଂ କରୁଛନ୍ତି। ଫଳରେ ମୁଖ୍ୟରାସ୍ତାରେ ଭିଡ଼ ଜମି ରହୁଛି। ବିଶେଷ କରି ଏହି ବ୍ୟାଙ୍କ ନିକଟରେ ମେଡିକାଲ, ପ୍ରାଣୀଧନ ଚିକିତ୍ସାକେନ୍ଦ୍ର, ଔଷଧ ଦୋକାନ, ଦୁଇଟି ବିଦ୍ୟାଳୟ, ଟ୍ରେଜେରୀ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ଓ ମସ୍‌ଜିଦ ଥିବାରୁ ଜନସାଧାରଣ ଏବଂ ଛାତ୍ରୀଛାତ୍ରଙ୍କ ଯାତାୟତ ଲାଗି ରହିଛି। ହେଲେ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହିତ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବ୍ୟାଙ୍କର ଆଞ୍ଚଳିକ ପ୍ରାବନ୍ଧିକଙ୍କ ନିକଟରେ ବିଞ୍ଝାରପୁର ଗ୍ରାମବାସୀ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିପାଇଁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ସରପଞ୍ଚ ଆଶାଲତା ସାହୁ, ସାମାଜିକ କର୍ମୀ ଅଶୋକ ସାହୁ, ଅନିଲ ଦାସ ପ୍ରମୁଖ ଦାବି କରିଛନ୍ତି।

## ମହେଶ୍ୱରପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଯାଜପୁରସଦର, ୨୩।୯ (ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ଯାଜପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ଯୋଗ ଦେଇ ଥିବାବେଳେ ସ୍ଥାନୀୟ ସରପଞ୍ଚ ସୁଜିତ ରାୟ ଓ ସମିତି ସଭ୍ୟା ସ୍ମୃତିରେଖା ସାମଲ ଏହି ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ



ଅଭିଯୋଗ ଶୁଣାଣିରେ ବିଭାଗୀୟ ଅଧିକାରୀ ଜଣେ ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି।

ବଜମ ଆରା ବେଗମ, ଭଡା ବିଭାଗର କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ, ଗ୍ରାମୀଣ ଆବାସ ବିଭାଗରୁ ଭବାନୀ ଶଙ୍କର ଆଚାର୍ଯ୍ୟ, ପଶୁ ସମ୍ପଦ ବିଭାଗର ଡ.ମୋନାଲିସା ମହାନ୍ତି, ଉଦ୍ୟାନ ବିଭାଗରୁ ବିରଞ୍ଚି ନାରାୟଣ ମହାନ୍ତି, ଶିକ୍ଷା ବିଭାଗରୁ ବରଦା ଭୂଷଣ ମହାପାତ୍ର, ଜଳ ଓ ପରିମଳ ବିଭାଗରୁ ଅନିଲ କୁମାର ସାମଲ, ଯୋଗାଣ ବିଭାଗରୁ ଇତିଶ୍ରୀ ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଭାଗ ସମସ୍ୟାର ତତ୍କାଳ ସମାଧାନ କରିଥିଲେ। କୃଷି, ବିଦ୍ୟୁତ୍ ଓ ରାସ୍ତା, ଗୃହ ନିର୍ମାଣ ବିଭାଗରୁ କୌଣସି ଅଧିକାରୀ ଏହି ଶିବିରରେ ଉପସ୍ଥିତ ନ ଥିଲେ। ଏହି ଶିବିରରେ ୧୧ଟି ବିଭାଗରୁ ୮ଟି ବିଭାଗର ଅଧିକାରୀ ଉପସ୍ଥିତ ରହି ୧୨୯ଟି ଅଭିଯୋଗର ଶୁଣାଣୀ କରିଥିଲେ। ଶେଷରେ ସରପଞ୍ଚ ସୁଜିତ୍ କୁମାର ରାୟ ଏହି ଶିବିରରେ ଯୋଗ ଦେଇଥିବା ସରକାରୀ ଅଧିକାରୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ।

## ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାପାଳଙ୍କ ଅଚାନକ ଗସ୍ତ

ପ୍ରୀତିପୁର, ୨୩।୯ (ସୁଶାନ୍ତ ବେହୁରିଆ)

ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ସୋମବାର ଅଚାନକ ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣଧୀନ ହସ୍ପିଟାଲ କୋଠା, ବିପିଏଚ୍‌ୟୁ କୋଠା ଆଦି ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିନ୍ଦୁସାଗର ସାମଲଙ୍କଠାରୁ ପଚାରି ବୁଝିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ, ବିଡ଼ିଓ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏବି ଡ୍ୟାନ୍ସ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଯାଜପୁର ଟାଉନ, ୨୩।୯
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଡିଏବି ଡ୍ୟାନ୍ସ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଡ.ରବିନ୍ଦ୍ର ନାରାୟଣ ବେହେରା, ବିଶିଷ୍ଟ ଅତିଥି ଭାବେ ବିଧାୟିକା ସୁଜାତା ସାହୁ, ଅନ୍ୟତମ ଅତିଥି ଭାବେ ପୌରାଧକ୍ଷା ରଞ୍ଜୁଲତା ହୋତା, ପୂର୍ବତନ ପାରିଷଦ କର୍ଣ୍ଣାଟ କେଶରୀ ଦାସ, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଳିକ, ଗ୍ଲୋବାଲ ପିସ୍ ଫାଉଣ୍ଡେଶନ ଅଧ୍ୟକ୍ଷ ଡ.ରାଜ କିଶୋର ପଣ୍ଡା, ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଅନନ୍ୟା ସଭାପତି ସନ୍ତୋଷ କୁମାର ନନ୍ଦ, ଖବରଦାତା ହରିହର ସ୍ୱାଇଁ, ସାମାଜିକ କର୍ମୀ ତିଳୋତ୍ତମା ରାୟ ପ୍ରମୁଖ ଯୋଗଦେଇ କଳା ଓ ସଂସ୍କୃତିର ସୁରକ୍ଷା ନେଇ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ରମାନେ ଓଡ଼ିଶାର ସଂସ୍କୃତିକୁ ନେଇ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ ବହୁ ପ୍ରତିଷ୍ଠିତ କଳାକାର ଏବଂ ଯାଜପୁର ସ୍ଥିତ ଥିଏଟର ଗ୍ରୁପ ଏବଂ ଓଡିଶା ଡ୍ରାଇଭର ମହାସଂଘଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ଦିବ୍ୟଜିତ ଦାଶ, ନୃତ୍ୟଗୁରୁ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର, ନିହାରିକା ସାମନ୍ତ, କିରଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକର୍ମୀ ପ୍ରମୋଦ ବେହେରା ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

### ୧୧୩୯ ଅଭିଯୋଗ ପଞ୍ଜୀକୃତ

ଚଣ୍ଡିଖୋଲ, ୨୩।୯ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ପକ୍ଷରୁ ସୋମବାର ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଆମ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲା ଏବେ ତାହା ପାଳନ କରୁଛି। ପୂର୍ବରୁ ସଧାରଣ ଲୋକମାନେ ଅଭିଯୋଗ କରିବା ପାଇଁ ବ୍ଲକକୁ ଯିବାକୁ ପଡୁଥିଲା। ଏବେ ବ୍ଲକ ପ୍ରଶାସନ ଲୋକଙ୍କ ନିକଟକୁ ଯାଇ ଅଭିଯୋଗ ଗ୍ରହଣ କରୁଛି ଯଦ୍ୱାରା ଲୋକମାନେ ଖର୍ଚ୍ଚାନ୍ତ ହୋଇ ଆଉ ବ୍ଲକକୁ ଯିବାକୁ ପଡୁନାହିଁ। ଏବେ ପ୍ରତ୍ୟେକ ପଞ୍ଚାୟତରେ ଜନ ଶୁଣାଣୀ କରାଯାଉଛି। ପ୍ରଥମେ ସାଉଡିଆ, ଦ୍ୱିତୀୟରେ ସମିଆ,



ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରରେ ବଡ଼ଚଣା ବିଧାୟକ ଓ ଅନ୍ୟମାନେ।

ତୃତୀୟରେ ଛତିଆ ଓ ଚତୁର୍ଥରେ ବାଲିଚନ୍ଦ୍ରପୁର ପଞ୍ଚାୟତରେ ଜନ ଶୁଣାଣୀ କରାଯାଉଛି ବୋଲି କହିଥିଲେ। ଆଜିର ଏହି ଶିବିରରେ ୧୧୩୯ ଅଭିଯୋଗ ପତ୍ର ଗ୍ରହଣ କରଯାଇଛି। ସେଥି ମଧ୍ୟରୁ ରାଜସ୍ୱ ବିଭାଗର ୧୨୩, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୭୫୦, ପାନୀୟ ଜଳ ସମସ୍ୟା ୪୧, ରାଶନ କାର୍ଡ ସମ୍ପର୍କିତ ୧୦୧, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ୭୦, ଓ ଅନ୍ୟାନ୍ୟ ୩୨ ଅଭିଯୋଗ ପତ୍ର ଗ୍ରହଣ କରାଯାଇ ଥିବା ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ବିଡିଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣୀ ଶିବିରରେ ତହସିଲଦାର ମାନସ କୁମାର ତ୍ରିପାଠୀ, ଥାନା ଅଧିକାରୀ ସମରଜିତ ନାୟକ, ନିର୍ବାହୀ ଯନ୍ତ୍ରୀ ପାର୍ଥ ସାରଥୀ ପଣ୍ଡା ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ, ଅମୀୟ କୁମାର ସାହାଣୀ ପ୍ରମୁଖ ଶିବିର ପରିଚାଳନା ରେ ସହଯୋଗ କରିଥିଲେ।

# ବ୍ଲାକ୍‌ବୋର୍ଡରେ ପ୍ରଶ୍ନ ଦେଖି ପରୀକ୍ଷା ଦେଉଛନ୍ତି ପିଲା

ନାଉଗାଁ,୨୩।୯ (ସୁଧା ବେହୁରା)

ରାଜ୍ୟ ସରକାରଙ୍କ ଓସେପା ପକ୍ଷରୁ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୨୩ରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ପର୍ଯ୍ୟାୟଭିତ୍ତିକ ମାନ ନିର୍ଦ୍ଧାରଣ ପାଇଁ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷା କରାଯାଉଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକରେ ସୋମବାର ତୃତୀୟ ଶ୍ରେଣୀ, ମଙ୍ଗଳବାର ଦ୍ୱିତୀୟ ଶ୍ରେଣୀ ଓ ବୁଧବାର ପ୍ରଥମ ଶ୍ରେଣୀରେ ପରୀକ୍ଷା କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ବିଦ୍ୟାଳୟରେ ପିଲାମାନେ ୨ଟି ପର୍ଯ୍ୟାୟରେ ଅର୍ଥାତ୍ ପୂର୍ବାହ୍ନରେ ଗଣିତ ଓ ଅପରାହ୍ନରେ ଭାଷା ପ୍ରତ୍ୟେକ ବିଷୟରେ ୩୦ ମାର୍କର ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା ରହିଛି। ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ଶୈକ୍ଷିକ ସ୍ଥିତି ଅନୁଧ୍ୟାନ କରାଯିବା ସହ ଶିକ୍ଷକମାନେ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିପାରିବେ।

କିନ୍ତୁ ଉକ୍ତ ବ୍ଲକରେ ସରକାରଙ୍କ ପକ୍ଷରୁ ଠିକ୍ ସମୟରେ ପ୍ରଶ୍ନପତ୍ର ପହଞ୍ଚି ନ ପାରିବାରୁ ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ତରଫରୁ ଖର୍ଚ୍ଚ ବହନ କରି ପ୍ରଶ୍ନପତ୍ର ନକଲ କରି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଯେଉଁ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ହୋଇନାହିଁ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜସ୍ୱ ପକେଟରୁ ଖର୍ଚ୍ଚ ବହନ କରି ପ୍ରଶ୍ନପତ୍ରର ନକଲ ଯୋଗାଇ ଦେଇଛନ୍ତି। ଆଉ

**ପର୍ଯ୍ୟାୟ ଭିତ୍ତିକ ମାନ ନିର୍ଦ୍ଧାରଣର ପରୀକ୍ଷା**

- ବିଦ୍ୟାଳୟ ପରିଚାଳନା କମିଟି ନ ଥିବାରୁ ସମସ୍ୟା ଉପୁଜିଛି
- ପ୍ରଧାନ ଶିକ୍ଷକ ନିଜସ୍ୱ ପକେଟରୁ ଖର୍ଚ୍ଚ ବହନ କରି ପ୍ରଶ୍ନପତ୍ରର ନକଲ ଯୋଗାଉଛନ୍ତି

କିଛି ବିଦ୍ୟାଳୟରେ ବ୍ଲାକ୍ ବୋର୍ଡରେ ପ୍ରଶ୍ନପତ୍ର ଲେଖାଯାଇଥିବା ଦେଖିବାକୁ ମିଳିଥିଲା। ଏହି ବ୍ଲକରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ବଛାଲୋ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ୪୦ ଜଣ, ରୋହିଆ ଉଚ୍ଚ ବିଦ୍ୟାଳୟରେ ୨୦ ଜଣ, ମାରେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୦, ପଞ୍ଚାୟତ ବାଣୀପିଠ, ଜାମୁଦଣ୍ଡା ୨୨, ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୨, ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ୨୭, ବିପିନ ବିହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୦ ଜଣ ପିଲା ପାଠ ପଢୁଥିବା ବେଳେ ଏସବୁ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ପରିଚାଳନା କମିଟି ଗଠନ ହୋଇପାରିନାହିଁ। ଉକ୍ତ ବିଦ୍ୟାଳୟଗୁଡିକରେ ୩ଟି ଶ୍ରେଣୀରେ ଅଳ୍ପ ସଂଖ୍ୟକ ପିଲା ରହିଥିବା ଯୋଗୁ ପର୍ଯ୍ୟାୟଭିତ୍ତିକ ମାନ ନିର୍ଦ୍ଧାରଣ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଜେରକ୍ସ କିମ୍ବା ବ୍ଲାକ ବୋର୍ଡରେ ଲେଖାଯାଇଛି। କିନ୍ତୁ ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧିକ ସଂଖ୍ୟକ ପିଲା ପରୀକ୍ଷା ଦେଉଥିବା ବେଳେ ଜେରକ୍ସ ବାବଦକୁ ଖର୍ଚ୍ଚ କିଏ ବହନ କରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷାଧିକାରୀ କୈଳାସ ପାଢୀଙ୍କୁ ପଚାରିବାରେ, ଯଥାଶୀଘ୍ର ପ୍ରଧାନଶିକ୍ଷକମାନଙ୍କ ସହ କଥା ହୋଇ ଯେଉଁ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ହୋଇନାହିଁ ତୁରନ୍ତ ଗଢ଼ିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ୨୫ରୁ ଗୋପବନ୍ଧୁ ଷ୍ଟାଡିୟମରେ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍



ଖବରଦାତା ସମ୍ମିଳନୀରେ ଜିକେଏସ୍‌ର ସଭାପତି ଓ ଅନ୍ୟମାନେ।

ପାରାଦୀପ,୨୩।୯(ଶରତ ରାଉତ)

**୮ ଜିଲାର ୧୮୪ କ୍ରୀଡ଼ାବିତ୍ ଭାଗ ନେବେ**

ପାରାଦୀପ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ସେପ୍ଟେମ୍ବର ୨୫ରୁ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ ଆରମ୍ଭ ହେବ। ଏହା ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଏଥିରେ ଉପକୂଳ ଓଡ଼ିଶାର ୮ଟି ଜିଲାର ୧୮୪ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଏହି ଚାମ୍ପିୟନଶିପ ନାମ ସାହାଣୀ କପ ରଖାଯାଇଛି। ଚାମ୍ପିୟନଶିପକୁ ଏଫ୍‌ଏଓ (ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା) ଓ ଜିକେଏସ୍ (ଗୋପବନ୍ଧୁ କ୍ରୀଡ଼ା ସଂସଦ)ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଛି ବୋଲି ସୋମବାର ସନ୍ଧ୍ୟାରେ ସୂଚନା ମିଳିଛି। ଷ୍ଟାଡିୟମ ପରିସରରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଜିକେଏସ୍‌ର ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ସମ୍ପାଦକ ରଶ୍ମିରଞ୍ଜନ ବେଉରା ଚାମ୍ପିୟନଶିପ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ଉଦ୍‌ଘାଟନ କରିବେ। ଏଥିରେ ଓଡ଼ିଶା କ୍ରୀଡ଼ା ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ୨ଟି ମ୍ୟାଚ୍ ଖେଳାଯିବ ଏବଂ ମ୍ୟାଚ୍‌ରେ ଫ୍ଲଡ୍‌ଲାଇଟ ବ୍ୟବହାର ହେବ।

# ଶ୍ରମଆଇନ ସଂଶୋଧନ ଦାବିରେ କଳା ଦିବସ ପାଳିଲା ଏଆଇଟିୟୁସି

**ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପାରାଦୀପ,୨୩।୯(ଶରତ ରାଉତ)

ଏଆଇଟିୟୁସି (ସର୍ବଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ)ର ଜଗତ୍‌ସିଂହପୁର ଜିଲା କମିଟି ପକ୍ଷରୁ ସୋମବାର ଜାତୀୟ କଳା ଦିବସ ପାଳନ କରାଯାଇଛି। ଏହି ଅବସରରେ କମିଟିର ଶତାଧିକ ମହିଳା ପୁରୁଷ ପାରାଦୀପର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କିଛି ସମୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କୁ ଦେଇଥିଲେ। ଏଥିରେ କେନ୍ଦ୍ର ସରକାରଙ୍କ କେତେକ ଶ୍ରମ ଆଇନକୁ ବିରୋଧ କରାଯାଇଛି। ୟୁନିୟନର ବିଷ୍ଣୁ ଚରଣ ମୁଦୁଲି, ଆଲୋକ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।



ଏଆଇଟିୟୁସି କର୍ମକର୍ତ୍ତାମାନେ କଳାଦିବସ ପାଳନ କରୁଛନ୍ତି।

# ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀଙ୍କ ନିର୍ବାଚନୀ ପ୍ରଚାର

କୁଜଙ୍ଗ, ୨୩।୯(ମନୋଜ ପ୍ରଧାନ)

ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଶାନ୍ତିଲତା ବେହେରା ସୋମବାର ବ୍ଲକସ୍ତରୀୟ ଦଳୀୟ ନେତୃମଣ୍ଡଳୀ ସମର୍ଥକ ଓ କର୍ମୀମାନଙ୍କ ଗହଣରେ ବିଭିନ୍ନ ୱାର୍ଡକୁ ଯାଇ ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ପ୍ରଚାର କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ, ଡିଙ୍କିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ କିଶୋର କୁମାର ପରିଡ଼ା, ନୂଆଗାଁ ପଞ୍ଚାୟତ ଯୁବନେତା ତମିଲ ପ୍ରଧାନ, ଅକ୍ଷୟ ବେହେରା, ରଞ୍ଜନ ବର୍ଦ୍ଧନ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

# ୮୫ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୨୩।୯(କଳ୍ପତରୁ ନାୟକ)



**ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ମିଳିତ ଜନଶୁଣାଣି**

ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ତଥା ପିଡି ନିଲୁ ମହାପାତ୍ର, ସହକାରୀ ଜିଲାପାଳ ପଲ୍ଲବୀ ପ୍ରିୟଦର୍ଶିନୀ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ପଞ୍ଚାନନ ନାୟକ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ୮୫ଟି ଅଭିଯୋଗ ଶୁଣି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ସାମନ୍ତରାୟ କହିଥିଲେ, ବିଜୁ ପଟ୍ଟନାୟକ ଛକଠାରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟିହୋଇ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ଛକରେ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯିବାକୁ ବସ୍‌କୁ ଯାତ୍ରୀମାନେ ଅପେକ୍ଷା କରୁଛନ୍ତି। ଏଣୁ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ପୋଲିସ ବ୍ୟବସ୍ଥା, ଦିନରାତି ରାସ୍ତା ଅବରୋଧ କରୁଥିବା ବୁଲା ଗୋରୁଙ୍କୁ ହଟାଇବା ଦିଗରେ ପଦକ୍ଷେପ ନେବାକୁ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ସିଂହଗାଁ ପଞ୍ଚାୟତର ରାଉଳିଆ ପୋଲ ଓ ତନ୍ତିଆନାଳ ପୋଲ ନିର୍ମାଣ ତ୍ୱରାନ୍ୱିତ କରିବା ସହ ଏହି ପଞ୍ଚାୟତରେ ସ୍ଥାୟୀ ପିଇଓ ନିଯୁକ୍ତ କରିବାକୁ ସମିତିସଭ୍ୟ ଅଭୟ ସ୍ୱାଇଁ ଦାବି କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ପାନୀୟ ଜଳ, ରାସ୍ତାଘାଟ ନିର୍ମାଣ ଓ ମରାମତି, ବନ୍ଧସାହି ଗାଁରେ ନଳକୂପ ଖନନ, ନପଙ୍ଗ ଏଲ୍‌ଆଇ ସେଣ୍ଟର ଗୃହ ଉନ୍ନତୀକରଣ ସହ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ ଓ ଶ୍ରମକାର୍ଡ ପ୍ରଦାନ, ବିଧବା ସବିତା ଦାସଙ୍କୁ ଭତ୍ତା ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଶାସନ ସରପଞ୍ଚ ସଂଗ୍ରାମ ବାରିକ ଓ ଚନ୍ଦନନଗର ସରପଞ୍ଚ ବନୋଜ ସେଠୀ ପଟ୍ଟାମୁଣ୍ଡାଇ-ରାଜନଗର ଅଞ୍ଚଳର ଜୀବନ ରେଖା କୁହାଯାଉଥିବା ଅଳଭାଠାରୁ ମଦନପୁର ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି।

ଲୋକଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ। ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ଅଠରବାଟିଆ, ପଛପଡ଼ା, ଅଇନପଡ଼ା ଗାଁର ଅତିରିକ୍ତ ବୋରିଂ ସହ ଅଢ଼ାଖଣ୍ଡ-ମଠସାହି ଗାଁ ରାସ୍ତା ଢଳେଇ କରିବାକୁ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ତ୍ୱରାନ୍ୱିତ କରିବା, କଲେଜକୁ ଆସିଥିବା ପ୍ରକଳ୍ପ ବାବଦ ଅନୁଦାନ ଅର୍ଥର ବାଟମରଣାର ଭିଜିଲାନ୍ସ ତଦନ୍ତ, ଦୁର୍ଘଟଣା ଏଡାଇବା ପାଇଁ ନୂଆ ବାଇପାସ୍ ବିଜୁ ପଟ୍ଟନାୟକ ଛକଠାରେ ସ୍ପିଡ୍ ବ୍ରେକର ନିର୍ମାଣ କରିବା, କଚେରି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରିବା, ଏମ୍‌ଏନ୍ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନିଯୁକ୍ତି, ସାପ୍ତାହିକ ହାଟକୁ ପୂର୍ବ ସ୍ଥାନକୁ ଫେରାଇ ଆଣିବା, ଚାଷୀଙ୍କ ପାଇଁ ଶୀତଳଭଣ୍ଡାର ନିର୍ମାଣ କରିବା ଆଦି ଦାବି ନେଇ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀ ବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବାଛରା ସରପଞ୍ଚ ରଞ୍ଜିତା ସାହୁ ଛୋଟ ପିଲାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବନ୍ଦ ଥିବା ବାଛରା ପ୍ରାଥମିକ ବିଦ୍ୟାଳୟ ଖୋଲିବା ଓ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜମିରେ ଖେଳ ପଡ଼ିଆ ନିର୍ମାଣ ପାଇଁ ଦାବି କରିଥିଲେ। ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ ସଂସାରଫଳରେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟଜଳ ପ୍ରକଳ୍ପର ଠିକାଦାର ପାଇପ ବିଛାଇବା ପାଇଁ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ରାସ୍ତା ଖୋଳି ଦେଇ ମରାମତି କରୁ ନ ଥିବାରୁ ଜନସାଧାରଣ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହି ଶିବିରରେ ଆଗତ ୮୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅଶୋକ ସାମଲ, ସିଡିଏମ୍‌ଓ ଅନିତା ପଟ୍ଟନାୟକ, ଡିଇଓ ପ୍ରଦୀପ ନାଗ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ ପ୍ରମୁଖ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ।

# ଦ୍ୱିତୀୟା ଓଷାରେ ପରିବା ଦର ଆକାଶଛୁଆଁ

ଧର୍ମଶାଳା,୨୩।୯( ବଟକୃଷ୍ଣ ପରିଡା)

ଦ୍ୱିତୀୟା ଓଷାରେ ପାଇଁ ପ୍ରସ୍ତୁତ ହେବ ଘାଣ୍ଟ ତରକାରୀ । ଏଥିପାଇଁ ବିଭିନ୍ନ ରକମର ପନିପରିବା ଆବଶ୍ୟକ । ହେଲେ ଏବେ ପନିପରିବା ଦର ଆକାଶ ଛୁଆଁହୋଇଛି । କିଲୋ ପ୍ରତି ୫୦ରୁ ଶହେ ଏପରିକି ୧୫୦ ଟଙ୍କା ମଧ୍ୟରେ ରହିଛି ପନିପରିବା ଦର। ଏଥିପାଇଁ ରସୁଲପୁର ଓ ଧର୍ମଶାଳା ବ୍ଲକର ପ୍ରମୁଖ ପରିବା ହାଟ ବାରବାଟୀ ପରିବା ବଜାରରେ ଦେଖିବାକୁ ମିଳିଛି ଲୋକଙ୍କ ପ୍ରବଳ ଭିଡ। ବାରବାଟୀ ହାଟରେ ପୋଟଳ ୭୦, ଭେଣ୍ଡି ୬୦, ଜହ୍ନି ୬୦, ,ମାଟିଆଳୁ ୮୦, ବଡକାଙ୍କଡ ୧୦୦ , କାକୁଡି ୬୦, ବିଲାତି ୬୦, ସାରୁ ୬୦ ଏବଂ କୋବି କେଜି ପ୍ରତି ୭୦ ଟଙ୍କା ବିକ୍ରି ହେଉଛି । ୫ଶହ ଟଙ୍କାରେ ପରିବା କିଣିଲେ ବି ବ୍ୟାଗ ପୁରୁନାହିଁ। ପନିପରିବା ଦର ବୃଦ୍ଧି ପାଇଥିଲା ବେଳେ ମଙ୍ଗଳବାର ଓଷା ଥିବାରୁ ଲୋକମାନେ ଚଢ଼ାଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଏହି ପରିବା ହାଟରେ ସ୍ଥାନୀୟ ଅଞ୍ଚଳର ଚାଷୀ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଥିବାରୁ ପ୍ରାୟତଃ ପନିପରିବା ଏଠାରେ ସୁଲଭ ମୂଲ୍ୟରେ ମିଳିଥାଏ। ବ୍ୟବସାୟୀମାନେ ଏଠାକାର ଚାଷୀଙ୍କ ଠାରୁ ପନିପରିବା କିଣି ଅନ୍ୟତ୍ର ବିକ୍ରି କରିଥାନ୍ତି। ସ୍ଥାନୀୟ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ପର୍ଯ୍ୟାପ୍ତ ପରିମାଣର ନ ଥିବାରୁ ପନିପରିବା ଦର ମୂଲ୍ୟ ଅହେତୁକ ବୃଦ୍ଧି ପାଇଥିବା ବ୍ୟବସାୟୀ କହିଛନ୍ତି।

# ପାଣିକୋଇଲିକୁ କେଏନ୍‌ଡିଏରୁ ବାଦ୍ ଦେବା ଦାବି ତେଜିଲା

ପାଣିକୋଇଲି,୨୩।୯(ବିକାଶ କୁମାର ମଲିକ)

ଗତ ସରକାର ସମୟରେ ପାଣିକୋଇଲିକୁ ଜିଲା ପ୍ରଶାସନ କଳିଙ୍ଗନଗର ଡ଼େଭଲେପମେଣ୍ଟ ଅଥରିଟି (କେଏନ୍‌ଡ଼ିଏ)ରେ ସାମିଲ କରିଥିଲେ। ଏଥିପାଇଁ କୌଣସି ଜନଶୁଣାଣୀ ହୋଇ ନ ଥିଲା । କେତେଜଣ ବ୍ୟକ୍ତି ନିଜର ଫାଇଦା ଉଠାଇବା ସହିତ ଜିଲା ଖଣିଜ ପାଣ୍ଠିକୁ ଲୁଟିବା ଲାଗି ଏପରି ଅପଚେଷ୍ଟା ଚଳାଇଥିଲେ । ସରକାର ବଦଳି ଯିବା ପରେ ସେମାନେ ଏଥିରେ ସଫଳ ହୋଇପାରିନାହାନ୍ତି। କିନ୍ତୁ ଏହାର ଫଳ ଭୋଗିବାକୁ ଯାଉଛନ୍ତି ପଞ୍ଚାୟତବାସୀ। ଏବେ ପାଣିକୋଇଲିବାସୀ ଜମି ବିକ୍ରି କିମ୍ବା ଘରଖଣ୍ଡେ କରିବାକୁ କେଏନ୍‌ଡ଼ିଏ ଅଧିକାରୀଙ୍କ ଅନୁମୋଦନ ଲାଗି ଦୌଡ଼ିବାକୁ ପଡୁଛି । ତେଣୁ ପାଣିକୋଇଲିକୁ କେଏନ୍‌ଡ଼ିଏରୁ ବାଦ ଦେବା ଲାଗି ସ୍ଥାନୀୟ ଅଞ୍ଚଳବାସୀ ଅଣ୍ଟା ଭିଡ଼ିଛନ୍ତି। ସୋମବାର ପ୍ରଶାସନ ତରଫରୁ ପାଣିକୋଇଲି ପଞ୍ଚାୟତରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାସିନ୍ଦା କଳ୍ପତରୁ ମହାପାତ୍ର, ରାକେଶ କୁମାର ସାହୁ, ଶଶୀକାନ୍ତ ମଲିକ, ବିନାୟକ ସାହୁ, ହରିହର ବାରିକ, ଶ୍ରୀଧର ନାୟକ, ଉପେନ୍ଦ୍ର ସାହୁ, ଅଜୟ କୁମାର ସାହୁ ପ୍ରମୁଖ ଏ ଦାବି କରିଛନ୍ତି। କେଏନ୍‌ଡିଏରୁ ପାଣିକୋଇଲିକୁ ବାଦ୍ ଦେବାକୁ ସେମାନେ ଗୁରୁତ୍ୱାରୋପ କରିଛନ୍ତି ।

# ‘ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହିଁ ପ୍ରକୃତ ଶିକ୍ଷା’

ଏରସମା,୨୩। ୯ (ଦୀପ୍ତି ଖଣ୍ଡୁଆଳ)

**ଶିଶୁ ସୁରଭି ମହୋତ୍ସବ**

ଏରସମା ବ୍ଲକ ଅନ୍ତର୍ଗତ ଅମ୍ବିକି ପଞ୍ଚାୟତସ୍ଥିତ ଅମ୍ବିକି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ୨୦୨୪ ସୋମବାର ଚାଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ହେମ୍ବ୍ରମ୍ ଓ ସିଆର୍‌ସିସି ଶ୍ରୁତିପ୍ରଜ୍ଞା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବକୁ ଏବିଇଓ ଗୋପବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି କହିଥିଲେ, ଅନ୍ତର୍ନିହିତ ଗୁଣାବଳୀର ବିକାଶ ହିଁ ପ୍ରକୃତ ଶିକ୍ଷା । ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ରାନି ଟୁଡ୍ଡୁ, ବାଘାଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ମହାନ୍ତି, ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଉତ୍ତମ ମଣ୍ଡଳଙ୍କ ସହ ଶିବଶଙ୍କର ମୁର୍ମୁ, ଉମାକାନ୍ତ ନାୟକ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, କବିତା ଭୂୟାଁ, ଶ୍ରୀମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ସୁରଭିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ କ୍ଲଷ୍ଟରର ୧୩ଟି ବିଦ୍ୟାଳୟରୁ ୧୦୬ ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା, ସଂଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ସୃଜନଶୀଳ ଲିଖନ ପ୍ରଭୃତି ୧୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଲିପ୍ସା ଜେନା, ରାଜେଶ ଜେନା, ତେଜସ୍ୱିନୀ ପ୍ରଧାନ, ଶୁଭସ୍ମିତା ରାଉତ, ଅର୍ଚ୍ଚିତା ପ୍ରିୟଦର୍ଶିନୀ ପ୍ରମୁଖ ୩୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶିଶୁ, ପ୍ରସୂତି ମହିଳାଙ୍କୁ ନିମ୍ନମାନର ଛତୁଆ

ରାଜନଗର, ୨୩।୯(ଭାସ୍କର ରାଉତରାୟ)

- ୨୩ କୁଇଣ୍ଟାଲ ଗହମକୁ ୫୦ କେଜି ବୁଟ, ୫୦ କେଜି ବାଦାମ
- ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାରୁ ମିଶ୍ରଣ ପ୍ରକ୍ରିୟା ବନ୍ଦ ରହିଲା



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ କୋମଳମତି ଶିଶୁ, ପ୍ରସୂତି ଏବଂ ଗର୍ଭବତୀ ମା’ମାନଙ୍କ ଜୀବନ ସହ ଖେଳାଯାଉଛି। ପୁଷ୍ଟିକର ଛତୁଆ ବଦଳରେ ନିମ୍ନମାନର ଗୋରୁକୁଣ୍ଡକୁ ଯିବାଭଳି ଖାଦ୍ୟ ପ୍ରଦାନ କରାଯାଉଛି। ପୂର୍ବରୁ ଏ ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ସୋମବାର ତାର ପ୍ରମାଣ ମିଳିଛି। କେବଳ ଗହମକୁ ପେସି ଛତୁଆ ପ୍ରସ୍ତୁତ କରି ଦେବାକୁ ହୋଇଥିବା ଯୋଜନା ପଣ୍ଡ ହୋଇଛି। ଠିକ୍ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଛତୁଆ ସେଣ୍ଟରରେ ପହଞ୍ଚି ଯିବାରୁ ସୁପରଭାଇଜର ସଫେଇ ଦେବା ସହ ବୁଟ ଓ ବାଦମ ନ ଥିବାରୁ ସୋମବାର ମିଶ୍ରଣ ହେଉନାହିଁ ବୋଲି ସେ କହିଛନ୍ତି।

ସରକାର ପୁଷ୍ଟିହୀନତା ଦୂର କରିବାକୁ ୬ ମାସରୁ ୩ ବର୍ଷର ଶିଶୁଙ୍କୁ ସରକାର ଛତୁଆ ଓ ସୁଜି ପ୍ରତି ମାସରେ ଯୋଗାଇ ଦେଉଥିବା ବେଳେ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଛତୁଆ, ଖସାଲଡୁ, ବାଦାମଲଡୁ, ମୁଢ଼ି, ସୋଲା, ଖଜୁରୀକୋଳି ଯୋଗାଇ ଦେଉଛନ୍ତି। ଶିଶୁମାନଙ୍କୁ ଅପପୁଷ୍ଟିରୁ ରୋକିବାକୁ ସରକାର ସୁଷମ ଓ ଉତ୍ତମ ଖାଦ୍ୟ ଯୋଗାଇ ଦେଉଥିବାବେଳେ ଅତି ନିମ୍ନମାନର ଛତୁଆ ଯୋଗ ଯାଉଛି। ଯାହାକି ଶିଶୁଙ୍କ ପେଟକୁ ଯିବା ପରିବର୍ତ୍ତେ ଏହି ଛତୁଆ ଗୋରୁକୁଣ୍ଡକୁ ଯାଉଛି। ସରକାରଙ୍କ ନିୟମ ମୁତାବକ, ପ୍ରତି ମାସର ୨୩ ତାରିଖରେ ଛତୁଆ ପ୍ରସ୍ତୁତ ପାଇଁ ପୂର୍ବରୁ ଭଜା ହୋଇଥିବା ଗହମ, ବୁଟ, ଚିନାବାଦାମ ସହିତ ଚିନି ମିଶ୍ରଣ କରାଯିବ। ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜରଙ୍କ ଉପସ୍ଥିତିରେ ସରକାରଙ୍କ ସାମଗ୍ରୀର ଅନୁପାତ ଅନୁଯାୟୀ ଓଜନ କରାଯାଇ ମିଶ୍ରଣ ହେବ। ଏହି ମିଶ୍ରଣ ପ୍ରକ୍ରିୟା ପରେ ଛତୁଆ ପ୍ରସ୍ତୁତ ହେବ। ଏହାପରେ ଛତୁଆ ପ୍ୟାକେଟ କରାଯାଇ ବ୍ୟାଚ୍ ନମ୍ବର ଓ ପ୍ରସ୍ତୁତି ତାରିଖ ଲେଖାଯାଇ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଠିକାଦାର ପହଞ୍ଚାଇବେ। ରାଜନଗର ବ୍ଲକ ମଲିଆବୁଦାଠାରେ ଥିବା ଏକ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସୋମବାର କେବଳ ଗହମରେ ଛତୁଆ ପ୍ରସ୍ତୁତ କରାଯିବା ପାଇଁ ସ୍ଥିର ହୋଇଥିଲା। ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ଏହି ମସୁଧା ପଣ୍ଡ ହୋଇଛି। ଏହି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ୨୩ କୁଇଣ୍ଟାଲ ଗହମ ଭଜା ହୋଇ ରହିଥିବା ଦେଖାଇ ଥିଲେ। ଗହମ କୁଇଣ୍ଟାଲ ପିଛା ୨୦ କେଜି ବୁଟ ଓ ୧୫ କେଜି ବାଦାମ ମିଶ୍ରଣ କରାଯିବାର ସରକାରଙ୍କ ନିୟମ ରହିଛି ବୋଲି ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ କହିଥିଲେ। ମାତ୍ର ଆବଶ୍ୟକ ମୁତାବକ ବାଦାମ ଓ ବୁଟ ନ ଥିଲା। ୨୩ କୁଇଣ୍ଟାଲ ଗହମ ପାଇଁ ୪ କୁଇଣ୍ଟାଲ ୬୦ କେଜି ବୁଟ ଓ ୩ କୁଇଣ୍ଟାଲ ୪୫ କେଜି ବାଦାମ ପରିବର୍ତ୍ତେ ମାତ୍ର ୫୦ କେଜି ବୁଟ ଓ ୫୦ କେଜି ବାଦାମ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କେବଳ ଶୋ ପାଇଁ ରଖାଯାଇଥିଲା। ୨୩ କୁଇଣ୍ଟାଲ ଗହମ ପାଇଁ ଆବଶ୍ୟକ ବୁଟ ଓ ବାଦାମ ଗୋଟିଏ ଜାଗାରେ ରଖିବାକୁ କହିବା ପରେ ସୁପରଭାଇଜର କଥା ଗୋଳାଇ ଆବଶ୍ୟକ ବୁଟ ଓ ବାଦାମ ନାହିଁ। ସେଥିପାଇଁ ଆଜି ମିଶ୍ରଣ ହେବ ନାହିଁ ବୋଲି କହିଥିଲେ। ଯଦି ଆଜି ମିଶ୍ରଣ ହେବାର ନ ଥିଲା, ତେବେ ସୁପରଭାଇଜର ସେଠାକୁ ଯାଇଁ ଦୀର୍ଘ ସମୟ ଧରି ବସି ରହିଥିଲେ କାହିଁକି। ସବୁଠୁ ବଡ଼କଥା ହେଲା ସାରା ଓଡ଼ିଶାରେ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ ପୂର୍ବରୁ ଗହମ, ବୁଟ, ବାଦାମ ଓ ଚିନି ତାର ପରିମାଣ ଅନୁଯାୟୀ ସୁପରଭାଇଜରଙ୍କ ଉପସ୍ଥିତିରେ ମିଶ୍ରଣ କରାଯାଇଥାଏ। ସରକାର ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# ୧୪ ବର୍ଷ ପରେ କେଏସ୍‌ୟୁବି କଲେଜ ପାଳିବ ସୁବର୍ଣ୍ଣ ଜୟନ୍ତୀ

ଭଞ୍ଜନଗର, ୨୩ା୯ (ବାବୁଲା ପ୍ରଧାନ)
ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ୧୯୭୦ରେ ସ୍ଥାପନ ହୋଇଥିଲା। ପୂର୍ବତନ ବାଚସ୍ପତି ସୋମନାଥ ରଥଙ୍କ ପ୍ରଚେଷ୍ଟା ଏବଂ ଲାଲସିଂ ଅଞ୍ଚଳର ବହୁ ବ୍ୟକ୍ତି ମହାବିଦ୍ୟାଳୟ ପାଇଁ ଜମିଦାନ କରିବା ସେତେବେଳେ ମହାବିଦ୍ୟାଳୟ ପ୍ରତିଷ୍ଠାକୁ ସୁଗମ କରିଥିଲା। ମହାବିଦ୍ୟାଳୟ ପ୍ରଥମେ ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ କିଛିଦିନ ଚାଲିବା ପରେ ନିଜସ୍ୱ ଟିଣ ଘରେ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଲୋକ ପ୍ରତିନିଧିମାନଙ୍କ ସହଯୋଗରେ ଏହି ମହାବିଦ୍ୟାଳୟର ଅନେକ ବିକାଶ ହୋଇଛି। ତଥାପି ମହାବିଦ୍ୟାଳୟରେ କିଛି ସମସ୍ୟା ରହିଛି। ଏଭଳି ସ୍ଥିତିରେ ମହାବିଦ୍ୟାଳୟ ଚଳିତବର୍ଷ ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ମହାବିଦ୍ୟାଳୟ ତାର ସୁବର୍ଣ୍ଣ


ବୈଠକରେ ଏକାଠି ହୋଇଥିବା ଛାତ୍ର ନେତାମାନେ ।

ଜୟନ୍ତୀ ଉତ୍ସବ ୨୦୧୦ରେ ପାଳନ କରିବାର ଥିଲା। ମାତ୍ର ସେତେବେଳେ ବିଭିନ୍ନ କାରଣରୁ ସମ୍ଭବ ହୋଇ ନ ଥିଲା। ବର୍ତ୍ତମାନ ପୂର୍ବତନ ଛାତ୍ର ସଂସଦ ସଭାପତି ପ୍ରଦ୍ୟୁମ୍ନ କୁମାର ନାୟକ ଭଞ୍ଜନଗର ବିଧାୟକ ନିର୍ବାଚିତ ହେବାପରେ ଚଳିତ ବର୍ଷ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଚଳାଇଛି। ଏନେଇ ସୋମବାର ସଂଧ୍ୟାରେ ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳା ପରିସରରେ ପୂର୍ବତନ ଛାତ୍ରନେତାମାନଙ୍କୁ ଡାକି ପୂର୍ବତନ ଛାତ୍ର ସଂସଦ ସଭାପତି ନାୟକ ଆଲୋଚନା କରିଥିଲେ। ଆସନ୍ତା ନଭେମ୍ବରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୬ରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସମ୍ପର୍କରେ ଚୂଡ଼ାନ୍ତ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଧାୟକ ନାୟକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର ସଂସଦ ସଭାପତି ସନ୍ତୋଷ ବେହେରା, ଇରସାଦ ମହମ୍ମଦ, ସୁଧୀର ଦାସ, ବସନ୍ତ ଦାସ, ହର ଗୌଡ, ଛବିଲାଲ ପୃଷ୍ଟି, ଗିରିଜା ଶଙ୍କର ଭୂୟାଁ, ଅମୂଲ୍ୟ ସାହୁ, ଚିଦାନନ୍ଦ ସ୍ୱାଇଁ, ଅରୁଣ ବେହେରା, ବିଶିକେଶନ ରାଉତ, ବିକ୍ରମ ବିଷୋୟୀ, ଆମଜାଦ ଖାନ, ପ୍ରମୋଦ ବିଷୋୟୀ, ସମୀର ନାୟକ, ନୀଳମାଧବ ପାତ୍ର, ରବିନ୍ଦ୍ର ଗୌଡ ପ୍ରମୁଖ ଯୋଗଦେଇ ଆଲୋଚନାରେ କରିଥିଲେ। ସୂଚନାଯୋଗ୍ୟ ବ୍ରହ୍ମପୁର ବିଶବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ମଧ୍ୟରୁ ଭଞ୍ଜନଗର ମହାବିଦ୍ୟାଳୟ ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ରୂପେ ପରିଚିତ।

## ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ବିକାଶ ମେଳା
# ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ ଜିଣୁଛନ୍ତି କଳାକାର

ଛତ୍ରପୁର, ୨୩ା୯ (ଦିଲିପ ସାମଲ/ସନ୍ତୋଷ ପାଢ଼ୀ)
ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ଗଞ୍ଜାମ ଜିଲାସ୍ତରୀୟ ବିକାଶ ମେଳା ଜିଲା ସଦରମହକୁମା ଛତ୍ରପୁରଠାରେ ଓରମାସ୍ ପକ୍ଷରୁ ଅନୁଷ୍ଠିତ ହେଉଛି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ମେଳା ସୋମବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ମେଳାରେ ବିଭିନ୍ନ ବିଭାଗର ୨୮ଟି ଷ୍ଟଲ ଖୋଲିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସରକାରଙ୍କ ସୁଶାସନର ୧୦୦ ଦିନର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଫଟୋ ଚିତ୍ର ମାଧ୍ୟମରେ ଷ୍ଟଲରେ ପ୍ରଦର୍ଶନ କରାଯାଉଛି। ଦ୍ୱିତୀୟ ଦିବସର ସଂଧ୍ୟାରେ ପ୍ରତିଷ୍ଠିତ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ମନଲୋଭା ନୃତ୍ୟ ସାଙ୍ଗକୁ ରୋନାଲିସା, ଜିତେନ୍ଦ୍ର, ରତୁରାଜ, ପିଙ୍କି, ବିଚିତ୍ରା, ଦିଲ୍ଲୀପ, ଲୋପାମୁଦ୍ରା, ମାନସୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମନଛୁଆଁ ହୋଇଥିଲା। ମହାନଳାର ମା' ଦେବୀ ନାଟ୍ୟ କଳା ସଂସଦର ଭାରତ ଲୀଳା, ଛତ୍ରପୁର କଳା ବିକାଶ କେନ୍ଦ୍ରର ଓଡ଼ିଶୀ, ହିଞ୍ଜିଳିକାଟୁ ନୃତ୍ୟମ୍ ଅନୁଷ୍ଠାନର ପାରମ୍ପରିକ ଲୋକନୃତ୍ୟ, ବ୍ରହ୍ମପୁରର ଓଡ଼ିଶୀ ନୃତ୍ୟମ୍ ପକ୍ଷରୁ ଓଡ଼ିଶା ମୋ ଓଡ଼ିଶା, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ, ଛତ୍ରପୁର କୋୟଲର ଅର୍କେଷ୍ଟ୍ରା ଓ ଗଞ୍ଜାମ ଜିଲାର ପାରମ୍ପରିକ ଲୋକକଳା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଘୋଷକ ରୂପେ ଶିବାନନ୍ଦ ବାରିକ ଦାୟିତ୍ୱ ତୁଲାଇଥିଲେ। ମେଳା ଦେଖିବାକୁ ପ୍ରବଳ ଜନସମାଗମ ହେଉଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅଣ୍ଡିରା କୃଷ୍ଣସାରର ମୃତ୍ୟୁ



ଆସିକା, ୨୩ା୯ (ସୁରେନ୍ଦ୍ର ନାଥ ସାହୁ):
ଆସିକା ବନାଞ୍ଚଳ ଚାରିମଇଲି ନିକଟସ୍ଥ ଜଗତିପଡିଆ ୱାଚ ଟାୱାର ନିକଟରେ ସୋମବାର ସକାଳେ ଏକ ଅଣ୍ଡିରା କୃଷ୍ଣସାର ମୃଗର ମୃତଦେହ ଉଦ୍ଧାର କରାଯାଇଛି। ପ୍ରାୟ ୩ଫୁଟ ଉଚ୍ଚ ଓ ୪ ଫୁଟ ଲମ୍ବା ଥିବା ଏହି କୃଷ୍ଣସାରର ଅଢେଇ ଫୁଟ ଲମ୍ବର ସିଂଘ ରହିଛି। ମୃଗଟି ୮ରୁ ୧୦ ବର୍ଷର ହେବ ବୋଲି ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ତାହାର ମୃତ୍ୟୁ ଘଟିଛି ସ୍ପଷ୍ଟ ହୋଇନାହିଁ। ସକାଳେ ପ୍ରାତଃଭ୍ରମଣରେ ଯାଉଥିବା କୃଷ୍ଣସାର ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ ମୃଗ ମୃତଦେ ପଡିଥିବା ଦେଖିଥିଲେ। ସଂପୃକ୍ତ ଅଞ୍ଚଳରେ ରହିଥିବା ଘରୋଇ ଜମିର ତାର ବାଡରେ ଲାଗି କୃଷ୍ଣସାରର ମୃତ୍ୟୁ ହୋଇଥିବା ଉପାଧ୍ୟାୟ ଅଭିଯୋଗ କରିଛନ୍ତି। କୃଷ୍ଣସାରଙ୍କ ବହୁଳ ବିଚରଣ ଅଞ୍ଚଳରେ ଗତ ୨ରୁ ୩ ବର୍ଷ ହେଲା ଲାଗିଥିବା ଏହି ତାରବାଡକୁ ହଟାଇ ସେମାନଙ୍କ ବିଚରଣ ସ୍ୱାଭାବିକ କରିବା ଲାଗି ସେ ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାଅଭିଯୋଗ କରିଛନ୍ତି।

### ଅନ୍ତର୍ଜାତୀୟ ନଦୀ ଦିବସ ପାଳିତ

ଭଞ୍ଜନଗର, ୨୩ା୯ (ବାବୁଲା ପ୍ରଧାନ)
ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଆର୍ମି ୱିଙ୍ଗ କ୍ୟାଡେଟମାନେ ରବିବାର ଅନ୍ତର୍ଜାତୀୟ ନଦୀ ଦିବସ ପାଳନ କରିଛନ୍ତି। ଏହି ଅବସରରେ କ୍ୟାଡେଟମାନେ ଭଞ୍ଜନଗର ଜଳଭଣ୍ଡାରରୁ ବାହାରିଥିବା ନଦୀ ଏବଂ ଜଳଭଣ୍ଡାର କୂଳ ସଫେଇ କରିଥିଲେ। ପରେ ସହରରେ ଏକ ଶୋଭାଯାତ୍ରା ହୋଇଥିଲା। ଏନ ସି ସି ଅଫିସର୍ ଅଧ୍ୟାପକ ରଜନୀ କାନ୍ତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ନଦୀ ଜଳର ଆବଶ୍ୟକତା ଏବଂ ତାହାର ସୁରକ୍ଷା କିଭଳି ହୋଇପାରିବ ସେ ସମ୍ପର୍କରେ କହିଥିଲେ।

### ଧର୍ମପରାୟଣଙ୍କ ପରଲୋକ

ଆସିକା, ୨୩ା୯ (ସୁରେନ୍ଦ୍ର ନାଥ ସାହୁ):
ଆସିକା ସହରର ଧର୍ମପରାୟଣ ବ୍ୟକ୍ତି ସିଏଚ. କିଶୋର ମୋହନ ପାତ୍ର(୭୦)ଙ୍କ ସୋମବାର ମହାରାଷ୍ଟ୍ରର ନାଗପୁରଠାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସେ ଦିବ୍ୟଜୀବନ ସଂଘର ଜଣେ ସକ୍ରିୟ ସଭ୍ୟ କିଶୋର ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଦୁଇ ପରିବାର ସହ ଋଷିକେଶ ଠାରେ ନବରାତ୍ରୀ ପୂଜାରେ ସାମିଲ ହେବାକୁ ଯାଉଥିଲେ । ନାଗପୁର ଷ୍ଟେଶନରେ କିଶୋଣ ଚା' ପିଇବା ଲାଗି ଓହ୍ଲାଇଥିଲା ବେଳେ ଟ୍ରେନ ଛାଡିଦେଇଥିଲା। ତରବରିଆ ଭାବେ ପାତ୍ର ଟ୍ରେନରେ ଚଢୁଥିଲା ବେଳେ ତଳକୁ ଖସିପଡି ଗୁରୁତର ହୋଇଥିଲେ। ସହଯୋଗୀମାନେ ତାଙ୍କୁ ଉଦ୍ଧାର କରି ଅନ୍ୟ ଷ୍ଟେଶନରେ ଚିକିତ୍ସା ବ୍ୟବସ୍ଥା କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ଆସିକା ଅଣାଯାଉଛି। ଏହି ଘଟଣାରେ ଓଡିଶା ଦିବ୍ୟଜୀବନ ସଂଘ ରାଜ୍ୟ ସଂଗଠକ ଜୟଚନ୍ଦ୍ର ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଶ୍ରମ କୋଡ୍ ବାତିଲ ଦାବିରେ କଳା ଦିବସ ପାଳନ



ଶ୍ରମିକ ସଙ୍ଗଠନ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଛତ୍ରପୁର, ୨୩ା୯ (ସନ୍ତୋଷ ପାଢ଼ୀ/ଦିଲିପ ସାମଲ):
ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ, ମାସିକ ସର୍ବନିମ୍ନ ୨୬ ହଜାର ଦରମା ଓ ପୁରୁଣା ପେନସନ ଲାଗୁ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ସୋମବାର ଦେଶବ୍ୟାପୀ କଳା ଦିବସ ପାଳନ ପାଇଁ ଆହ୍ୱାନ ଦେଇଥିଲେ। ଏହାର ଅଂଶ ବିଶେଷ ଭାବେ ସୋମବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଗୁଡ଼ିକର ଛତ୍ରପୁର ଶାଖା ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧ ନୀତିଗୁଡ଼ିକୁ ଶୀଘ୍ର ବାତିଲ କରିବା ପାଇଁ ସ୍ଲୋଗାନ କର୍ମକର୍ତ୍ତାମାନେ ଦେଇଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ବାଟାଗୁଡ଼ାରେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ, ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

**ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି**

ବାଲିଗୁଡା, ୨୩ା୯ (ସଞ୍ଜୟ କୁମାର ପାଣିଗ୍ରାହୀ)
ଭାଜପା ନେତୃତ୍ୱରେ ଗଠିତ ନୂତନ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ହୋଇଛି। ଏହି ୧୦୦ ଦିନର ଉପଲବ୍ଧିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବାଲିଗୁଡା ନିର୍ବାଚନ ମଣ୍ଡଳୀ ବାଟାଗୁଡା ମଣ୍ଡଳର ପଞ୍ଚାୟତ ସଭାଗୃହରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ସଦସ୍ୟତା ପ୍ରଭାରୀ ସୁରେନ୍ଦ୍ର ପାତ୍ରଙ୍କ ଅବାହକତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଗଠିତ ସରକାରଙ୍କ ଶହେ ଦିନର ହିସାବ ରଖିଥିଲେ। ନିର୍ବାଚନରେ ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କାକୁ ବୃଦ୍ଧି, ସୁଭଦ୍ରା ଯୋଜନା, ୮୦ ବର୍ଷରୁ ଅଧିକ ବୟସର ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି ସମ୍ପର୍କରେ ବାର୍ତ୍ତା ଗ୍ରାମାଞ୍ଚଳର ପ୍ରତି ଘରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପୂର୍ବତନ ବିଧାୟକ ମାଝି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଟଗୁଡା ସରପଞ୍ଚ ପ୍ରତାପ ମଲ୍ଲିକ ଉପସ୍ଥିତ ଥିଲେ। ମଣ୍ଡଳ ସଭାପତି ପିଣ୍ଟୁ ମଲ୍ଲିକ ସଭାପତିତ୍ୱ କରିଥିଲେ। ନକୁଳ ମଲ୍ଲିକ ଅତିଥି ପରିଚୟ ଦେଇଥିଲେ। ମିଣ୍ଟୁ ମଲ୍ଲିକ, ଭରତ ମଲ୍ଲିକ, ନକୁଳ ମଲ୍ଲିକ, ମନୋଜ ମଲ୍ଲିକ, ରବୀନ୍ଦ୍ର ପଣ୍ଡା, ସରୋଜ ମଲ୍ଲିକ, ସସ୍ମିତା ନାୟକ, ସୁଶାନ୍ତ ମଲ୍ଲିକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗ୍ରାମ ସଫେଇ କଲେ ଏନ୍‌ଏସ୍‌ସି କର୍ମଚାରୀ



ଦିଗପହଣ୍ଡି, ୨୩ା୯ (ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଡ. ଅଶୋକ କର୍ଣ୍ଣଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ୨ ନଂ. ୱାର୍ଡ ନିମପଲ୍ଲୀ ଗ୍ରାମରେ ସମୂହ ସଫେଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏଥିରେ କାଉନସିଲର ନୀଳମାଧବ ଗୌଡ, ସୁଶାନ୍ତ ପାତ୍ର, ସୁନିଲ ପଣ୍ଡା, ପ୍ରତିନିଧି ଇ. ଶଙ୍କର, କନିଷ୍ଠଯନ୍ତ୍ରୀ ଇଂ.ମମତା ପଣ୍ଡା, ସିଏମ୍‌ଏମ୍ ଶଶୀଭୂଷଣ ଦତ୍ତ, ରାଜ କିଶୋର ରଥ, ହରିକୃଷ୍ଣ ସାହୁ, ବାଳକୃଷ୍ଣ ପାଣିଗ୍ରାହୀ, ସନ୍ତୋଷ ପାଢୀ, ସ୍ୱାଗତିକା ପାତ୍ର, ସତ୍ୟ ନାରାୟଣ ଦାସଙ୍କ ସହ ଅନ୍ୟମନେ ଅଂଶଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ଆଦର୍ଶ ଶ୍ମଶାନ ପରିସରରେ ଚାରା ରୋପଣ କରାଯାଇଥିଲା। ଗୋଟିଏ ଚାରା ମା'ଙ୍କ ନାମରେ ରୋପଣ କରି ଏହାର ଯତ୍ନ ନେବାକୁ ପଣ୍ଡା ପରାମର୍ଶ ଦେଇଥିଲେ।

### ଖୁସି ପକ୍ଷରୁ ଜନ୍ମ ଉତ୍ସବ ପାଳନ

ବାଲିପଦର, ୨୩ା୯ (ବିଶିକେଶନ ସ୍ୱାଇଁ)– ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଭଞ୍ଜନଗର ସ୍ଥିତ ବାହାଡ଼ାପଦର ଜଗବନ୍ଧୁ ଜେନା ପରିବାର ପକ୍ଷରୁ ଖୋଲରୀ ଜୟକିଶାନ ସେବାଶ୍ରମଠାରେ ଜରାନିବାସ ଅନ୍ତେବାସୀଙ୍କ ଗହଣରେ ପ୍ରତିଷ୍ଠାନର ଉଦ୍ୟୋକ୍ତା କାର୍ତ୍ତିକେଶ୍ୱର ବିଷୋୟୀଙ୍କ ତତ୍ତ୍ୱାବଧାନରେ ଖୁସି ପକ୍ଷରୁ ଦେବାଂଶୀ ପ୍ରିୟଦର୍ଶନୀଙ୍କ ଜନ୍ମଦିନ ପାଳନ କରାଯାଇଛି। ଏଥିସହ ଜରାଶ୍ରମ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର, ଫଳ ଏବଂ ବିଭିନ୍ନ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ତଥା ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ କେନ୍ଦ୍ର ପରିଷଦ ସଭାପତି ସନ୍ତୋଷ କୁମାର ଜେନା ଯୋଗଦେଇ ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପ୍ରଦାନ କରିଥିବା ବେଳେ ଗଞ୍ଜାମର ୫୦ନଂ ଜୋନ୍ ଜିଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ଭବାନୀ ସ୍ୱାଇଁ, ଖରଣା ଜେନା, ବିଶ୍ୱନାଥ ଜେନା, ସୁଜାତା ଜେନା, ମୋତିଲାଲ ବିଷୋୟୀ, ଦିବ୍ୟାରାଣୀ ଜେନା, ସୁରଭି ବିଷୋୟୀ, ଭରତ ଜେନା, ଅନିତା ବିଷୋୟୀ, ସୁଲତା ଜେନା ପ୍ରମୁଖ ଯୋଗଦେଇଥିଲେ। ଜରାନିବାସ ପକ୍ଷରୁ କାର୍ତ୍ତିକେଶ୍ୱର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଉପକରଣ ପ୍ରଦର୍ଶନୀ ମେଳା

ରମ୍ଭା, ୨୩ା୯ (ବନବାସୀ ସେଠୀ)
ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପରେ ବର୍ଜ୍ୟବସ୍ତୁରେ ପ୍ରସ୍ତୁତି ପ୍ରଦର୍ଶନୀ ମେଳା କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରକାର ସାମଗ୍ରୀ ବ୍ୟବହାର କରି ଫିଙ୍ଗି ଦେଉଥିବା ବର୍ଜ୍ୟବସ୍ତୁରୁ ପ୍ରସ୍ତୁତି ସୁନ୍ଦର ସୁନ୍ଦର ଘରୋଇ ଉପକରଣର ଏକ ପ୍ରଦର୍ଶନୀ ମେଳା ହୋଇଥିଲା। ଏଥିରେ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଏମ୍‌ଏସ୍‌ଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ଉପକରଣ ତିଆରି କରି ଏହି ମେଳାରେ ପ୍ରଦର୍ଶନ କରିଥିଲେ। ଏନଏସି ଅଧକ୍ଷା ମାନସୀ ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡ. ସରୋଜ ଦାଶ ଉପସ୍ଥାପନା କରିଥିବା ବେଳେ ସ୍ୱଚ୍ଛତା ପରାମର୍ଶଦାତା ଦୀପକ କୁମାର ବିଷୋୟୀ, ଜି. ସଙ୍ଗମ ଚୌଧୁରୀ, ସର୍ବନାମ ଦାଶ ସଂଯୋଜନା କରିଥିଲେ ଏବଂ ସିଓ ପ୍ରଭାସିନୀ ନାୟକ ସଞ୍ଚାଳନ କରିଥିଲେ। ସିଟିମିଶନ ମ୍ୟାନେଜର ରାମକୃଷ୍ଣ ମହାପାତ୍ର, ମନୋଜ କୁମାର ସେନାପତି, ଚିକାଲା ଲୋଖେଶ୍ୱରୀ ସହ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କ ସହଯୋଗ କରିଥିଲେ।

# ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ପ୍ରକଳ୍ପ ପ୍ରଦର୍ଶନୀ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

ଚିକିଟି, ୨୩ା୯ (ପ୍ରକାଶ ଚନ୍ଦ୍ର ସାହୁ):
ଚିକିଟି ଏନ୍‌ଏସି ତରଫରୁ ରାଜକବି ରାଧାମୋହନ ବିଦ୍ୟାପୀଠ ପରିସରରେ ସୋମବାର ବର୍ଜ୍ୟବସ୍ତୁର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ସମ୍ମାନିତ ଅତିଥି ଚିକିଟି ତହସିଲଦାର ବଳଦେବ ବେହେରା, ବିଡ଼ିଓ ଲକ୍ଷ୍ମନ ସୋରେନ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଅଧକ୍ଷା ଦୀପା କୁମାରୀ ସାହୁ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବର୍ଜ୍ୟବସ୍ତୁକୁ କିଭଳି ପୁନଃଚକ୍ରଣ କରି ତାହାର ସଦୁପଯୋଗ ଏବଂ ଅର୍ଥଲାଭ କରିପାରିବେ ସେ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଏନ୍‌ଏସି ଅଧିନସ୍ଥ ୧୧ଟି ସରକାରୀ ଓ ବେସରକାରୀ ଉଚ୍ଚବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବର୍ଜ୍ୟବସ୍ତୁର ପ୍ରକଳ୍ପ ଓ ଚିତ୍ରାଙ୍କନ ପ୍ରଦର୍ଶିତ ହୋଇଥିଲା। ୪୪ ଜଣ ଛାତ୍ରୀଛାତ୍ର ଚିତ୍ରାଙ୍କନରେ ଓ ୧୦ ଜଣ ବର୍ଜ୍ୟବସ୍ତୁ ପ୍ରକଳ୍ପରେ ଭଲ ପ୍ରଦର୍ଶନ କରିଥିବାରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ଅଭିଭାବକ–ଶିକ୍ଷକ ସଂଘ ବୈଠକ

ବୁଗୁଡ଼ା, ୨୩ା୯ (କାଳିଚରଣ ଦାଶ)
ସ୍ଥାନୀୟ ପିପୁଲ୍ସ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ଅଭିଭାବକ–ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପରିଚାଳନା କମିଟି ସଭାପତି ରଜନୀକାନ୍ତ ଭଞ୍ଜ, ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟରାମ ବିଷୋୟୀ, ଅଧ୍ୟାପିକା ଅନୀତା ଦେବୀ, ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ ଏବଂ ବିଭାଗୀୟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଅଭିଭାବକ ଏବଂ ଶିକ୍ଷକଙ୍କ ଆବଶ୍ୟକ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ସର୍ବନିମ୍ନ ଉପସ୍ଥାନ ୭୫% ଜରୁରୀ ହେତୁ ଅହେତୁକ ଅନୁପସ୍ଥିତି ପ୍ରତି କଡା ଆଭିମୁଖ୍ୟ ଗ୍ରହଣ ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରଙ୍କ ନିମନ୍ତେ ଆବଶ୍ୟକ ଶ୍ରେଣୀ କକ୍ଷର ଅଭାବ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ଆଶାନୁରୂପକ ଅଭିଭାବକ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଡେମୋନେଷ୍ଟ୍ରେଟର୍ ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ଖରାପ, ଆମ୍ବୁଲାନ୍ସରେ ପ୍ରସବ କଲେ ଗର୍ଭବତୀ

ମୋହନା, ୨୩ା୯ (ମନ୍ମଥ ମିଶ୍ର)
ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସରେ ହିଁ ପ୍ରସବ କଲେ ଗର୍ଭବତୀ ମହିଳା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ବଡସିନ୍ଧବା ପଞ୍ଚାୟତ ଚଡିଆପଦା ଗାଁରେ। ଗାଁର ଦୀପାଞ୍ଜଳିଙ୍କୁ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ ଏବଂ ଆମ୍ବୁଲାନ୍ସ ମଧ୍ୟ ଠିକ୍ ସମୟରେ ଗାଁରେ ପହଞ୍ଚି ମହିଳାଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିବା ବେଳେ ରାସ୍ତା ବହୁତ ଖରାପ ଥିବା ହେତୁ ବାଲିପଙ୍କ ଗାଁ ନିକଟରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମା ଏବଂ ଶିଶୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଉଭୟ ସୁସ୍ଥ ଥିବା ଆଶାକର୍ମୀ ପ୍ରାଞ୍ଜଳ୍ପା ନାୟକ କହିଛନ୍ତି।

# ମୋରମ ଚୋରା ଚାଲାଣ ଅଭିଯୋଗ
## ଅଭିଯୋଗ ପରେ ଜରିମାନା ଆଦାୟ ହୋଇଛି: ତହସିଲଦାର

ଚିକିଟି, ୨୩ା୯ (ପ୍ରକାଶ ଚନ୍ଦ୍ର ସାହୁ)
ଚିକିଟି ତହସିଲ ଗିରିସୋଲା ରାଜସ୍ୱ ସର୍କଲର ରାମଚନ୍ଦ୍ରପୁର ମୌଜାର ସୋରଳ-ପିତାତଳି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ପାହାଡ଼ରୁ ମୋରମ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଦିନରାତି ମୋରମ ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ ବୋଲି ରଙ୍ଗେଇଲୁଣ୍ଡା ବ୍ଲକ ମାଣିକପୁରରେ ଟି.କୁମାର ପାତ୍ର ଜିଲାପାଳ ଏବଂ ବ୍ରହ୍ମପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୨୦୨୩ ଏପ୍ରିଲଠାରୁ ଲଘୁ ଖଣିଜଦ୍ରବ୍ୟ ପରିବହନର ସମ୍ପୂର୍ଣ୍ଣକ୍ଷମତା ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହାକୁ ଆଳ କରି ସ୍ଥାନୀୟ ପ୍ରଶାସନ ଓ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନାହାନ୍ତି। ବିନା ଅନୁମତିରେ ବେଆଇନ ଭାବେ ମୋରମ ଚୋରା ଚାଲାଣ ହେଉଛି। ସମ୍ପୃକ୍ତ ଅଞ୍ଚଳର ପାହାଡ଼ରୁ ହିଟାଚି ଯୋଗେ ମୋରମ ଚୋରାଚାଲାଣ ହେଉଛି। ମୋରମ ନେଇ ଚାଲାଣକାରୀମାନେ ବଡବଡ ଗର୍ତ୍ତ କରିଥିବାରୁ ସେଥିରେ ଆଖପାଖ ଗ୍ରାମର ଗୋରୁଗାଈ ଖସି ପଡି ମୃତାହତ ହେଉଛନ୍ତି। ଏନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଉ ନହିଁ। ଏ ନେଇ ଚିକିଟି ତହସିଲଦାର ବଳଦେବ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏହି ଦାୟିତ୍ୱ ଖଣି ବିଭାଗର। ତେବେ ଅଭିଯୋଗ ହେବା ପରେ ଗତ ୨୦ରେ ସେ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ଏହି ସମୟରେ ପାହାଡ଼ ନିକଟରେ ରହିଥିବା ହିଟାଚିକୁ ଜବତ କରି ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।



### ସ୍ୱଚ୍ଛତା ସଚେତନତା ସାଇକେଲ୍ ରାଲି

ଆସିକା, ୨୩ା୯ (ସୁରେନ୍ଦ୍ର ନାଥ ସାହୁ):
ଆସିକା ଏନଏସିରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସୋମବାର ସାଇକେଲ ରାଲି ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏନଏସି କାର୍ଯ୍ୟାଳୟ ନିକଟରେ ଅଧକ୍ଷା ବିନେତା ସ୍ୱାଇଁ ଏହି ରାଲିକୁ ଶୁଭାରମ୍ଭ କରିଥିଲେ । ବିଧାୟକ ପ୍ରତିନିଧି ସନ୍ଦିପ ପାଢୀ, ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଏନଏସି ସ୍ୱଚ୍ଛତା କାର୍ଯ୍ୟକ୍ରମର କର୍ମଚାରୀ ପ୍ରମୁଖ ସାମିଲ ଥିଲେ । ସମସ୍ତେ ମିଳିମିଶି ସହରକୁ ସ୍ୱଚ୍ଛ ରଖିବା ଓ ଅତି କମରେ ସପ୍ତାହକୁ ୨ଘଣ୍ଟା ସଫେଇ କାର୍ଯ୍ୟରେ ଜନସାଧାରଣ ସାମିଲ ହେବା ଲାଗି ନିବେଦନ କରାଯାଇଥିଲା । କାର୍ଯ୍ୟକ୍ରମ ପୂର୍ବରୁ ରାଲିର ପ୍ରତିନିଧିମାନେ ବର୍ଷକୁ ଅନ୍ତତଃ ଶହେ ଘଣ୍ଟା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଲାଗି ଶପଥପାଠ କରିଥିଲେ।

# ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜି.ଉଦୟଗିରି, ୨୩ା୯ (ଚିନ୍ମୟ କୁମାର ସେଠୀ)
କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ଯୁବ ସମାଜିକ କର୍ମୀ ଆମନ ଚନ୍ଦ୍ର ନାୟକ ଅଞ୍ଚଳର ଚାଷୀ ଓ ସାଧାରଣ ଲୋକଙ୍କ ସମସ୍ୟା ନେଇ ସୋମବାର ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ଦେଇଛନ୍ତି। ଜିଲାର ଜିଉଦୟଗିରି ବ୍ଲକ ମାଳିକାପଡ଼ି ପଞ୍ଚାୟତରେ ଥିବା ପୁରାତନ ସିର୍କି ଡ୍ୟାମ୍ ଅବହେଳିତ ଅବସ୍ଥାରେ ପଡିଥିବା ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଡ୍ୟାମ ଉପରେ ସ୍ଥାନୀୟ ଅଞ୍ଚଳର ୮ଟି ପଞ୍ଚାୟତର ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଛନ୍ତି। ଚାଷୀମାନେ ମଧ୍ୟ ଚାଷ


ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ସମାଜିକକର୍ମୀ।

ଜମି ଜଳସେଚନ ପାଇଁ ନିର୍ଭର କରୁଥିବା ସେ ଜଣାଇଥିଲେ। ଦାରିଙ୍ଗିବାଡ଼ି ବ୍ଲକ ଦନେକବାଡ଼ି ପଞ୍ଚାୟତର କାଡପାଙ୍ଗା (ଟାଙ୍ଗେରି)ଠାରେ ଅବହେଳିତ ଅବସ୍ଥାରେ ଥିବା ଚେକ୍‌ଡ୍ୟାମ୍‌ର ପୁନରୁଦ୍ଧାର ସହ କେନାଲର ଉନ୍ନତି କରିବା, ସିର୍କି ଡ୍ୟାମ ପୁନରୁଦ୍ଧାର କରି ଏହାର ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ଏବଂ ଅଧିକ ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରିବା ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଆଲୋଚନା ବେଳେ ଅନୁରୋଧ କରିଛନ୍ତି। ଏଥିସହ କଳିଙ୍ଗାଠାରେ ବନ୍ଦ ଥିବା ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବା, ଜିଲାର ରାଇକିଆ, ଦାରିଙ୍ଗିବାଡ଼ି ଓ ଟିକାବାଲି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଲାଗି ସେ ନିବେଦନ କରିଛନ୍ତି। ଏହି ୩ ବ୍ଲକର ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଜିଲା ବାହାରକୁ ପଠାଉଛନ୍ତି। ଶୀତଳ ଭଣ୍ଡାର ନ ଥିବାରୁ ସେଗୁଡିକ ନଷ୍ଟ ହୋଇଯାଉଛି। ଫଳରେ ଚାଷୀ କ୍ଷତି ସହୁଛନ୍ତି ବୋଲି ଆଲୋଚନା ବେଳେ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବା କହିଛନ୍ତି।

# ନିର୍ଦ୍ଧାରିତ ତାରିଖ ସୁଦ୍ଧା ସରିବ ନାହିଁ ଡିଜିଟାଲ ଫସଲ ସର୍ବେକ୍ଷଣ

**ରସୁଲପୁର ବ୍ଲକ**

ରସୁଲପୁର,୨୩।୯(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକରେ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟ ଜାରି ରହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଡିଜିଟାଲ ସର୍ବେକ୍ଷଣ ପାଇଁ ଅଗଷ୍ଟ ୧୫ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୫କୁ ଶେଷ ତାରିଖ ବୋଲି ଧାର୍ଯ୍ୟ କରାଯାଇଥିଲା । ନିର୍ଦ୍ଧାରିତ ତାରିଖ ସୁଧା ଏହି ବ୍ଲକରେ ମାତ୍ର ୧୩ ଭାଗ କୃଷିକ୍ଷେତକୁ ସର୍ବେକ୍ଷଣ କରାଯାଇପାରିଥିଲା । ଏମିତି କି ସମଗ୍ର ଯାଜପୁର ଜିଲାରେ ସର୍ବେକ୍ଷଣ କାର୍ଯ୍ୟରେ ଆଶାନୁରୂପକ ଅଗ୍ରଗତି ହୋଇପାରି ନ ଥିଲା । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବେକ୍ଷଣ କାର୍ଯ୍ୟକୁ ଆଉ ୧୦ଦିନ ବଢ଼ାଇ ଶେଷ ତାରିଖ ସେପ୍ଟମ୍ବର ୨୫କୁ ଧାର୍ଯ୍ୟ କରାଯାଇଥିଲା । ଏହା ପରେ ବି ରସୁଲପୁର ବ୍ଲକରେ ସର୍ବେକ୍ଷଣ କାର୍ଯ୍ୟ ୩୫ ଶତକଡାରେ ସୀମିତ ରହିଛି । ଅବଧି ଶେଷ ହେବାକୁ ଆଉ ୨ଦିନ ବାକି ରହିଛି । ଏହି ସମୟସୀମା ମଧ୍ୟରେ ସର୍ବେକ୍ଷଣ ଶତପ୍ରତିଶତ ଶେଷ ହେବା ସମ୍ଭାବନା କ୍ଷୀଣ ବୋଲି ମନେ ହେଉଛି । ଏ ଦିଗରେ ଆହୁରି ଅଧିକ ସମୟ ଦେଲେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି କୁହାଯାଉଛି । ସର୍ବେକ୍ଷଣ କାର୍ଯ୍ୟକୁ ଜିଲାସ୍ତରରେ ରିଭ୍ୟୁ କରାଯାଇ ରିପୋର୍ଟ ପ୍ରସ୍ତୁତ ହେଉଛି । ଆଗକୁ ସରକାରୀସ୍ତରରେ ଯାହା ନିଷ୍ପତ୍ତି ଓ ନିର୍ଦ୍ଦେଶ ଦିଆଯିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ, ରସୁଲପୁର ବ୍ଲକରେ ୨ଲକ୍ଷ ୧ହଜାର ପ୍ଲଟ୍ ଚାଷ ଜମିକୁ ସର୍ବେକ୍ଷଣ କରାଯିବ ବୋଲି କୃଷି ୱେବସାଇଟ୍‌ରୁ ଜଣାପଡିଛି । କୃଷକ ଓଡ଼ିଶା ପୋର୍ଟାଲ, ଭୁଲେଖ, ଓସରାଟ୍ ଭଳି କୃଷି ୱେବସାଇଟ୍‌କୁ ଯାଇ ସର୍ଭେୟରମାନେ ଉପଲବ୍ଧ ପ୍ଲଟ୍‌ଗୁଡିକୁ ସର୍ଭେ କରିବା ସହ କୃଷି କ୍ଷେତ୍ରର ଫଟୋଗୁଡିକ ଅନ୍‌ଲାଇନରେ ଅପ୍‌ଲୋଡ କରାଯାଉଛି । ଏଥିପାଇଁ ଦୈନିକ ପ୍ରତ୍ୟେକ ସର୍ଭେୟରଙ୍କୁ ଅନୁନ୍ୟ ୫୦ଟି ଫଟୋ ଅପ୍‌ଲୋଡ କରିବାକୁ ଟାର୍ଗେଟ ଦିଆଯାଇଛି । ଆବଶ୍ୟକତା ମୁତାବକ ସର୍ଭେୟର ନ ଥିବାରୁ ରସୁଲପୁର, ନରସିଂହପୁର, ବାହାଦଲାପୁର, ମଙ୍ଗରାଜପୁର, ମହେଶ୍ୱରପୁର ଆଦି ପଞ୍ଚାୟତରେ ସର୍ବେକ୍ଷଣ କାର୍ଯ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି । ଏମିତି ଦେଖିବାକୁ ଗଲେ କେତେକ ପଞ୍ଚାୟତରେ ସର୍ବେକ୍ଷଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରି ନାହିଁ । ସର୍ବେକ୍ଷଣ କାର୍ଯ୍ୟକୁ ନେଇ ବାରମ୍ବାର ସମୀକ୍ଷା କରାଯାଉଛି । ଏ ଦିଗରେ ଦେଖିଲେ ଏହି ବ୍ଲକର ଟିକରପଡ଼ା, ଅତଲାପୁର, ସାମନ୍ତାରପୁ ଆଦି ପଞ୍ଚାୟତରେ ସର୍ଭେ କାର୍ଯ୍ୟ ସନ୍ତୋଷଜନକ ହୋଇପାରିଛି ବୋଲି କୁହାଯାଉଛି । ଆଶାନୁରୂପକ ସର୍ଭେ ହୋଇପାରୁ ନ ଥିବାରୁ କୃଷି ଅଧିକାରୀମାନଙ୍କୁ ଉପରିସ୍ଥ ଅଧିକାରୀମାନଙ୍କ ରୋଷର ଶିକାର ହେବାକୁ ପଡୁଛି । ଧାର୍ଯ୍ୟ ଅବଧି ମଧ୍ୟରେ ସର୍ଭେକ୍ଷଣ କାର୍ଯ୍ୟ ଶେଷ ନ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । ଏହି ବ୍ଲକରେ ସର୍ବେକ୍ଷଣ କାର୍ଯ୍ୟକୁ ଶେଷ କରିବା ପାଇଁ ଆହୁରି ୧ମାସ ସମୟ ଦିଆଯିବାକୁ ବ୍ଲକ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ରସୁଲପୁର ବିଡିଓ ଅବନୀକାନ୍ତ ସାହୁ ସୁଚନା ଦେଇଛନ୍ତି । ଆବଶ୍ୟକସ୍ଥଳେ ସର୍ଭେୟରମାନଙ୍କୁ ନିଯୁକ୍ତି ଦିଆଯାଇ ସର୍ଭେ କାର୍ଯ୍ୟରେ ଶତପ୍ରତିଶତ ସଫଳତା ହାସଲ କରାଯିବ । ଶତପ୍ରତିଶତ ଚାଷ ଜମିର ସର୍ଭେ ହୋଇପାରିଲେ ସେହି ଆଧାରରେ ସରକାରୀସ୍ତରରେ ଯୋଜନା ପ୍ରସ୍ତୁତ କରାଯିବା ସହଜ ହେବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।



ଅଗଷ୍ଟରୁ ଅକ୍ଟୋବର କୃଷିକ୍ଷେତ୍ର ଶସ୍ୟଶାମଳା ହୋଇଥାଏ । ଏହି ସମୟରେ ସର୍ଭେ କରାଗଲେ କୃଷିକ୍ଷେତ୍ରର ଉପଯୁକ୍ତ ସର୍ଭେ ହୋଇପାରିବ ବୋଲି ମନେକରି ଏହି ଅବଧି ମଧ୍ୟରେ ସର୍ବେକ୍ଷଣ କାର୍ଯ୍ୟ ଶେଷ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଉଛି । ଏହାଛଡ଼ା କାର୍ଯ୍ୟରେ ନିୟୋଜିତ ସର୍ଭେୟରମାନଙ୍କୁ ବିଲବାଡ଼ି, ପାଣି କାଦୁଅ, ଖାଲୁଆ ଜମି ଓ ଅପହଞ୍ଚ ସ୍ଥାନକୁ ଯାଇ ସର୍ଭେ କରିବାକୁ ପଡୁଛି । ବର୍ଷାଦିନରେ ସରୀସୃପମାନଙ୍କ ଭୟ ରହୁଥିବାରୁ ସର୍ଭେୟରମାନଙ୍କୁ ହାତରେ ଗ୍ଲୋବ୍ସ ଓ ପାଦରେ ଜୋତା ପିନ୍ଧିବା ପାଇଁ କୃଷି ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବାକୁ ସରପଞ୍ଚମାନେ ଦାବି କରିଛନ୍ତି । ଆଗକୁ ଡିଜିଟାଲ ସର୍ବେକ୍ଷଣକୁ ଅଧିକ କ୍ରିୟାଶୀଳ କରିବାକୁ ଜନପ୍ରତିନିଧିମାନେ ଗୁରୁତ୍ୱାରୋପ କରିଛନ୍ତି ।

ଏ ନେଇ ବ୍ଲକ୍ କୃଷି ଅଧିକାରୀ ମିଶ୍ରଙ୍କୁ ପଚାରିବାରୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ସର୍ବେକ୍ଷଣ କାର୍ଯ୍ୟ ଶେଷ ହୋଇପାରିନାହିଁ । ସରପଞ୍ଚମାନେ ଦାବି କରୁଥିବା ଜୋତା ଓ ଗ୍ଲୋବ୍ସ ଆଦି ବ୍ୟବସ୍ଥା ସରକାରୀସ୍ତରରେ କରାଯାଇ ନାହିଁ । ଏ ଦିଗରେ ସେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଜରିଆରେ ସରକାରଙ୍କ ଦୃଷ୍ଟିକୁ ଆଣିବେ । ସରକାରଙ୍କ ପକ୍ଷରୁ ସେଭଳି କିଛି ବ୍ୟବସ୍ଥା କରାଗଲେ ସର୍ଭେୟରମାନଙ୍କୁ ତାହା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

## ପାଣିକୋଇଲି ପଞ୍ଚାୟତରେ ଜନଶୁଣାଣୀ ଶିବିର



ଜନଶୁଣାଣି ଶିବିରରେ ବିଡ଼ିଓ ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ପାଣିକୋଇଲି,୨୩।୯(ବିକାଶ କୁମାର ମଲିକ)

ରାଜ୍ୟରେ ନୁତନ ସରକାର ରାଜ୍ୟର ଶାସନ ଭାର ହାତକୁ ନେବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲାର କୋରାଇ ବ୍ଲକ୍ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତରେ ପ୍ରଥମ ଥର ପାଇଁ ଜନଶୁଣାଣୀ କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ମାଝୀ, ଅତିରିକ୍ତ ବିଡ଼ିଓ ଭରତ କୁମାର ବେହେରା, ବିପିସି ସନାତନ ମିଶ୍ର, ପାଣିକୋଇଲି ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଚିକିତ୍ସାଧିକାରୀ ଡ଼ାକ୍ତର ଅରବିନ୍ଦ ପ୍ରସାଦ, ଏଇଇ ରଶ୍ମିତା ତରାଇ, ଆରଏସ୍ ବ୍ୟାସନଗର ଧନେଶ୍ୱର ସାହୁ,ଆରଡ଼ବ୍ଲ୍ୟୁଏସ୍ଏସ୍ ଜେଇ ଖଗେନ୍ଦ୍ର ପ୍ରସାଦ ବେହେରା, ଭିଏକେଆଇ ଚାରୁଭଦ୍ର ପ୍ରଧାନ, ଅତିରିକ୍ତ ଏନ୍‌ଆରଇଜିଏ କର୍ମଚାରୀ ଶାନ୍ତିଲତା ଜେନା, ଏଲଏସ ଅନିମା ମହାନ୍ତି, ଜେଇ ଦିବ୍ୟଲୋଚନ ସାମଲ, ବିଆରସି ଆରଡ଼ବ୍ଲ୍ୟୁଏସ୍ଏସ୍ ଚନ୍ଦନ କୁମାର ଦାସ ପ୍ରମୁଖ ଭାଗ ନେଇଥିଲେ । ପାଣିକୋଇଲି ପଞ୍ଚାୟତ ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଥମ ଥର ପାଇଁ ସରକାରଙ୍କ ପକ୍ଷରୁ ପଞ୍ଚାୟତରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା । ଉକ୍ତ ଅଭିଯୋଗ ଶୁଣାଣୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ୪୦୭ଟି ଆବେଦନ,ରାଶନ କାର୍ଡ଼ ପାଇଁ ୩୧୨ଟି ଆବେଦନ, ଭତ୍ତା ଲାଗି ୨୦୨ଟି ଆବେଦନ ଓ ଅନ୍ୟାନ୍ୟ ୩୦୨ଟି ଆବେଦନ ଉକ୍ତ ଶିବିରରେ ପଞ୍ଜିକୃତ ହୋଇଥିଲା ।

**ସଂକ୍ଷେପରେ**

## ଗଳା କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ନିଶା କାରବାର ଯୋଗୁ ବଢ଼ୁଛି ପାରିବାରିକ ବିବାଦ

ସିଂହପୁର,୨୩।୯, (ଅନଙ୍ଗ ଉଦୟ ବେହୁରିଆ)

ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁରଠାରେ ଜଣେ ଯୁବକ ପାରିବାରିକ କଳହକୁ କେନ୍ଦ୍ର କରି ଏକ ଧାରୁଆ ଅସ୍ତ୍ରରେ ନିଜ ଗଳା କାଟି ଗୁରୁତର ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଅର୍ଗଳ ଗ୍ରାମର ଦୁଷ୍ମନ୍ତ କୁଅଁର ସ୍ତ୍ରୀଙ୍କ ସହିତ ସିଂହପୁରସ୍ଥିତ ପେଣ୍ଠଆଳରେ ଭଡା ନେଇ ରହୁଛନ୍ତି । ଦୁଷ୍ମନ୍ତ ନିଶା ସେବନ କରି ପ୍ରତିଦିନ ଘରେ କଳି କରିଥାନ୍ତି । ରବିବାର ରାତିରେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା । ଏହାକୁ ନେଇ ଦୁଷ୍ମନ୍ତ ଏକ ଧାରୁଆ ଅସ୍ତ୍ରରେ ନିଜ ଗଳାକୁ କାଟି ଦେଇଥିଲେ । ଏହାପରେ ସେ ଘର କବାଟ ବନ୍ଦ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏହା ଦେଖି ସ୍ତ୍ରୀ ଓ ସ୍ଥାନୀୟ ଲୋକେ କବାଟ ପିଟି ଡାକିଥିଲେ ମଧ୍ୟ ଦୁଷ୍ମନ୍ତ କବାଟ ଖୋଲି ନ ଥିଲେ । ଫଳରେ ସ୍ଥାନୀୟ ଲୋକେ ୧୧୨କୁ ଫୋନ କରି ପୋଲିସର ସହାୟତା ମାଗିଥିଲେ । ଖବର ପାଇ ବିଞ୍ଝାରପୁର ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୁଷ୍ମନ୍ତଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଛି ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡିଛି । ସିଂହପୁର ଅଞ୍ଚଳରେ ଗତ କିଛି ମାସ ହେବ ବହୁଳ ଭାବେ ବ୍ରାଉନସୁଗାର କାରବାର ଚାଲିଛି । ଏହି ନିଶାରେ ପଡି ବହୁ ଯୁବକ ଏପରି ଆଚରଣ କରୁଥିବା ଅଭିଯୋଗ ହୋଇଛି ।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ପାଣିକୋଇଲି,୨୩।୯(ବିକାଶ କୁମାର ମଲିକ)

ମହମ୍ମଦଙ୍କ ଜୟନ୍ତୀରେ ଯାଜପୁର ଜିଲାର ରେଡ଼କ୍ରସ ଛକଠାରେ ସର୍ବସାଧାରଣ ସ୍ଥାନରେ କେତେଜଣ ମୁସଲମାନ ପାଲେଷ୍ଟାଇନ ପତାକା ଉଡ଼ାଇଥିଲେ । ଏହା ଭାରତର ଏକତା ଓ ଅଖଣ୍ଡତା ଉପରେ ପ୍ରଶ୍ନ ଚିହ୍ନ ଲଗାଇଥିଲା । ଏହାକୁ ବିରୋଧ କରିଛନ୍ତି ଜିଲା ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା । ସୋମବାର ପରିଷଦର ଜିଲା ସମ୍ପାଦକ ରାଜକିଶୋର ମଲିକଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଯାଜପୁର ବିଭାଗ ସଭାପତି ଅକ୍ଷୟ ବଳ,ବଜରଙ୍ଗ ଦଳର ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର, ପରିଷଦର ବିଧି ପ୍ରକୋଷ୍ଠ ଭକ୍ତବତ୍ସଳ ସାହୁ, ଗୋରକ୍ଷା ପ୍ରମୁଖ ମଦନମୋହନ ବିଦ୍ଧାଣୀ, କୋଷାଧକ୍ଷ ଯଶୋବନ୍ତ ଦାସ,ଜିଲା ବଜରଙ୍ଗ ଦଳ ସହସଂଯୋଜକ ଶରତ ଚନ୍ଦ୍ର ସାହୁ,କୋରାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦର ସଭାପତି ସୁରେନ୍ଦ୍ର ନାୟକ,ସମ୍ପାଦକ ଭୂପତି ଭୂଷଣ ଦାସ, ବିଶ୍ୱଜିତ ମଲିକ, ଦିଲୀପ କୁମାର ରାଉତ ପ୍ରମୁଖ ଯାଜପୁର ଜିଲାପାଳ,ଓ ଆରକ୍ଷୀ ଅଧୀକ୍ଷକ ଓ ଯାଜପୁର ଥାନାଧିକାରୀଙ୍କୁ ଭେଟି ଉକ୍ତ ବ୍ୟକ୍ତିମାନଙ୍କୁ ଦେଶଦ୍ରୋହ ମାମଲାରେ ଗିରଫ କରିବାକୁ ଦାବି କରିଛନ୍ତି ।

## ପାଣିକୋଇଲିକୁ କେଏନ୍‌ଡ଼ିଏରୁ ବାଦ୍ ଦେବା ଦାବି ତେଜିଲା

ପାଣିକୋଇଲି,୨୩।୯(ବିକାଶ କୁମାର ମଲିକ)



ପାଣିକୋଇଲି ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଗତ ସରକାର ସମୟରେ ପାଣିକୋଇଲିକୁ ଜିଲା ପ୍ରଶାସନ କଳିଙ୍ଗନଗର ଡ଼େଭଲେପମେଣ୍ଟ ଅଥରିଟି (କେଏନଡ଼ିଏ)ରେ ସାମିଲ କରିଥିଲେ । ଏଥିପାଇଁ କୌଣସି ଜନଶୁଣାଣୀ ହୋଇ ନ ଥିଲା । କେତେଜଣ ବ୍ୟକ୍ତି ନିଜର ଫାଇଦା ଉଠାଇବା ସହିତ ଜିଲା ଖଣିଜ ପାଣ୍ଠିକୁ ଲୁଟିବା ଲାଗି ଏପରି ଅପଚେଷ୍ଟା ଚଳାଇଥିଲେ । ସରକାର ବଦଳି ଯିବା ପରେ ସେମାନେ ଏଥିରେ ସଫଳ ହୋଇପାରିନାହାନ୍ତି । କିନ୍ତୁ ଏହାର ଫଳ ଭୋଗିବାକୁ ଯାଉଛନ୍ତି ପଞ୍ଚାୟତବାସୀ । ଏବେ ପାଣିକୋଇଲିବାସୀ ଜମି ବିକ୍ରି କିମ୍ବା ଘରଖଣ୍ଡେ କରିବାକୁ କେଏନଡ଼ିଏ ଅଧିକାରୀଙ୍କ ଅନୁମୋଦନ ଲାଗି ଦୌଡ଼ିବାକୁ ପଡୁଛି । ତେଣୁ ପାଣିକୋଇଲିକୁ କେଏନଡ଼ିଏରୁ ବାଦ ଦେବା ଲାଗି ସ୍ଥାନୀୟ ଅଞ୍ଚଳବାସୀ ଅଣ୍ଟା ଭିଡ଼ିଛନ୍ତି । ସୋମବାର ପ୍ରଶାସନ ତରଫରୁ ପାଣିକୋଇଲି ପଞ୍ଚାୟତରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବାସିନ୍ଦା କଳ୍ପତରୁ ମହାପାତ୍ର, ରାକେଶ କୁମାର ସାହୁ, ଶଶୀକାନ୍ତ ମଲିକ, ବିନାୟକ ସାହୁ, ହରିହର ବାରିକ, ଶ୍ରୀଧର ନାୟକ, ଉପେନ୍ଦ୍ର ସାହୁ, ଅଜୟ କୁମାର ସାହୁ ପ୍ରମୁଖ ଏ ସଂକ୍ରାନ୍ତରେ ଦାବି କରିଛନ୍ତି । କେଏନ୍‌ଡିଏରୁ ପାଣିକୋଇଲିକୁ ବାଦ୍ ଦେବାକୁ ସେମାନେ ଗୁରୁତ୍ୱାରୋପ କରିଛନ୍ତି ।

## ଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,୨୩।୯(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ଶିକ୍ଷକ ବିଜୟ କେତନ ଦାସ (୫୬)ଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି । ସେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତ ଅଧୀନ ଡିଅ କରନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ଶରୀର ଅସୁସ୍ଥ ହେବାରୁ କିଛି ମାସ ହେବ ବିଦ୍ୟାଳୟକୁ ନ ଯାଇ ଚିକିତ୍ସିତ ହେଉଥିଲେ । ସେ ପ୍ରଥମେ ବେସରକାରୀ ଚିକିତ୍ସାଳୟ ଓ ପରେ ଘରେ ରହି ଚିକିତ୍ସିତ ହେଉଥିଲେ । ସୋମବାର ସକାଳେ ତାଙ୍କର ପରଲୋକ ହୋଇଥିଲା । ଏହି ସମୟରେ ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ବହୁ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶବଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣୀ



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ ।

ସିଂହପୁର, ୨୩।୯, (ଅନଙ୍ଗ ଉଦୟ ବେହୁରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ବ୍ଲକ ପ୍ରଶାସନ ପକ୍ଷରୁ ସିଂହପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି କରାଯାଇଥିଲା । ପ୍ରଶାସନ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ସହିତ ଅଭିଯୋଗ ଶୁଣାଣି କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ବୋଲି ବିଡିଓ ଦିବ୍ୟେନ୍ଦୁ ଦାସ ପ୍ରକାଶ କରିଛନ୍ତି । ସିଂହପୁର ଠାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୪୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ୧୭ଟି ସାମୁହିକ ଅଭିଯୋଗ ଥିଲା । ମୋଟ ୨୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ପାନୀୟ ଜଳ, ରାଶନକାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ ଆଦି ବହୁ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ବିଡିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ଯୋଗାଣ ଅଧିକାରୀ ଶୁଭାଙ୍ଗୀ ରାୟ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିକ୍ଷା ଏକ ଜୀବନବ୍ୟାପୀ ସାଧନା

**ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ବଡଚଣା,୨୩।୯(ଦିଲ୍ଲୀପ କୁମାର ମହାନ୍ତି)




ପ୍ରତିଷ୍ଠା ଦିବସରେ ବିଧାୟକ ଓ ଅନ୍ୟମାନେ ।

ବଡ଼ଚଣାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଅପସ୍ମିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ନାୟକ ଯୋଗଦେଇ ଶିକ୍ଷା ଏକ ଜୀବନ ବ୍ୟାପୀ ସାଧନା, ଶିକ୍ଷା ଏକ ସଂସ୍କାର, ଶିକ୍ଷା ଏକ ମାର୍ଜିତ ବ୍ୟକ୍ତିତ୍ୱ ଗଢିବାର ମାପକାଠି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ, ଦର୍ପଣ ତହସିଲଦାର୍ ମାନସ ରଞ୍ଜନ ତ୍ରିପାଠୀ, ବଡଚଣା ଥାନାଧିକାରୀ ଶ୍ରୀକାନ୍ତ କୁମାର ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁପରାମର୍ଶ ଦେଇଥିଲେ । ଆଲୋକ କୁମାର ସାହୁ, ଏମ୍‌ଏସ ପାର୍ଥ ସାରଥୀ, ସନ୍ଦୀପ ସୌମ୍ୟ ରଞ୍ଜନ ବାରିକ, ରମେଶ ଚନ୍ଦ୍ର ମହାପାତ୍ର, ନୃସିଂହ ପାଣିଗ୍ରାହୀ, ଦୀପ୍ତି ରଞ୍ଜନ ଦଳେଇ, ସତ୍ୟ ରଞ୍ଜନ ଦାସ, ବିପ୍ଳବ କୁମାର ରାଉତ, ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାପାତ୍ର, ପ୍ରିୟ ଦର୍ଶନୀ ସାହୁ, ଶୁଭଶ୍ରୀ ଓଝା, ଦମୟନ୍ତୀ ପାଣିଗ୍ରାହୀ, ବର୍ଷା ରାଣୀ ଧଳ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଦ୍ୱିତୀୟା ଓଷାରେ ପରିବା ଦର ଆକାଶଛୁଆଁ

ଧର୍ମଶାଳା,୨୩।୯( ବଟକୃଷ୍ଣ ପରିଡା)

ଦ୍ୱିତୀୟା ଓଷାରେ ପାଇଁ ପ୍ରସ୍ତୁତ ହେବ ଘାଣ୍ଟ ତରକାରୀ । ଏଥିପାଇଁ ବିଭିନ୍ନ ରକମର ପନିପରିବା ଆବଶ୍ୟକ । ହେଲେ ଏବେ ପନିପରିବା ଦର ଆକାଶ ଛୁଆଁହୋଇଛି । କିଲୋ ପ୍ରତି ୫୦ରୁ ଶହେ ଏପରିକି ୧୫୦ ଟଙ୍କା ମଧ୍ୟରେ ରହିଛି ପନିପରିବା ଦର । ଏଥିପାଇଁ ରସୁଲପୁର ଓ ଧର୍ମଶାଳା ବ୍ଲକର ପ୍ରମୁଖ ପରିବା ହାଟ ବାରବାଟୀ ପରିବା ବଜାରରେ ଦେଖିବାକୁ ମିଳିଛି ଲୋକଙ୍କ ପ୍ରବଳ ଭିଡ । ବାରବାଟୀ ହାଟରେ ପୋଟଳ ୭୦, ଭେଣ୍ଡି ୬୦, ଜହ୍ନି ୬୦, ,ମାଟିଆଳୁ ୮୦, ବଡକାଙ୍କଡ ୧୦୦ , କାକୁଡି ୬୦, ବିଲାତି ୬୦, ସାରୁ ୬୦ ଏବଂ କୋବି କେଜି ପ୍ରତି ୭୦ ଟଙ୍କା ବିକ୍ରି ହେଉଛି । ୫ଶହ ଟଙ୍କାରେ ପରିବା କିଣିଲେ ବି ବ୍ୟାଗ ପୁରୁନାହିଁ । ପନିପରିବା ଦର ବୃଦ୍ଧି ପାଇଥିଲା ବେଳେ ମଙ୍ଗଳବାର ଓଷା ଥିବାରୁ ଲୋକମାନେ ଚଢ଼ାଦରରେ କିଣିବାକୁ ବାଧ ହେଉଛନ୍ତି । ଏହି ପରିବା ହାଟରେ ସ୍ଥାନୀୟ ଅଞ୍ଚଳର ଚାଷୀ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଥିବାରୁ ପ୍ରାୟତଃ ପନିପରିବା ଏଠାରେ ସୁଲଭ ମୂଲ୍ୟରେ ମିଳିଥାଏ । ବ୍ୟବସାୟୀମାନେ ଏଠାକାର ଚାଷୀଙ୍କ ଠାରୁ ପନିପରିବା କିଣି ଅନ୍ୟତ୍ର ବିକ୍ରି କରିଥାନ୍ତି । ସ୍ଥାନୀୟ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ପର୍ଯ୍ୟାପ୍ତ ପରିମାଣରେ ନ ଥିବାରୁ ପନିପରିବା ଦର ମୂଲ୍ୟ ଅହେତୁକ ବୃଦ୍ଧି ପାଇଥିବା ବ୍ୟବସାୟୀ କହିଛନ୍ତି ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି




ଅଭିଯୋଗ ଶୁଣାଣୀ ଶିବିରରେ ବିଭାଗୀୟ ଅଧିକାରୀ ।

ବିଞ୍ଝାରପୁର,୨୩।୯(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି ସୋମବାର ପୂର୍ବାହ୍ନରେ ବ୍ଲକ ସାମାଜିକ ମଙ୍ଗଳ ଅଧିକରୀ ଧର୍ମେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସିଂହପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣିରେ ବିଞ୍ଝାରପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୟୁଜେନ୍ଦୁ ଦାସ,ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ସରପଞ୍ଚ ଶଶାଙ୍କ ଶେଖର ଖୁଳାର, ସଭ୍ୟା ଭାଗ୍ୟବତୀ ଧଳ, ଯୋଗାଣ ଅଧିକାରୀ ସୁଭାଙ୍ଗି ରାୟ,ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ବିଞ୍ଝାରପୁର ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ମଲିକଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣାଣି କରିଥିଲେ ।ପଞ୍ଚାୟତରୁ ସମୁଦାୟ ୪୧ଟି ବ୍ୟକ୍ତିଗତ ଅଭିଯୋଗ ଯଥା ଆବାସ,ଶୌଚାଳୟ,ଭତ୍ତା ଓ ରାଶନ ପାଇଁ ଆସିଥିବା ବେଳେ ସ୍ୱାସ୍ଥ୍ୟ ଓ ଆଇନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଆସି ନ ଥିଲା ।

## ନାନା ଅବ୍ୟବସ୍ଥାକୁ ନେଇ ହୋହଲ୍ଲା

**ବଡ଼ଚଣା ବ୍ଲକ୍ କୃଷି ପରାମର୍ଶଦାତାଙ୍କ ବୈଠକ**

ବଡଚଣା,୨୩।୯(ଦିଲ୍ଲୀପ କୁମାର ମହାନ୍ତି)



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ।

କୃଷି, କୃଷକ, କୃଷିକ୍ଷେତ୍ରର ଉନ୍ନତୀ କରିବାକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି । ମାତ୍ର କେତେଜଣ ପ୍ରଶାସନିକ ଅଧିକାରୀଙ୍କ ଅବହେଳା, ଇଚ୍ଛାଶକ୍ତିର ଅଭାବ ଓ ଦୁର୍ନୀତି ମନବୃତ୍ତି ଯୋଗୁ ଏହାର ସୁଫଳ ଚାଷୀମାନେ ପାଇପାରୁ ନାହାନ୍ତି । ଗତ ୮ ମାସ ପରେ ସୋମବାର ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ରଠାରେ ବ୍ଲକ୍ କୃଷି ପରାମର୍ଶଦାତା କମିଟି ବୈଠକ କୃଷି ଅଧିକାରୀ ରତିକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ବୈଠକରେ ପୂର୍ବରୁ କୌଣସି ତାଲିକା ପ୍ରସ୍ତୁତ ହୋଇ ନ ଥିଲା । ବ୍ୟାନର ଖଣ୍ଡେ ବି ଲାଗି ନ ଥିଲା । ଚାଷୀମାନଙ୍କୁ ଦିଆଯାଇଥିବା ବିଭିନ୍ନ ବିହନର ମାପ ଠିକ୍ ଭାବେ ପ୍ରଦାନ କରାଯାଇ ପାରି ନ ଥିଲା । ଏପରି କି ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି କୃଷି ଅଧିକାରୀ ହଟହଟା ହୋଇଥିଲେ । ମାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ, କର୍ମଚାରୀଙ୍କ ଅଭାବ କହି ସଭ୍ୟମାନଙ୍କ ପ୍ରଶ୍ନକୁ ସେ ଆଡେଇ ଯିବାକୁ ଚେଷ୍ଟା କରିଥିଲେ । ଚଳିତ ବର୍ଷ ବଡଚଣା ବ୍ଲକ ୫୩ ଏକର ଜମିରେ ବିରି ଚାଷ ହୋଇଥିବା କାଗଜ କଲମରେ ଦେଖାଇଥିଲେ ମଧ୍ୟ ଏହାର ଠିକ ତଥ୍ୟ ପ୍ରଦାନ କରି ପାରି ନ ଥିଲେ । ସେହିପରି ଜମିର ର ଉର୍ବରତା ବୃଦ୍ଧି ପାଇଁ ୧୩୫ହେକ୍ଟର ଜମିର ଧଣ୍ଡିଚା ଚାଷ ହୋଇଥିବା କହିଥିଲେ ମଧ୍ୟ କେଉଁ ପଞ୍ଚାୟତକୁ କେତେ ବିହନ ଦିଆଯାଇଛି ତା'ର ଠିକ ତଥ୍ୟ ଦେଇ ପାରି ନ ଥିଲେ । ଫଳରେ ସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏଥି ସହିତ ଉଦ୍ୟାନ କୃଷି, ମାଛ ଚାଷ, କୁକୁଡ଼ା ଚାଷ ଉପରେ ଆଲୋଚନା କରାଯାଇଥିଲା । ମାତ୍ର କାର୍ଯ୍ୟ ଓ ତଥ୍ୟରେ ତାଳମେଳ ରହୁ ନ ଥିବାରୁ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

ଏହି ବୈଠକରେ ଯାଜପୁର ଜିଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ବଡଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଆତ୍ମାର ଅଧକ୍ଷ ବିପିନ ବିହାରୀ ଜେନା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିତେନ୍ଦ୍ର ପ୍ରାସାଦ ନାୟକ ଅମର ମହାନ୍ତି, ସଞ୍ଜୟ କୁମାର ସ୍ୱାଇଁ, ଚାଚାଳିନ ସ୍ୱାଇଁ, ଫନିନ୍ଦ୍ର ପଣ୍ଡା, ପ୍ରକାଶ କୁମାର ପ୍ରଧାନ, ଦିଲୀପ ରାଉତ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାନଦୀ ଜଳପଥରେ ବାଲିପଠା

ମହାକାଳପଡ଼ା, ୨୩।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ମହାନଦୀ ମଝିରେ ବଡ଼ ବାଲିପଠା।

- ହ୍ରାସ ପାଉଛି ବନ୍ୟା, ଉଦ୍‌ବୃତ୍ତ ବର୍ଷାଜଳ ସ୍ରୋତ
- ମତ୍ସ୍ୟଜୀବୀ, ଫେରିଘାଟରେ ଡଙ୍ଗା ଚଳାଚଳ ପ୍ରଭାବିତ
- ଆଖଡ଼ାଶାଳୀଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ୫ କି.ମି. ବାଲିପଠା

ଜଳବାୟୁ ପରିବର୍ତ୍ତନ ପ୍ରଭାବ, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅନିୟମିତତା ଯୋଗୁ ନଦୀ ଜଳ ସ୍ରୋତର ଉତ୍ସ ହ୍ରାସ ପାଇବା ସହ ନଦୀ ମହାନଦୀ ଗତିପଥ ପରିବର୍ତ୍ତନ ହେଉଛି। ଏଥିସହ ନଦୀ ମଧ୍ୟରେ ବଡ଼ ବଡ଼ ବାଲିପଠା ସୃଷ୍ଟି ହେଉଛି। ଫଳରେ ପୂର୍ବ ଅପେକ୍ଷା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଜିଲାରେ ଦେଶୀ ଓ ସାମୁଦ୍ରିକ ମାଛ ମାରିବା ଅସମ୍ଭବ ହେଉଛି। ଦିନ ଥିଲା ଦୈନନ୍ଦିନ ମହାନଦୀରେ ଜାଲ ବସାଇ ବହୁ କୁଇଣ୍ଟାଲ ମାଛ ଧରୁଥିଲେ। ଅଦ୍ୟାବଧି ମାଛ ୨/୪ କିଲୋ ମାଛ ଧରିବା କଷ୍ଟ ହେଉଛି ବୋଲି ସ୍ଥାନୀୟ ମତ୍ସ୍ୟଜୀବୀ କହିଛନ୍ତି।

ମୌସୁମୀ ବର୍ଷା ଋତୁରେ ଅନିୟମିତତା ଯୋଗୁ ଉପର ମୁଣ୍ଡରୁ ବନ୍ୟାଜଳ ସ୍ରୋତ ହ୍ରାସପାଉଛି। ଅପରପକ୍ଷରେ ନଦୀ ଉପର ମୁଣ୍ଡରୁ ବନ୍ୟା ଓ ଉଦବୃତ୍ତ ବର୍ଷାଜଳ ହ୍ରାସ ପାଇବା ଯୋଗୁ ମାଟି ବାଲି ପଙ୍କ ଜମି ନଦୀ ମଧ୍ୟରେ ବାଲିପଠା ସୃଷ୍ଟି ହେଉଛି। ବାଲି ପଠା ସୃଷ୍ଟିହେବା ଯୋଗୁ ଫେରିଘାଟ ଯାତାୟାତ ପାଇଁ ବଡ଼ ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳୁଛି, କେନ୍ଦ୍ରାପଡ଼ା ଜିଲାର ରାଜନଗର ପଞ୍ଚାୟତ ବରଜ ବାହାକୁଦ ଗାଁ କୂଳରେ ପ୍ରବାହିତ ମହାନଦୀରେ।

ଆଖଡ଼ାଶାଳୀଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ୫ ରୁ ଊର୍ଦ୍ଧ୍ୱ କି.ମି. ପର୍ଯ୍ୟନ୍ତ ପଠା ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଫଳରେ ବାହାକୁଦ ଫେରି ଘାଟ ମହାନଦୀରେ ଡଙ୍ଗା ଚଳାଚଳ କରିବାକୁ ବାଲିପଠା ସୃଷ୍ଟି ଯୋଗୁ ୧ କି.ମି. ବୁଲାଣି ନଦୀପଥ ଦେଇ ପାରାଦୀପ ଶିଳ୍ପ ପାର୍ଶ୍ୱ ମୂଷାଡିଆ ନଦୀ କୂଳରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଯାଇଥାନ୍ତି। ବିଶେଷକରି ପ୍ରବଳ ବର୍ଷା ପବନ ଓ ବନ୍ୟା ଜଳ ସ୍ରୋତ ପ୍ରଭାବରେ ଘାଟ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ସମୁଦ୍ର ମୁହାଣକୁ ଭାସିଯାଉଥିବା ନଜିର ରହିଛି। ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥାଏ। ତେବେ ମହାନଦୀ ମଝିରେ ବାଲି ପଠା ସୃଷ୍ଟି ହେଉଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ନଦୀରେ ଡ୍ରେଜିଂ ବା ଖନନ କରାଗଲେ ନଦୀରେ ସ୍ୱାଭାବିକ ଭାବେ ସମୁଦ୍ର ମୁହାଣ ଦେଇ ବନ୍ୟା ଓ ଉଦବୃତ୍ତ ବର୍ଷା ଜଳ ସ୍ରୋତ ପ୍ରବାହିତ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଅନେକ ସମୟରେ ମହାନଦୀରେ ବାଲିପଠା ଯୋଗୁ ଡଙ୍ଗା ଯାତାୟାତ ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣା ହେଉଥିବା ନଜିର ରହିଛି ବୋଲି ପୂର୍ବତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ କହିଛନ୍ତି।

# ନାଗପୁରା ପାଟ ଘେରିବନ୍ଧ ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୩।୯ (ଜଗନ୍ନାଥ ଧଳ)

ବର୍ଷା ହେଲେ ଗୋବରୀ ନଦୀ ଫୁଲିବ। ଏହାର ବନ୍ୟାଜଳ ଯୋଗୁ ନାଗପୁରା ପାଟ ଉଜୁଡ଼ିବ। ଏହାକୁ ଦୃଷ୍ଟିରେ ରଖି ପାଟନାଳୀରେ ଘେରିବନ୍ଧ ପାଇଁ ବାରମ୍ବାର ଆନ୍ଦୋଳନ ହେଉଛି। ପାଟନାଳୀ ପାଇଁ ଟଙ୍କା ମଞ୍ଜୁର ସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଲଗାଣ ବର୍ଷା ଓ ଗୋବରୀ ବନ୍ୟା ଜଳରେ ନାଗପୁରା ପାଟ ବୁଡ଼ିଯାଇଛି। ଏଥିରେ ଚଳିତବର୍ଷ ପାଇଁ ହୋଇଥିବା ଖରିଫ ଚାଷ ନଷ୍ଟ ହୋଇଛି। ଚାଷରେ ଭରଣା ଆଶା ଛାଡ଼ିବା ସମୟରେ ଋଣ ଶୁଝିବା ଚିନ୍ତା ଘାରିଛି। ନାଗପୁରା ପାଟର ଚାଷକୁ ଭରସା କରିଥିବା ଚାଷୀ ଏପରି ଅଭିଯୋଗ ସୋମବାର ଆଣିଛନ୍ତି। ଅପରପକ୍ଷରେ ଏଠାରେ ପାଟନାଳୀ ପ୍ରକଳ୍ପ ପାଇଁ ୮୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଡ୍ରେନେଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଚାଷୀ ଜଗଦୀଶ ପତି, ଫକୀର ଚରଣ ଖଟୁଆ, ରମେଶ ଚନ୍ଦ୍ର ଦାସ, ହୃଷୀକେଶ ନାୟକ, ରାମଚନ୍ଦ୍ର ରାଉତ, ସୁନାକର ପ୍ରଧାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ବ୍ଲକ୍ ଓସ୍ତପୁର ପଞ୍ଚାୟତରେ ଏହି ନାଗପୁରା ପାଟ ଅଛି। ୧୯୨ ଏକରରୁ ଊର୍ଦ୍ଧ୍ୱ ଏହି ପାଟର ପୂର୍ବ ଦିଗରେ ସାହାସପୁର, ଫୋରଡ଼ ଗ୍ରାମ ଥିବାବେଳେ ଉତ୍ତର ଦିଗରେ ଗୋବରୀ ନଦୀ ପ୍ରବାହିତ ହେଉଛି। ଦକ୍ଷିଣ ଓ ପଶ୍ଚିମରେ ଦେପୁରା ଓ ନାଗପୁରା ଗ୍ରାମ ରହିଛି। ପାଟଟି ପାଇଁ ଏକ ଘେରି ବନ୍ଧ ହୋଇଥିଲେ ମଧ୍ୟ ଗୋବରୀ ନଦୀ ସୀମାରେ କୌଣସି ବନ୍ଧ ନାହିଁ। ଗୋବରୀ ନଦୀ ଜଳରେ ଭରପୂର ହେଲେ ଏହି ପାଟରୁ ଜଳ ଜମିକୁ ମାଡ଼ୁ ଥିବାବେଳେ ଦୀର୍ଘଦିନ ଧରି ଜଳ ନିଷ୍କାସନ ହୋଇପାରୁନାହିଁ। ଉଦ୍‌ବୃତ୍ତ ବନ୍ୟା ଓ ବର୍ଷା ଜଳ ଚାଷ ପାଇଁ ବିପଦ ହୋଇଛି। ଏହାର ନିରାକରଣ ପାଇଁ ବ୍ଲକ, ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ କରାଯାଉଛି। ଏଥିସହ ଡ୍ରେନେଜ୍ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ଚଳିତବର୍ଷ ଏହି ପାଟରେ ଶତାଧିକ ଚାଷୀ ଖରିଫ ଧାନ ଚାଷ କରିଥିଲେ। ତେବେ ଲଗାଣ ବର୍ଷା ଓ ଗୋବରୀ ନଦୀର ଜଳ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି। ଦୀର୍ଘଦିନ ଧରି ଧାନ ଗଛ ପାଣିରେ ବୁଡ଼ି ରହିବା ଯୋଗୁ ଏହା ପଚିଯାଇଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଏକ ପାଟନାଳୀ ପ୍ରକଳ୍ପକୁ ଡ୍ରେନେଜ ବିଭାଗରୁ ମଞ୍ଜୁରୀ ମିଳିଥିବା ଶୁଣିବାକୁ ମିଳିଛି। ପ୍ରକଳ୍ପ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରିନାହିଁ। ଜଳ ସେଚନ ଓ ନିଷ୍କାସନ ପ୍ରତି ଜିଲା ପ୍ରଶାସନ ଧ୍ୟାନ ଦେଉନାହାନ୍ତି। ଚାଷୀ ଚାଷକରିବା ପରେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛନ୍ତି। ଏହାର ସମାଧାନ ନ ହେବା ଚାଷୀଙ୍କ ପାଇଁ କାଳ ହୋଇଛି। ଏବେ ଚାଷ ପାଇଁ ଆଣିଥିବା ଋଣ ଶୁଝିବା ଚିନ୍ତାରେ ଥିବା ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଯକ୍ଷ୍ମା ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ

ପଟ୍ଟାମୁଣ୍ଡାଇ, ୨୩।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ପ୍ରାପ୍ତ ବୟସ୍କଙ୍କ ନିମନ୍ତେ ଯକ୍ଷ୍ମା ଓ ପ୍ରତିଷେଧକ ଟିକାକରଣ ଅଭିଯାନକୁ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ସବ୍‌ଡିଭିଜନ ହସ୍ପିଟାଲ ମେଡିକାଲ ଅଫିସର ଡା. ନିରାକାର ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ସିଡିଏମ୍‌ଓ ଡା. ଅନିତା ପଟ୍ଟନାୟକ, ଏଏସ୍‌ଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ନୃପେନ୍ଦ୍ର ଦାସ, ଜିଲା ପରିଚାଳିକା ଗୀତାଞ୍ଜଳି ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩୦ ଜଣଙ୍କୁ ଟିକା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପିଏଇଓ ସ୍ନେହଲତା ମହାନ୍ତି, ବିପିଏମ୍ ପ୍ରଶାନ୍ତ ଦାସ, ଚିତ୍ତରଞ୍ଜନ ଚାନ୍ଦ, ନୃସିଂହ ଦାସ ଓ ସଞ୍ଜୟ ଦାସ ପ୍ରମୁଖ ପରିଚାଳନା କରିଥିବାବେଳେ ଶୁଭଲକ୍ଷ୍ମୀ ପଣ୍ଡା, ମଧୁଛନ୍ଦା ମହାପାତ୍ର, ସାବିତ୍ରୀ ମହାନ୍ତି ଓ ସ୍ୱାଗତିକା ଲେଙ୍କା ପରିଚାଳନାରେ ସହଯୋଗ କରିଥିଲେ।


ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଫିତାକାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଭରତପୁର ଥାନା ଘଟଣାକୁ ନେଇ କଂଗ୍ରେସର ବିକ୍ଷୋଭ


କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ରକୁ ତହସିଲଦାରଙ୍କୁ ପ୍ରଦାନ କରାଯାଉଛି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୩ ଦଫା ସ୍ମାରକପତ୍ର ପ୍ରଦାନ

ରାଜକନିକା, ୨୩।୯ (ସଞ୍ଜୟ କୁମାର ଦାଶ)

ଭୁବନେଶ୍ୱର ଭରତପୁର ଥାନାରେ ଜଣେ ମେଜର, ଆଇନଜୀବୀ ବାନ୍ଧବୀଙ୍କୁ ଅସାମାଜିକ ଯୁବକଙ୍କ ବର୍ବରୋଚିତ ବ୍ୟବହାରରେ ସାହାଯ୍ୟ ପାଇଁ ପହଞ୍ଚି ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଥାନାରେ ପୋଲିସ କର୍ମଚାରୀଙ୍କ ଅମାନବୀୟ ଭାବେ ଗାଳିଗୁଲଜ, ମାଡ଼ମାରି ହାଜତରେ ବନ୍ଦ କରାଯାଇଥିଲା। ଏଣେ ମହିଳାଙ୍କୁ ସୁରକ୍ଷା ପରିବର୍ତ୍ତେ ଅସଦାଚରଣ ଭଳି ଘଟଣାକୁ ନିନ୍ଦା କରିବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ କନିକା ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ସଂଯୋଜନାରେ ଏହି ବିକ୍ଷୋଭ ଦଳରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଡା. ଦେବସ୍ମିତା ଶର୍ମା, ପିସିସି ସଭ୍ୟ ବାବୁରାମ ଜେନା, ମୁରଲୀଧର ନାୟକ, ଦୁର୍ଯ୍ୟୋଧନ ମହାନ୍ତି, ପ୍ରଫୁଲ୍ଲ ପୃଷ୍ଟି, ମେହେତାବ ଖାଁ, ରିୟାନ ଖାଁଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଅଶୋକ ବଜାରସ୍ଥିତ ବ୍ଲକ୍ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ କନିକା ତହସିଲ କାର୍ଯ୍ୟାଳୟ ପରିସରରେ ଏକ ପଥପ୍ରାନ୍ତ ସଭା କରିଥିଲେ। ସଭାରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ଉପରେ ପୋଲିସର ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିପାଇଁ ଓଡ଼ିଶା ତମାମ ଭାରତବର୍ଷରେ ଲଜ୍ଜିତ ଓ ନିନ୍ଦିତ ହୋଇଛି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରା ନ ଯାଇ ଚାକିରିରୁ ବହିଷ୍କାର କରାଯାଉ। ସମ୍ପୃକ୍ତ ଯୁବକମାନଙ୍କୁ ଘଣ୍ଟି ଘୋଡ଼ା ନ ଯାଇ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହିପରି ୩ ଦଫା ଦାବି ସମ୍ବଳିତ ଦାବି ନେଇ କନିକା ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ପୃଥୀରାଜ ପରିଡ଼ାଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

# ଓଏସ୍‌ଏଫ୍ ପକ୍ଷରୁ ଅସହାୟ ପରିବାରକୁ ସହାୟତା

ରାଜନଗର, ୨୩।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବେଲପାଳ ଗାଁର ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ହାରାମଣୀ କର୍କଟ ରୋଗରେ ପୀଡିତ ହୋଇ ୯ଦିନ ତଳେ ପରଲୋକ ହୋଇଥିଲା। ରାମଚନ୍ଦ୍ରଙ୍କ ପୁତ୍ର ଅମରଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ମା'ଙ୍କ ଶୁଦ୍ଧିକ୍ରିୟା କିପରି କରିବେ, ସେହି ଚିନ୍ତାରେ ଥିବାବେଳେ ଏଭଳି ଦୁଃଖଦ ଖବରପାଇ ଓଡ଼ିଶା ସାଇନ ଫାଉଣ୍ଡେଶନ(ଓଏସ୍‌ଏଫ) ପକ୍ଷରୁ ହାରାମଣୀଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ସାହାଯ୍ୟର ହାତ ବଢାଇଛନ୍ତି। ଓଏସ୍‌ଏଫ ପକ୍ଷର ଶୁଦ୍ଧିକ୍ରିୟା ପାଇଁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ଅନୁଷ୍ଠାନର ନିହାର ରଞ୍ଜନ ବିଶ୍ୱାଳ, ପ୍ରତାପ ନାୟକ, ସମୀର ବାଇ, ତପନ ମହାନ୍ତି, ମଣି ଚରଣ ସାହୁ, କବିତା ନାୟକ, ମାଧବାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମଞ୍ଚ କଳାକାର ରମେଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



କଳାକାର ରମେଶଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଉଛି।

ରାଜକନିକା, ୨୩।୯ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ୍ ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ସେବା ନିବୃତ୍ତ କ୍ରୀଡ଼ା ଶିକ୍ଷକ ତଥା କଟକ ଅନ୍ନପୂର୍ଣ୍ଣା ଥିଏଟରର ମଞ୍ଚ କଳାକାର ରମେଶ ଚନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ପ୍ରତିମୂର୍ତ୍ତି ଉନ୍ମୋଚନ ଏଣ୍ଡୁଳାପୁରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାକୁ ପୂର୍ବତନ ପ୍ରଧାନ ଶିକ୍ଷକ ଫକୀରମୋହନ ନାୟକ ଉଦ୍‌ଘାଟନ କରିଥିଲେ। ସମୂହ ଦୀପଦାନ, ଶ୍ରଦ୍ଧା ସୁମନ ପ୍ରଦାନ ସହ ବେଦମନ୍ତ୍ର, ନୀରବ ପ୍ରାର୍ଥନା ଏବଂ ଭଗବତ ପାଠ କରାଯାଇଥିଲା। ପ୍ରଧାନଙ୍କର ଏକ ପ୍ରତିମୂର୍ତ୍ତି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାକୁ ସଭାପତି ହରେଗୋବିନ୍ଦ ମଲୁଆଳ ସଂଯୋଜନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବାଞ୍ଛାନିଧି ସୂତାର, ଶିକ୍ଷକ ହରିହର ଜେନା, ବେଣୁଧର ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ଗୋପୀନାଥ ନାୟକ, ନିମାଇଁ ଚାନ୍ଦ ପଣ୍ଡା, ହରେକୃଷ୍ଣ ବାରିକ, ଗୟାଧର ନାୟକ, ଗୋକୁଳ ଚନ୍ଦ୍ର ପାଣି, ଡା. ଫକୀର ଚନ୍ଦ୍ର ପ୍ରଧାନ, ହେମନ୍ତ କୁମାର ନାୟକ, ସହଦେବ ନାୟକ, ସୁରେଶ ଚନ୍ଦ୍ର ରାଉତ, ପ୍ରମୋଦ ରାଉତ ପ୍ରମୁଖ ଆତ୍ମାର ସଦ୍‌ଗତି କାମନା ପୂର୍ବକ ସ୍ମୃତି ରୋମନ୍ଥନ କରିଥିଲେ। ଜ୍ୟେଷ୍ଠ ପୁତ୍ର ରଞ୍ଜନ କୁମାର ପ୍ରଧାନ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଜାତୀୟ ଉଦ୍ୟାନ ସଫେଇ

ରାଜନଗର, ୨୩।୯ (ଭାସ୍କର ରାଉତରାୟ)

ସ୍ୱଚ୍ଛତା ହିଁ ସେବା ଉପଲକ୍ଷେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ ରାଜନଗର ରେଞ୍ଜ ପକ୍ଷରୁ ଜାତୀୟ ଉଦ୍ୟାନ ସଫେଇ କାର୍ଯ୍ୟକ୍ରମ ପେଣ୍ଠ ବେଳାଭୂମିରେ କରାଯାଇଛି। ପେଣ୍ଠ ବେଳାଭୂମିର ଦୋବନ୍ଧିଠାରୁ ବରୁଣେଇ ମୁହାଣ ପର୍ଯ୍ୟନ୍ତ ବେଳାଭୂମିରେ ପଡ଼ିଥିବା ପଲିଥିନ, ପ୍ଲାଷ୍ଟିକ ବୋତଲ ଓ ଅଳିଆ ଆବର୍ଜନାକୁ ବନ ବିଭାଗର କର୍ମଚାରୀମାନେ ସଫେଇ କରିଛନ୍ତି। ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ବିଶ୍ୱ ରଞ୍ଜନ ତରାଇ, ସବିତା ବେହେରା, ସଙ୍ଗୀତା ସ୍ୱାଇଁ, ଗୀତାଞ୍ଜଳି ସାହୁ, ଦୋଳଗୋବିନ୍ଦ ନାୟକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ବନ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ସଫେଇ କାର୍ଯ୍ୟ କରାଯାଇଛି। ପରେ ଫରେଷ୍ଟର ପାତ୍ର ବେଳାଭୂମିକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ବେଳାଭୂମିରେ ପଲିଥିନ, ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ନ ପକାଇ ସଫା ରଖିବାକୁ ସଚେତନ କରିଥିଲେ। ସେହିପରି କନିକା ରେଞ୍ଜରେ ଏହି ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗର କର୍ମଚାରୀମାନେ ଜାତୀୟ ଉଦ୍ୟାନ ସଫେଇ କରିଛନ୍ତି। ସେହିଭଳି ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ସାମୁଦ୍ରିକ ବିଟ୍‌ରେ ସଫେଇ କରାଯାଇଛି। ରାଜନଗର ବନଖଣ୍ଡ ଅଧୀନରେ ଥିବା ସମସ୍ତ ରେଞ୍ଜରେ ସୋମବାର ଏହି ସ୍ୱଚ୍ଛତା ହିଁ ସେବା ପକ୍ଷ ଉପଲକ୍ଷେ ସଫେଇ କାର୍ଯ୍ୟ କରାଯାଇଛି।



ରାଜନଗର ବନକର୍ମଚାରୀମାନେ ପେଣ୍ଠ ବେଳାଭୂମିକୁ ସଫେଇ କରୁଛନ୍ତି।

# ଦୁର୍ଗା ପୂଜା ଶାନ୍ତି କମିଟି ବୈଠକ: ଡିଜେ ବଜାଇବାକୁ ନା

ଆଳି, ୨୩।୯ (ବନମାଳୀ ସେନାପତି)


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ଆଳି ବ୍ଲକ ସଭାଗୃହ ପରିସରରେ ସୋମବାର ଅପରାହ୍ନରେ ଦୁର୍ଗା ପୂଜା ଉପଲକ୍ଷେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଡିଜେ ବଜାଇବାକୁ ନା କହିଛି ପ୍ରଶାସନ। ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ୧୨ଟି ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇ ଆଗାମୀ ଦୁର୍ଗା ପୂଜାକୁ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯାଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଇନଜୀବୀ ଚିରଞ୍ଜୀବୀ ଦାସ, ଆଇନଜୀବୀ ବସନ୍ତ ନାୟକ, ଅକ୍ଷୟ କୁମାର ମଲ୍ଲିକ, ଗଣମାଧ୍ୟମ ପ୍ରତିନିଧି ବନମାଳୀ ସେନାପତି, ବିପିନ ରାଉତ, ଅଶୋକ ସାହୁ, ସନାତନ ମିଶ୍ର, ଆଳି ବିଦ୍ୟୁତ ବିଭାଗର ଯନ୍ତ୍ରୀ ପି. କେ. ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ମୁଖ୍ୟ ଭାବେ ପୂଜା ସମୟରେ ଶାନ୍ତି ଶୃଙ୍ଖଳା, ରାସ୍ତା ମରାମତି, ରାସ୍ତା ଅବରୋଧ, ଅସ୍ଥାୟୀ ଶୌଚାଳୟ, ରାସ୍ତା ଉପରୁ ଗୋରୁଙ୍କୁ ଉଠେଇ ଦେବା ଓ ଗୋଟିଏ ଦିନରେ ଭସାଣି ଉତ୍ସବ ସାରିବା ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଆଳି ଥାନା ଆଇଆଇସି ସବ୍ୟସାଚୀ ଶତପଥୀ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ଶାନ୍ତି କମିଟିର ସଦସ୍ୟମାନଙ୍କର ସହଯୋଗ ଲୋଡ଼ିଥିଲେ। ଲୋକମାନଙ୍କ ସହଯୋଗ ରହିଲେ ସମସ୍ତ କାର୍ଯ୍ୟ ଠିକ୍ ଭାବେ ହୋଇପାରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ତହସିଲଦାର ମିଶ୍ର କହିଥିଲେ, ପୋଲିସ ସହାୟତାରେ ଆଗାମୀ ଦିନଗୁଡ଼ିକରେ ରାସ୍ତା ଅବରୋଧ ଉଠାଇବା ଓ ଦେମାଳ ସରପଞ୍ଚଙ୍କ ସହାୟତାରେ ବୁଲା ଗୋରୁଙ୍କୁ ଉଠାଇବା କାର୍ଯ୍ୟ କରିବେ ବୋଲି କହିଥିଲେ। ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ରାସ୍ତା ଘାଟ ଯାହା ମରାମତି ଏହି ସ୍ୱଳ୍ପ ସମୟ ମଧ୍ୟରେ ସମ୍ଭବ ତାହା ସେ କରିବାକୁ କହିଥିଲେ। ଆଗାମୀ ବୈଠକ ଅକ୍ଟୋବର ୧ କିମ୍ବା ୨ ତାରିଖରେ ମଧ୍ୟରେ କରାଯିବା କଥା ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

# ଡେରାବିଶର ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ

ଡେରାବିଶ, ୨୩।୯ (ବେବର୍ତ୍ତା ଅଜୟ ଦାସ)

ନିଜ ଭାଇମାନଙ୍କର ମଙ୍ଗଳ କାମନା ପାଇଁ ଶ୍ରାବଣ ପୂର୍ଣ୍ଣିମାର ପର ରବିବାରରୁ ଆରମ୍ଭ ହୋଇଥିବା ଭାଲୁକୁଣୀ (ଖୁଦୁରୁକୁଣୀ ଓଷା) ଠକୁରାଣୀଙ୍କ ପୂଜାର୍ଚ୍ଚନା ସନ୍ଧ୍ୟାରେ ଗ୍ରାମର ଯୁବତୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ। ମାସେ ଧରି ଚାଲିଥିବା ଏହି ଭାଲୁକୁଣୀ ପୂଜା ପାଇଁ ଡେରାବିଶ ବ୍ଲକ୍ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା। ସୋମବାର ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତସ୍ଥିତ ହାଟ ପଡ଼ିଆଠାରେ ପ୍ରସିଦ୍ଧ ଭାଲୁକୁଣୀ ମେଳଣ ଶେଷ ହୋଇଯାଇଛି। ପାରମ୍ପରିକ ରୀତିନୀତି ମଧ୍ୟରେ ମେଳଣ ରବିବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଥିଲା। ପ୍ରଥମେ ଏହି ମେଳଣର ଥାନପତି ଥିବା ରଥପଡ଼ିଆର ସୁସଜ୍ଜିତ ଭାଲୁକୁଣୀ ଠାକୁରାଣୀଙ୍କ ମେଢ ମେଳଣ ପଡ଼ିଆରେ ଉପବେଶନ କରିଥିଲା। ପରେ ବିଭିନ୍ନ ଗ୍ରାମରୁ ଆସିଥିବା ଭାଲୁକୁଣୀଙ୍କ ସୁସଜ୍ଜିତ ମେଢ଼ ଘଣ୍ଟ, ସଂକୀର୍ତ୍ତନ, ବାଜାପଟୁଆର ଓ ରଙ୍ଗବେରଙ୍ଗର ଆତସବାଜି ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ।

ବ୍ଲକ୍ ଅଧୀନ ଗୋଲରାହାଟ ପଞ୍ଚାୟତର ଦୁମୁକା, ତିଲକପୁର, କଟେରି ତଳ, ଓଝାସାହି, ଚଷାଖଣ୍ଡ, ପାଣ୍ଡେସାହି, ବଣିଆସାହି, କାଜିପୁର ଓ ଦିଆପଡ଼ା ଗ୍ରାମ ସମେତ ବାଲିଆ ପଞ୍ଚାୟତର ତୋଟାସାହି, ହୁରାସାହି, ମୁଲଣାପାଟଣା ଓ ଦରବୋଲ, ଚାଟରାଚକଡ଼ା ପଞ୍ଚାୟତର ଗୋବିନ୍ଦପୁର ଓ ଚାଟରାଚକଡା ଏବଂ କାଉପଡ଼ା ପଞ୍ଚାୟତର ସାନଖୋଗଲ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ମେଢ଼ ସୋମବାର ପୂର୍ବାହ୍ନ ୧୧ଟା ସୁଦ୍ଧା ମେଳଣ ପଡ଼ିଆରେ ପହଞ୍ଚି ଥିଲେ। ପରେ ରଥପଡ଼ିଆର ଥାନପତି ମେଢ଼ ପକ୍ଷରୁ ସମସ୍ତ ମେଢ଼ ନିକଟରେ ଭୋଗ ଲାଗି କରାଯିବା ସହ ଆସନ୍ତାବର୍ଷ ମେଳଣ ପାଇଁ ବରଣୀ କରାଯିବା ପରେ ବିଭିନ୍ନ ଗ୍ରାମରୁ ଆସିଥିବା ମେଢ ରୋସଣି ମଧ୍ୟରେ ନିଜ ଗ୍ରାମକୁ ଫେରିଥିଲେ। ଏହି ଅବସରରେ ପରମ୍ପରା ଅନୁଯାୟୀ, ପୂର୍ବ ନିର୍ଦ୍ଧାରିତ ବିଭିନ୍ନ ସ୍ଥାନରେ ଭାଲୁକୁଣୀ ଠାକୁରାଣୀଙ୍କ ମେଢ଼ ଅଟକି ଭୋଗ ନୈବେଦ୍ୟ ଗ୍ରହଣ କରିଥିବାବେଳେ ମେଢ ସହ ଆସିଥିବା ଗ୍ରାମର ମୁରବିମାନେ ପରସ୍ପରକୁ ଆଲିଙ୍ଗନକରି ଶୁଭେଚ୍ଛା ଜଣାଇଥିଲେ। ଏହି ମେଳଣ ଅବସରରେ ପଡ଼ିଆରେ ଶତାଧିକ ଦୋକାନୀ ସେମାନଙ୍କର ବ୍ୟବସାୟ ପସରା ମେଲାଇଥିବାବେଳେ ମେଳଣକୁ ବହୁସଂଖ୍ୟାରେ ଆସିଥିବା ଅଞ୍ଚଳବାସୀ ସେମାନଙ୍କ ଦରକାରୀ ସାମଗ୍ରୀ କିଣାକିଣି କରିଥିଲେ। ଭାଲୁକୁଣୀ ମେଳଣ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ମେଳଣରେ ଶୃଙ୍ଖଳାରକ୍ଷା ପାଇଁ ଡେରାବିଶ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।


ମେଳଣ ପଡ଼ିଆରେ ସାମିଲ ହୋଇଥିବା ଖୁଦୁରୁକୁଣୀ ମେଢ଼।

## ପୁଣି ୨ବାଇକ୍ ଜବତ

ଦଶପଲ୍ଲା,( ପ୍ରକାଶ କୁମାର ପାଣି) ଦଶପଲ୍ଲା ପୋଲିସ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ପୁଣି ୨ଟି ବାଇକ୍ ଜବତ କରିଥିବା ଜଣାଯାଇଛି। ଦଶପଲ୍ଲା ପୋଲିସ ପକ୍ଷରୁ ଗତ ସପ୍ତାହରେ ବିଭିନ୍ନ ଅଞ୍ଚଳ ରେ ଚଢ଼ାଉ କରି ୩୧ଟି ବାଇକ୍ ଜବତ କରିଥିବା ବେଳେ ୪ ଜଣଙ୍କୁ ଗିରଫ କରି କୋର୍ଟ କୁ ଚାଲାଣ କରିଥିଲେ। ରବିବାରକୁ ମିଶାଇ ମୋଟ ୩୩ଟି ବାଇକ୍ ଜବତ କରାଯାଇଥିବା ବିଷୟ ଥାନା ଆଇଆଇସି ମୁକେଶ କୁମାର ବେହେରାଙ୍କ ସୂତ୍ରରୁ ଜଣାଯାଇଛି।

# ଆନ୍ଦୋଳନ କରିବାରୁ ହଷ୍ଟେଲ ଛାତ୍ରୀଙ୍କୁ ନିର୍ଯାତନା



ଛାତ୍ରୀମାନେ ନୟାଗଡ ଟାଉନ୍ ଥାନା ଆଇଆଇସିଙ୍କୁ ଅଭିଯୋଗ କରିବାକୁ ଯାଇଛନ୍ତି ।

ନୟାଗଡ,୨୩।୯(ଲୋକନାଥ ମିଶ୍ର)

- ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ବଢ଼ିଲା ଛାତ୍ରୀ ଅଶାନ୍ତି
- ଭଲ ଖାଦ୍ୟ ଦେଉନାହାନ୍ତି, ମେସ୍ ଖର୍ଚ୍ଚ ବଢ଼ାଇବାକୁ ଧମକ
- ଅତିରିକ୍ତ ଜିଲାପାଳ, ଆଇଆଇସିଙ୍କୁ ଭେଟି ଫେରାଦ୍ ହେଲେ ଛାତ୍ରୀ

ବିପର୍ଯ୍ୟସ୍ତ ପାଠପଢ଼ା, ଛାତ୍ରୀଙ୍କ ଅଭିଯୋଗକୁ ଅଧ୍ୟକ୍ଷାଙ୍କ ଅଣଦେଖା, ପାନୀୟ ଜଳ ନ ମିଳିବା ପରି ବିଭିନ୍ନ ସମସ୍ୟା ନେଇ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଛାତ୍ରୀମାନେ ଶୁକ୍ରବାର ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏପରି କି ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ବିରୋଧରେ ନାରାବାଜୀ ଦେଇଥିଲେ। ଖବରପାଇ ମହିଳା ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାନେତ୍ରୀ ମୃଣାଳି ଦାଶ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିବା ବିକ୍ଷୋଭ ଅପରାହ୍ନ ସାଢ଼େ ୨ଟାରେ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ ପ୍ରତ୍ୟାହାର ପରେ ହଷ୍ଟେଲ ଛାତ୍ରୀଙ୍କ ଉପରେ ନିର୍ଯାତନା କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ମେସ ଖର୍ଚ୍ଚ ବଢ଼ାଇବାକୁ ଧମକ ଦେଇଛନ୍ତି। ପୁଣି ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କ ପରିବାରକୁ ମିଥ୍ୟା ସୂଚନା ଦେଇ ହଇରାଣ କରୁଥିବା ଅଭିଯୋଗ ଉଠିଛି। ସେହିଭଳି ୨୦ବର୍ଷରୁ ଊର୍ଦ୍ଧ୍ୱ ହେଲା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ରହି ଛାତ୍ରୀମାନଙ୍କୁ ଭଲ ଖାଦ୍ୟ ଦେଉ ନ ଥିବାବେଳେ ନିର୍ଯାତନା ଦେଉଥିବା ଅଭିଯୋଗ ଉଠିଛି। ଏ ନେଇ ଛାତ୍ରୀମାନେ ନୟାଗଡ଼ ଅତିରିକ୍ତ ଜିଲାପାଳ ଓ ନୟାଗଡ଼ ଟାଉନ ଥାନା ଆଇଆଇସିଙ୍କୁ ଭେଟି ଫେରାଦ୍ ହୋଇଛନ୍ତି।

ଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ଆଡିମଶନ ସମୟରେ କେବଳ ଖାଇବା ବାବଦ ଦେୟ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ହଷ୍ଟେଲରେ ରହିବାର ୪ମାସ ପରେ ମେସ ଖର୍ଚ୍ଚ ୧୫୦୦ ଟଙ୍କା ହାଉସ ରେଣ୍ଟ ୩୦୦ ଟଙ୍କା ଅର୍ଥ ଆଦାୟ କରାଗଲା। ହଷ୍ଟେଲ ବାବଦ ଖର୍ଚ୍ଚ ସରକାର ଦେଉନାହାନ୍ତି ଦର୍ଶାଇ ଭଲ ଖାଦ୍ୟ ବି ଦିଆଯାଉନାହିଁ। ଅଭିଯୋଗ କଲେ ନିମ୍ନମାନର ଖାଦ୍ୟ ଦେଉଛନ୍ତି। ଏଣୁ ଛାତ୍ରୀମାନେ ବାଧ ହୋଇ ନୀରବ ରହୁଛନ୍ତି। ମହାବିଦ୍ୟାଳୟରେ ପାଠ ପଢ଼ାଇବାକୁ ଅଧ୍ୟାପକ ନାହାନ୍ତି। ଯୁକ୍ତ ୩ର ଅର୍ଥନୀତି ବିଭାଗର ଅଧ୍ୟାପକ ଯୁକ୍ତ ୨ର ପ୍ରଥମ ଓ ୨ୟ ବର୍ଷ, ଯୁକ୍ତ ୩ର ପ୍ରଥମ ବର୍ଷ, ୨ୟ ବର୍ଷ ଓ ତୃତୀୟ ବର୍ଷର ଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି। ଜଣେ ଅଧ୍ୟାପକ ୫ଟି ବର୍ଷର ଛାତ୍ରୀଙ୍କୁ ପାଠପଢ଼ାଇବା କାଠିକର ପାଠ ହୋଇଥିବାବେଳେ ଏଠାରେ ଅନ୍ୟ ଅଧ୍ୟାପକଙ୍କୁ ନିୟୋଜିତ କରାଯାଉନାହିଁ। ଅପରପକ୍ଷେ ସମ୍ପୃକ୍ତ ଅଧ୍ୟାପକ କୌଣସି କାରଣରୁ ଛୁଟିରେ ରହିଲେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ପାଠ ପଢ଼ା ବନ୍ଦ ହୋଇଯାଏ। ସେହିପରି ମହାବିଦ୍ୟାଳୟରେ ଛାତ୍ରୀଙ୍କ ଶୋଷ ମେଣ୍ଟାଇବା ପାଇଁ ପାନୀୟ ଜଳ ବ୍ୟବସ୍ଥା ନାହିଁ। ପୁଣି ଛାତ୍ରୀଙ୍କ କମନରୁମ ନ ଥିବାବେଳେ ପରିସ୍ରାଗାର ପରିତ୍ୟକ୍ତ ହୋଇ ପଡ଼ିରହିଛି। ସେହିଭଳି ଅର୍ଥନୀତି ବିଭାଗକୁ ଯିବାକୁ ଫାଟକ ନ ଥିବାରୁ ଛାତ୍ରୀମାନେ ହଟହଟା ହୋଇ ଆସୁଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ଅଧ୍ୟକ୍ଷା ନ ଶୁଣିବାରୁ ଅର୍ଥନୀତି ବିଭାଗର ଛାତ୍ରୀମାନେ ମହାବିଦ୍ୟାଳୟ ଫାଟକକୁ ବନ୍ଦ କରି ୨୦ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ଛାତ୍ରୀ ଜସ୍ମିନ ପରବିନ, ସସ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା କହିଛନ୍ତି, ମହାବିଦ୍ୟାଳୟରେ ସମସ୍ୟା ନେଇ ଆନ୍ଦୋଳନ ପରେ ଆମ ଉପରେ ନିର୍ଯାତନ ବଢ଼ିଛି। ପୋଲିସ ଲଗାଇ ଛାତ୍ରୀଙ୍କୁ ହଇରାଣ କରିବେ ବୋଲି ଅଧ୍ୟକ୍ଷା ଓ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଧମକ ଦେଉଛନ୍ତି। ହଷ୍ଟେଲର ଜଣେ ଛାତ୍ରୀ ଆନ୍ଦୋଳନରେ ସାମିଲ ହେବାରୁ ରାତିରେ ଶାଢ଼ି ପିନ୍ଧି ବଜାରରେ ବୁଲୁଛ ବୋଲି ପରିବାର ଲୋକଙ୍କୁ କୁହାଯାଉଛି। ପୁଣି ଅନେକ ପ୍ରକାର ମିଥ୍ୟା କହି ଛାତ୍ରୀଙ୍କୁ ହଇରାଣ ହରକତ କରାଯାଉଛି। କେବେ ହଷ୍ଟେଲକୁ ଆସୁ ନ ଥିବା ଅଧ୍ୟକ୍ଷା ଆସି ଧମକଚମକ ଦେଉଛନ୍ତି। ଆମେ ଅସୁରକ୍ଷିତ ହେବା ପରେ ଅତିରିକ୍ତ ଜିଲାପାଳ ଓ ଥାନା ଆଇଆଇସିଙ୍କୁ ଭେଟିଛୁ। ମଙ୍ଗଳବାର ଜିଲାପାଳଙ୍କୁ ଭେଟିବୁ।

## ଡାଲିରୁ ବାହାରିଲା ବୁଢ଼ିଆଣୀ



ହଷ୍ଟେଲ ଖାଦ୍ୟରୁ ବାହାରିଛି ବୁଢ଼ିଆଣୀ। ଛାତ୍ରୀ ଅଭିଯୋଗ କରିବା ପରେ ହଷ୍ଟେଲ କର୍ତ୍ତୃପକ୍ଷ ଶୁଣିନାହାନ୍ତି। ଅଭିଯୋଗ କଲା ପରେ ଖରାପ ବ୍ୟବହାର ଦେଖାଯାଇଛି। ମନ ପାଇଲେ ଖାଅ, ନଚେତ ପଳାଅ କୁହାଯାଉଛି। ବିକଳ୍ପ ନ ଥିବାରୁ ଛାତ୍ରୀ ବାଧ ହୋଇ ଖାଦ୍ୟ ଖାଉଥିବା ଅଭିଯୋଗ ହୋଇଛି। ଏ ନେଇ ଅଧ୍ୟକ୍ଷା ରାଜେଶ୍ୱରୀ ମହାପାତ୍ର କୁହନ୍ତି ସବୁ କିଛି ନୀତି ନିୟମରେ ଚାଲିଛି। ମହାବିଦ୍ୟାଳୟରେ ୫ବର୍ଷ ହେଲା କାମ କରିଛି। ଅକ୍ଟୋବର ୩୧ରେ ଅବସର ନେବି। ହେଲେ ଶେଷ ସମୟରେ ଛାତ୍ରୀମାନେ କାହିଁକି ମୋ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଛନ୍ତି ମୁଁ ଜାଣି ପାରୁନି। ମହାବିଦ୍ୟାଳୟ ପାଇଁ ମୁଁ ବହୁତ କାମ ହୋଇଛି। ଛାତ୍ରୀଙ୍କ ଆନ୍ଦୋଳନ ପରେ ମୁଁ ଦୁଃଖିତ। ନିର୍ଯାତନା ଦେବା ମିଥ୍ୟା। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନାଁରେ ଆସିଥିବା ଅଭିଯୋଗ ମିଥ୍ୟା। ସେ ୨୦୨୦ରେ ଦାୟିତ୍ୱରେ ନ ଥିଲେ। ୨୦ବର୍ଷ ହେଲା କିପରି ଦାୟିତ୍ୱରେ ଅଛନ୍ତି କୁହାଯାଉଛି। ଅନ୍ୟପକ୍ଷେ ବିଳମ୍ବରେ ଆସୁଥିବା କିଛି ଅଧ୍ୟାପିକା ମହାବିଦ୍ୟାଳୟକୁ ବଦନାମ କରୁଛନ୍ତି। ବାୟୋମେଟ୍ରିକରେ କେତେଜଣ ଅଧ୍ୟାପିକାଙ୍କର ବିଳମ୍ବରେ ଆସୁଥିବା ରେକର୍ଡ ରହିଛି। ଯାହା ଯାଞ୍ଚ କଲେ ଜାଣିପାରିବେ। କେତେଜଣ ଅଧ୍ୟାପିକା ଏଚଓଡି ମିଟିଂ ଆସୁନାହାନ୍ତି। କାରଣ ଦର୍ଶାଅ ନୋଟିସ ବେଳେବେଳେ ଦିଅନ୍ତି। ଅଧିକାଂଶ ସମୟ ଶୁଣୁ ନାହାନ୍ତି। ମହାବିଦ୍ୟାଳୟକୁ ଅଯଥାରେ ବଦନାମ କରିବାର ଜାଣି ହେଉନି। ସବୁ ପ୍ରକାରର ତଦନ୍ତକୁ ମୁଁ ସ୍ୱାଗତ କରେ ବୋଲି କହିଛନ୍ତି। ଅନ୍ୟପକ୍ଷେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଯୋଗାଯୋଗ କରାଯାଇ ପାରିନାହିଁ।

## ସଂକ୍ଷେପରେ

### ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର

ଖଣ୍ଡପଡ଼ା,୨୩।୯(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିବର୍ଷ ପରି ସୋମବାର ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ପୂର୍ଣ୍ଣେନ୍ଦୁ ଦାଶ ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା କମିଟିର ଅଧ୍ୟକ୍ଷା ଆରତୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୌରୀ ବୃନ୍ଦାବନଙ୍କ ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ଅତିଥି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସ୍ୱର୍ଗତ ବୃନ୍ଦାବନ ଦାଶ ଏକାଧାରରେ ଜଣେ ପରୋପକାରୀ, ଧର୍ମ ପରାୟଣ, ଜ୍ୟୋତିର୍ବିଦ୍, ମେଳାପୀ, ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଏହାଛଡ଼ା ୫ମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସୌଦାମିନୀ ଦାଶଙ୍କୁ ଟ୍ରଷ୍ଟ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ରମାକାନ୍ତ ପଣ୍ଡା ସଂଯୋଜନା କରିଥିଲେ।

### ସୁଭଦ୍ରା ଟଙ୍କା ପାଇବା ପରେ ମହିଳାଙ୍କ ମଧ୍ୟରେ ଉତ୍ସାହ

ଖଣ୍ଡପଡ଼ା,୨୩।୯(ଅଜୟ କୁମାର ମହାରଣା)

ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସୁଭଦ୍ରା ଯୋଜନା ପରି କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ଅନୁଦାନ ରାଶି ପାଇବା ଲାଗି ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ସମେତ ଖଣ୍ଡପଡ଼ା ସହରାଞ୍ଚଳରୁ ହଜାର ହଜାର ମହିଳା ଆବେଦନ କରିଥିଲେ। ତେବେ ଇତି ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତର ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫ହଜାର ଟଙ୍କା ଲେଖାଏ ଆସିଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଟଙ୍କା ପାଇ ମହଳାମାନେ ବେଶ ଖୁସିଥିବା ଜଣାପଡ଼ିଛି। ଏବେବି ଅନେକ ମହିଳାଙ୍କ ବ୍ୟାଙ୍କ ସଞ୍ଚୟ ଖାତାକୁ ଟଙ୍କା ଆସି ନ ଥିବା ଜଣାପଡିଛି। ଟଙ୍କା ପାଇବା ଆଶାରେ ହଜାର ହଜାର ମହିଳା ଅପେକ୍ଷା କରିଛନ୍ତି।

### ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

ଖଣ୍ଡପଡା,୨୩।୯(ଅଜୟ କୁମାର ମହାରଣା)

ଦୁର୍ଗାପୂଜା ନିମନ୍ତେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ଗ୍ରାମରେ ଥିବା ପୂଜା କମିଟି ତଥା କ୍ଲବ ପକ୍ଷରୁ ଦୁର୍ଗାପୂଜା ଅନୁଷ୍ଠିତ ହେବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଖଣ୍ଡପଡ଼ା ସହରର ସର୍ବ ପୁରାତନ ତଳସାହି ଦୁର୍ଗାପୂଜା କମିଟି ପକ୍ଷରୁ ନିକଟସ୍ଥ କୁସୁମୀ ପଠାରେ ମାଟି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି କଣ୍ଟିଲୋ ଜନକଲ୍ୟାଣ କ୍ଲବର ପୂଜା କମିଟି ପକ୍ଷରୁ ମହାନଦୀ ପଠାରୁ ଭାଗବତ ଜନ୍ମ ଅବସରରେ ପୂଜା କମିଟିର କର୍ମକର୍ତ୍ତାମାନେ ମାଟି ପୂଜା କରିଥିଲେ। ପରେ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ପୂଜା କମିଟିର କର୍ମକର୍ତ୍ତାମାନେ ଘଣ୍ଟଘଣ୍ଟା ସହ ନଦୀପଠାରୁ ମାଟି ଉଠାଇଥିଲେ।

## ଜନଶୁଣାଣି ଶିବିରରେ ୧୩୪ ଅଭିଯୋଗ



ଜିଲାପାଳ, ପ୍ରଶାସନିକ ଅଧିକାରୀଙ୍କୁ ଲୋକମାନେ ଅଭିଯୋଗ କରୁଛନ୍ତି ।

ଭାପୁର, ୨୩।୯ (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ସଭାଗୃହରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ପଞ୍ଜୀକୃତ ୧୩୪ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଭାବେ ୧୨୫ ଅଭିଯୋଗ ଥିଲା। ସାମୂହିକ ଗ୍ରାମ୍ୟ ବିବାଦ ୧୦ଟିର ଶୁଣାଣି କରାଯାଇ ସମୁଦାୟ ୧୮ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଛି। ଅଭିଯୋଗଗୁଡ଼ିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ସରୋଜ କୁମାର ନାୟକ, ତହସିଲଦାର ଅର୍ଜୁନ କୁମାର ପ୍ରଧାନ, ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା , ଭାପୁର ବିଟ୍ ହାଉସ ଅଧିକାରୀ ସଞ୍ଜୀୟ କୁମାର ପରିଡ଼ା, ଜିଲାସ୍ତରୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟାଗୁଡିକର ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।

## ଶିକ୍ଷାର୍ଥୀଙ୍କ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କାର୍ଯ୍ୟକ୍ରମ

ଶରଣକୁଳ, ୨୩।୯ (ଦୀପକ କର)

ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଚାଲୁଥିବା ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଦ୍ୱାରା ସୋମବାର ଶିଳ୍ପାନୁଷ୍ଠାନ ପରିଭ୍ରମଣ ତଥା ଜ୍ଞାନ ଆହରଣ ଶିକ୍ଷା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ଛାତ୍ରୀଛାତ୍ର ଶିଳ୍ପାନୁଷ୍ଠାନ ପରିଭ୍ରମଣ କରି ବିଭିନ୍ନ ଜ୍ଞାନ କୌଶଳ ଉପରେ ଶିକ୍ଷା ଲାଭ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ର ଶରଣକୁଳ ନିକଟସ୍ଥ କଟରାଝରିଠାରେ ଥିବା ଜୟ ବଜରଙ୍ଗୀ ରାଇସ ମିଲ୍ଲ ଭ୍ରମଣ କରି ବିଭିନ୍ନ ବୈଦ୍ୟୁତିକ ଶିକ୍ଷା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ଦଶମ ଶ୍ରେଣୀର ଛାତ୍ରୀଛାତ୍ର ପ୍ରଶିକ୍ଷକ ଗୋରାଙ୍ଗ ସାହୁଙ୍କ ସହ ମ୍ୟାନେଜର ରମେଶ ସାହୁଙ୍କ ସହଯୋଗକ୍ରମେ ବିଭିନ୍ନ ମୋଟର ରକ୍ଷଣାବେକ୍ଷଣ ତଥା ଆଧୁନିକ ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଜ୍ଞାନକୌଶଳ ସାହାଯ୍ୟରେ ସୁରକ୍ଷିତ କାର୍ଯ୍ୟ କରିବା ବିଷୟରେ ଜ୍ଞାନ ଲାଭ କରିଥିଲେ।

## ସହପାଠୀଙ୍କ ପରିବାରକୁ ପୁରାତନ ଛାତ୍ରଙ୍କ ସହାୟତା



ଖଣ୍ଡପଡ଼ା,୨୩।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୯୩ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ର ଜଣେ ସହପାଠୀଙ୍କ ବିଧବା ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ଗ୍ରାମର ଚିରଞ୍ଜୀବୀ ମହାରଣା। ବାପାଙ୍କ ପରଲୋକ ପରେ ପରିବାର ପ୍ରତିପୋଷଣ ପାଇଁ ଏକ ଜଳଖିଆ ଦୋକାନ କରିଥିଲେ। ସେଥିରୁ ଯାହା ରୋଜଗାର ହେଉଥିଲା ୫ ପ୍ରାଣୀ ଚଳୁଥିଲେ। ହେଲେ ଏମିତି ବେଶି ଦିନ ଚାଲିପାରି ନ ଥିଲା। ଚିରଞ୍ଜୀବୀ ଅସୁସ୍ଥ ହେବାର ଅଳ୍ପଦିନ ମଧ୍ୟରେ ପରଲୋକ ଘଟିଥିଲା। ଏହି ଘଟଣାରେ ସାରା ପରିବାର ଭାଙ୍ଗିପଡ଼ିଥିଲେ। ଚିରଞ୍ଜୀବୀଙ୍କ ପରିବାର କହିଲେ ବିଧବା ମା’, ସ୍ତ୍ରୀ, ଯାଆଁଳା ଝିଅ ସହ ଗୋଟିଏ ପୁଅ। ୨ ଝିଅ ମାମୁଘରେ ରହି ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ପୁଅ ଗାଁରେ ରହି ୪ର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ରୋଜଗାରକ୍ଷମ ପୁଅର ଅକାଳ ମୃତ୍ୟୁ ପରେ ସେହି ପରିବାରର ଆର୍ଥିକସ୍ଥିତି ଦୋହଲିଯାଇଥିଲା। ଏହି ଦୁର୍ଦ୍ଦିନ ସମୟରେ ଚିରଞ୍ଜୀବୀଙ୍କ ୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀ ବିନୋଦ ମହାରଣା, ଶିବ ଦଳେଇ, ପଦ୍ମନାଭ ସେଠୀ, ଅରୁଣ କୁମାର ଚିନରା, ଅଶୋକ କୁମାର ମିଶ୍ର, ତନ୍ମୟ କୁମାର ଚୌଧୁରୀ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ସହପାଠୀମାନେ ସହାୟତାର ହାତ ବଢାଇଥିଲେ। ବାପଛେଉଣ୍ଡ ଝିଅ, ପୁଅ ଓ ତାଙ୍କ ପରିବାରର ଦୁଃଖ ଦୁର୍ଦ୍ଦଶାକୁ ଦେଖି ନିଜେ କିଛି କିଛି ଟଙ୍କା ଦେବାକୁ ମନସ୍ଥ କରିଥିଲେ। ସେମାନେ ପ୍ରାୟ ୫୬, ୩୨୦ଟଙ୍କା ସଂଗ୍ରହ କରିଛନ୍ତି। ଚିରଞ୍ଜୀବୀଙ୍କ ଏକାଦଶାହରେ ସହପାଠୀମାନେ ମିଳିତ ହୋଇ ଉକ୍ତ ଅର୍ଥରାଶି ପିଲାମାନଙ୍କ ଭବିଷ୍ୟତ ପାଠପଢ଼ା ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

## ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ବିଶ୍ୱବିଜିତାଙ୍କ ପ୍ରକଳ୍ପ ପ୍ରଥମ




ନୟାଗଡ଼,୨୩।୯(ଲୋକନାଥ ମିଶ୍ର)

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ପ୍ରାଦେଶିକ ବିଜ୍ଞାନମେଳାରେ ନୟାଗଡ଼ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ୬ଷ୍ଠ ଶ୍ରେଣୀର ଛାତ୍ରୀ ବିଶ୍ୱ ବିଜିତା ମହାନ୍ତି ଭାଗନେଇ ଉପ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପରିବେଶକୁ ପ୍ରଦୂଷଣମୁକ୍ତ କରିବାକୁ ବିଶ୍ୱବିଜିତା ଜୀବମ୍ ପ୍ରକଳ୍ପ ନିର୍ମାଣ କରିଥିଲେ। ସମ୍ପୃକ୍ତ ପ୍ରକଳ୍ପ ମାଧ୍ୟମରେ ପ୍ରଦୂଷଣମୁକ୍ତ ସହ ବିଭିନ୍ନ ସଚେତନତା ବାର୍ତ୍ତା ଛାତ୍ରୀ ବିଶ୍ୱ ବିଜିତା ଦେଇଥିଲେ। କେବଳ ବିଜ୍ଞାନ ମେଳା ପ୍ରକଳ୍ପ ନୁହେଁ ଭଲ ଉଚ୍ଚକୋଟୀର ବକ୍ତବ୍ୟ ଦେଇ ଜିଲାଠାରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଉଚ୍ଚ ପ୍ରଶଂସା ସେ ସାଉଁଟିଛନ୍ତି। ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ସଫଳତାପ୍ରାପ୍ତ ହୋଇଥିବାରୁ ବିଦ୍ୟାଳୟର ସମ୍ପାଦକ ଶ୍ରୀଧର ସାହୁ ବିଶ୍ୱବିଜିତାଙ୍କୁ ଶୁଭ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଦୟନୀୟ ଅବସ୍ଥାରେ ପଲଟନ ଖେଳପଡ଼ିଆ

ଖଣ୍ଡପଡ଼ା,୨୩।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ପଲଟନ ପଡ଼ିଆରେ କ୍ରୀଡ଼ାର ବିକାଶ ପାଇଁ ୨୦୧୬ ଡିସେମ୍ବର ୧୩ରେ ଆୟୋଜିତ ସଭାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହାକୁ ଏକ ମିନି ଷ୍ଟାଡିୟମରେ ପରିଣତ କରିବାକୁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ୮ବର୍ଷ ବିତିଯାଇଥିଲେ ହେଁ ସରକାରଙ୍କ ସୀମିତ ପରିମାଣର ଅନୁଦାନ ପଡ଼ିଆର ଉନ୍ନତୀକରଣ ହୋଇପାରି ନ ଥିବାରୁ କ୍ରୀଡ଼ାପ୍ରେମୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ୨୫ ଲକ୍ଷ ଟଙ୍କାର ଅନୁଦାନ ପଡ଼ିଆର ଆବଶ୍ୟକ ଉନ୍ନତୀକରଣ ପୂରଣ କରିବା ଅସମ୍ଭବ ହୋଇପଡ଼ିଛି। ତେବେ ଏହି ଅର୍ଥରେ ପଡ଼ିଆ ମଧ୍ୟରେ ଏକ ଗୃହ ନିର୍ମାଣ, ପ୍ରବେଶ ତୋରଣ(ଗେଟ) ସହ ଦକ୍ଷିଣ ପାର୍ଶ୍ୱର ୩୨୦ ଫୁଟ ସୁରକ୍ଷା ପ୍ରାଚୀର ମଧ୍ୟରୁ ମାତ୍ର ୧୬୦ ଫୁଟ ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ତେବେ ଅନ୍ୟ ୩ ପାର୍ଶ୍ୱ ପ୍ରାଚୀର(ପ୍ରାୟ ୪୮୦ ଫୁଟ ଲମ୍ବ) ସହ ଅବଶିଷ୍ଟ ଦକ୍ଷିଣ ପାର୍ଶ୍ୱ ୧୬୦ ଫୁଟ ଲମ୍ବର ପ୍ରାଚୀର ନ ଥିବାରୁ ପଡ଼ିଆର ସୁରକ୍ଷା ଦିଗରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୈନିକ ଅଭ୍ୟାସର ଉତ୍ତମ ବ୍ୟବସ୍ଥା ନ ଥିଲେ ଭଲ ଖେଳାଳିଟିଏ ହୋଇ ବାହାରିବା ସମ୍ଭବପର ନୁହେଁ। ଏଥିପାଇଁ ଏକ ଖେଳପଡ଼ିଆର ଆବଶ୍ୟକତା ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଖେଳ ପଡ଼ିଆ ଏବେ ପରିତ୍ୟକ୍ତ ଅବସ୍ଥାରେ ଗୋରୁଙ୍କ ଚରାଭୂଇଁ ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ଫୁଟ୍‌ବଲପ୍ରେମୀ ଯୁବକମାନେ ଉକ୍ତ ଖେଳ ପଡ଼ିଆରେ ପ୍ରତ୍ୟହ ଅଭ୍ୟାସକରି ପୂର୍ବରୁ ଉତ୍ତମ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। ସମ୍ପ୍ରତି ବହୁ ଛାତ୍ର ଓ ଯୁବକ ଫୁଟ୍‌ବଲ ଛାଡ଼ି କ୍ରିକେଟ ଖେଳ ଆଡକୁ ଆକୃଷ୍ଟ ହେଲେଣି। ଫଳରେ ଦୟନୀୟ ଅବସ୍ଥାରେ ଥିବା ଏହି ପୁରାତନ ଖେଳ ପଡ଼ିଆ ଖେଳାଳିଙ୍କୁ ଖୋଜୁଥିବା ପରି ମନେ ହେଉଛି।

### ମିନି ଷ୍ଟାଡିୟମ ଯୋଜନାର ଅନୁଦାନ ଆବଶ୍ୟକତା ପୂରଣ କଲାନି



୧୯୪୭ ଏବଂ ୧୯୫୧ରୁ ପ୍ରତିଷ୍ଠିତ ଯଥାକ୍ରମେ କଣ୍ଟିଲୋ ଭଗବାନ ମଧ ଇଂରାଜୀ ବିଦ୍ୟାଳୟ ଓ ନୀଳମାଧବ ବିଦ୍ୟାପୀଠର ଛାତ୍ରମାନେ ଉକ୍ତ ବିଦ୍ୟାଳୟର ପୂର୍ବ ପାର୍ଶ୍ୱରେ ରହିଛି ୪.୦୬ ଏକର ପରିମିତ ଏକ ପଡ଼ିଆ, ଯାହାକି ପଲଟନ ପଡ଼ିଆ ଭାବେ ପରିଚିତ। ପରବର୍ତ୍ତୀ ସମୟରେ ଏହି ପଡ଼ିଆକୁ ଛାତ୍ରୀଛାତ୍ର ଖେଳ ପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି। ଏହାଛଡ଼ା କଣ୍ଟିଲୋ ତଥା ଏହା ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ କ୍ରୀଡାପ୍ରେମୀ ଏଠାରେ ଫୁଟ୍‌ବଲ ଓ ଅନ୍ୟ ଖେଳ ଅଭ୍ୟାସ କରୁଥିଲେ। ଏଠାରେ ଜିଲା ତଥା ରାଜ୍ୟସ୍ତରୀୟ ଅନେକ ଟୁର୍ନାମେଣ୍ଟ ମଧ୍ୟ ଅନୁଷ୍ଠିତ ହୋଇସାରିଛି। ପଡ଼ିଆ ମଧ୍ୟ ଦେଇ ଅନେକ ସମୟରେ ଟ୍ରାକ୍ଟର ଯୋଗେ ବାଲି, ଇଟା, ପଥର ନେବା ଆଣିବା ଯୋଗୁ ଅବସ୍ଥା ଅଧିକ ଖରାପ ଆଡ଼କୁ ଗତି କରୁଛି। ବର୍ଷାଦିନେ ବର୍ଷା ଜଳ ପଡ଼ିଆ ମଧ୍ୟରେ ଜମି ରହି ଖେଳରେ ପ୍ରତିବନ୍ଧକ ସାଜୁଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ଏଠାରେ ଖେଳ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଏହାଛଡ଼ା ଜାତୀୟ ଦିବସଗୁଡ଼ିକରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କର ସମୂହ ପରେଡ୍ ହୋଇଥାଏ। ମାତ୍ର ଉକ୍ତ ପଡ଼ିଆର ଦୁରବସ୍ଥା ଯୋଗୁ ଖେଳ ତଥା ପ୍ରତିଯୋଗିତାରେ ବାଧା ସୃଷ୍ଟି ହେଉଛି। ମଦ୍ୟପମାନେ ରାତିରେ ଏହି ପଡ଼ିଆରେ ମଦ୍ୟପାନ କରି ଖାଲି କାଚ ବୋତଲ ଫିଙ୍ଗି ଚାଲିଯାଉଥିବାରୁ ଖେଳ ସମୟରେ ନାନା ସମସ୍ୟା ସୃଷ୍ଟିହେବା ସହ ଖେଳାଳି କ୍ଷତାକ୍ତ ହେଉଛନ୍ତି। ଅପରପକ୍ଷରେ ପଡ଼ିଆର ସୁରକ୍ଷା ପ୍ରାଚୀର ନ ଥିବା ଯୋଗୁ ଅନେକ ସମୟରେ ମହାନଦୀର ବନ୍ୟା ଜଳ ପଡ଼ିଆକୁ ବୁଡାଇ ଦେଇଥାଏ। ତେବେ ନୀଳମାଧବ ବିଦ୍ୟାପୀଠର ପୁରାତନ ଛାତ୍ର ଦୁଷ୍ମନ୍ତ କୁମାର ସ୍ୱାଇଁ ସମ୍ପ୍ରତି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ଉକ୍ତ ପଡ଼ିଆର ସୁରକ୍ଷା ତଥା ନବୀକରଣ ଦିଗରେ ଦୃଷ୍ଟିଦେବାକୁ ସୂଚନା ଦେଇଥିବା ଜଣାପଡ଼ିଛି।

# ମା’ ଲଙ୍କେଶ୍ୱରୀ ଖଣ୍ଡାବସା ଫୁଟ୍‌ବଲ କପ୍ ଉଦ୍‌ଘାଟିତ

ଜୁନାଗଡ଼,୨୩।୯(ସୁନୀଲ କୁମାର ସିଂହ/ ଅଂଶୁମାନ ଯୋଷୀ)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ହାଇସ୍କୁଲ ପଡିଆଠାରେ ସୋମବାର ମା’ ଲଙ୍କେଶ୍ୱରୀ ଖଣ୍ଡାବସା ଫୁଟ୍‌ବଲ କପ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ମାଟିଗାଁ ଓ ବଗାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଟିଗାଁ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମଣ୍ଡଲ ଓ କର୍ଲାକୋର୍ଟ ମଧ୍ୟରେ ହୋଇଥିବାବେଳେ କର୍ଲାକୋଟ ବିଜୟୀ ହୋଇଥିଲା। ଜୁନାଗଡ଼ ଓ ଭବାନୀପାଟଣା ମଧ୍ୟରେ ହୋଇଥିବା ତୃତୀୟ ମ୍ୟାଚରେ ଜୁନାଗଡ ବିଜୟୀ


ଉଦ୍‌ଘାଟନୀ ମ୍ୟାଚ ଅବସରରେ ଅତିଥିଙ୍କ ସହ ୨ ଦଳର ଖେଳାଳି।

ହୋଇଥିଲା। ଖେଳକୁ ଟୁନା ଲହଜଲ ଓ ଭଗବାନ ଦଳପତି ପରିଚାଳନା କରିଥିଲେ। ଜୁନାଗଡ ଫୁଟ୍‌ବଲ କ୍ଲବ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ କୁମାର ଜାଲ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ଫୁଟବଲ୍ କ୍ଲବର ସଭାପତି ସନ୍ତୋଷ ପଟ୍ଟନାୟକ, ଖବରଦାତା ସନ୍ତୋଷ ସିଂଦେଓ, ଭବାନୀ ପଟ୍ଟନାୟକ, କାଳିଆ କନ୍ଦପାନ, ମିନୁ କନ୍ଦପାନ, ରତନ ଧଙ୍ଗଡାମାଝି, ଅଶୋକ ଶବର ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାର ଏଠାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିବର୍ଷ ମା’ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡବସା ପର୍ବ ସମୟରେ ଜୁନାଗଡ ଫୁଟ୍‌ବଲ କ୍ଲବ ପକ୍ଷରୁ ଏପରି ଫୁଟବଲ କପ୍ ଆୟୋଜନ କରାଯାଇଥାଏ।

## ଏମାନେ ଯାହା କୁହନ୍ତି...



“ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ କେଉଁ ଆବହମାନ କାଳରୁ ହୋଇଆସୁଛି। ମା’ଙ୍କ ଏହି ପର୍ବ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡିଥାଏ। ଆମ ସାତପୁରୁଷ ଏହି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଉଆସୁଛୁ। ମନ୍ଦିରର ସମସ୍ତ ରୀତିନୀତି ପ୍ରସ୍ତୁତି ଆମ ଦ୍ୱାରା ହୋଇଥାଏ।

-ଅଶ୍ୱିନ କୁମାର ପଣ୍ଡା
ପୂଜକ, ମା’ ଲଙ୍କେଶ୍ୱରୀ ମନ୍ଦିର, ଜୁନାଗଡ଼



“ମା’ଙ୍କ ଖଣ୍ଡାବସା ପର୍ବ ରାଜାରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ପର୍ବ ଜୁନାଗଡ଼ ଇତିହାସର କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ। ଖଣ୍ଡାବସା ପର୍ବ ଦିନ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇ ଉଠିଥାଏ। ଚାରିଆଡ଼େ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ପର୍ବ ପାଇଁ ଦୂରଦୂରାନ୍ତରେ ଥିବା ବନ୍ଧୁ, କୁଣିଆ ମଧ ଘରକୁ ଆସିଥାନ୍ତି।

-ମାନସ ସେଠୀ, ଜୁନାଗଡ଼



“ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପ୍ରତିବର୍ଷ ଧୁମଧାମରେ ଅନୁଷ୍ଠିତ ହୋଇଆସୁଛି। ବର୍ଷକରେ ଥରେ ଏହି ପର୍ବ ପଡୁଥିବାରୁ ଜୁନାଗଡ଼ବାସୀ ଚାହିଁ ରହିଥାନ୍ତି। ଚାରିଆଡେ ଭକ୍ତି, ଭାବମୟ ପରିବେଶ ସୃଷ୍ଟି କରିଥାଏ। ଏହି ଦିନ ମା’ଙ୍କ ସିଧାସଳଖ ଦର୍ଶନ ମିଳିଥାଏ। ସେଥିପାଇଁ ଆମେ ବେଶ ଉତ୍ସାହିତ ଅଛୁ।

-ନୀତୁ କ୍ଷିତୀ, ଗୃହିଣୀ, ଜୁନାଗଡ଼































# ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଆଜି



ଆଲୋକମାଳାରେ ଝଲସୁଛି ମା’ଙ୍କ ମନ୍ଦିର।

**ଭବାନୀପାଟଣା,୨୩।୯ (ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଦେବୀପୀଠ ଉତ୍ସବମୁଖର ହୋଇଉଠିଛି। ମା’ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କେତେଜଣ ଭକ୍ତ ମାନସିକ ପୂରଣ ପାଇଁ ମା’ଙ୍କ ନିକଟରେ ଭୋଗ ଲଗାଇଥିଲେ। ମଙ୍ଗଳବାର ସନ୍ଧ୍ୟା ୬ରୁ ୬ଟା ୩୦ ମଧ୍ୟରେ ମା’ଙ୍କ ଖଣ୍ଡା ଡାକବଙ୍ଗଳା ଅଭିମୁଖେ ଶୋଭାଯାତ୍ରାରେ ବାହାରିବ ଓ ରାତି ୯ଟା ୩୦ରେ ମା’ଙ୍କ ଖଣ୍ଡାବସା ପର୍ବ ହେବ ବୋଲି ପୂଜକ ଅଶ୍ୱିନ ପଣ୍ଡା ପ୍ରକାଶ କରିଛନ୍ତି। ସୋମବାର ରାତିରେ ଆଲୋକମାଳାରେ ଝଲସି ଉଠୁଛି ଇଷ୍ଟଦେବୀଙ୍କ ମନ୍ଦିର ସମେତ ମୁଖ୍ୟଦ୍ୱାର ଓ ଆଖପାଖ ଅଞ୍ଚଳ। ଖଣ୍ଡାବସା ପର୍ବ ଯେମିତି ଶାନ୍ତିଶୃଙ୍ଖଳା ସହ ହେବ ସେ ନେଇ ଜୁନାଗଡ଼ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହି ପର୍ବରେ ୧ ପ୍ଲାଟୁନ ପୋଲିସ ମୁତୟନ ସହ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳର ସମସ୍ତ ଥାନାର ଏସ୍‌ଆଇ ଓ ଏଏସ୍‌ଆଇ ଯୋଗଦେଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିବେ। ସେହିପରି ଜୁନାଗଡ଼ ଆଇଆଇସି ଉଲ୍ଲାସ ରାଉତ, ଧର୍ମଗଡ଼ ଏସ୍‌ଡିପିଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଏହି ଆଇନଶୃଙ୍ଖଳା ତଦାରଖ କରିବେ। ପ୍ରଶାସନିକ ସ୍ତରରେ ଜୁନାଗଡ଼ ତହସିଲଦାର ସୁର୍ମି ସୋରେନ, ବିଡିଓ ଦେବାଶିଷ କର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଖିଲୋ ପ୍ରମୁଖ ଦାୟିତ୍ୱ ତୁଲାଇବେ।

## ଆଲୋକମାଳାରେ ଝଲସୁଛି ମା’ଙ୍କ ମନ୍ଦିର

## ଖଣ୍ଡାବସା କବିତା

ଦେବୀ,
ତୁ’ ଅଛୁ ବୋଲି
କେବେ ବି
କୂଳ ଲଂଘି
ଜୁନାଗଡ଼ର ଛାତିକୁ
ଛୁଇଁ ପାରେନି ହାତୀ ନଦୀ,
ନଦୀର ଡାହାଣ
ଘାଟରେ ତୋର
ପାଦଧୁଆ ଚିରଦିନ
ତୁ ଜାଣୁ,
ସେଇଠି ସରେ ଜୀବନ
ସେଠି ହିଁ ଶ୍ମଶାନ।

ତୋ’ର ଗୁଡ଼ି ନୁହେଁ ଗୋ
ତୁ ଗଡ଼ର ଅଧିଷ୍ଠାତ୍ରୀ
ଚୁପ୍‌ଚାପ୍ ବୁଲୁଥାଉ
ସାରା ସହର
ନିଶବ୍ଦ ହେଲେ ରାତ୍ରି।

ତୋର ଖଣ୍ଡା ବୁଲୁଥାଏ
ଚାରି ଦିଗେ,
ଭୟ ଯେତେ ଦୂରେ ଭାଗେ,
ଦେବୀ,
ତୁ ହିଁ ଥାଉ ସର୍ବାଗ୍ରେ।

ଯୁଗ ଯୁଗ ଧରି
ତୋର ଆସନ, ଶାସନ
ତୁ ସର୍ବାସନେ ଥା’ ଦେବୀ
ମୁଁ ତୋତେ ଏମିତି ସ୍ମରୁଥିବି,
ଗାଁ, ନଗ୍ର, ଦେଶ ଓ ପୃଥିବୀ
ଯୁଆଡ଼େ ବି ଯିବି
ତୋତେ ଧରି
ଘୂରି ବୁଲୁଥିବି।

**ପଲ୍ଲବୀ ଦାସ**
ଜୁନାଗଡ଼,କଳାହାଣ୍ଡି

ଖଣ୍ଡାବସା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

## ଦୁଲୁକିବ ମା’ ଲଙ୍କେଶ୍ୱରୀଙ୍କ ପୀଠ



ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାକୁ ଶୋଭାଯାତ୍ରାରେ ନିଆଯାଉଛି।

**ଜୁନାଗଡ଼,୨୩।୯(ସୁନୀଲ କୁମାର ସିଂହ/ଅଂଶୁମାନ ଯୋଷୀ)**

ଜୁନାଗଡ଼ ମା’ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ମଙ୍ଗଳବାର ପ୍ରତିବର୍ଷ ଭଳି ଏଥର ମଧ୍ୟ ସ୍ଥାନୀୟ ଲଙ୍କେଶ୍ୱରୀ କ୍ଲବ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଲଙ୍କେଶ୍ୱରୀ କ୍ଲବ ପକ୍ଷରୁ ମା’ଙ୍କ ନିକଟରେ ଘଣ୍ଟ ଦଳ ପରିବେଷଣ କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ବିଚିତ୍ରା, ଘୁମୁରା ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏ ନେଇ ଲଙ୍କେଶ୍ୱର କ୍ଲବର ଉପଦେଷ୍ଟା ଦୁର୍ଗା ପ୍ରସାଦ ନାଏକ ସୂଚନା ଦେଇଛନ୍ତି।





































**ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ପୋଲିସ ହେପାଜତରୁ ସୋମବାର ସନ୍ଧ୍ୟାରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛି। କୌଣସି ଏକ ମାମଲାରେ ପୋଲିସ ଅଭିଯୁକ୍ତ ଅମିତ ଦାସଙ୍କୁ ଗିରଫ କରିଥିଲା। କୋର୍ଟଚାଲାଣ ପୂର୍ବରୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ନେଇଥିଲା। ପରିସ୍ରା ଯିବା ବାହାନାରେ ଅଭିଯୁକ୍ତ ଜଣକ ଚମ୍ପଟ ମାରିଥିବା ଜଣାପଡ଼ିଛି।

# ଖଣ୍ଡା ବୁଲାଇ ବ୍ୟାଙ୍କରେ ଆତଙ୍କ

କାମାକ୍ଷାନଗର, ୨୩।୯ (ସୁଧୀର କୁମାର ପରିଡା)

ବ୍ୟାଙ୍କରେ କାର୍ଯ୍ୟ ଚାଲିଥିବା ବେଳେ ଏକ ଖଣ୍ଡା ଧରି ଆତଙ୍କ ଖେଳାଇ ଦେଇଛନ୍ତି ଜଣେ ଯୁବକ। ଏପରିକି ତାଙ୍କୁ କାବୁ କରିବାକୁ ଉଦ୍ୟମ କଲା ବେଳେ ବ୍ୟାଙ୍କ ସୁରକ୍ଷା କର୍ମୀ ଖଣ୍ଡା ଚୋଟରେ ଆହତ ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ସୋମବାର ମଧ୍ୟାହ୍ନରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମୁକ୍ତାପଶି ଶାଖାରେ ମଧ୍ୟାହ୍ନରେ ପ୍ରବଳ ଭିଡ଼ ଥିଲା। ଏହି ସମୟରେ ମୁକ୍ତାପଶି ଗ୍ରାମର ବନମାଳୀ ମହାଳିକ ହାତରେ ଖଣ୍ଡା ଧରି ବ୍ୟାଙ୍କ ସାମ୍ନାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପରେ ବ୍ୟାଙ୍କ ଭିତରକୁ ପଶି ଉପସ୍ଥିତ ଥିବା ବହୁ ମହିଳା ଓ କର୍ମଚାରୀଙ୍କୁ ଭୟଭୀତ କରାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ଅଭିଯୁକ୍ତ ବନମାଳୀଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିବା ବେଳେ ଖଣ୍ଡା ଚୋଟରେ ଆହତ ହୋଇଥିଲେ। ଏହା ଦେଖି ବ୍ୟାଙ୍କରେ ଥିବା ଶତାଧିକ ମହିଳା ଭୟଭୀତ ହୋଇପଡ଼ିଥିଲେ। ମା'ଙ୍କ ନାମରେ ଥିବା ଆକାଉଣ୍ଟକୁ ସଭଦ୍ରା ଯୋଜନା ଟଙ୍କା କାହିଁକି ଆସିଲାନି ବୋଲି କହି ଅଭିଯୁକ୍ତ ପାଟିତୁଣ୍ଡ କରୁଥିବାରୁ ଏହି କାରଣରୁ ସେ ଆତଙ୍କ ଖେଳାଇଥିବା ଚର୍ଚ୍ଚା ହେଉଛି। ଖବରପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଯୁବକ ଜଣକ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ବ୍ୟାଙ୍କ ଶାଖା ପରିଚାଳିକା ସସ୍ମିତା ମହାପାତ୍ର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୮୯/ ୨୪ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଫେରାର ଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।



ହାତରେ ଖଣ୍ଡା ଧରିଛନ୍ତି ଅଭିଯୁକ୍ତ ଯୁବକ।

# ୪୪୭୫ ବୋତଲ କଫ ସିରପ୍ ଜବତ, ୧୭ ଗିରଫ

**କୋଲକାତାରୁ ବରଗଡ଼ କଫ ସିରପ୍ ଚାଲାଣ**

ବରଗଡ଼,୨୩।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ପୁରୁଣା ରିଜର୍ଭ ସମ୍ମୁଖ ରାସ୍ତାରେ ସୋମବାର ଅତର୍କିତ ଚଢ଼ାଉ କରି ୪୪୭୫ ବୋତଲ କଫ ସିରପ୍ ଜବତ କରିଛି। ଏହି ଘଟଣାରେ ପୋଲିସ ୧୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ନଦୀପଡ଼ା(ଡାଙ୍ଗ)ର ନବୀନ ପୁରୀ(୨୩), ଅତାବିରା ଥାନା ସିଂହପାଲି ଗ୍ରାମର ମୋହନ ମେହେର(୫୫), ହଳଦୀଟିକ୍ରା ନିବାସୀ ବସୁଦେବ ନାଗ(୨୩), ପ୍ରଫୁଲ୍ଲ ରଣା(୨୮), ଝାରବନ୍ଧ ଥାନା ଉଭା ନିବାସୀ ଦେବେନ୍ଦ୍ର ସାହୁ(୪୨), ଝାରବନ୍ଧର ସୁଶୀଲ ବନଛୋର(୩୦), ରାହୁଲ ବାଗ(୨୪), ସାନଦାଦର ନିବାସୀ କୋଶଲ ଚନ୍ଦ୍ର ସାହୁ(୨୮), ଅମ୍ବାଭୋନା ଥାନା ଭୁକ୍ତାର ରଣଜିତ ପାତିକାର(୩୨), ସୋହେଲା ଥାନା ଲୁହୁରାଚଟିର ଆକାଶ ମେହେର(୨୬), ଗ୍ରୀଞ୍ଜେଲ ନିବାସୀ ଜଗଦାନନ୍ଦ ପଧାନ(୩୫), ସୋହେଲାର ଜିତୁ ବାରିକ(୩୧), ଜଗଦଲପୁରର ଗୌରାଙ୍ଗ ମେହେର(୨୫), ପଦ୍ମପୁର ଥାନା ସିଂଘନପୁର ନିବାସୀ କିଶୋର ଶାହା(୩୭), କୁଡ଼ାସିଂହାର ପ୍ରଦୀପ ପୋଢ଼(୨୫), ଗାଇସିଲେଟର ରତ୍ନମଣି ନାଗ(୩୧) ଏବଂ ହାଡୁ ବେହେରା (୫୦)। ସେମାନଙ୍କ ପାଖରୁ ଏକ ବୋଲେରୋ (ନଂ. ଓଡ଼ି ୩୧ ଏମ୍/୫୦୧୮), ଏକ ମାରୁତି ସୁଜୁକି ଆର୍ଟିଗା (ନଂ.ଓଡ଼ି୧୭ଏସ୍/୧୩୫୯), ଏକ ହୋଣ୍ଡା ଡ୍ରିମ୍ ମୋଟର ସାଇକେଲ (ନଂ.ଓଡ଼ି୩୧/୨୪୩୩) ମଧ୍ୟ ଜବତ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୩୩/୨୪) ରୁଜୁ କରିଛି।

ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍ ମୀନା ସୂଚନା ଦେଇ କହିଥିଲେ, କଫ ସିରପ୍ ଚାଲାଣ ହେଉଥିବା ସୂଚନା ପାଇ ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ପୁରୁଣା ରିଜର୍ଭ ସମ୍ମୁଖ ରାସ୍ତାରେ ଚଢ଼ାଉ କରିଥିଲା। ଜବତ ବୋଲେରୋ ଏବଂ ମାରୁତି ସୁଜୁକି ଭ୍ୟାନ୍‌ରେ ୩୦ ପେଟିରେ ଭର୍ତ୍ତି ହୋଇଥିବା ଉକ୍ତ ପରିମାଣର କଫ ସିରପ୍ ଜବତ କରିଥିଲା। ଏହାସହିତ ଘଟଣାସ୍ଥଳରୁ ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ଜେରା କରାଯିବା ପରେ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ିଥିଲେ। କଲିକତାରୁ ଏହା ବରଗଡ଼କୁ ଚାଲାଣ ହେଉଥିବା ନେଇ ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି ଏବଂ ଏହାର ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି। ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ। ଗତ ବର୍ଷକ ମଧ୍ୟରେ ୮୦୬ କି.ଗ୍ରା ଗଞ୍ଜେଇ, ୧୮ହଜାରରୁ ଊର୍ଦ୍ଧ୍ୱ କଫ ସିରପ, ୫.୭ ଗ୍ରାମ ବ୍ରାଉନସୁଗର, ୩୯୦୦ ନିଶା ଇଞ୍ଜେକ୍ସନ, ୧୨ହଜାର ୫୦୦ ନିଶା ଟାବଲେଟ୍ ସମେତ ବିଭିନ୍ନ ନିଶା ସାମଗ୍ରୀ ଜବତ ହୋଇଛି ବୋଲି ଏସ୍‌ପି ମୀନା କହିଥିଲେ। ପୂର୍ବରୁ ମଧ୍ୟ କଟକ ଏବଂ କଲିକତାରୁ ବରଗଡ଼କୁ କଫ ସିରପ୍ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏବେ ପୁଣି କଲିକତାରୁ ଏଠାକୁ କଫ ସିରପ୍ ଚାଲାଣ ହେଉଥିବା ଜଣାପଡ଼ିବା ପରେ ଏହାର ଅଧିକ ତଦନ୍ତ ଚାଲିଛି ଏବଂ ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ମୀନା କହିଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲ ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତ ଏବଂ ଜବତ କଫ ସିରପ୍।

# ଏଏନ୍‌ଏମ୍‌ଙ୍କୁ ଆକ୍ରମଣ କରି ଆତ୍ମହତ୍ୟା କଲେ ପୁରୁଷବନ୍ଧୁ

କ .ନୂଆଗାଁ, ୨୩।୯(କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ଥାନା ଅନ୍ତର୍ଗତ କୁଡୁତୁଲି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଏଏନ୍‌ଏମଙ୍କୁ ମରଣାନ୍ତକ ଆକ୍ରମଣ ପରେ କ୍ୱାର୍ଟର୍ସ ଭିତରେ ଓଢଣୀ ଲଗାଇ ତାଙ୍କ ପୁରୁଷବନ୍ଧୁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭୁବନେଶ୍ୱର ବନମାଳୀପୁର ଅଞ୍ଚଳର ଜଗନ୍ନାଥ ବେହେରା। ଏଏନ୍‌ଏମଙ୍କୁ ଗୁରୁତର ଅବସ୍ଥାରେ କ.ନୁଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଜଗନ୍ନାଥ କୁଡୁତୁଲି ଏଏନ୍‌ଏମ୍ ସୁଚିସ୍ମିତା ବେହେରାଙ୍କ ସରକାରୀ କ୍ୱାର୍ଟର୍ସକୁ ୫ବର୍ଷ ହେଲା ଯିବା ଆସିବା କରୁଥିଲେ। କୌଣସି କାରଣରୁ ରବିବାର ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଉତ୍ୟକ୍ତ ହୋଇ ଜଗନ୍ନାଥ ଏଏନ୍‌ଏମ୍ ସୁଚିସ୍ମିତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁଚିସ୍ମିତାଙ୍କ କ୍ୱାର୍ଟର୍ସ ତଲାସୀ ବେଳେ ଜଗନ୍ନାଥ ଏକ ଓଢ଼ଣୀ ବେକରେ ବାନ୍ଧି ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲା। ଗୁରୁତର ସୁଚିସ୍ମିତାଙ୍କୁ ମେଡିକାଲକୁ ନେଇଥିଲା। ତେବେ ଜଗନ୍ନାଥ ନିଜେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ତଦନ୍ତସାପେକ୍ଷ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। କ. ନୂଆଗାଁ ପୋଲିସ ମୃତଦେହ ଜବତ କରି ୪/୨୪ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡା ପଠାଯାଇଥିବା ଆଇଆଇସି ସ୍ୱରୂପ କିଷାନ କହିଛନ୍ତି। ଘଟଣାର ତଦନ୍ତ ଏସ୍‌ଆଇ ଅଶୋକ ତ୍ରିପାଠୀ କରୁଛନ୍ତି।

# ଜମି ବିକିବା ଆଳରେ ୧୩.୫ ଲକ୍ଷ ଠକେଇ

**ଭୁବନେଶ୍ୱରରୁ ସ୍ୱାମୀ ଗିରଫ, ସ୍ତ୍ରୀ ଫେରାର**

ତିହିଡ଼ି,୨୩।୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଅର୍ଜୁନବିନ୍ଧା ଗ୍ରାମର ଏକ ଦମ୍ପତି ଜମି ବିକ୍ରି ନାଁରେ ୧୩ ଲକ୍ଷ ୫୦ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ଅର୍ଜୁନବିନ୍ଧା ଗ୍ରାମର ମନୋରଞ୍ଜନ ପରିଡ଼ାଙ୍କ ଅଭିଯୋଗକ୍ରମେ ପୀରହାଟ ଥାନାରେ ଏକ ମାମଲା (ନଂ.୨୧୧/୨୪) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ରାଜେଶ ମହାନ୍ତିଙ୍କୁ ସୋମବାର ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଛି। ଠକେଇରେ ସମ୍ପୃକ୍ତ ରାଜେଶଙ୍କ ସ୍ତ୍ରୀ ଫେରାର ଥିବା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ କହିଛନ୍ତି। ମନୋରଞ୍ଜନ ଏତଲାରେ ଦର୍ଶାଇଛନ୍ତି ଯେ, ରାଜେଶ ଓ ତାଙ୍କ ସ୍ତ୍ରୀ ଜମି ବିକ୍ରି କରିବେ ବୋଲି କହି ୧୫ଲକ୍ଷ ଟଙ୍କା ମାଗିଥିଲେ। ସେ ରାଜେଶଙ୍କୁ ୧୩ ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ହେଲେ ରାଜେଶ ଟଙ୍କା ନେଇ ଫେରାର ହୋଇଯାଇଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ସ୍ୱାମୀ ଥାନାରେ ଅଟକ

କଣ୍ଟାବାଞ୍ଜି,୨୩।୯(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ସ୍ଥାନୀୟ ବିବେକାନନ୍ଦ ନଗରର ୱାର୍ଡ ନମ୍ବର ୧୪ସ୍ଥିତ ଏକ ଭଡ଼ାଘରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତା ମହିଳା ହେଲେ ଇତିଶ୍ରୀ ବେହେରା।

ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଉକ୍ତ ଭଡାଘରୁ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ଜଣକ ତାଙ୍କ ସ୍ୱାମୀ ଓ ୮ ବର୍ଷର ପୁଅ ସହ ଭଡାଘରେ ରହୁଥିଲେ। ଇତିଶ୍ରୀଙ୍କ କେମିତି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ବାପଘର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା କଣ୍ଟାବାଞ୍ଜି ଥାନାରେ ରବିବାର ରାତିରେ ଅଭିଯୋଗ ହୋଇଛି। ମହିଳାଙ୍କ ବାପଘର ଝାରସୁଗୁଡାରେ ହୋଇଥିବା ବେଳେ ଶାଶୁଘର ବଲାଙ୍ଗୀର ଜିଲା ତୁରେକେଲା ଥାନା ତୁରେକେଲା ସଦର ଗ୍ରାମରେ। ଝାରସୁଗୁଡାରେ ରହୁଥିବା ଇତିଶ୍ରୀଙ୍କ ବାପଘର ଲୋକଙ୍କ ଅଭିଯୋଗ ମତେ କଣ୍ଟାବାଞ୍ଜି ଥାନାରେ ନଂ.୩୭୨/୨୦୨୪ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ମୃତା ମହିଳାଙ୍କ ସ୍ୱାମୀକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ। ମହିଳାଙ୍କ ସ୍ୱାମୀ ପେସାରେ ଜଣେ ଓକିଲ ବୋଲି ଜଣାଯାଇଛି।

# ବଳାତ୍କାର ଅଭିଯୁକ୍ତ ସୌଦାଗରଙ୍କୁ ୫ବର୍ଷ ଜେଲ

ଭୁବନେଶ୍ୱର,୨୩।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ) ତଥା ଆଡ୍‌ହକ ଆଡିଶନାଲ ସେସନ ଜଜ୍ କୋର୍ଟରେ ସୋମବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସରୋଜ କୁମାର ସାହୁ ଏୟାରପୋର୍ଟ ଥାନା ଅଞ୍ଚଳରେ ୨୦୧୯ ଡିସେମ୍ବର ଘଟିଥିବା ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ସୌଦାଗର ଦାସ ଓରଫ ଟିମାଙ୍କୁ ୫ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସ ଜେଲ ଦଣ୍ଡର ଆଦେଶ ରହିଛି। ୧୦ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ପୀଡ଼ିତା ନିଜ ସାନ ଭଉଣୀ ସହ ଏୟାରପୋର୍ଟ ଥାନା ଅନ୍ତର୍ଗତ ଭିଆଇପି ରୋଡ୍ ଅଭିମୁଖେ ଯାଉଥିଲେ। ଏହି ସମୟରେ ସୌଦାଗର ବଡ଼ ଭଉଣୀ ତଥା ପୀଡ଼ିତାଙ୍କ ପାଟିକୁ ଚାପିଧରି ନିକଟସ୍ଥ ଏକ ପରିତ୍ୟକ୍ତ ଘରକୁ ଉଠାଇନେଇ ବଳାତ୍କାର କରିଥିଲେ। ପୀଡ଼ିତା ଏବଂ ତାଙ୍କ ସାନ ଭଉଣୀଙ୍କ ଚିତ୍କାର ଶୁଣି ଘର ଲୋକେ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପ୍ରମୁଖ ପରିଚାଳନା କରିଥିଲେ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୨୩।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମର ଜି.ଲକ୍ଷ୍ମୀ ପାତ୍ର(୩୮)ଙ୍କ ମୃତଦେହକୁ ଗାଁ ଶ୍ମଶାନରୁ ପୋଲିସ ଜବତ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ଅଭିଯୁକ୍ତ ସ୍ୱାମୀ ଓ ପ୍ରମାଣ ନଷ୍ଟ ପାଇଁ ଶ୍ମଶାନକୁ ମୃତଦେହ ନେଉଥିବା ଅଭିଯୋଗରେ ଲକ୍ଷ୍ମୀଙ୍କ ଶ୍ୱଶୁର ଓ ଗ୍ରାମର ଅନ୍ୟ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲାଜଜ୍ ରୂପଶ୍ରୀ ଚୌଧୁରୀ ସୋମବାର ଉକ୍ତ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସ୍ୱାମୀ ଜି. ସୀମାଞ୍ଚଳ ପାତ୍ର(୪୩)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରମାଣ ନଷ୍ଟ ପାଇଁ ଶ୍ମଶାନକୁ ପୋଡିବା ପାଇଁ ନେଉଥିବା ଅଭିଯୋଗରେ ୩ ବର୍ଷ ଜେଲ ଓ ୫ ହଜାର ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜେଲ ଯାଇ ଜାମିନରେ ଆସିଥିବା ଲକ୍ଷ୍ମୀଙ୍କ ଶ୍ୱଶୁର ଜି.ସାକିଲ ପାତ୍ର, ଉକ୍ତ ଗାଁର ଡ଼ି.କାଳୁ ପାତ୍ର, କେ. ଶିବରାମ ପାତ୍ର ଓ ପି. ନରସିଂହ ଦାସଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରାଯାଇଛି।

ସୀମାଞ୍ଚଳ ୨୦୦୬ରେ ଶ୍ରୀରଙ୍ଗରାଜ ଗ୍ରାମର ପି. ରଙ୍କ ପାତ୍ରଙ୍କ ଝିଅ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ତାଙ୍କର ୧୬ ବର୍ଷର ପୁଅ ଓ ୧୪ବର୍ଷର ଝିଅ ଅଛନ୍ତି। ୨୦୨୩ ମେ ୨୬ରେ ପୁଅ, ଝିଅ ଘରେ ନ ଥିବା ବେଳେ ଲକ୍ଷ୍ମୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା କହି ସୀମାଞ୍ଚଳ ତାଙ୍କ ବାପା ଓ ଗ୍ରାମର କେତେଜଣଙ୍କ ସହାୟତାରେ ଲୁଚାଛପାରେ ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଥିଲେ। ଅନ୍ୟପଟେ ଲକ୍ଷ୍ମୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି ବୋଲି ଗ୍ରାମର କିଛି ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଜଗଦଳପୁର ଶ୍ମଶାନରୁ ମୃତଦେହ ଜବତ କରିଥିଲା। ନଂ.୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ଲକ୍ଷ୍ମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହେବା ପରେ ନଂ. ୧୭୬/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ତଦନ୍ତ ଅଧିକାରୀ ତଥା ତତ୍କାଳୀନ ଏସଆଇ ଜ୍ୟୋତି ରଞ୍ଜନ ବେହେରା ଚାର୍ଜଶିଟ ଦାଖଲ କରିଥିଲେ। ସୀମାଞ୍ଚଳଙ୍କ ବ୍ୟତୀତ ଅନ୍ୟ ୪ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମାମଲା ଶୁଣାଣି ବେଳେ ୧୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୟାନ ଓ ଚାର୍ଜଶିଟକୁ ଆଧାର କରି ଜଜ୍ ରାୟ ଶୁଣାଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ମକଦ୍ଦମା ପରିଚାଳନା କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ କଥା କି କଥାରେ ଲେଖା?**
**ଆଉ କଥା ଥିଲେ ଦାଣ୍ଡରେ ପକା।**

କଥାକୁ ଧରିବସିଲେ ତାହା ବଡ଼ ଆକାର ଧାରଣ କରିଥାଏ। ତେଣୁ ଛୋଟ ଛୋଟ କଥାକୁ ନେଇ ଅଧିକ ହୋହଲ୍ଲା କରିବା ଉଚିତ ହୋଇ ନ ଥାଏ। ସେହିପରି ସାମାନ୍ୟ କଥା ମଧ ବେଳେବେଳେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ଛୋଟ କଥାକୁ ନେଇ ବଡ଼ ସଭା ବସାଇବା ମୋଟେ ଶୋଭନୀୟ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଏହି ଦିହ ଫେର୍ ଏମନ୍ତ ହୋଇ**
**ହାତୀକୁ ପାରଇ ବାନ୍ଧି**
**ଏହି ଦିହ ଫେର୍ ଏମନ୍ତ ହୋଇ**
**କେଶ ନ ପାରଇ ବାନ୍ଧି।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲା ପରେ ଏଥିରେ ଶୀତଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୂର୍ବତନ କାଉନ୍‌ସିଲରଙ୍କୁ ମରଣାନ୍ତକ ଆକ୍ରମଣ

ଯୋଡା/ଚମ୍ପୁଆ,୨୩।୯
(ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୋଡ଼ା ପୌରପାଳିକାର ପୂର୍ବତନ କାଉନ୍‌ସିଲର କିଶୋର ମହାନ୍ତି ଗୁରୁତର ଆହତ ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ସେ ଚମ୍ପୁଆରୁ ଯୋଡ଼ା ଆସୁଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚମ୍ପୁଆ ପୋଲିସ ତଦନ୍ତ କରୁଛି।

# ଏଟିଏମ୍‌ରେ ଠକେଇ: ଉଠାଇ ନେଲେ ୪୫ ହଜାର

ଭୁବନେଶ୍ୱର,୨୩।୯(ସୂର୍ଯ୍ୟକାନ୍ତ ବେହେରା)

ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇ ଜଣେ ବ୍ୟକ୍ତି ୪୫ ହଜାର ଟଙ୍କା ହରାଇଛନ୍ତି। ଖଣ୍ଡଗିରି ଥାନା ଜାଗମରା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ମଳୟ କୁମାର ପତି। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ମଳୟ ଗତ ୧୮ ତାରିଖରେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଏଟିଏମ୍‌କୁ ୧ହଜାର ଟଙ୍କା ଉଠାଇଥିଲେ। ଟଙ୍କା ଉଠାଇବା ସମୟରେ ଜଣେ ଯୁବକ ତାଙ୍କ ପାଖକୁ ଆସି ଏଟିଏମ୍‌ର ସୁଇଚକୁ ମନା ଇଚ୍ଛା ମାରିଥିଲେ। ମଳୟ ବିରୋଧ କରିବାରୁ ଯୁବକ ଜଣକ କିଛି ସମୟ ବାହାରକୁ ପଳାଇ ଯାଇଥିଲେ। ଟଙ୍କା ଉଠାଇବା ପରେ ମଳୟ ଏଟିଏମରୁ ବାହାରି ଯାଉଥିବା ବେଳେ ହଠାତ ତାଙ୍କ ପାଖକୁ ତିନିଟି ପର୍ଯ୍ୟାୟରେ ୪୫ ହଜାର ଟଙ୍କା ଉଠିଥିବାର ମେସେଜ ଆସିଥିଲା। ଏହାପରେ ବ୍ୟାଙ୍କ ମ୍ୟାନେଜରଙ୍କ ପରାମର୍ଶକ୍ରମେ ସେ ଥାନାରେ ଅଭିଯୋଗ କରିଥିଲେ।

**ରାଉରକେଲା ଗଣବଳାତ୍କାର ମାମଲା**

# ସିନ୍ ରିକ୍ରିଏଟ୍ କଲା ପୋଲିସ



ସିନ୍ ରିକ୍ରିଏଶନ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି।

ରାଉରକେଲା,୨୩।୯(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିର୍ସା ମୁଣ୍ଡା ଷ୍ଟାଡିୟମ ପଛପାର୍ଶ୍ୱ ଜଙ୍ଗଲିଆ ସ୍ଥାନରେ ୨ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୋମବାର ପୂର୍ବାହ୍ନରେ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ୍ କରିଥିଲା। ସେଠାରେ ସାଇଣ୍ଟିଫିକ୍, ଫୋରେନ୍‌ସିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ନମୁନା ସଂଗ୍ରହ ଓ ଭିଡିଓଗ୍ରାଫି କରିଥିଲେ। ୩ ଅଭିଯୁକ୍ତଙ୍କ ଟେଷ୍ଟ ଆଇଡେଣ୍ଟିଫିକେଶନ ପରେଡ୍ ଯୋଗୁ ସେମାନଙ୍କ ନାମ ସାର୍ବଜନୀନ କରାଯାଇନାହିଁ। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ କହିଛି।

ଏହି ପରିପ୍ରେକ୍ଷୀରେ ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ରବିବାର ପୀଡ଼ିତାଙ୍କ ସମ୍ପର୍କୀୟ ଅଭିଯୋଗ କରିବା ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପୋକ୍‌ସୋ ଓ ନୂତନ ବିଏନ୍‌ଏସ୍ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି। ଏହି ସମ୍ବେଦନଶୀଳ ଘଟଣାରେ ପୀଡ଼ିତାଙ୍କୁ ଯଥାଶୀଘ୍ର ନ୍ୟାୟ ଦେବା ତଥା ଚାର୍ଜଶିଟ୍ କରିବା ପାଇଁ ରବିବାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଘଟଣାସ୍ଥଳରେ ଅଭିଯୁକ୍ତମାନଙ୍କୁ ନେଇ ତଦନ୍ତ କରାଯାଇଛି। ପୀଡ଼ିତାମାନଙ୍କ ବୟାନ ରେକର୍ଡ ହୋଇଛି। ବର୍ତ୍ତମାନ ତଦନ୍ତ ଚାଲିଥିବାରୁ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ସମ୍ପର୍କରେ କୌଣସି ସୂଚନା ଦିଆଯାଇପାରିବ ନାହିଁ। ତେବେ ପୀଡ଼ିତାମାନଙ୍କୁ ନ୍ୟାୟ ମିଳିବା ସୁନିଶ୍ଚିତ କରାଯାଉଛି ବୋଲି ଡିଆଇଜି ରାୟ କହିଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ଝାଡଖଣ୍ଡ ରାଞ୍ଚିର ୨ଜଣ ନାବାଳିକା ବିଶ୍ରା ଛକକୁ ଚପଲ କିଣିବା ପାଇଁ ଯାଇଥିଲେ। କେତେଜଣ ଯୁବକଙ୍କୁ ଦୋକାନ ଠିକଣା ପଚାରିବାରୁ ସେମାନେ ଉଭୟ ନାବାଳିକାଙ୍କୁ ଗାଡିରେ ନିକଟସ୍ଥ ଷ୍ଟାଡିୟମ ପଛପାର୍ଶ୍ୱ ତଥା ଟ୍ରେନ୍ ଲାଇନ୍ କଡ ଏକ ଜଙ୍ଗଲିଆ ଜାଗାକୁ ନେଇ ଗଣବଳାତ୍କାର କରିଥିଲେ। ପୀଡ଼ିତାମାନଙ୍କ ସମ୍ପର୍କୀୟ ଏ ନେଇ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ ୭୪୨/୨୪) ରୁଜୁ କରିଥିଲା। ଡିଆଇଜି ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି। ପୀଡ଼ିତାଙ୍କ ଅଭିଯୋଗରେ ଉକ୍ତ ଘଟଣାରେ ୭/୮ଜଣ ସମ୍ପୃକ୍ତ ଥିବା ଦର୍ଶାଯାଇଛି।

**ମାମଲା ରୁଜୁକରି ରିପୋର୍ଟ ମାଗିଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ**

ଭୁବନେଶ୍ୱର,୨୩।୯(ସତ୍ୟଜିତ୍ ରାଉତ)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ୨ଜଣ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)। କମିଶନ ମନ୍ଦାକିନୀ କର ଏହି ଘଟଣାରେ ହସ୍ତକ୍ଷେପ କରି ସୋମବାର ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ କମିଶନ ଏନେଇ ରିପୋର୍ଟ ତଲବ କରିଛନ୍ତି। ପ୍ଲାଣ୍ଟସାଇଟ୍ ଥାନା ଆଇଆଇସି, ସୁନ୍ଦରଗଡ ଡିସିପିଓ, ସୁନ୍ଦରଗଡ ସିଡିଏମ୍‌ଓଙ୍କୁ ଆୟୋଗଙ୍କ ପକ୍ଷରୁ ନୋଟିସ୍ କରାଯାଇଛି। ଏହି ଘଟଣାର ତଦନ୍ତ କରି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଏବଂ ଅଗ୍ରଗତି ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ବୟସ, କାଉନ୍‌ସେଲିଂ, ମାନସିକ ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିତି ଓ ଅଭିଯୁକ୍ତଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀକୁ ଏସିଆର ସ୍କାମ୍ କ୍ୟାପିଟାଲ କହିଲେ ଅଷ୍ଟ୍ରେଲୀୟ ବ୍ଲଗର

ନୂଆଦିଲ୍ଲୀ

ସାଧାରଣତଃ ଟ୍ରାଭେଲ ବ୍ଲଗରମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ସଂସ୍କୃତି, ଚାଲିଚଳନ, ପର୍ଯ୍ୟଟନ ସ୍ଥଳ ଆଦି ଉପରେ ଭିଡିଓ କରିଥାନ୍ତି। ଟ୍ରାଭେଲ ବ୍ଲଗର୍ସମାନଙ୍କର ଏହିସବୁ ଭିଡିଓକୁ ଦେଖି ସେମାନଙ୍କର ଫଲୋଅର୍ସମାନଙ୍କୁ ବେଶ୍ ଫାଇଦା ହୋଇଥାଏ। ତେବେ ଗତ ସପ୍ତାହରେ ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲୀୟ ବ୍ଲଗର୍ ବେନ୍ ଫ୍ରିୟର ମଧ୍ୟ ନିଜ ଗସ୍ତକୁ ନେଇ ତାଙ୍କର ବ୍ୟାକ୍‌ପ୍ୟାକର ବେନ୍ ନାମକ ୟୁଟ୍ୟୁବ ଚ୍ୟାନେଲରେ ଭିଡିଓ


ବେନ୍ ଫ୍ରିୟର

ଅପଲୋଡ୍ କରିଛନ୍ତି। ଦିଲ୍ଲୀ ଗସ୍ତବେଳେ ତାଙ୍କର ଅଭିଜ୍ଞତା ଖରାପ ଥିଲା ବୋଲି ଏହି ଭିଡିଓରେ ବେନ୍ କହିଛନ୍ତି। ଦିଲ୍ଲୀରେ ଠକାମିର ଶିକାର ହୋଇଥିବା ଦର୍ଶାଇ ସେ ଦିଲ୍ଲୀକୁ ଏସିଆର ସ୍କାମ୍ କ୍ୟାପିଟାଲ ବୋଲି କହିଛନ୍ତି। ବେନ୍ କହିଛନ୍ତି, ସେ ଅଟୋ ରିକ୍ସାରେ ଦିଲ୍ଲୀ ଭ୍ରମଣ କରୁଥିବାବେଳେ ଏକ ଟ୍ରାଫିକ୍ ନିକଟରେ ତାଙ୍କ ଅଟୋ ଅଟକି ରହିଥିଲା। ଏହାର ଫାଇଦା ଉଠାଇବାକୁ ଜଣେ ଖେଳଣା ବିକ୍ରେତା ତାଙ୍କୁ ୧୫୦ ଟଙ୍କା ମୂଲ୍ୟର ଏକ ଖେଳଣା କିଣିବାକୁ କହିଥିଲେ। ବେନ୍ ଉକ୍ତ ଖେଳଣା କିଣିବାକୁ ରାଜି ହୋଇଥିଲେ। ସେ ଉକ୍ତ ବିକ୍ରେତାଙ୍କୁ ଏକ ୫୦୦ ଟଙ୍କିଆ ଭାରତୀୟ ନୋଟ୍ ପ୍ରଦାନ କରିଥିଲେ। ତେବେ ଏହାର ଜବାବରେ ଖେଳଣା ବିକ୍ରେତା ଜଣକ ମାତ୍ର ୨୦୦ ଟଙ୍କା ଫେରସ୍ତ କରି ୨ଟି ଖେଳଣା ରଖିବାକୁ ବେନ୍‌ଙ୍କୁ ବାଧ୍ୟ କରିଥିଲେ। ଏଥିରେ ବେନ୍ ଅରାଜି ହେବା ସତ୍ତ୍ୱେ ମଧ୍ୟ ବିକ୍ରେତା ଜଣକ ଜବରଦସ୍ତ ତାଙ୍କୁ ଆଉ ଏକ ଖେଳଣା ଧରେଇ ଦେଇ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାରେ କ୍ରୋଧିତ ହୋଇ ବେନ୍ ଦିଲ୍ଲୀକୁ ଏସିଆର ସ୍କାମ୍ କ୍ୟାପିଟାଲ ବୋଲି କହିଛନ୍ତି। ଏହି ଦିଲ୍ଲୀ ଗସ୍ତରେ ସେ ଅନେକ ଖରାପ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି। ତେଣୁ ଆଉ କେବେ ଦିଲ୍ଲୀ ଆସିବେ ନାହିଁ ବୋଲି ସେ କହିଛନ୍ତି। ତେବେ ଏହି ଭିଡିଓକୁ ନେଇ ଅନେକ ଭାରତୀୟ ୟୁଜର୍ସ ବେନ୍‌ଙ୍କୁ ଟ୍ରୋଲ୍ କରିଛନ୍ତି।

# ଶ୍ରେଷ୍ଠ ୫୦ ହୋଟେଲ ମଧ୍ୟରେ ଭାରତର ‘ସୁଜାନ ଜୱାଇ’

ଜୟପୁର

ରାଜସ୍ଥାନର ‘ସୁଜନ ଜୱାଇ’ ହୋଟେଲ ବିଶ୍ୱର ଶ୍ରେଷ୍ଠ ୫୦ ହୋଟେଲ ମଧ୍ୟରେ ସ୍ଥାନ ପାଇଛି। କଲରାପତରିଆ ବାଘ ପାଇଁ ଲୋକପ୍ରିୟ ଥିବା ରାଜସ୍ଥାନର ପାଲିରେ ଏହି ହୋଟେଲ ଅବସ୍ଥିତ। ବିଶ୍ୱର ଶ୍ରେଷ୍ଠ ହୋଟେଲ ତାଲିକାରେ ୪୩ତମ ସ୍ଥାନରେ ଏହା ରହିଛି। ଲଣ୍ଡନର ଗିଲ୍ଡ ହଲ୍‌ଠାରେ ଏହି ହୋଟେଲ ବିଶ୍ୱର ୫୦ ଶ୍ରେଷ୍ଠ ହୋଟେଲ ମଧ୍ୟରେ ସାମିଲହୋଇ ପୁରସ୍କାର ଗ୍ରହଣ କରିଛି। ପୁରସ୍କାର ପାଇବା ପରେ ହୋଟେଲ ମାଲିକ ଜୈସଲ ସିଂ କହିଛନ୍ତି, ଏହି ପୁରସ୍କାର ପାଇବା ହୋଟେଲ ପାଇଁ ଗର୍ବର ବିଷୟ। ‘ସୁଜନ ଜୱାଇ’ର ପୂରା ଟିମ୍ ଏଥିପାଇଁ ବହୁତ ଖୁସି। ଭାରତୀୟ ସଂସ୍କୃତି, ପରମ୍ପରା ଓ ଏଠାକାର ସ୍ଥାନୀୟ ଅଞ୍ଚଳରେ ରହୁଥିବା ବନ୍ୟପ୍ରାଣୀମାନଙ୍କର ବିଭିନ୍ନ କାରୁକାର୍ଯ୍ୟ ଗ୍ରାହକଙ୍କୁ ହୋଟେଲ ପ୍ରତି ସର୍ବଦା ଆକର୍ଷିତ କରିଆସୁଛି ବୋଲି ସେ କହିଛନ୍ତି।

# ଇଟାଲୀରେ ‘ୱାର୍ ୨’ର ଶୁଟିଂ

ମୁମ୍ବାଇ


ହ୍ରିତିକ୍ ରୋଶନ

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ ସମ୍ପ୍ରତି ନିଜର ଆଗାମୀ ଫିଲ୍ମ ‘ୱାର୍ ୨’ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମର ଶୁଟିଂ ଇଟାଲୀରେ ହେଉଥିବା ନେଇ ହ୍ରିତିକ୍ ସୋମବାର ନିଜ ଇନ୍‌ଷ୍ଟାଗ୍ରାମ ଆଇଡିରେ ସୂଚନା ଦେଇଛନ୍ତି। ସେ ଇଟାଲୀର ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶରେ ‘ୱାର୍ ୨’ ଫିଲ୍ମର ଶୁଟିଂ ସେଟ୍‌ରୁ ଏକ ଫଟୋ ପୋଷ୍ଟ କରିଛନ୍ତି। ଉକ୍ତ ଫଟୋରେ ଅଭିନେତାଙ୍କ କୁଲ୍ ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ବେଶ୍ ଆକର୍ଷିତ କରିଛି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶନା ଓ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜନାରେ ‘ୱାର୍ ୨’ ଫିଲ୍ମର ଶୁଟିଂ ଜାରି ରହିଥିବା ବେଳେ ଏଥିରେ ହ୍ରିତିକ୍‌ଙ୍କ ସହ ସାଉଥ୍ ଷ୍ଟାର ଜୁନିୟର ଏନ୍‌ଟିଆର୍‌ଙ୍କୁ ଦେଖିବାକୁ ମିଳିବ। ସେହିପରି ଫିଲ୍ମରେ ହ୍ରିତିକ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କିଆରା ଆଡ୍‌ଭାନୀ ନଜରକୁ ଆସିବେ। ଆସନ୍ତା ବର୍ଷ ଅଗଷ୍ଟ ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ଖଣ୍ଡାବସା ଅଭିନନ୍ଦନ
ମା’ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ପିଳିକିଆ ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ସଭ୍ୟାରାଣୀ ସୁନାନୀ
ସରପଞ୍ଚ, ପିଳିକିଆ ପଞ୍ଚାୟତ, ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା’ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକ ସମେତ କଳାହାଣ୍ଡି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ଗୌତମୀ ନାଏକ
(ବୁଲୁବୁଲୁ)
ମହାବୀର ନାଏକ
ଜୁନାଗଡ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା’ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ମୋର ଶୁଭେଚ୍ଛୁ ବନ୍ଧୁଗଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି।
ସରୋଜ କୁମାର ପଣ୍ଡା
ସଭାପତି, ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
With Best Compliments from:
IndianOil
M/s SAHOO FUEL KSK
Indian Oil
Ghulijiba Chowk
Junagarh, Kalahandi

ଖଣ୍ଡାବସା ଅଭିନନ୍ଦନ
ମା’ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଶୋଭାଗିନୀ ସାହୁ
ସରପଞ୍ଚ ଦେଦର ପଞ୍ଚାୟତ, ଜୁନାଗଡ ବ୍ଲକ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା’ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ତଳମଲା ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ପୂଜା ମନହିରା
ସରପଞ୍ଚ,ତଳମଲା ପଞ୍ଚାୟତ, ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ମା’ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ଚିଚୈଗୁଡା ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ପରମେଶ୍ୱର ମେହେର
ସରପଞ୍ଚ
ଚିଚୈଗୁଡା ପଞ୍ଚାୟତ, ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
With Best Compliments From
A WELL WISHER
MUNDRAGUDA, JUNAGARH
KALAHANDI

ଖଣ୍ଡାବସା ଅଭିନନ୍ଦନ
With Best Compliments From
Kanhu Ranjan Behera
Sohasini Behera &
Sikruti Behera
Amjore, Jayapatana
Kalahandi

KARRTABYA
ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
କର୍ତ୍ତବ୍ୟ ସ୍ୱେଚ୍ଛା ସେବୀ ଅନୁଷ୍ଠାନ
ବର୍ଣ୍ଣାକୁଟ୍ରା, ଛୋରିଆଗଡ, ଜୁନାଗଡ,କଳାହାଣ୍ଡ

ଅଭିନନ୍ଦନ
ମା’ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ପ୍ରେମାନନ୍ଦ ସାହୁ
ଉପେନ୍ଦ୍ର ବାଗ
ମନରେଗା ବିଭାଗ,ଜୁନାଗଡ ବ୍ଲକ,କଳାହାଣ୍ଡି

With Best Compliments From :
POONAM'S A2Z
A Family Shopping Mall
Junagarh, Kalahandi

ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ଯୋଗାଣ ସହାୟକ ସଂଘ, ଜୁନାଗଡ଼ ବ୍ଲକ, କଳାହାଣ୍ଡି
ମନୋଜ କୁମାର ମେହେର, ଦେଦର ପଞ୍ଚାୟତ
ଗଣେଶ ଦୁର୍ଗା, ରାଜପୁର ପଞ୍ଚାୟତ
ଅମିତ କୁମାର ପଣ୍ଡା, ବୁଡିଦର ପଞ୍ଚାୟତ
ଭବାନୀଶଙ୍କର ନାଏକ, ମାଲିଗୁଡା ପଞ୍ଚାୟତ
ଦିବାକର ବାଗ, କଲେଇଗାଁ ପଞ୍ଚାୟତ
ରାଜେନ୍ଦ୍ର ଦାସ,ତଳମଲା ପଞ୍ଚାୟତ
ରୂପକ ରଞ୍ଜନ ବେହେରା, ବୁନ୍ଦେଲମାଲ ପଞ୍ଚାୟତ
ମୃତ୍ୟୁଞ୍ଜୟ ପ୍ରଧାନୀ, ଆଟିଗାଁ ପଞ୍ଚାୟତ
ସ୍ୱୟମ୍ବର ବଣିଆ, ମହିଚଲା ପଞ୍ଚାୟତ
ଗୋକୁଳାନନ୍ଦ ନାଏକ, ମୁଣ୍ଡରାଗୁଡା ପଞ୍ଚାୟତ
ସୁଶାନ୍ତ ନାଏକ, ବଣିଜରା ପଞ୍ଚାୟତ
ଅକ୍ରୁର ଭୋଇ, ବାଙ୍କପଲାସ ପଞ୍ଚାୟତ
କୈଳାସ ଚନ୍ଦ୍ର ପାଣ୍ଡେ, ମାଟିଗାଁ ପଞ୍ଚାୟତ
ଡବଲକିଶୋର ନିଆଲ, ଦାସିଗାଁ ପଞ୍ଚାୟତ
ଦେବେନ୍ଦ୍ର ଦୁର୍ଗା, ଗୌଡଛେଣ୍ଡିଆ ପଞ୍ଚାୟତ
ସୁଧାଂଶୁ ମେହେର, ମେରିଆବନ୍ଧଲି ପଞ୍ଚାୟତ
ଚାରୁ କନ୍ଦପାନ, ଭଇଁରୀଗୁଡା ପଞ୍ଚାୟତ
ଆଶିଷ କୁମାର ରାଉତ, ସନ୍ନ୍ୟାସୀକୁଣ୍ଡାମାଲ ପଞ୍ଚାୟତ
ରାଜେଶ ବେହେରା, କାଲୋପଲା ପଞ୍ଚାୟତ
ପ୍ରଭାସ ଚନ୍ଦ୍ର ସରାଫ, ନକଟିଗୁଡ଼ା ପଞ୍ଚାୟତ
ମନୋଜ କୁମାର ନାଏକ, ଚାରବାହାଲ ପଞ୍ଚାୟତ
ସୁମନ୍ତ ପାଢ଼ୀ, କେନ୍ଦୁପାଟି ପଞ୍ଚାୟତ
ଶଶାଙ୍କ ପଣ୍ଡା, ପଳାସ ପଞ୍ଚାୟତ
ଅକ୍ଷୟ ଦୀପ, ବଳ୍ପିତୁଳସୀପାଲି ପଞ୍ଚାୟତ
ମଳୟ ମେହେର, ଛୋରିଆଗଡ଼ ପଞ୍ଚାୟତ
ଜ୍ୟୋତିରଞ୍ଜନ ମେହେର, ବଳଦିଆମାଲ ପଞ୍ଚାୟତ
ପ୍ରବୀଣ ରଞ୍ଜନ ମେହେର, ଚିଚୈଗୁଡ଼ା ପଞ୍ଚାୟତ
ଧର୍ମେନ୍ଦ୍ର ଗୋଡତିଆ, ନାନ୍ଦୋଲ ପଞ୍ଚାୟତ
ବିବେକ ପ୍ରଧାନ, ତଳଜାରିଙ୍ଗ ପଞ୍ଚାୟତ
ଗୀତାଞ୍ଜଳି ନିଆଲ, ହାବସପୁର ପଞ୍ଚାୟତ
ରାଜେଶ ଦୁର୍ଗା, ଚାରଭାଟି ପଞ୍ଚାୟତ

See Career Appointment on every Wednesday & Saturday

ଖଣ୍ଡାବସା ଅଭିନନ୍ଦନ
ମା’ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ମନୋଜ କୁମାର ମେହେର
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନବ୍ଲକ ଅଧକ୍ଷ, ଜୁନାଗଡ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମା’ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କ ସମେତ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ସବିତା ମେହେର
ବ୍ଲକ ଅଧକ୍ଷା
ଜୁନାଗଡ, କଳାହାଣ୍ଡି

# ବିଜେଡି ପ୍ରତ୍ୟାହାର କଲା ୬ ଘଣ୍ଟିଆ ହରତାଳ

ଭୁବନେଶ୍ୱର,୨୩।୯(ଅନିଲ ଦାସ)

**ଭରତପୁର ଥାନା ଘଟଣା**

- ଚାପରେ ମୁଣ୍ଡ ନୁଆଁଇ ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ: ବିଜେଡି
- ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ପୁଣି ହେବ ଆନ୍ଦୋଳନ

ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ଅମାନବୀୟ ନିର୍ଯାତନା ଘଟଣାରେ ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ଦିଆଯାଇଥିବା ୬ ଘଣ୍ଟିଆ ଭୁବନେଶ୍ୱର ହରତାଳ ଡାକରାକୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି । ସୋମବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତୃମଣ୍ଡଳୀ ଏହି ସୂଚନା ଦେଇଛନ୍ତି।

ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଏହି ଘଟଣାରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନରେ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ଏହି ଲଜ୍ଜାଜନକ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ହରତାଳ ଡାକରା ଦେଇଥିଲା । ରାଜ୍ୟ ସରକାର ରବିବାର ବିଳମ୍ବିତ ରାତିରେ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ଦିଆଯାଇଥିବା ୬ ଘଣ୍ଟିଆ ଭୁବନେଶ୍ୱର ହରତାଳ ଡାକରାକୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି। ବିଜେଡି ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ । ନିହାତି ଆବଶ୍ୟକ ନ ହେଲେ ହରତାଳ କରି ଜନସାଧାରଣଙ୍କୁ ହଇରାଣ କରିବାକୁ ଉଚିତ ମନେ କରେନାହିଁ ବୋଲି ସେ କହିଛନ୍ତି।

ବିଧାୟକ ଅରୁଣ ସାହୁ କହିଛନ୍ତି, ଏହି ଲଜ୍ଜାଜନକ ଘଟଣା ସେପ୍ଟେମ୍ବର ୧୪ ତାରିଖରେ ଘଟିଥିଲେ ହେଁ ୧୮ ତାରିଖରେ ଉଚ୍ଚ ନ୍ୟାୟାଳୟ ମେଜରଙ୍କ ବାନ୍ଧବୀଙ୍କୁ ଜାମିନ ପ୍ରଦାନ କରିବା ପରେ ତାହା ଲୋକଲୋଚନକୁ ଆସିଥିଲା। ୧୭ ତାରିଖରେ ଭୁବନେଶ୍ୱରର ଜଣେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଗଣମାଧ୍ୟମରେ ଭରତପୁର ଥାନା ଘଟଣାରେ ପୋଲିସ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ୧୮ ତାରିଖରେ ଘଟଣା ଲୋକଲୋଚକୁ ଆସିବା ପରେ ସରକାର ସେହି ଥାନାର ୫ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ; ଯାହାର ଅର୍ଥ ହେଉଛି ଏହି ଘଟଣାରେ ପୋଲିସର ଭୂମିକା ସନ୍ଦେହଘେରରେ ଥିଲା। ଏହି ସମ୍ବେଦନଶୀଳ ଘଟଣାରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଚାରବିଭଗୀୟ ତଦନ୍ତ ଓ ଏସ୍‌ଆଇଟି ଗଠନ ପାଇଁ ଦୃଢ଼ ଦାବି କରିଥିଲେ । ବିଜୁ ମହିଳା ଜନତା ଦଳ ରାଜଭବନ ସମ୍ମୁଖରେ ଏକ ଗଣଧାରଣା ଦେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାରେ ସରକାରଙ୍କ ଟାଳଟୁଳ ନୀତି ଯୋଗୁ ବିଜୁ ଜନତା ଦଳ ପକ୍ଷରୁ ୬ ଘଣ୍ଟିଆ ଭୁବନେଶ୍ୱର ହରତାଳ ଡାକରା ଦିଆଯାଇଥିଲା। ସରକାର ଚାପର ବଶବର୍ତ୍ତୀ ହୋଇଥିଲେ ଏବଂ ଶେଷରେ ଚାପ ଆଗରେ ମୁଣ୍ଡ ନୁଆଁଇ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସରକାର ଆମ ଦାବି ମାନିନେଇ ଥିବାରୁ ଆମେ ହରତାଳ ଡାକରାକୁ ସାମୟିକ ଭାବେ ପ୍ରତ୍ୟାହାର କରୁଛୁ ବୋଲି ଅରୁଣ କହିଛନ୍ତି। ଘଟଣା ଉପରେ ଦଳ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ଅବହେଳା ହେଲେ ବିଜେଡି ପୁଣି ସ୍ୱର ଉତ୍ତୋଳନ କରିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଉପସ୍ଥିତ ରହି ନିଜର ମତ ରଖିଥିଲେ ।

# କଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର ଶେଷ

ଶ୍ରୀନଗର,୨୩।୯

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବୁଧବାର ଅନୁଷ୍ଠିତ ହେବାକୁ ଥିବାବେଳେ ସୋମବାର ଅପରାହ୍ଣରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ବିଭିନ୍ନ ଦଳର ନେତାମାନେ ଜୋର୍‌ଦାର ପ୍ରଚାର କରିଥିଲେ। ଏହି ପର୍ଯ୍ୟାୟରେ ୫ ଜିଲା ରିଆସି, ରାଜୌରୀ, ପୁଞ୍ଛ୍ ଶ୍ରୀନଗର ଏବଂ ବଡଗାମ୍‌ର ୨୬ ନିର୍ବାଚନ ମଣ୍ଡଳୀରେ ମତଦାନ ହେବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କଶ୍ମୀରରେ ନିର୍ବାଚନ ପ୍ରଚାର ଅବସରରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ଟାର୍ଗେଟ କରିଥିଲେ। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ କଂଗ୍ରେସ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବ ବୋଲି ସେ କହିଥିଲେ। ଲୋକ ସଭା ନିର୍ବାଚନରେ ପରେ ଇଣ୍ଡିଆ ବ୍ଲକ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନସ୍ତତ୍ତ୍ୱକୁ ଭାଙ୍ଗିଦେଇଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ରାଜ୍ୟକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ଲୋକମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆଯାଇଛି। ରାଜ୍ୟ ମାନ୍ୟତା ଫେରାଇ ଆଣିବା ଦାବିକୁ କଂଗ୍ରେସ ପ୍ରାଥମିକତା ଦେବ ବୋଲି ରାହୁଲ କହିଥିଲେ।

ଅନ୍ୟପକ୍ଷରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲା ସୋମବାର କହିଛନ୍ତି, ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ସମ୍ମାନ ସହ ଜଡ଼ିତ ସମ୍ବିଧାନର ଅନୁଚ୍ଛେଦ ୩୭୦ ପୁନର୍ବାର ଲାଗୁ କରିବା ପାଇଁ ତାଙ୍କ ଦଳ ବାରମ୍ବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ। ୩୭୦ ଉଚ୍ଛେଦ ପରେ ଆତଙ୍କବାଦ ଶେଷ ହୋଇଥିବା ଭାଜପା ଦାବି କରୁଥିବାବେଳେ ଶାନ୍ତିପୂର୍ଣ୍ଣ ଜମ୍ମୁ ଅଞ୍ଚଳରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ଜାରି ରହିଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ସ୍ମାରକପତ୍ର ଦେଲା କଂଗ୍ରେସ



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ରାଜଭବନରୁ ଫେରୁଛନ୍ତି ରାଜ୍ୟ କଂଗ୍ରେସର ଏକ ସ୍ୱତନ୍ତ୍ର ମହିଳା ଦଳ।

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

**ସୁପ୍ରିମକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଭରତପୁର ଥାନା ଘଟଣାର ତଦନ୍ତ ହେଉ**

ଭରତପୁର ଥାନା ଘଟଣାରେ ରାଷ୍ଟ୍ରପତିଙ୍କର ହସ୍ତକ୍ଷେପ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ରାଜ୍ୟ କଂଗ୍ରେସର ଏକ ସ୍ୱତନ୍ତ୍ର ମହିଳା ଦଳ ଷ୍ଟିୟରିଂ କମିଟିର ସଦସ୍ୟା ସସ୍ମିତା ବେହେରାଙ୍କ ନେତୃତ୍ୱରେ ରାଜଭବନ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ସୁପ୍ରିମକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଉକ୍ତ ଘଟଣାର ତଦନ୍ତ ପାଇଁ ସସ୍ମିତା ରାଷ୍ଟ୍ରପତିଙ୍କୁ ଦାବି କରିଛନ୍ତି।

ଭରତପୁର ଘଟଣାରେ ପୋଲିସ ଯେଉଁଭଳି ବର୍ବର, ଅଶାଳୀନ ଆଚରଣ ଓ ଯୌନ ନିର୍ଯାତନା କଲା, ତାହାକୁ ନିନ୍ଦା କରି ଏବଂ ଯେଉଁ ଅସାମାଜିକ ଯୁବକମାନେ ଜଣେ ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର କରିଥିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ପୋଲିସର ବ୍ୟବହାର ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ, ଯାହାକି ଓଡ଼ିଶାକୁ ସମଗ୍ର ଭାରତବର୍ଷରେ ନିନ୍ଦିତ କରିଛି ବୋଲି ସେମାନେ ସେଥିରେ ଦର୍ଶାଇଛନ୍ତି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ଏବଂ ବିଶେଷକରି ଦଳିତ ଆଦିବାସୀ ନାବାଳିକାଙ୍କ ଉପରେ ଦିନକୁ ଦିନ ବଢ଼ିଚାଲିଥିବା ଅତ୍ୟାଚାରକୁ ନେଇ କଂଗ୍ରେସ ଅତ୍ୟନ୍ତ ବିବ୍ରତ ବୋଲି ରାଜ୍ୟପାଳଙ୍କ ପାଖକୁ ଯାଇଥିବା ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି। ସେମାନେ ଦାବି କରିଥିଲେ ରାଷ୍ଟ୍ରପତି ଏ ଘଟଣା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ରାଜ୍ୟର ଆଇନଶୃଙ୍ଖଳାକୁ ରକ୍ଷାକରିବା ଦିଗରେ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ତାଗିଦା କରନ୍ତୁ।

# ଭରତପୁର ଘଟଣାର ରିପୋର୍ଟ ଶୀଘ୍ର ପ୍ରକାଶ ପାଇବ: ମନମୋହନ

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

ଭରତପୁର ଥାନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଅତ୍ୟନ୍ତ ଯତ୍ନ ଏବଂ ସଂଯମ ରକ୍ଷା କରି ଉଚିତ ପଦକ୍ଷେପ ଗ୍ରହଣ କରିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରଥମେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏହାପରେ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଗଲା। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବା ସହିତ ଯଥାଶୀଘ୍ର ରିପୋର୍ଟ ପ୍ରକାଶ ପାଇବ। ମହିଳାଙ୍କ ସୁରକ୍ଷା ସହ ସେମାନଙ୍କ ସଶକ୍ତୀକରଣ ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ । ମହିଳା ଅପରାଧ କ୍ଷେତ୍ରରେ ସର୍ବଦା ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଦୋଷୀଙ୍କୁ ଦଣ୍ଡ ଏବଂ ନିର୍ଦ୍ଦୋଷଙ୍କୁ ନ୍ୟାୟ ପାଇଁ ଭାଜପା ସରକାର କୌଣସି ସାଲିସ୍ କରିବ ନାହିଁ ବୋଲି ମନମୋହନ କହିଛନ୍ତି। ଅଯଥାରେ ଭରତପୁର ଘଟଣାକୁ ରାଜନୀତିକରଣ କରାଯାଉଛି । ମାତ୍ର ୧୦୦ ଦିନର ଭାଜପା ସରକାରର ଜନକଲ୍ୟାଣକାରୀ କାର୍ଯ୍ୟରେ ବିଜେଡି, କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ଭୟଭୀତ ହୋଇ ପଡ଼ିଛନ୍ତି। ମହିଳା ସୁରକ୍ଷାକୁ ପ୍ରାଥମିକତା ଦେଇ ଆମ ସରକାର କାର୍ଯ୍ୟ କରୁଛି। ମହିଳା ବିରୋଧୀ ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ କି ଏଭଳି ହୀନ ଘଟଣାରେ ସମ୍ପୃକ୍ତ ଜଣଙ୍କୁ ହେଲେ ବି ଛଡ଼ାଯିବ ନାହିଁ ବୋଲି ମନମୋହନ କହିଛନ୍ତି।

# ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ: ନବୀନ

ଭୁବନେଶ୍ୱର,୨୩।୯(ଅନିଲ ଦାସ)



ଶଙ୍ଖଭବନଠାରେ ନବରଙ୍ଗପୁର ଜିଲା ସାଙ୍ଗଠନିକ ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

- ନବରଙ୍ଗପୁର ଜିଲା ବିଜେଡି ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀ
- ୨୬ରେ ୧୨ ଘଣ୍ଟିଆ ହରତାଳ

ନବରଙ୍ଗପୁର ଜିଲା ସାଙ୍ଗଠନିକ ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀ ସୋମବାର ଶଙ୍ଖଭବନରେ ଅନୁଷ୍ଠିତ ହୋଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ସମ୍ମିଳନୀରେ ଯୋଗଦେଇ ଜିଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଙ୍ଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି। ଏହି ସଭାରେ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ, ସଦାଶିବ ପ୍ରଧାନୀ, ମୂଳା ମାଝୀ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନ ବିଷୟରେ ବିସ୍ତୃତ ଆଲୋଚନା କରଛନ୍ତି। । ନବରଙ୍ଗପୁର ନେତୃମଣ୍ଡଳୀ ସେମାନଙ୍କ ଅଭିଭାଷଣରେ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣକରି କହିଥିଲେ, ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନରେ ଥିବା କଟଗାଁ ଗ୍ରାମର ଜଣେ ଆଦିବାସୀ ନାବାଳିକା ଝିଅକୁ ବଳାତ୍କାର କରି ହତ୍ୟା କରାଯାଇଛି । ଝିଅଟି ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିବାବେଳେ ଆଉ ଫେରି ନ ଥିଲା । ତାଙ୍କର ମା' ବାପା ଖୋଜା ଖୋଜି କରିବା ପରେ ଗ୍ରାମଠାରୁ ଅନତି ଦୂରରେ ଝିଅର ବିବସ୍ତ୍ର ମୃତଦେହ ମିଳିଥିଲା । ମା' ବାପା ଥାନାରେ ଏତଲା ଦେଇଥିଲେ ଯେ, ତାଙ୍କ ଝିଅକୁ ଦୁର୍ବୃତ୍ତମାନେ ବଳାତ୍କାର କରିବା ସହ ମାରି ଦେଇଛନ୍ତି । ଏହି ଏତଲା ଉପରେ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଏହାର ପ୍ରତିବାଦରେ ନବରଙ୍ଗପୁର ଜିଲା ବିଜେଡି ଆସନ୍ତା ୨୬ ତାରିଖରେ ସମ୍ପୂର୍ଣ୍ଣ ଜିଲାରେ ୧୨ ଘଣ୍ଟିଆ ହରତାଳ ଡାକରା ଦେଇଛି । ଏହି ସଭାରେ ନବୀନ କହିଛନ୍ତି, ଖାଲି ନବରଙ୍ଗପୁର ଜିଲା ନୁହେଁ, ସମଗ୍ର ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଦୁର୍ନୀତି ମଧ୍ୟ ଆରମ୍ଭ ହୋଇଛି। କିଛିଦିନ ତଳେ ରାଉରକେଲାରେ ମଧ୍ୟ ୨ ଜଣ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଆମ ସରକାର ସମୟରେ ରାଜ୍ୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିଲା ଏବଂ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ଥିଲା । ଆପଣମାନେ ଲୋକଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣନ୍ତୁ। ଆମେ ଏକଜୁଟ୍ ହୋଇ ଲଢ଼େଇ କଲେ ପୁନର୍ବାର କ୍ଷମତାକୁ ଆସିବା ବୋଲି ନବୀନ କହିଛନ୍ତି।

ଏଥିରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

**ଜଳେଶ୍ୱର ବିଧାନସଭା ନିର୍ବାଚନୀ ମାମଲା**

# ୨ ମାସ ସମୟ ନେଲେ ବିଧାୟକ ଅଶ୍ୱିନୀ ପାତ୍ର

କଟକ,୨୩।୯ (କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ଜବାବ ଦାଖଲ ପାଇଁ ବିଧାୟକ ଅଶ୍ୱିନୀ ପାତ୍ର ୨ ମାସ ସମୟ ନେଇଛନ୍ତି। ବିଚାରପତି ଶଶିକାନ୍ତ ମିଶ୍ର ସୋମବାର ମାମଲାର ଶୁଣାଣି କରି ବିଧାୟକଙ୍କୁ ସମୟ ନେବା ନିମନ୍ତେ ଅନୁମତି ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୮ରେ ମାମଲାର ପରବର୍ତ୍ତି ଶୁଣାଣି ହେବ।

ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ବେଆଇନ ଭାବେ ଏଜେଣ୍ଟ ନିଯୁକ୍ତି କରିଥିବା ଅଭିଯୋଗ ଆଣି ଭାଜପା ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ମାମଲା ରୁଜୁ କରିଥିଲେ। ବିଧାୟକ ପାତ୍ର ଏଜେଣ୍ଟ ଭାବେ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇଥିଲେ। ସେହିପରି ଭୋଟ ଗଣତି ସମୟରେ ମଧ୍ୟ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ଏଜେଣ୍ଟ ଭାବେ ଦାୟିତ୍ୱରେ ଥିଲେ। ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏଜେଣ୍ଟ ଭାବେ ରହିପାରିବେ ନାହିଁ। ଏଭଳି ବେଆଇନ କାର୍ଯ୍ୟ ପାଇଁ ତାଙ୍କ ବିଧାୟକ ପଦ ରଦ୍ଦ କରିବା ସହ ପୁନଃ ନିର୍ବାଚନ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଫଳରେ ହାଇକୋର୍ଟ ବିଧାୟକ ପାତ୍ରଙ୍କୁ ଜବାବ ଦାଖଲ ଲାଗି ନୋଟିସ ଜାରି କରିଥିଲେ।

# ଗୁରୁମନ୍ତ୍ର ଦେଲେ ରାଜ୍ୟ ଭାଜପା ସଭାପତି

ବାଲେଶ୍ୱର,୨୩।୯(ବାଞ୍ଛାନିଧି ଦେ)

**ବାଲେଶ୍ୱରରେ ଭାଜପା ସଦସ୍ୟତା ଅଭିଯାନର ସମୀକ୍ଷା ବୈଠକ, ମିଶ୍ରଣ ପର୍ବ**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋମବାର ବାଲେଶ୍ୱର ଗସ୍ତରେ ଆସି ସଦସ୍ୟତା ଅଭିଯାନର ସମୀକ୍ଷା ପୂର୍ବକ ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି। ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ମଞ୍ଚ ଆହ୍ୱାନ ଓ ଅନ୍ୟତମ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରକାରୀ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଭାଜପା ନେତା ରବୀନ୍ଦ୍ର ଅଣ୍ଡିଆ, ଆଶିଷ ପାତ୍ର ଏବଂ ଜିଲା ସଦସ୍ୟତା ପ୍ରମୁଖ କମଳଲୋଚନ ଦାସ ସମୀକ୍ଷା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଭାପତି ସାମଲ ସଦସ୍ୟତା ଅଭିଯାନକୁ ଗତିଶୀଳ କରିବା ଏବଂ ଆଗାମୀ ଯୋଜନା ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ।

ରେମୁଣା ବିଧାୟକ ଦାସଙ୍କ ନେତୃତ୍ୱରେ ଗୁଡୁଦା ପଞ୍ଚାୟତ ବିଜେଡି ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ଜାନକୀ ଦାସ, ସମିତିସଭ୍ୟା ସୁଷମା ପ୍ରଧାନ, ନାଏବ ସରପଞ୍ଚ ଅମରେଶ ଉପାଧ୍ୟାୟ, ୱାର୍ଡ ସଭ୍ୟାସଭ୍ୟ ଶକୁନ୍ତଳା ମାହାନ୍ତ, ମଞ୍ଜୁଲତା ମହାଲିକ, ବବିତା ରଥ, ନିତ୍ୟାନନ୍ଦ ସେଠୀ, ଗଜେନ୍ଦ୍ର ବିଶ୍ୱାଳଙ୍କ ସମେତ ରବୀନ୍ଦ୍ର ସ୍ୱାଇଁ, ଶ୍ରୀନାଥ ମାହାନ୍ତ ଓ ରବୀନ୍ଦ୍ର ଦାସ ପ୍ରମୁଖ ଭାଜପାର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ନବାଗତାଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଥିଲା। ଏହାପରେ ରାଜ୍ୟ ସଭାପତି ସାମଲ ନୀଳଗିରି ଗସ୍ତରେ ଯାଇଥିଲେ। ଜିଲାର ଅନ୍ୟତମ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



ନବାଗତଙ୍କ ଗହଣରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

# ରାଜ୍ୟ ସରକାରଙ୍କ ସଫଳତାକୁ ପ୍ରତ୍ୟାଖ୍ୟାନ କଲା ବିଜେଡି

- କେନ୍ଦ୍ରାପଡ଼ା ବିକାଶ ମେଳା ସଭା ସାଂସ୍କୃତିକ ମହୋତ୍ସବରେ ସୀମିତ
- ଯୋଗଦେଲେନାହିଁ ୪ ବିଜେଡି ବିଧାୟକ

କେନ୍ଦ୍ରାପଡ଼ା, ୨୩।୯ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ଓ ଅତିଥି।

ରାଜ୍ୟ ଭାଜପା ସରକାରଙ୍କ ୧୦୦ ଦିନ ଶାସନ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ ବିକାଶ ମେଳା ଓ ସାଂସ୍କୃତିକ ମହୋତ୍ସବ ଆୟୋଜିତ ହେଉଛି। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହି ମେଳାକୁ ବିଜେଡି ପ୍ରତ୍ୟାଖ୍ୟାନ କରିଛି। ଦ୍ୱିତୀୟ ସନ୍ଧ୍ୟାରେ ହେବାକୁ ଥିବା ସଭାରେ ଜିଲାର ନିମନ୍ତ୍ରିତ ୪ ବିଜେଡି ବିଧାୟକ ଯୋଗଦେଇନାହାନ୍ତି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ବିକାଶ ମେଳାର ଅଭିମୁଖ୍ୟ ପରିପ୍ରକାଶ ନ ହୋଇ କେବଳ ସାଂସ୍କୃତିକ ମହୋତ୍ସବରେ ସୀମିତ ହୋଇଯାଇଛି। ଅପରପକ୍ଷରେ ସାଂସ୍କୃତିକ ମହୋତ୍ସବ ପାଇଁ ଏକ ସଭା କରି ଜିଲାର ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ କହିଛନ୍ତି।

ରାଜ୍ୟ ସରକାରଙ୍କ ଶାସନର ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ଓ ଆସନ୍ତା ୨୦୩୬ ମସିହା ସୁଦ୍ଧା ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଶୀର୍ଷକରେ ଏହି ମେଳା ରବିବାରଠାରୁ କେନ୍ଦ୍ରାପଡ଼ାରେ ଆରମ୍ଭ ହୋଇଛି। ରବିବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ କେନ୍ଦ୍ରାପଡ଼ା ଜିଲା ବିକାଶର ରୋଡ ମ୍ୟାପ ଦେବା ସହ ଗତ ୧୦୦ ଦିନ ମଧ୍ୟରେ ସରକାରଙ୍କ ସଫଳତା ପ୍ରକାଶ କରିଥିଲେ। ସୋମବାର ସନ୍ଧ୍ୟାରେ ଏଡିଏମ୍ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିକାଶ ମେଳା ସଭା ହେବାକୁ ଥିଲା। ନିମନ୍ତ୍ରଣ ପତ୍ରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେବେ ବୋଲି ଉଲ୍ଲେଖ ଥିଲା। ମାତ୍ର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି ସଭାରେ କୌଣସି ବିଧାୟକ ଯୋଗଦେଇ ନ ଥିଲେ। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଏହି ସଭା ବାତିଲ କରାଯାଇ ସାଂସ୍କୃତିକ ମହୋତ୍ସବ ପାଇଁ ସଭା ଆୟୋଜନ କରିଥିଲେ। ଏଥିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଉପଜିଲାପାଳ ଅଶୋକ ଦାସ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, ବିକଶିତ କେନ୍ଦ୍ରାପଡ଼ା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଜିଲା ପ୍ରଶାସନ ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ ପାଇଁ ସର୍ବଦା ପ୍ରୟାସ କରିଆସିଛି। ସମସ୍ତଙ୍କ ସହଯୋଗ ମିଳିଲେ କେନ୍ଦ୍ରାପଡ଼ାର ପ୍ରଗତି ହେବ ବୋଲି କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ନିମନ୍ତ୍ରିତ ଅତିଥି ଯୋଗ ନ ଦେବା ସମ୍ପର୍କରେ ପଚାରିବାରୁ ଜିଲାପାଳ ପ୍ରଧାନ କହିଥିଲେ, ସମସ୍ତ ଅତିଥିଙ୍କ ସହମତିରେ ନିମନ୍ତ୍ରଣ କାର୍ଡ ଛପାଯାଇଛି। କେଉଁ ଉଦ୍ଦେଶ୍ୟରେ ସଭାରେ ଯୋଗଦେଇନାହାନ୍ତି, ସେ ସମ୍ପର୍କରେ ଜାଣିନାହାନ୍ତି। ଏହି ପ୍ରଶ୍ନର ଉତ୍ତରରେ ମୁଖ୍ୟ ଅତିଥି ଥିବା ଗଣେଶ୍ୱର ବେହେରାଙ୍କୁ ପଚାରିବାରେ ଦଳୀୟ ନିଷ୍ପତ୍ତି ଅନୁଯାୟୀ ଏହି ସଭାକୁ କୌଣସି ବିଜେଡି ବିଧାୟକ ଯାଇନାହାନ୍ତି ବୋଲି ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ସଭା ରାଜନୀତିକୁ ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଯାଇଛି।

**ଜନ୍ମଦିନର ଶୁଭେଚ୍ଛା**
ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................
ବୁବୁଲୁ
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂତନ ସଦସ୍ୟତାରେ ଇପିଏଫ୍‌ଓର ରେକର୍ଡ

## ଜୁଲାଇରେ ୧୯.୯୪ ଲକ୍ଷ ସଦସ୍ୟ ସାମିଲ

ଭୁବନେଶ୍ୱର,୨୩।୯ (ଅନୁରାଧା ମହାରଣା)

କେନ୍ଦ୍ର ଶ୍ରମ ଓ ରୋଜଗାର ଏବଂ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ସୋମବାର ଜୁଲାଇ ୨୦୨୪ ପାଇଁ କର୍ମଚାରୀ ଭବିଷ୍ୟନିଧି ସଂସ୍ଥାନ ଇପିଏଫ୍‌ଓର ଅସ୍ଥାୟୀ ବେତନ ତଥ୍ୟ ପ୍ରକାଶ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଜୁଲାଇ ୨୦୨୪ ମାସରେ ଇପିଏଫଓ ୧୯.୯୪ ଲକ୍ଷ ନେଟ ସଦସ୍ୟଙ୍କୁ ଯୋଡିଛି, ଯାହାକି ଏପ୍ରିଲ ୨୦୧୮ରେ ବେତନ ତଥ୍ୟର ଟ୍ରାକିଂ ପରଠାରୁ ରେକର୍ଡ ହୋଇଥିବା ସର୍ବାଧିକ ଅଭିବୃଦ୍ଧି ଅଟେ। ସୂଚନା ଥାଉକି, ୨୦୨୪ ଜୁଲାଇ ତୁଳନାରେ ଇପିଏଫଓ ୧୦.୫୨ ଲକ୍ଷ ନୂତନ ସଦସ୍ୟ ଯୋଡିଛି, ଯାହା ଜୁନ ୨୦୨୪ ତୁଳନାରେ ୨.୬୬ ପ୍ରତିଶତ ଏବଂ ଜୁଲାଇ ୨୦୨୩ ତୁଳନାରେ ୨.୪୩ ପ୍ରତିଶତ ବୃଦ୍ଧି ହୋଇଛି। ପ୍ରାୟ ୧୪.୬୫ ଲକ୍ଷ ସଦସ୍ୟ ଯେଉଁମାନେ ସିଷ୍ଟମରୁ ବାହାରିଥିଲେ ସେମାନେ ଜୁଲାଇରେ ଇପିଏଫଓରେ ଯୋଗଦାନ କରିଥିଲେ। ଏହି ସଂଖ୍ୟା ବର୍ଷକୁ ବର୍ଷ ୧୫.୨୫% ବୃଦ୍ଧି ହେଉଥିବା ଆକଳନ କରାଯାଇଛି। ସେହିପରି ୨୦୨୪ ଜୁଲାଇରେ ୮.୭୭ ଲକ୍ଷ ନେଟ ସଦସ୍ୟଙ୍କ ଯୋଗଦାନ ସହିତ ୧୮-୨୫ ବର୍ଷ ବୟସ ଶ୍ରେଣୀରେ ସର୍ବାଧିକ ଅଭିବୃଦ୍ଧି ହୋଇଛି। ଜୁଲାଇ ୨୦୨୪ ରେ ପ୍ରାୟ ୩.୦୫ ଲକ୍ଷ ନୂତନ ମହିଳା ସଦସ୍ଯ ଋତରଙ୍ଗ ରେ ଯୋଗ ଦେଇଥିଲେ, ଯାହାକି ବର୍ଷ ତୁଳନାରେ ୧୦.୯୪ ପ୍ରତିଶତ ଅଭିବୃଦ୍ଧି ଦର୍ଶାଇଥିଲା ମୋଟ ଉପରେ, ୪.୪୧ ଲକ୍ଷ ଶୁଦ୍ଧ ମହିଳା ସଦସ୍ଯ ଯୋଗ କରାଯାଇଥିଲା, ଯାହାକି ଜୁଲାଇ ୨୦୨୩ ତୁଳନାରେ ବେତନ ଟ୍ରାକିଂ ୧୪.୪୧ ପ୍ରତିଶତ ବୃଦ୍ଧି ସହିତ ମହିଳାଙ୍କ ସର୍ବାଧିକ ମାସିକ ବୃଦ୍ଧି ହୋଇଛି। ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ଏବଂ ଗୁଜୁରାଟ ରାଜ୍ୟଗୁଡିକ ଜୁଲାଇ ୨୦୨୪ରେ ମୋଟ ନେଟ ସଦସ୍ୟଙ୍କ ୫୯.୨୭ ପ୍ରତିଶତ ଅଂଶ ଗ୍ରହଣ କରିଥିଲେ। ଯାହାକି ୧୧.୮୨ ଲକ୍ଷ ସଦସ୍ୟଙ୍କୁ ଯୋଡିଥିଲା। ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ମହାରାଷ୍ଟ୍ର ଏହି ମାର୍ଗରେ ନେତୃତ୍ୱ ନେଇଛି। ଯେଉଁଥିରେ ମୋଟ ନୂତନ ସଦସ୍ୟଙ୍କ ୨୦.୨୧% ଯୋଗଦାନ ରହିଛି।




# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୩।୯

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୩୮୪ (୩୮୪.୩୦) ପଏଣ୍ଟ ବଢି ୮୪,୯୨୯ (୮୪,୯୨୮.୬୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୮ (୧୪୮.୧୦) ପଏଣ୍ଟ ବୃଦ୍ଧି ଘଟି ୨୫,୯୩୯ (୨୫,୯୩୯.୦୫) ଅଙ୍କରେ କାରବାର ଶେଷ ହୋଇଥିଲା।

**ଖଣ୍ଡାବସା ଅଭିନନ୍ଦନ**
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ନୀଳମଣି ନାଏକ
ପିଇଓ , ପିଳିକିଆ ପଞ୍ଚାୟତ , ଜୁନାଗଡ ବ୍ଲକ, କଳାହାଣ୍ଡି

**ଖଣ୍ଡାବସା ଅଭିନନ୍ଦନ**
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ନରେନ୍ଦ୍ର ରାଉତ
ପିଇଓ, ବଳଦିଆମାଲ ପଞ୍ଚାୟତ, ଜୁନାଗଡ ବ୍ଲକ, କଳାହାଣ୍ଡି

**ଖଣ୍ଡାବସା ଅଭିନନ୍ଦନ**
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ଶିବଶଙ୍କର ନାଏକ
ସରପଞ୍ଚ ଚାରଭଟି ପଞ୍ଚାୟତ, ଜୁନାଗଡ ବ୍ଲକ, କଳାହାଣ୍ଡି

**ଖଣ୍ଡାବସା ଅଭିନନ୍ଦନ**
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ଶକ୍ତିରଞ୍ଜନ ମୁଣ୍ଡ
ମୁଣ୍ଡ ଏଗ୍ରୋ ସେଲ୍ସ
ଚିଲକପୁର, କଳାହାଣ୍ଡି

**ଖଣ୍ଡାବସା ଅଭିନନ୍ଦନ**
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ମନୀଷା ସାହୁ
ନିର୍ଦ୍ଦେଶିକା, ସମବାୟ ବ୍ୟାଙ୍କ, ଭବାନୀପାଟଣା

**ଖଣ୍ଡାବସା ଅଭିନନ୍ଦନ**
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ପ୍ରଶାନ୍ତ ନାଏକ
ପିଇଓ, ଗୋଲାମୁଣ୍ଡା ବ୍ଲକ, କଳାହାଣ୍ଡି

# ଜୟଆଲୁକ୍କାସ ଚେନ୍ ଫେଷ୍ଟ ଉଦ୍‌ଘାଟିତ

**ଜନ୍ମଦିନ ଶୁଭେଚ୍ଛା**
ଶୃତିଶ୍ରୀ ସିହ୍ନା (ବୁବୁଲୁ)
ବୌଦ୍ଧ, ପୋଡ଼ା ପୋଡ଼ା
ତୋର ୧୬ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ ।
ଶୁଭେଚ୍ଛା ସହ- ଆଇ, ଗୁଗୁଲ, ଡୁଡୁଲୁ, ବନ୍ଧୁ ଓ ପରିବାର ।
ଧ-୬୭୬୮୦

ଭୁବନେଶ୍ୱର,୨୩।୯

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ ଜୟଆଲୁକ୍କାସର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ଚେନ୍ ଫେଷ୍ଟ' (ଜୟଆଲୁକ୍କାସ ଚେନ ଫେଷ୍ଟ) ନିକଟରେ ଉଦଘାଟିତ ହୋଇଯାଇଛି। ଏହି ଫେଷ୍ଟ ୨୦୨୪ ଅକ୍ଟୋବର ୬ ପର୍ଯ୍ୟନ୍ତ ଜାରି ରହିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଜୟଆଲୁକ୍କାସ ଚେନ୍ ଫେଷ୍ଟରେ ବ୍ରାଣ୍ଡର ସମସ୍ତ ଆକର୍ଷଣୀୟ ଡିଜାଇନ ଚେନର ସମ୍ଭାର ସାଙ୍ଗକୁ ନୂତନ କଲେକ୍ସନଗୁଡିକର ପ୍ରଦର୍ଶନ କରାଯାଉଛି। ସେହିଭଳି ଗ୍ରାହକଙ୍କୁ ସୁବିଧା ଅଳଙ୍କାର ଯୋଗାଇ ଦେବା ପାଇଁ ଆକର୍ଷଣୀୟ ଅଫର ଓ ରିହାତିର ଘୋଷଣା କରାଯାଇଛି। ଏପରିକି ଏହି ଫେଷ୍ଟ ଜରିଆରେ ଗ୍ରାହକ ୪.୯୯% ଫ୍ଲାଟ ମେକିଂ ଚାର୍ଜର ଲାଭ ଉଠାଇପାରିବେ। ଏ ସମ୍ପର୍କରେ ଜୟଆଲୁକ୍କାସର ଚେୟାରମ୍ୟାନ ତଥା ଏମ୍‌ଡି ଜୟଆଲୁକ୍କାସ କହିଥିଲେ, ଆମେ ଆମର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଚେନ୍ ଫେଷ୍ଟକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ କେବଳ ୪.୯୯%ର ଏକ ଅତୁଳନୀୟ ମେକିଂ ଚାର୍ଜର ସୁବିଧା ସହିତ ଆକର୍ଷଣୀୟ ଡିଜାଇନ ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପ୍ରସ୍ତୁତ ଚେନଗୁଡିକୁ କ୍ରୟ କରିପାରିବେ ବୋଲି ସେ ବିସ୍ତୃତଭାବେ ମତପ୍ରକାଶ କରିଛନ୍ତି।

**STAR MANAGEMENT COLLEGE**
Courses Offered
B.Sc
(Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009

**ଖଣ୍ଡାବସା ଅଭିନନ୍ଦନ**
ମା'ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ମଳୟ ରଞ୍ଜନ ଆଚାର୍ଯ୍ୟ, ସରପଞ୍ଚ
ସଦାଶିବ ମହାରଣା, ପିଇଓ
କଲେଇ ଗ୍ରାମପଞ୍ଚାୟତ,ଜୁନାଗଡ ବ୍ଲକ, କଳାହାଣ୍ଡି

# ଜିଓର ୧.୮୫ଲକ୍ଷ ନୂଆ ମୋବାଇଲ ଗ୍ରାହକ

ଭୁବନେଶ୍ୱର,୨୩।୯

ଦେଶର ପ୍ରମୁଖ ଘରୋଇ ଟେଲିକମ କମ୍ପାନୀ ତଥା ରିଲାଏନ୍ସ ଜିଓ ୨୦୨୪ ଜୁଲାଇରେ ପ୍ରାୟ ୧.୮୫ ଲକ୍ଷ ନୂଆ ମୋବାଇଲ ଗ୍ରାହକ ଏବଂ ୧୧,୦୦୦ ରୁ ଅଧିକ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ଓଡ଼ିଶା ବଜାରରେ ଯୋଡ଼ିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଟେଲିକମ ରେଗୁଲେଟୋରି ଟ୍ରାଇ ପକ୍ଷରୁ ନିକଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ ଜୁଲାଇରେ କେବଳ ଜିଓ ଓ ବିଏସ୍‌ଏନ୍‌ଏଲ୍ ଓଡ଼ିଶାରେ ନୂତନ ଗ୍ରାହକ ଯୋଡିଥିବା ବେଳେ ଅନ୍ୟ ଦୁଇ ଅପରେଟର ଏୟାରଟେଲ ଓ ଭୋଡାଫୋନ ଆଇଡିଆ ବହୁ ହଜାର ଗ୍ରାହକ ହରାଇଛନ୍ତି। ବିଏସ୍‌ଏନ୍‌ଏଲ୍ ଏହି ମାସରେ ପ୍ରାୟ ୬୬,୦୦୦ ନୂଆ ଗ୍ରାହକ ଯୋଡିଥିବାବେଳେ ଏୟାରଟେଲ ୪୩୦୦୦ଗ୍ରାହକ ହରାଇଥିବା ଏହି ତଥ୍ୟରୁ ସୂଚନା ମିଳିଛି। ଜୁଲାଇ ମାସରେ ଓଡିଶାର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ଦୁଇ ଲକ୍ଷ ପାଞ୍ଚ ହଜାର ବୃଦ୍ଧି ପାଇ ୩.୪୩ କୋଟିରେ ପହଞ୍ଚିଛି। ମୋବାଇଲ ଭଳି ଓ୍ୱାରଲାଇନ କ୍ଷେତ୍ରରେ ମଧ୍ୟ ଜିଓ ଜୁଲାଇ ମାସରେ ୧୧୦୦୦ରୁ ଅଧିକ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ଯୋଡି ହେବା ସହିତ ରାଜ୍ୟରେ ମୋଟ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୩.୨୧ଲକ୍ଷରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଏଥିସହିତ ଜିଓ ରାଜ୍ୟର ପ୍ରଥମ ଅପରେଟର ଭାବେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଓ୍ୱାରଲାଇନ ଗ୍ରାହକ ହାସଲ କରିଛି। ଓଡ଼ିଶା ଟେଲିକମ କ୍ଷେତ୍ରରେ ୪୬% ରୁ ଅଧିକ ଗ୍ରାହକ ବଜାର ଅଂଶ ଏବଂ ୫୨% ରାଜସ୍ୱ ବଜାର ଅଂଶ ସହିତ ଏକ ନମ୍ବର ସ୍ଥାନରେ ରହିଥିବା ଜିଓର ରାଜ୍ୟରେ ସର୍ବବୃହତ ୪ଜି ଓ ୫ଜି ନେଟୱର୍କ ରହିଛି।

**Classified Everyday**
0674-2580101, 2549949

REAL ESTATE
SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1434

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1435

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

Healthcare

Newly open health benefits SPA special offer @ 799 Bapujinagar. 8018429809. D-76156

Full body massage experience, good looking therapist @ 999 (Bhubaneswar). 9078484455. D-1347

Newly open health benefits SPA by expert therapist. Contact- 9938843929. D-76155

Newly open Jyoti SPA positively health benefits (Expert therapist). 8458067955. D-76157

AFFIDAVIT
By virtue of an affidavit before the Executive Magistrate, vide No.-2004, dt. 12.05.17, I Subash Chandra Das, Village- Ganeswarpur, P.O.- Januganj, P.S.- Industrial, Dist.-Balasore have changed the name of my son from "Aritra Das" to "Swasti Swayam Das". Henceforth, he will be known as "Swasti Swayam Das" for all purposes. D-1436

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ
୰ପୂର୍ଣ୍ଣଚନ୍ଦ୍ର ହୋତା
ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୫।୦୩।୧୯୬୦
ତିରୋଧାନ: ୧୩।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।
ଇତି: ତୁମର ହତଭାଗ୍ୟ ପୁତ୍ର: (ସିନୁ), ଝିଅ (ସାନୁ), ଜ୍ୱାଇଁ (ବିଲୁ), ନାତି (ଆୟୁଷ୍), ଭଣଜା, ଭାଣିଜୀ, ପୁତୁରା, ପୁତ୍ରୀ ଓ ଅନ୍ୟାନ୍ୟ ପରିବାରବର୍ଗ ।
ଧ-୧୪୩୩

ଜନ୍ମ ଜୟନ୍ତୀ
୰ଶରତ ଚନ୍ଦ୍ର କର
ଅରୁଆଳ, ବରୀ, ଯାଜପୁର
ଆବିର୍ଭାବ: ୨୪।୦୯।୧୯୬୭
ତିରୋଧାନ: ୨୯।୧୨।୨୦୧୮
ତୁମେ ଯେଉଁଠି ବି ଥାଅ ଭଲରେ ଥାଅ, ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ପୁଅ: ବାବୁନି, ଝିଅ: ସୁଚିତ୍ରା, ସଙ୍ଘମିତ୍ରା ।
ଧ-୧୪୩୭

# ଏଚ୍‌ସିଏଲ୍ ଫାଉଣ୍ଡେଶନ ପକ୍ଷରୁ ଉପକୂଳ ସଂରକ୍ଷଣ ଅଭିଯାନ

ଭୁବନେଶ୍ୱର,୨୩।୯

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ଆଇଟି କମ୍ପାନୀ ଏଚ୍‌ସିଏଲ୍ ଟେକ୍‌ର କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି ବା ସିଏସ୍‌ଆର୍ ପଦକ୍ଷେପଗୁଡିକୁ କାର୍ଯ୍ୟକାରୀ କରୁଥିବା ଏଚ୍‌ସିଏଲ୍ ଫାଉଣ୍ଡେଶନ ପକ୍ଷରୁ ଉପକୂଳ ସଂରକ୍ଷଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ୨୦୨୪ ଅବସରରେ ଫାଉଣ୍ଡେଶନ ପକ୍ଷରୁ ଏକ ବ୍ୟାପକ, ସମୁଦାୟ-ପରିଚାଳିତ ଉପକୂଳ ସ୍ୱଚ୍ଛତା କ୍ୟାମ୍ପେନିଂ ପରିଚାଳନା କରାଯାଇଛି। ଏହି ଅଭିଯାନ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଓଡିଶା, କେରଳ, ପଶ୍ଚିମବଙ୍ଗ ଓ କର୍ନାଟକ ଭଳି ରାଜ୍ୟରେ ଆରମ୍ଭ ହୋଇଛି। ଭାରତର ଉପକୂଳ ଓ ସାମୁଦ୍ରିକ ପରିବେଶକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ପାଇଁ ଏକ ସାମଗ୍ରିକ ପ୍ରୟାସରେ ଅଂଶଗ୍ରହଣ କରିବା ଲାଗି ପ୍ରତିଷ୍ଠାନ ୨୪୨୬ରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ପ୍ରୋତ୍ସାହିତ କରିଛି। ଏହି ସ୍ୱେଚ୍ଛାସେବୀମାନେ ବିଭିନ୍ନ ସ୍ଥାନରୁ ୧୮୪୮୫ କିଲୋଗ୍ରାମ ବର୍ଜ୍ୟବସ୍ତୁ ସଂଗ୍ରହ କରିଛନ୍ତି।

ବିଶ୍ୱବ୍ୟାପୀ ସେପ୍ଟେମ୍ବର ମାସର ୩ୟ ଶନିବାରକୁ ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଇଥାଏ। ଯାହା ସାମୁଦ୍ରିକ ଇକୋସିଷ୍ଟମକୁ ପ୍ରଦୂଷଣ ଓ ଆବର୍ଜନାରୁ ସୁରକ୍ଷିତ ରଖିବା ପାଇଁ ସମୁଦାୟଗୁଡିକୁ ଏକତ୍ରିତ କରୁଛି।

ଏ ସମ୍ପର୍କରେ ଏଚ୍‌ସିଏଲ୍ ଫାଉଣ୍ଡେଶନର ଗ୍ଲୋବାଲ ସିଏସ୍‌ଆର୍ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ଡ. ନିଧି ପୁନ୍ଧୀର କହିଛନ୍ତି, ଆମର ଉପକୂଳଗୁଡିକୁ ସଂରକ୍ଷିତ ରଖିବା କେବଳ ଏକ ଦାୟିତ୍ୱ ନୁହେଁ ବରଂ ଏକ ମିଳିତ ପ୍ରତିବଦ୍ଧତା ହୋଇଥିଲାବେଳେ ଏହି ଅଭିଯାନ ମାଧ୍ୟମରେ ଏଚ୍‌ସିଏଲ୍ ଫାଉଣ୍ଡେଶନ ସାମୁଦ୍ରିକ ଓ ଉପକୂଳ ସଂରକ୍ଷଣ ପାଇଁ ଏକ ଦୀର୍ଘସ୍ଥାୟୀ ଆନ୍ଦୋଳନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।

# ନିଷ୍ପତ୍ତି ନେବା ସମୟରେ...

**କୌଣସି ବିଷୟରେ ନିଷ୍ପତ୍ତିନେବା ସହଜ କଥା ନୁହେଁ। ତେବେ ଏହି ସମୟରେ ଯଦି ଆପଣ ଦୋଛକିରେ ପଡ଼ିଯାଇଛନ୍ତି ତେବେ ନିମ୍ନୋକ୍ତ ଟିପ୍ସଗୁଡ଼ିକୁ ଆପଣେଇ ପାରିବେ..**





ଜୀବନର ଚଲାପଥରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହା ହେଉଛି ସୁଖଦୁଃଖର ଏକ ସମାହାର। ତେବେ ନିଜ ଜୀବନକାଳ ଭିତରେ ଅନେକ ବିଷୟରେ ନିଜକୁ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏହି ସମୟରେ ବେଶ୍ ସତର୍କତାର ସହ ଆଗେଇବାକୁ ପଡ଼େ। କାରଣ ଠିକ୍ ଭାବରେ ନିଷ୍ପତ୍ତି ନ ନେଲେ ତାହା ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ତେଣୁ ଏହି ସମୟରେ ବ୍ୟସ୍ତବିବ୍ରତ ନ ହୋଇ ଥଣ୍ଡା ମନରେ ନିଷ୍ପତ୍ତି ନେଲେ ନିଜ ଲକ୍ଷ୍ୟପଥରେ ସହଜରେ ଅଗ୍ରସର କରିହୁଏ।

ଲାଇଫ୍‌ରେ ଆପଣ ଯାହା ବି ନିଷ୍ପତ୍ତି ନେଇଥାନ୍ତି , ଏହାର ପ୍ରଭାବ ଆପଣଙ୍କ ଭବିଷ୍ୟତ ଉପରେ ପଡ଼ିଥାଏ। ଏଥିପାଇଁ ଜରୁରୀ ହୋଇଥାଏ ଆପଣ ନିଜେ ନିର୍ଣ୍ଣୟ ନେବା ସମୟରେ ଭାବିଚିନ୍ତି ନିଅନ୍ତୁ। ଯଦି ଆପଣ ଛୋଟ ଛୋଟ ନିଷ୍ପତ୍ତି ନେବାକୁ ହଡ଼ବଡ଼ ହୋଇଯାଉଛନ୍ତି ଏବଂ ନିଜ ଘର ଲୋକଙ୍କୁ ପଚାରି ନିଜ ଡିସିସନ ମେକିଂ ସ୍କିଲ୍‌କୁ ଇମ୍ପ୍ରୁଭ୍ କରିବାକୁ ହେଲେ କେତୋଟି ସହଜ ଟ୍ରିକ୍ସକୁ ଆପଣାନ୍ତୁ.....

**ବିଚଳିତ ହୁଅନ୍ତୁ ନାହିଁ:** ଜୀବନରେ ଏମିତି କିଛି ମୁହୂର୍ତ୍ତ ଆସିଥାଏ , ଯେତେବେଳେ ତୁରନ୍ତ ଠିକ୍ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏହି ସମୟରେ ଯଦି ବ୍ୟସ୍ତ ହୋଇପଡ଼ିବେ କିମ୍ବା ଏହାକୁ ନେଇ ବିଭିନ୍ନ ନକାରାତ୍ମକ ଚିନ୍ତାଧାରା ମନକୁ ଆସିଲା ତେବେ ତାହା ଅସୁବିଧା ସୃଷ୍ଟିକରେ। ଖାସ୍ କରି ଏହି ସମସ୍ୟା କେବଳ କର୍ମଜୀବୀଙ୍କ କ୍ଷେତ୍ରରେ ନୁହେଁ, ଗୃହିଣୀମାନେ ମଧ୍ୟ ଏଭଳି ପରିସ୍ଥିତିର ସାମ୍ନା କରିଥାଆନ୍ତି। ଏହି ସମୟରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ। ନିଷ୍ପତ୍ତି ନେବା ବେଳେ ନିଜର ଆତ୍ମବିଶ୍ୱାସ ଦୃଢ଼ ହେବା ନିହାତି ଦରକାର। କାରଣ ତାହାକୁ ହିଁ ଆଧାରକରି ଆପଣ ଠିକ୍ ନିଷ୍ପତ୍ତି ନେଇପାରିବେ।

**ତରବର ହୁଅନ୍ତୁ ନାହିଁ:** ଏମିତିରେ ଆପଣ ତରବର ହୋଇ ଯଦି ନିଷ୍ପତ୍ତି ନିଅନ୍ତି ତେବେ ହୁଏତ ଏ ନେଇ ପରେ ପଶ୍ଚାତାପ କରିବାକୁ ପଡ଼ିଥାଏ। ଏଥିପାଇଁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ତାକୁ ଭଲଭାବେ ବୁଝିବା ଆବଶ୍ୟକ। କେବେ ବି ତରବର ହୁଅନ୍ତୁ ନାହିଁ। ନିଜ ଲାଇଫ୍‌ର ଯାହା ବି ନିଷ୍ପତ୍ତି ନିଅନ୍ତି , ତା' ଉପରେ ଆପଣଙ୍କ ଭବିଷ୍ୟତ ନିର୍ଭର କରିଥାଏ। ତେଣୁ ଜୀବନରେ ନିଷ୍ପତ୍ତିନେବା ସମୟରେ ବୁଝିବିଚାରି ଆଗାନ୍ତୁ।

**ନିଜ ଲକ୍ଷ୍ୟ ବୁଝନ୍ତୁ :** ଯେତେବେଳେ ଆପଣଙ୍କୁ କୌଣସି ପରିସ୍ଥିତିରେ ନିଷ୍ପତ୍ତି ନେବାର ଥିଲେ ଶେଷରେ ଏହାର ପରିଣତି କ'ଣ ହେବ ତା' ବିଷୟରେ ଜାଣିନେବା ମଧ୍ୟ ଜରୁରୀ। ପ୍ରଥମେ ଆପଣଙ୍କ ଲକ୍ଷ୍ୟ ସ୍ଥିର କରନ୍ତୁ। ଏହାପରେ ତାହାକୁ ସଫଳ କରିବାକୁ ଯୋଜନା ପ୍ରସ୍ତୁତ କରନ୍ତୁ। ତେବେ ଏହି ଯୋଜନାକୁ ଠିକ୍ ଭାବରେ ରୂପାୟନ କରିପାରିଲେ ଆପଣ ନିଜ ଲକ୍ଷ୍ୟ ହାସଲ କରିପାରିବେ। ଏଥିପାଇଁ ସବୁବେଳେ ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ।





**ଫାଇଦା-କ୍ଷତିର ତର୍ଜମା କରନ୍ତୁ:** ଯଦି ଥରେ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି ତା'ର ଫାଇଦା ଏବଂ କ୍ଷତି ବିଷୟରେ ମଧ୍ୟ ଜାଣିବା ଜରୁରୀ। କୌଣସି ବିଷୟରେ ଯଦି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି, ତେବେ ସେଗୁଡିକୁ ନିଜ ଡାଏରୀରେ ଲେଖି ରଖନ୍ତୁ। ଥଣ୍ଡା ମୁଣ୍ଡରେ ସେଗୁଡିକୁ ଭଲ ଭାବରେ ତର୍ଜମା କରନ୍ତୁ। ତାହାକୁ କିପରି ଅନୁସରଣ କରିବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖିବା ନିହାତି ଦରକାର। ଆପଣ ଯାହା କରିବାକୁ ଚାହୁଁଛନ୍ତି ତାହାର ଫଳାଫଳ କ'ଣ ହେବ ବେଶ୍ ପୂର୍ବରୁ ଥରେ ଚିନ୍ତା କରନ୍ତୁ।

**ସହଯୋଗ:** ଯଦି ଆପଣ କୌଣସି ନିଷ୍ପତ୍ତିକୁ ନେଇ ଅଡୁଆରେ ପଡ଼ିଛନ୍ତି ତେବେ ଆପଣଙ୍କୁ ସେହି ବିଷୟରେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିପାରନ୍ତି। କାରଣ ସେଭଳି ସମୟରେ ହୁଏତ ସେମାନଙ୍କର କେଇପଦ କଥା ଆପଣଙ୍କୁ ଠିକ୍ ରାସ୍ତାରେ ଆଗେଇ ନେବ। ଯଦି କେହି ଏହି ସମୟରେ ସହଯୋଗର ହାତ ବଢ଼ାଉଛନ୍ତି ତେବେ ତାହାର ତାତ୍ପର୍ଯ୍ୟ ବିଷୟରେ ଭଲଭାବରେ ଚିନ୍ତାକରନ୍ତୁ। ନିଜ ନିଷ୍ପତ୍ତି ବିଷୟରେ ଅନ୍ୟମାନଙ୍କ ଟିପ୍ସଗୁଡ଼ିକ ଯେ ସବୁ ଭୁଲ୍ ସେଭଳି ଭାବନା ମନରେ ଆଣନ୍ତୁ ନାହିଁ। ହୁଏତ ତା' ଭିତରେ ଆପଣଙ୍କ ନିଷ୍ପତ୍ତିର ମଞ୍ଜି କଥା ଲୁଚି ରହିଥାଇପାରେ। କିନ୍ତୁ ଯଦି ଭାବୁଛନ୍ତି କି ଆପଣ ଯେଉଁ ନିଷ୍ପତ୍ତି ନେଉଛନ୍ତି ସେ ନେଇ କାହା ସହ ଆଲୋଚନା କରିବା ନିହାତି ଜରୁରୀ, ତେବେ ଏ ନେଇ ବିଳମ୍ବ କରିବା ଠିକ୍ ନୁହେଁ। ଯାହା ସହ ଆଲୋଚନା କରୁଛନ୍ତି ତାଙ୍କର ସହାୟତା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଭଲ ଭାବରେ ଚିନ୍ତା କରନ୍ତୁ ।

**ଛୋଟ ନିଷ୍ପତ୍ତିରୁ କରନ୍ତୁ ଆରମ୍ଭ :** ଏହାର ଆରମ୍ଭ ଆପଣ ଛୋଟ ଛୋଟ ନିୟମରୁ ଆରମ୍ଭ କରନ୍ତୁ। ଯେମିତିକି ଶପିଂ କରିବା ସମୟରେ, ରୋଷେଇ କରିବା ସମୟରେ, ସାଙ୍ଗମାନଙ୍କ ମଧ୍ୟରେ। ଏହିପରି ଆପଣଙ୍କର ନିଜର ଆତ୍ମବିଶ୍ୱାସ ବଢ଼ିବ। ଏହିପରି ଆପଣଙ୍କ ନିର୍ଣ୍ଣୟ ନେବାର କ୍ଷମତା ଖୁବ୍ ଶୀଘ୍ର ବଢ଼ିଚାଲିବ। ଏହି ସହଜ ଉପାୟ ନିଜ ଡିସିସନ୍ ମେକିଂ ସ୍କିଲ୍‌କୁ ସହଜରେ ସୁଧାରିପାରିବ।

**ଭାବପ୍ରବଣତା:** କୌଣସି ନିଷ୍ପତ୍ତି ନେବା ସମୟରେ ଗୋଟିଏ କଥା ମନେରଖିବା ନିହାତି ଦରକାର। ଏହି ସମୟରେ କଦାପି ଭାବପ୍ରବଣ ହୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ହୁଏତ ଆପଣ ଏଭଳି ନିଷ୍ପତ୍ତି ନେବେ ଯାହା ପରବର୍ତ୍ତୀ ସମୟରେ ଆପଣଙ୍କ ଜୀବନକୁ ପ୍ରଭାବିତ କରିପାରେ। ତେଣୁ ନିଷ୍ପତ୍ତି ନେବା ସମୟରେ ଭାବପ୍ରବଣତା ଠାରୁ ନିଜକୁ ଦୂରେଇରଖନ୍ତୁ। ମାନସିକତା ଏଭଳି ରହିଲେ ତାହା ଦ୍ୱାରା ଆପଣ ସବୁବେଳେ ଭୁଲ୍ ନିଷ୍ପତ୍ତି ନେବା ସମ୍ଭାବନା ରହିଛି। ଏଥିପାଇଁ ପ୍ରଥମେ ମନକୁ ଶାନ୍ତ ରଖନ୍ତୁ, ନିଜ ଭାବନାକୁ ନିୟନ୍ତ୍ରିତ କରନ୍ତୁ ଏବଂ ଏହା ପରେ ନିଷ୍ପତ୍ତି ନିଅନ୍ତୁ।

**ପ୍ରାଥମିକତାକୁ ବୁଝନ୍ତୁ:** ଯଦି ଆପଣ ଏକା କୌଣସି ନିଷ୍ପତ୍ତି ନେଉଛନ୍ତି ତେବେ ପ୍ରଥମେ ନିଜର ପ୍ରାଥମିକତାକୁ ଦୃଷ୍ଟି ଦିଅନ୍ତୁ। ଫଳରେ କୌଣସି ନିଷ୍ପତ୍ତି ନେବାରେ ଆପଣଙ୍କୁ ଏତେଟା ଅସୁବିଧାର ସାମ୍ନା କରିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ଆପଣଙ୍କର କୌଣସି କାମ ଯେପରି ପ୍ରଭାବିତ ନ ହେବ ସେ ନେଇ ସ୍ୱତନ୍ତ୍ର ଭାବରେ ଧ୍ୟାନଦିଅନ୍ତୁ। ଯେ କୌଣସି ନିଷ୍ପତ୍ତି ନେଇ ଆଗେଇବା ପୂର୍ବରୁ ସେ ବିଷୟରେ ଗଭୀର ଭାବରେ ଚିନ୍ତା କରନ୍ତୁ।



ଫ୍ୟାଶନ

## କିପରି ଦେଖାଯିବେ ଷ୍ଟାଇଲିଶ୍

**ଝିଅମାନେ ସବୁବେଳେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି । ଏହା ସହ କମ୍ଫର୍ଟ ପ୍ରତି ମଧ୍ୟ ଧ୍ୟାନଦେବା ଆବଶ୍ୟକ। କାରଣ ଲେଡିଜ୍‌ଙ୍କୁ ଶପିଂରେ ଅଧିକ ସମୟ ଲାଗିଥାଏ, ଯେଉଁ କାରଣରୁ ସେମାନେ ଅଧିକ ଥକିଯାନ୍ତି। ଯଦି ଆପଣ ଶପିଂ ଲାଗି ମୋଟା ଏବଂ ଷ୍ଟାଇଲିଶ୍ କପଡ଼ା ପିନ୍ଧିଯାଉଛନ୍ତି ତେବେ ଆପଣଙ୍କୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଜାଣନ୍ତୁ , ଏ ସମ୍ପର୍କରେ କେତୋଟି ଟିପ୍ସ....**



**ଲୁଜ୍ କପଡ଼ା ପିନ୍ଧନ୍ତୁ**

ଯଦି ଖରାବେଳେ ଶପିଂ କରିବାକୁ ଯାଉଛନ୍ତି ତେବେ ଟାଇଟ୍ ଫିଟିଂ କପଡ଼ା ପିନ୍ଧନ୍ତୁ ନାହିଁ। ଏହାଦ୍ୱାରା ଆପଣ ନିଜେ କମ୍ଫର୍ଟେବଲ ରହି ଶପିଂ କରିପାରିବେ ନାହିଁ। ଟାଇଟ୍ ହୋଇ ରହୁଥିବା କପଡ଼ା କାରଣରୁ ଆପଣଙ୍କ ଦେହ କୁଣ୍ଡାଇହେବା ,ଝାଳ ବାହାରିବା ଆଦି ସମସ୍ୟା ଦେଖାଯାଇପାରେ। ଏହା ଯୋଗୁ ଆପଣଙ୍କୁ ଆଲର୍ଜି ସମସ୍ୟା ଦେଖାଯାଇଥାଏ।

**ଲୁଜ୍ ଟପ୍ ଏବଂ ଜିନ୍ସ ପିନ୍ଧନ୍ତୁ**

ଢିଲା କପଡ଼ାକୁ ନେଇ ଆଜିକାଲି ବହୁତ ଫ୍ୟାଶନ ଚାଲିଛି। ଏହା ଫ୍ୟାଶନେବଲ ହେବା ସହ କମ୍ଫର୍ଟେବୁଲ୍ ହୋଇଥାଏ। ଶପିଂ ଯିବାର ଥିଲେ କିମ୍ବା ଅନ୍ୟ କେଉଁଠିକି ତେବେ ଏହିଭଳି ଡ୍ରେସ୍ ପିନ୍ଧିପାରିବେ।

**ମ୍ୟାକ୍ସି ଡ୍ରେସ୍**

ମ୍ୟାକ୍ସି ଡ୍ରେସ୍ ବି ମହିଳାଙ୍କୁ ବେଶ୍ ପସନ୍ଦ। ଏହାକୁ କେତେଜଣ ମହିଳା ଘରେ ପିନ୍ଧୁଛନ୍ତି ତ ଆଉ କେତେକେ ଏହାକୁ ସ୍ନିକର୍ସ ସହ ପିନ୍ଧୁଛନ୍ତି। ଏହାଦ୍ୱାରା ସେମାନେ ଫ୍ୟାଶନେବଲ ନଜର ଆସୁଛନ୍ତି। କୌଣସି ଟୁର୍ ହେଉ କି ଅଧିକ ବାଟ ଚାଲିବାର ଥିଲେ ଏହିଭଳି ମ୍ୟାକ୍ସି ଡ୍ରେସ୍ ପିନ୍ଧିବା ଦ୍ୱାରା ଆପଣ କମ୍ଫର୍ଟେବଲ ଫିଲ୍ କରିବେ।

## ଘର ଡଷ୍ଟବିନ୍‌ରୁ ଦୁର୍ଗନ୍ଧ ଆସୁଥିଲେ..



**ସମସ୍ତଙ୍କ ଘରେ ପ୍ରାୟ ଡଷ୍ଟବିନ୍ ଅଛି। କାରଣ ଘରର ସବୁ ଅଳିଆ ଏଥିରେ ପକାଯାଇଥାଏ। ଏହି ସମୟରେ ଏଥିରୁ ପ୍ରାୟ ଦୁର୍ଗନ୍ଧ ମଧ୍ୟ ବାହାରିଥାଏ। ଏହା ପ୍ରତିଦିନ ଧୂଆ ହୋଇଥିଲେ ସୁଦ୍ଧା ଏଥିରୁ ଦୁର୍ଗନ୍ଧ ହୋଇଥାଏ। ଦୁର୍ଗନ୍ଧ ହେବାର କେତେକ କାରଣ ହୋଇପାରେ । ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...**

- ଆପଣଙ୍କ ଘରେ ସବୁବେଳେ ୨ ପ୍ରକାର ଡଷ୍ଟବିନ୍ ରଖିବା ଆବଶ୍ୟକ। ପ୍ରଥମଟି ହେଲା ଓଦା ଏବଂ ଆଉ ଗୋଟେ ଶୁଖିଲା।
- ଯଦି ଆପଣ ଓଦା ଥିବା ଚା' ପତିକୁ ଡଷ୍ଟବିନ୍‌ରେ ଫିଙ୍ଗି ଦେଉଛନ୍ତି ତେବେ ଏହାଦ୍ୱାରା ଡଷ୍ଟବିନ୍ ମଧ୍ୟ ଦୁର୍ଗନ୍ଧ ହୋଇଥାଏ। ପ୍ରଥମେ ଚା' ପତିକୁ ପାଣିରେ ଭଲଭାବେ ଧୋଇଦେବା ଆବଶ୍ୟକ ଏବଂ ଏହାକୁ ଓଦା ଡଷ୍ଟବିନ୍‌ରେ ଅଲଗା ରଖିବା ଆବଶ୍ୟକ।
- ଯଦି କିଛି ଖାଦ୍ୟ ବଳି ପଡ଼ୁଛି ତାକୁ ଡଷ୍ଟବିନ୍‌ରେ ପକାନ୍ତୁ ନାହିଁ। ଏହାକୁ ବାହାରେ ଗୋଟେ ପାତ୍ରରେ ରଖି ଦିଅନ୍ତୁ ଯାହାକୁ ଚଢ଼େଇ, କୁକୁର ଏବଂ ଗୋରୁ ମଧ୍ୟ ଖାଇପାରିବେ।
- ଡଷ୍ଟବିନ୍‌ରେ ଅଳିଆ ପକାଇବା ସମୟରେ କେବେ ବି ପାଣି ସହ ପକାନ୍ତୁ ନାହିଁ , ଏହାଦ୍ୱାରା ଘର ଦୁର୍ଗନ୍ଧ ହେବ।
- ଖାଦ୍ୟ ହେଉ କି କୌଣସି ଫୁଟ୍ସର ଚୋପା ଏହାକୁ ସଙ୍ଗେ ସଙ୍ଗେ କୌଣସି ଗଛମୂଳରେ ଦେଇ ଦିଅନ୍ତୁ। ଏହା ସିଧାସଳଖ ଡଷ୍ଟବିନ୍‌ରେ ପକାନ୍ତୁ ନାହିଁ। ଏହାଦ୍ୱାରା ଏଥିରେ ପୋକ ଲାଗିବା ସହ ଦୁର୍ଗନ୍ଧ ହେବ।

ସୌନ୍ଦର୍ଯ୍ୟ

## ଗ୍ଲୋଇଂ ସ୍କିନ୍ ପାଇଁ

**ଗ୍ଲୋଇଂ ସ୍କିନ୍ ପାଇବାକୁ ହେଲେ ତ୍ୱଚାରେ ଫେସିଆଲ୍, କ୍ଲିନ୍‌ଅପ୍ ଆଦକି କରିବାକୁ ପଡିଥାଏ। କିନ୍ତୁ ଏହି ଗ୍ଲୋଇଂ ସ୍କିନ୍ ପାଇବାକୁ ହେଲେ କିଛି ବେସିକ୍ ଟିପ୍ସ ଫଲୋ କରିପାରିବେ ...**



- ଯଦି ଆପଣ ପ୍ରତିଦିନ ମୁହଁକୁ ସଫା କରୁନାହାନ୍ତି, ତେବେ ଏହା ଏକ ଖରାପ ଅଭ୍ୟାସ। ମୁହଁ ପ୍ରତିଦିନ ସଫା ନ କରିବା ଦ୍ୱାରା ମୁଖବ୍ରଣ ଆଦି ସମସ୍ୟା ଦେଖାଯାଇପାରେ। ସ୍କିନ୍‌ରେ ଗ୍ଲୋ ପାଇବାକୁ ହେଲେ ସକାଳୁ ଉଠି ନିଜ ମୁହଁକୁ ଭଲ ଭାବେ ସଫା କରିବା ଆବଶ୍ୟକ।
- ମୁହଁକୁ ଧୋଇବାକୁ ହେଲେ ସାବୁନ୍ ବ୍ୟବହାର କରନ୍ତୁ ନାହିଁ। ଏହା ସ୍କିନ୍‌କୁ କ୍ଷତି ପହଞ୍ଚାଇଥାଏ। ଆପଣ ଏହା ବଦଳରେ ମୁହଁରେ ବେସନକୁ ବ୍ୟବହାର କରିପାରିବେ। ଏହା ତ୍ୱଚାରେ କ୍ଲିଞ୍ଜର ରୂପେ କାମ କରିଥାଏ ।
- ମୁହଁକୁ ସଫାକରିବା ପରେ ଫେସ୍‌ପ୍ୟାକ୍ ଲଗାଇବା ଆବଶ୍ୟକ। ପ୍ୟାକ୍ ତ୍ୱଚା ଲାଗି ଲାଭକାରୀ ହୋଇଥାଏ। ଆପଣଙ୍କୁ ବଜାରର ଫେସ୍‌ପ୍ୟାକ୍ ଆବଶ୍ୟକତା ନାହିଁ। ଆପଣ ଘରେ ଏହା ପ୍ରସ୍ତୁତ କରିପାରିବେ।
- ଗ୍ଲୋଇଂ ତ୍ୱଚା ପାଇବାକୁ ହେଲେ ମୁଲ୍‌ତାନି ମାଟି ବ୍ୟବହାର କରିପାରିବେ। ଏହା ତ୍ୱଚାରେ ଲହୁଣି ପରି କାମ କରିଥାଏ। ଯଦି ଆପଣଙ୍କ ସ୍କିନ୍ ଡ୍ରାଏ ତେବେ ମହୁ ସହ ମୁଲ୍‌ତାନି ମାଟି ମିଶାଇ ଲଗାନ୍ତୁ। ମୁହଁକୁ ଭଲଭାବେ ସଫା କରିସାରିଲା ପରେ ପ୍ୟାକ୍ ଲଗାନ୍ତୁ। ଏହାକୁ କିଛି ସମୟ ଲଗାଇ ରଖିଲା ପରେ ଥଣ୍ଡା ପାଣିରେ ଭଲଭାବେ ଧୋଇଦିଅନ୍ତୁ।
- ତ୍ୱଚାକୁ ମୁଲାୟମ ରଖିବାକୁ ହେଲେ ଟୋନର ଭଲ କାମ ଦେଇଥାଏ। ତ୍ୱଚା ପାଇଁ ଗୋଲାପ ଟୋନର ଭଲ କାମ ଦେଇଥାଏ। ମୁହଁରେ ଟୋନର ଲଗାଇବା ପରେ ଏହା ତ୍ୱଚାକୁ ଫ୍ରେଶ୍ ଲୁକ୍ ଦେଇଥାଏ।
- ତ୍ୱଚାରେ କେମିକାଲଭିତ୍ତିକ କ୍ରିମ୍ ଲଗାନ୍ତୁ ନାହିଁ। ମାଇଲ୍ଡ କ୍ଲିଞ୍ଜର ସାହାଯ୍ୟରେ ତ୍ୱଚାକୁ ଧୁଅନ୍ତୁ।
- ଗରମ ପାଣିରେ ମୁହଁ ଧୁଅନ୍ତୁ ନାହିଁ। ଏପରି କରିବା ଦ୍ୱାରା ତ୍ୱଚା ଅଧିକ ଡ୍ରାଏ ହୋଇଯାଏ।
- ପ୍ରତିଦିନ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ। ଏହା ତ୍ୱଚାକୁ ସନ୍ ଟ୍ୟାନ୍ ଭଳି ସମସ୍ୟାରୁ ରକ୍ଷା କରିଥାଏ।

ଖାଦ୍ୟରୁଚି

## ପନୀର ଫିଙ୍ଗର୍ସ

**ଆବଶ୍ୟକ ସାମଗ୍ରୀ**

ପନୀର ୨୫୦ଗ୍ରାମ୍, ମଇଦା ଅଧା କପ୍, କର୍ନଫ୍ଲୋର ୧ ଚାମଚ, କଶ୍ମୀରୀ ମିର୍ଚ୍ଚ ପାଉଡର ୧ ଚାମଚ, ଗୋଲମରିଚ ପାଉଡର ୧ ଚାମଚ, ଚାର୍ଟ ମସଲା ୧ ଚତୁର୍ଥାଂଶ, ହଳଦୀ ୩ ଚତୁର୍ଥାଂଶ ,ଛାଣିବା ଲାଗି ତେଲ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ପନୀର ଫିଙ୍ଗର୍ସ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପନୀରକୁ ନିଅନ୍ତୁ। ଏହାକୁ ଫିଙ୍ଗର୍ସ ଆକାରରେ କାଟି ଦିଅନ୍ତୁ। ଏହାପରେ ଏକ ବଡ଼ ପାତ୍ର ନେଇ କଟାହୋଇଥିବା ପନୀରକୁ ପକାଇ ସେଥିରେ କଶ୍ମୀରୀ ଚିଲି ପାଉଡର,ଗୋଲମରିଚ ପାଉଡର,ଚାଟ ମସଲା ,ଅଳ୍ପ ପରିମାଣରେ ଲୁଣ ପକାଇ ସବୁ ମସଲାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପନୀରକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମାରିନେଟ୍ ହେବାକୁ ଛାଡ଼ି ଦିଅନ୍ତୁ। ଏହା ଭିତରେ ଅନ୍ୟ ଏକ ପାତ୍ରରେ ମଇଦା ପକାନ୍ତୁ ,କର୍ନଫ୍ଲୋର ପାଉଡର ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଅଳ୍ପ ପରିମାଣର ଲୁଣ ଓ ପାଣି ମିଶାଇ ବେଟର ପ୍ରସ୍ତୁତ କରନ୍ତୁ। ଏବେ ଏହି ବେଟରରେ ପନୀରକୁ ପକାଇ ତେଲରେ ଛାଣନ୍ତୁ। ଏହା ଡିପ୍ ଫ୍ରାଏ ହେଲା ପରେ ଏହାକୁ ଟମାଟୋ ଶସ୍ ଏବଂ ଗ୍ରିନ୍ ଚଟଣୀ ସହିତ ଖାଇପାରିବେ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୪/୨୦୨୪ Bhubaneswar, Tuesday, September 24/ 2024



ପଦକ ଓ ପୁରସ୍କାର ସହ ଉଲ୍ଲସିତ ବୁଦାପେଷ୍ଟ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଓ ପୁରୁଷ ଦଳ।

# ‘ଚମତ୍କାର ଅନୁଭବ, ସ୍ୱପ୍ନ ସାକାର’

**ନୂଆଦିଲ୍ଲୀ, ୨୩।୯ (ପି.ଟି.)**

ଭାରତୀୟ ମହିଳା ଓ ପୁରୁଷ ଦଳ ପ୍ରଥମଥର ପାଇଁ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏଥିପାଇଁ ଦେଶର ଚେସ୍ ମହଲରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷର ଶେଷ ଭାଗରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବାକୁ ଯାଉଥିବା ଡି. ଗୁକେଶ ଭାରତୀୟ ପୁରୁଷ ଦଳର ନେତୃତ୍ୱ ନେଇ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଅପରାଜେୟ ରହି ଦଳଗତ ସ୍ୱର୍ଣ୍ଣ ସହ ବ୍ୟକ୍ତିଗତ ଟପ୍ ବୋର୍ଡରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ‘ଏହା ଏକ ଚମତ୍କାର ଅନୁଭବ, ସ୍ୱପ୍ନ ସାକାର ହୋଇଛି’ ବୋଲି ପ୍ରକାଶ କରିଛନ୍ତି ଗୁକେଶ। ୧୮ ବର୍ଷୀୟ ଗୁକେଶ ଚେସ୍ ଇତିହାସରେ ସର୍ବକନିଷ୍ଠ ପ୍ରତିଯୋଗୀଭାବେ ଆଗାମୀ ନଭେମ୍ବରରେ ଚାଇନାର ଡିଙ୍ଗ ଲିରେନଙ୍କୁ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବେ। ‘ମୁଁ ଏବେ ଅତ୍ୟନ୍ତ ଖୁସି’ ବୋଲି ରବିବାର ଅଲିମ୍ପିଆଡ୍‌ର ଶେଷ ରାଉଣ୍ଡରେ ଜିଆଣ୍ଟ-କିଲର ସ୍ଲୋଭେନିଆର ଭ୍ଲାଡିମିର ଫେଡୋସିଭଙ୍କୁ ହରାଇବା ପରେ ପ୍ରକାଶ କରିଥିଲେ ଗୁକେଶ। ୧୦ ଗେମ୍ ଖେଳି ୯ ପଏଣ୍ଟ ହାସଲ କରିଥିଲେ ଗୁକେଶ। ଏହା ମଧ୍ୟରେ ୮ ବିଜୟ ଓ ୨ ଡ୍ର ସାମିଲ ଥିଲା। ତାଙ୍କର ଏହି ପ୍ରଦର୍ଶନ ଭାରତକୁ ସମ୍ଭାବ୍ୟ ୨୨ରୁ ୨୧ ପଏଣ୍ଟ ହାସଲ କରିବାରେ ବିଶେଷ ସହାୟକ ହୋଇଥିଲା। ଗତ ଅଲିମ୍ପିଆଡ୍ ବିଜେତା ଉଜବେକିସ୍ତାନ ବିପକ୍ଷରେ କେବଳ ଭାରତୀୟ ପୁରୁଷ ଦଳ ଡ୍ର ରଖିଥିଲା। ‘‘ବ୍ୟକ୍ତିଗତଭାବେ ଏହା ମୋ ପାଇଁ ଏବଂ ଦଳ ଲାଗି ଏକ ସୁନ୍ଦର ଅନୁଭବ। ସ୍ୱପ୍ନ ସାକାର ହୋଇଛି’’ ବୋଲି ଅଲିମ୍ପିଆଡ୍‌ର ଅନ୍ତିମ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଗୁକେଶ।

ପୁରୁଷ ଦଳର ସଫଳତାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ବୋର୍ଡ-୩ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଅର୍ଜୁନ ଇରିଗାସି ପୂରା ୧୧ଟି ମ୍ୟାଚ ଖେଳି ୧୦ ପଏଣ୍ଟ ହାସଲ କରିଥିଲେ। ଲାଇଭ୍ ୱାର୍ଲ୍ଡ ର୍ୟାଙ୍କିଙ୍ଗ୍‌ରେ ସେ ଏବେ ନରୱେର ମ୍ୟାଗ୍ନସ କାର୍ଲସେନ ଓ ଆମେରିକାର ହିକାରୁ ନାକାମୁରାଙ୍କ ପଛକୁ ୩ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ୨୭୯୭ ରେଟିଂ ପଏଣ୍ଟରେ ଥିବା ଅର୍ଜୁନ ମ୍ୟାଜିକ୍ ୨୮୦୦ ରେଟିଂ ସ୍ପର୍ଶ କରିବାଠାରୁ ମାତ୍ର ୩ ପଏଣ୍ଟ ଦୂରରେ ରହିଛନ୍ତି। ର୍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ ଥିବା ନାକାମୁରାଙ୍କଠାରୁ ସେ ମାତ୍ର ୫ ପଏଣ୍ଟ ପଛରେ ଅଛନ୍ତି। ମାତ୍ର କାର୍ଲସେନ ୨୮୩୦ ପଏଣ୍ଟ ସହ ବହୁ ଆଗରେ ରହିଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିଲେ ମଧ୍ୟ ସେ ଏହାକୁ ସେତେ ଗୁରୁତ୍ୱ ଦେଉ ନାହାନ୍ତି। ‘‘ଏହା ଏକ ସୁନ୍ଦର ଅନୁଭବ, ମାତ୍ର ୧୦ରୁ ୧୫ ସମାନ ଦକ୍ଷତାସମ୍ପନ୍ନ ଖେଳାଳି ରହିଛନ୍ତି। ତେଣୁ ୩ ନମ୍ବର ହେଉ କି ୪ ର୍ୟାଙ୍କିଙ୍ଗ୍ ସମ୍ପର୍କରେ ମୁଁ ବିଶେଷ କିଛି ଭାବୁନି’’ ବୋଲି ସେ ପ୍ରକାଶ କରିଛନ୍ତି। ଅର୍ଜୁନ ଭାରତୀୟ ଦଳର ସବୁଠାରୁ ଉଚ୍ଚ ର୍ୟାଙ୍କପ୍ରାପ୍ତ ଖେଳାଳି ହୋଇଥିଲେ ମଧ୍ୟ ଟପ୍ ବୋର୍ଡରେ ନ ଖେଳି କାହିଁକି ୩ ନମ୍ବର ବୋର୍ଡରେ ଖେଳିଥିଲେ ତାହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ରହିଛି। ମାତ୍ର ଏହା ଦଳୀୟ ରଣନୀତିର ଅଂଶବିଶେଷ ଥିଲା ବୋଲି ଇରିଗାସି ସ୍ପଷ୍ଟ କରିଛନ୍ତି। ‘‘ଆମେ ଭାବିଲୁ ଗୁକେଶ ବୋର୍ଡ-୧ରେ ଭଲ ଖେଳିବେ ଏବଂ ମୁଁ ବୋର୍ଡ-୩ରେ ପ୍ରଭାବୀ ରହିପାରିବି। ଏହା କିନ୍ତୁ ବଢ଼ିଆ କାମଦେଲା ସେଥିପାଇଁ ଅନୁଶୋଚନା ନାହିଁ’’ ବୋଲି ସେ କହିଛନ୍ତି।

ଉଭୟ ଗୁକେଶ ଓ ଇରିଗାସି ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଆଉ ଜଣେ ଭାରତୀୟ ଖେଳାଳି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ହେଉଛନ୍ତି ଭିଡିଥ ସନ୍ତୋଷ ଗୁଜରାଠି। ଗୁଜରାଠି ୧୦ ଗେମ୍ ଖେଳି ୭.୫ ପଏଣ୍ଟ ହାସଲ କରିଥିଲେ। ମାତ୍ର ପରଫର୍ମାନ୍ସ ରେଟିଂରେ ବୋର୍ଡ-୪ରେ ୪ ନମ୍ବର ସ୍ଥାନରେ ରହି ଯାଇଥିଲେ। ଆର. ପ୍ରଜ୍ଞାନନ୍ଦଙ୍କ ପ୍ରଦର୍ଶନ ଯଦିଓ ଆଶାନୁରୂପ ହୋଇ ନ ଥିଲା ତେବେ ପରଫେକ୍ଟ ଆଙ୍କର ଭୂମିକା ନିର୍ବାହ କରିଥିଲେ। ବିଶେଷ କରି ୯ମ ଗେମ୍ ପର୍ଯ୍ୟନ୍ତ ଦଳକୁ ସ୍ଥିର ପୋଜିଶନରେ ରଖିବାରେ ସେ ବଡ଼ ଦାୟିତ୍ୱ ତୁଲାଇଥିଲେ। ପୂରା ଟୁର୍ନାମେଣ୍ଟରେ ସେ ଏକମାତ୍ର ଆମେରିକାର ୱେସଲି ସୋ’ଙ୍କଠାରୁ ହାରିଥିଲେ। ମାତ୍ର ପରବର୍ତ୍ତୀ ଗେମ୍‌ରେ ବିଜୟୀ ହୋଇ ଭାରତକୁ ସ୍ୱର୍ଣ୍ଣ ବିଜେତା କରିବାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଏହି ଯୁବ ଖେଳାଳିଙ୍କ ଦକ୍ଷତାକୁ ପ୍ରତିପାଦିତ କରୁଛି।

ଟିମ୍ କ୍ୟାପ୍‌ଟେନ ଏନ. ଶ୍ରୀନାଥ ସ୍ୱାଭାବିକଭାବେ ଉଲ୍ଲସିତ ହୋଇଛନ୍ତି। ‘‘ସମସ୍ତ ଖେଳାଳି ପେସାଦାର ହୋଇଥିବାରୁ ସେମାନଙ୍କୁ ବିଶେଷ ପରାମର୍ଶ ଦେବା ଆବଶ୍ୟକ ପଡ଼ି ନ ଥିଲା। କ’ଣ କରିବାକୁ ଆବଶ୍ୟକ ସେମାନେ ଭଲଭାବେ ଜାଣିଥିଲେ। କେବଳ ସେମାନଙ୍କୁ ଏକାଠି କରି କେତେକ ଅଭ୍ୟାସ କରାଇବା ଏବଂ ସେମାନଙ୍କ ପଛରେ ଛିଡ଼ାହୋଇ ଖେଳକୁ ଅନୁଧ୍ୟାନ କରିବାକୁ ପଡ଼ିଥିଲା’’ ବୋଲି ଶ୍ରୀନାଥ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ପ୍ରକୃତ ସେଲିବ୍ରେଶନ କିଛିଦିନ ମଧ୍ୟରେ ଅନୁଷ୍ଠିତ ହେବ। ତେବେ ବିଶ୍ୱରେ ଯେ ଭାରତ ଏବେ ଚେସ୍‌ର ପାୱାର ହାଉସ ଏଥିରେ କୌଣସି ଦ୍ୱିଧା ନ ଥିବା ଏହି ଅଲିମ୍ପିଆଡ୍‌ରୁ ପ୍ରମାଣ ମିଳିଛି। ରବିବାର ଟିମ୍ ବୈଠକ ହୋଇଥିଲା। ଆମେ ଏବେ ସେଲିବ୍ରେଶନ ମୁଡ୍‌ରେ ଅଛୁ। ଆମେ ଯଦି ଅନ୍ତିମ ମ୍ୟାଚ ହାରିଥାନ୍ତୁ ଟାଇବ୍ରେକ୍‌ର ସୁଯୋଗ ଥିଲା। ମାତ୍ର ଆମେ ବିଜୟୀ ହେବାକୁ ଚେଷ୍ଟା କରିଥିଲୁ। ଖୁସି ଲାଗୁଛି ଯେ ମୁଁ ଏବଂ ଅର୍ଜୁନ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିପାରିଲୁ। ଆମେ ଏବେ ରିଲାକ୍ସ ଅନୁଭବ କରୁଛୁ’’ ବୋଲି ଗୁକେଶ କହିଛନ୍ତି। ଭାରତୀୟ ପୁରୁଷ ଦଳ ପୂର୍ବରୁ ୨୦୧୪ ଓ ୨୦୨୨ରେ ଦୁଇଥର ବ୍ରୋଞ୍ଜ ପଦକ ହାସଲ କରିଥିଲା। ଚେସ୍ ଅଲିମ୍ପିଆଡ୍‌ରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା।



ବ୍ୟକ୍ତିଗତ ବୋର୍ଡରେ ସ୍ୱର୍ଣ୍ଣ ପଦକ ବିଜୟୀ ଡି. ଗୁକେଶ, ଅର୍ଜୁନ ଇରିଗାସି, ଭାନ୍ତିକା ଅଗ୍ରୱାଲ ଓ ଦିବ୍ୟା ଦେଶମୁଖ।

# ଧାୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଗୁଜରାଟ ପରାସ୍ତ

**ଯୋଧପୁର, ୨୩।୯**





ମନନ ଶର୍ମାଙ୍କ ୬ ଉଇକେଟ ସଫଳତା ଏବଂ ଅଧିନାୟକ ଶିଖର ଧାୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଗୁଜରାଟ ଗ୍ରେଟ୍ସ ଲିଜେଣ୍ଡ୍ସ ଲିଗ୍‌ର ସୋମବାର ମ୍ୟାଚରେ ସଦର୍ନ ସୁପର ଷ୍ଟାର୍ସ ନିକଟରୁ ହାରି ଯାଇଛି। ସ୍ଥାନୀୟ ବର୍କତୁଲ୍ଲା ଖାଁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସଦର୍ନ ସୁପର ଷ୍ଟାର୍ସ ୨୬ ରନରେ ଗୁଜରାଟ ଗ୍ରେଟ୍ସକୁ ପରାସ୍ତ କରିଛି। ଚଥୁରଙ୍ଗା ଡି’ସିଲ୍‌ଭାଙ୍କ ଅର୍ଦ୍ଧଶତକ ବଳରେ ସଦର୍ନ ସୁପର ଷ୍ଟାର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ କରିଥିଲା। ଜବାବରେ ଧାୱନଙ୍କ ୪୮ ବଲ୍‌ରୁ ୫୨ ରନ ସତ୍ତ୍ୱେ ଗୁଜରାଟ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ଅନ୍ୟ ସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ସୁପର ଷ୍ଟାର୍ସ ଦଳର ବୋଲରଙ୍କ ମଧ୍ୟରେ ପୱନ ନେଗି ୩ଟି, ଅବଦୁର ରଜାକ ୨ଟି ଉଇକେଟ ନେଇଥିଲେ। ୨ ମ୍ୟାଚରୁ ଗୁଜରାଟର ଏହା ପ୍ରଥମ ପରାଜୟ। ଅନ୍ୟପକ୍ଷରେ ନିଜ ପ୍ରଥମ ମ୍ୟାଚରେ ବିଜୟ ସ୍ୱାଦ ଚାଖିଛି ସୁପର ଷ୍ଟାର୍ସ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୁପର ଷ୍ଟାର୍ସ ଦଳ ଯଦିଓ ଭଲ ଆରମ୍ଭ କରିଥିଲା ତେବେ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଏକଦା ୧୦୦ ରନ ପୂରଣ କରିବାକୁ ସଂଘର୍ଷ କରିଥିଲା। ଦଳର ସ୍କୋର ୧୦.୩ ଓଭର ବେଳକୁ ୬୫/୫ ହୋଇ ଯାଇଥିଲା। ମନନ ଶର୍ମା ଚମତ୍କାର ବୋଲିଂ କରି ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଗୁପଟିଲ ୨୨ ଓ ମାସାକାଜା ୨୦ ରନ କରିଥିବାବେଳେ ଅଧିନାୟକ ଦୀନେଶ କାର୍ତ୍ତିକ ୧୮ ରନର ଯୋଗଦାନ ଦେଇଥିଲେ। ୧୫ତମ ଓଭରରେ ମନନ ଶର୍ମା ୩ ଉଇକେଟ ନେବାରୁ ସଦର୍ନ ଷ୍ଟାର୍ସ ସ୍କୋର ୮୮/୮ ହୋଇଥିଲା। ତେବେ ଚଥୁରଙ୍ଗା ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୮ ବଲ୍‌ରୁ ୫୩ ରନରେ ଅପରାଜିତ ରହି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ନିଜ ଇନିଂସ ମଧ୍ୟରେ ସେ ୬ ଚୌକା ଓ ୨ ଛକା ମାରିଥିଲେ। ମନନ ୪ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୭ ରନ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ସଦର୍ନ ସୁପର ଷ୍ଟାର୍ସ ୨୦ ଓଭରରେ ୧୪୪/୯ (ଚଥୁରଙ୍ଗା ଡି’ସିଲଭା-୫୩*, ମାର୍ଟିନ ଗୁପଟିଲ-୨୨, ହାମିଲଟନ ମାସାକାଜା-୨୦ (ମନନ ଶର୍ମା-୬/୧୭, ଲିଆମ ପ୍ଲଙ୍କେଟ-୧/୩୫, ସୁକୁଗେ ପ୍ରସନ୍ନା-୧/୩୩)। ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୧୧୮/୯ (ଶିଖର ଧାୱନ-୫୨, ପୱନ ନେଗି-୩/୧୩, ଅବଦୁର ରଜାକ-୨/୨୮, ଚଥୁରଙ୍ଗା ଡି’ସିଲ୍‌ଭା-୧/୨୩, କେଦାର ଯାଦବ-୧/୧୪)।

# ଡବ୍ଲ୍ୟୁଟିସି ଟେବୁଲରେ ଭାରତ ଦୃଢ଼

**ଦୁବାଇ, ୨୩।୯ (ପି.ଟି.)**

ବାଂଲାଦେଶ ବିପକ୍ଷରେ ୨୮୦ରନରେ ବିଜୟ ଦ୍ୱାରା ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଟେବୁଲରେ ପ୍ରଥମ ସ୍ଥାନରେ ରହିଥିବା ଭାରତ ଏହାର ସ୍ଥିତିକୁ ଅଧିକ ସୁଦୃଢ଼ କରି ନେଇଛି। ଅନ୍ୟପକ୍ଷରେ ଗାଲେଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ଦ୍ୱାରା ଆସନ୍ତା ବର୍ଷ ଲର୍ଡ୍ସ ଫାଇନାଲ ଦୌଡ଼ରେ ଶ୍ରୀଲଙ୍କା ନିଜକୁ ସାମିଲ କରିପାରିଛି। ଗତ ଦୁଇଟି ମ୍ୟାଚର ଫଳଫଳକୁ ଭିତ୍ତି କରି ଦଳ ଟେବୁଲରେ ତୃତୀୟ ସ୍ଥାନ ଅଧିକାର କରିନେଇଛି। ଚେନ୍ନାଇରେ ବିଜୟ ଦ୍ୱାରା ଭାରତ ୧୨ ଡବଲ୍ୟୁଟିସି ପଏଣ୍ଟ ହାସଲ କରିବା ସହ ପଏଣ୍ଟ ପ୍ରତିଶତ ୭୧.୬୭%ରେ ପହଞ୍ଚିଛି। ଫଳତଃ ଦ୍ୱିତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ (୬୨.୫୦%)ଠାରୁ ପଏଣ୍ଟ ବ୍ୟବଧାନ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଭାରତଠାରୁ ପରାଜିତ ହେବା ଫଳରେ ପାକିସ୍ତାନ ବିପକ୍ଷରେ ୨-୦ରେ ବିଜୟ ଦ୍ୱାରା ଚତୁର୍ଥ ସ୍ଥାନକୁ ଉଠିଥିବା ବାଂଲାଦେଶ (୩୯.୨୯%) ଶ୍ରୀଲଙ୍କା ଓ ଇଂଲଣ୍ଡ ପଛକୁ ୬ଷ୍ଠ ସ୍ଥାନକୁ ଖସି ଆସିଛି। ଗାଲେଠାରେ ବିଜୟ ପରେ ୨୦୨୫ ଫାଇନାଲରେ ଏକ ସ୍ଥାନ ପାଇଁ ୨୦୨୩ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲିଷ୍ଟଙ୍କୁ ଚ୍ୟାଲେଞ୍ଜ କରିବା ଲାଗି ଏକ ବଡ଼ ସୁଯୋଗ ଆସିଛି। ଗାଲେଠାରେ ନ୍ୟୁଜିଲାଣ୍ଡକୁ ୬୩ ରନରେ ହରାଇ ଶ୍ରୀଲଙ୍କା ୮ଟି ମ୍ୟାଚରେ ଏହାର ଚତୁର୍ଥ ବିଜୟ ହାସଲ କରିଛି। ଡବ୍ଲ୍ୟୁଟିସି ପାଇଁ ଏହାର ପଏଣ୍ଟ ପ୍ରତିଶତ ୫୦%କୁ ବୃଦ୍ଧି ପାଇଛି। ଧନଞ୍ଜୟ ଡି’ ସିଲ୍‌ଭାଙ୍କ ଦଳ ଯଦି ଆଗକୁ ଭଲ ପ୍ରଦର୍ଶନ କରି ଏହାର ପଏଣ୍ଟ ପ୍ରତିଶତ ୬୯.୨୩%କୁ ବୃଦ୍ଧି କରେ ତେବେ ଆସନ୍ତାବର୍ଷ ଲର୍ଡ୍ସ ଫାଇନାଲ ଖେଳିବା ପାଇଁ ଏକ ଭଲ ସୁଯୋଗ ରହିଛି। ତେବେ ଦଳକୁ ଏଥିପାଇଁ ନ୍ୟୁଜିଲାଣ୍ଡକୁ ଆଉଥରେ ପରାସ୍ତ କରିବାକୁ ହେବ। ଦକ୍ଷିଣ ଆଫ୍ରିକା ବିପକ୍ଷରେ କ୍ଲିନ ସୁଇପ କରିବା ସହ ନିଜ ମାଟିରେ ଅଷ୍ଟ୍ରେଲିଆକୁ ୨-ରେ ଜିତିବାକୁ ହେବ।

# ଟିମ୍ ୟୁରୋପ ବିଜୟୀ

**ବର୍ଲିନ, ୨୩।୯ (ଏପି):** ଚାରିଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ ୬-୨, ୭-୫ରେ ଟେଲର ଫ୍ରିଜ୍‌ଙ୍କୁ ହରାଇଦେବା ଫଳରେ ଟିମ୍ ୟୁରୋପ ଏଠାରେ ଟିମ୍ ୱାର୍ଲ୍ଡକୁ ୧୩-୧୧ରେ ପରାସ୍ତ କରି ଲାଭର କପ୍ ଟେନିସ ପ୍ରତିଯୋଗିତା ଜିତିଛି। ମ୍ୟାଚରେ ୮-୪ରେ ଆଗୁଆ ରହିବା ପରେ କ୍ରମାଗତ ତୃତୀୟ ଥର ଲାଭର କପ୍ ଜିତିବା ଲାଗି ଟିମ୍ ୱାର୍ଲ୍ଡ ଫେଭରିଟ୍ ଥିଲା। ରବିବାର ଏହି ୩ ଦିନିଆ ମୁକାବିଲାର ଅନ୍ତିମ ଦିବସରେ ଅଲ୍‌କାରାଜଙ୍କ ପ୍ରଦର୍ଶନରେ ୟୁରୋପ ଟିମ୍ ପ୍ରତ୍ୟାବର୍ତ୍ତନ କରିଥିଲା। ଡବଲ୍ସ ମ୍ୟାଚରେ ଅଲକାରାଜ ଓ କାସ୍ପର ରୁଡ୍ ୬-୨, ୭-୬ (୬)ରେ ଆମେରିକୀୟ ଯୋଡ଼ି ବେନ୍ ଶେଲଟନ ଓ ଫ୍ରାନ୍‌ସେସ ଟିଆଫୋଙ୍କୁ ହରାଇ ଦେଇଥିଲେ। କିନ୍ତୁ ପରେ ଶେଲଟନ ଅଷ୍ଟ୍ରେଲିଆ ଓପନ ଫାଇନାଲିଷ୍ଟ ଡାନିଲ ମେଡଭେଡେଭଙ୍କୁ ହରାଇବାରୁ ୱାର୍ଲ୍ଡ ଟିମ୍ ପୋଲ୍ ପୋଜିଶନକୁ ଚାଲି ଆସିଥିଲା।

# ଲୟୋଲା ଓଡ଼ିଆ ସେମିଫାଇନାଲରେ

**ଭୁବନେଶ୍ୱର, ୨୩।୯**
**(ତପନ ସ୍ୱାଇଁ)**



ପୁରସ୍କାର ଗ୍ରହଣ ଅବସରରେ ତରଣ ନାୟକ।

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଖେଳ ପଡ଼ିଆରେ ଚାଲିଥିବା ୟୁନି ଲାଇଟ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି ଲୟୋଲା ଓଡ଼ିଆ ମିଡିୟମ ସ୍କୁଲ। ସୋମବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଏହି ଦଳ ୨-୦ ଗୋଲରେ ବିକାଶ ରେସିଡେନସିଆଲ ସ୍କୁଲକୁ ପରାସ୍ତ କରିଛି। ଲୟୋଲା ଓଡ଼ିଆ ପକ୍ଷରୁ ତରଣ ମୋହନ ନାୟକ ୨୮ ଓ ରାଜେଶ ମାରାଣ୍ଡି ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଜୟୀ ଦଳର ତରଣ ମୋହନ ନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ଅକ୍ଷୟ କୁମାର ଦାସ। ଖେଳ ପରିଚାଳନା କରିଥିଲେ ସରୋଜ ମହାରଣା, ଅମିତ ନାୟକ, ରାଜେନ୍ଦ୍ର ବାରିକ ଓ ସୁଦୀପ ଦାସ। ମଙ୍ଗଳବାର ଓଡିଏମ୍ ସ୍କୁଲ ଓ ଜଟଣୀ ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଭାରତୀୟ ବିଚ୍ ସିପକ୍‌ଟାକ୍ର ଦଳକୁ ବ୍ରୋଞ୍ଜ

## କିସ୍‌ର ଥବିର ନାଏକ ଅଧିନାୟକ

**ଭୁବନେଶ୍ୱର, ୨୩।୯ (ତପନ ସ୍ୱାଇଁ)**

ଚାଇନାର କ୍ୱିଙ୍ଗଡୋଠାରେ ସୋମବାର ୨୩ ବର୍ଷରୁ କମ୍ ଏସିଆନ ବିଚ୍ ସିପକ୍‌ଟାକ୍ର ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଏଥିରେ କିସ୍ ବିଶ୍ୱବିଦ୍ୟାଳୟର ଥବିର ନାଏକଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଗତ ୧୮ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଥାଇଲାଣ୍ଡ, କୋରିଆ, ଭିଏତ୍‌ନାମ, ଫିଲିପାଇନ୍ସ, ମାଲେସିଆ, ଭାରତ ଓ ଚାଇନା ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଭାରତ ପ୍ରଥମ ଲିଗ୍ ମ୍ୟାଚରେ ଚାଇନାକୁ ୨-୦ରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ମାଲେସିଆଠାରୁ ୧-୨ ପଏଣ୍ଟରେ ହାରି ଯାଇଥିଲା। ତୃତୀୟ ଲିଗ୍ ମ୍ୟାଚରେ ଇରାକକୁ ୨-୦ ପଏଣ୍ଟରେ ହରାଇ ଭାରତ ସେମିଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ସେମିଫାଇନାଲରେ ଥାଇଲାଣ୍ଡଠାରୁ ୦-୨ରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ସିପକ୍‌ଟାକ୍ର ଆସୋସିଏଶନ ସମ୍ପାଦକ ପୃଥ୍ୱୀରାଜ ସାହୁ ଥବିର ଏବଂ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଥବିର ନାଏକ

# ଜୟସୁରିୟାଙ୍କ ସ୍ପିନରେ ଶ୍ରୀଲଙ୍କା ଜିତିଲା

**ଗାଲେ, ୨୩।୯ (ଏପି):** ବାମହାତୀ ସ୍ପିନର ପ୍ରବାଥ ଜୟସୁରିୟାଙ୍କ ଯାଦୁକରୀ ସ୍ପିନ୍ ବଳରେ ଶ୍ରୀଲଙ୍କା ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୬୩ରନରେ ହରାଇ ଦେଇଛି। ଜୟସୁରିୟା ଦ୍ୱିତୀୟ ଇନିଂସରେ ୫ଉଇକେଟ ନେଇଥିବା ବେଳେ ମ୍ୟାଚରେ ମୋଟ ୯ଉଇକେଟ ଅକ୍ତିଆର କରିଛନ୍ତି। ସୋମବାର ଖେଳ ଆରମ୍ଭ କଲା ବେଳକୁ ନ୍ୟୁଜିଲାଣ୍ଡ ବିଜୟ ଟାର୍ଗେଟ ୨୭୫ଠାରୁ ୬୮ରନ ପଛରେ ରହିଥିଲା। ହେଲେ ଦଳ ୪ ରନ ଯୋଗ କରିବାରେ ସମର୍ଥ ହୋଇଥିଲା। ଶ୍ରୀଲଙ୍କା ମାତ୍ର ୩.୪ ଓଭରରେ ମ୍ୟାଚକୁ କବ୍‌ଜା କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୩୦୫। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୪୦। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୩୦୯। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୧୧ (ରାଚିନ ରବୀନ୍ଦ୍ର-୯୨, କେନ୍ ୱିଲିୟମସନ-୩୦, ପ୍ରବାଥ ଜୟସୂରିଆ-୫/୬୮, ରମେଶ ମେଣ୍ଡିସ-୩/ ୮୩)।

# ଭାରତୀୟ ଦଳରେ କିସ୍‌ର ୬ ଖେଳାଳି

**ଭୁବନେଶ୍ୱର, ୨୩।୯ (ତପନ ସ୍ୱାଇଁ)**

**୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ**

ମାଲେସିଆର ଜୋହୋରଠାରେ ଚଳିତ ମାସ ୨୮ ଓ ୨୯ ତାରିଖରେ ୧୮ ବର୍ଷରୁ କମ୍ ଏସିଆନ ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ପକ୍ଷରୁ ଘୋଷିତ ଭାରତୀୟ ବାଳିକା ଓ ବାଳକ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ୬ ଖେଳାଳି ସାମିଲ ହୋଇଛନ୍ତି। ବାଳକ ଦଳରେ କିସ୍‌ର ଚରଣ ହେମ୍ବ୍ରମ, ଭରତ ପୂଜାରି, ବିଦ୍ୟାଧର ମାଝି ଓ ପ୍ରଦୀପ କହଁର ସ୍ଥାନ ପାଇଛନ୍ତି। ଚରଣ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ବାଳିକା ଦଳପାଇଁ କିସ୍‌ର ବାସି ହୋ ଏବଂ ମନିଶା ମାଝି ଚୟନ ହୋଇଛନ୍ତି। ବାସି ହୋ’ଙ୍କୁ ଅଧିନାୟିକା ଦାୟିତ୍ୱ ଦିଆଯାଇଛି। ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନର ଚୟନ ଟ୍ରାଏଲ ଓ କୋଚିଂ କ୍ୟାମ୍ପ ଅଗଷ୍ଟ ୨୭ରୁ କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଚାଲିଛି। ସେପ୍ଟେମ୍ବର ୨୫ରେ କ୍ୟାମ୍ପ ଶେଷ ହେବ।



ଏସିଆ ରଗ୍‌ବୀ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିସ୍‌ର ୬ ଖେଳାଳି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ